

ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ରୋଜଗାର ଉତ୍ସବକୁ ସମ୍ବୋଧିତ କଲେ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୮ Vol. 22 No-108 18 JULY 2025 FRIDAY, BHUBANESWAR ଶୁକ୍ରବାର, ୧୮ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର,୧୭।୭(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି। ଫଳରେ ୱାର୍ଡମେମ୍ବରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ସଦସ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ସହାୟତା ରାଶି ପାଇପାରିବେ। ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟ ଅବଧିରେ ମୃତ୍ୟୁ ଘଟିଲେ ନିକଟତମ ସଂପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ସେହିପରି ଗୋଟିଏ ଆଖି, ଗୋଟିଏ ଗୋଡ଼ ଓ ହାତ ନଷ୍ଟ ହେଲେ ୧ ଲକ୍ଷ ଏବଂ ଦୁଇଟି ଆଖି, ହାତ ଓ ଗୋଡ଼ ନଷ୍ଟ ହେଲେ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯିବ।

### ଅଗ୍ନି-୧ ପ୍ରାଇମର ସଫଳ ପରୀକ୍ଷଣ

ବାଲେଶ୍ୱର,୧୭।୭(ଭାସ୍କର ନ୍ୟୁଜ): ଗୁରୁବାର ଚାନ୍ଦିପୁରସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି-୧ ପ୍ରାଇମ୍ ମିସାଇଲର ସଫଳ ପରୀକ୍ଷଣ କରାଯାଇଛି। ଏହା ୧ହଜାର କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ଏବଂ ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି।


### ଚମ୍ପୁଆ ଛାତ୍ରମୃତ୍ୟୁ ମାମଲାରେ ୪ ଗିରଫ

ଚମ୍ପୁଆ,୧୭।୭(ଭାସ୍କର ନ୍ୟୁଜ): ଚମ୍ପୁଆସ୍ଥିତ ଏକ ଘରୋଇ ସ୍କୁଲରେ ଜଣେ ୧୦ମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟଣାରେ ପୋଲିସ ବିଦ୍ୟାଳୟର ୪ କର୍ମଚାରୀଙ୍କୁ ଗିରଫ କରିଛି। ଉକ୍ତ ଛାତ୍ରଜଣକ ହଷ୍ଟେଲରେ ରହୁଥିଲେ ଏବଂ ସେ ୪ ମହଲା କୋଠାରୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ଥାନରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି।

ସେନ୍‌ସେକ୍ସ: ୮୨,୨୫୯.୨୪
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୧୭।୭।୨୦୨୫ ର ମତାମତ**

ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ନ୍ୟାୟ ବଦଳରେ ରାଜନୀତି କରିବା ଗ୍ରହଣୀୟ କି?




**ଆଜିର ପ୍ରସଙ୍ଗ**

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏଫେମ କଲେଜ ଫେବର ଫିବର
ଟେମ୍ପ୍ରେଚର ଶହେ ଚାରି,
ତେଣେ ଜିଏମରେ ଜଣେ ଗୁରୁଜୀଙ୍କ
ରିପିଟି ହୋଇଲା ଷ୍ଟୋରୀ ।
ଡର ଲାଗିଲାଣି ଭାରି,
ପାନରୁ ଟିକିଏ ଚୂନ ଖସିଗଲେ
ଛାଡ଼ିଯିବ ମାଷ୍ଟ୍ରଗିରି !

## କଂଗ୍ରେସ ସହ ୭ ଦଳର ଓଡ଼ିଶା ବନ୍ଦ ଡାକରା

# ଜୀବନଯାତ୍ରା ଠପ୍, ଯାତ୍ରୀ କଲବଲ







ଭୁବନେଶ୍ୱର,୧୭।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସହ ୭ ରାଜନୈତିକ ଦଳ ଦେଇଥିବା ବନ୍ଦ ଡାକରା ସଫଳ ହୋଇଛି। ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦପାଳନ କରାଯାଇଥିଲା। ଆନ୍ଦୋଳନ ସମୟରେ ଯାନବାହନ ଚଳାଚଳ ସଂପୂର୍ଣ୍ଣ ବ୍ୟାହତ ହେବା ସହ ଦୋକାନ ବଜାର ବନ୍ଦ ରହିଥିଲା। ସବୁ ବସ୍‌ଷ୍ଟାଣ୍ଡଗୁଡ଼ିକ ଖାଁ ଖାଁ ଲାଗୁଥିଲା। ଯାତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କଂଗ୍ରେସ ସମେତ ବାମପନ୍ଥୀ ଦଳ ସିପିଆଇ, ସିପିଏମ୍, ସିପିଆଇଏମ୍‌ଏଲ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ଏନସିପି, ଏସ୍‌ପି ଓ ଆରଜେଡି ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

- ବିଭିନ୍ନ ସ୍ଥାନରେ ବନ୍ଦପାଳନର ପ୍ରଭାବ
- କଂଗ୍ରେସ କର୍ମୀଙ୍କ ରେଳରୋକ
- ସବୁ ବସ୍‌ଷ୍ଟାଣ୍ଡ ଖାଁ ଖାଁ
- ଦୋକାନ ବଜାର, ଅଫିସ ଆଗରେ ପିକେଟିଂ
- ବିଧାନସଭା ନିକଟରେ କଡ଼ା ସୁରକ୍ଷା
- ଏହା ନ୍ୟାୟର ଲଢେଇ: ଭକ୍ତ ଦାସ
- ଭକ୍ତ, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ଗିରଫ

ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ରାଜଧାନୀର ମାଷ୍ଟରକ୍ୟାଣ୍ଟିନ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ସମେତ ଅନ୍ୟ ପ୍ରମୁଖ ଛକରେ କଂଗ୍ରେସ କର୍ମୀମାନେ ପିକେଟିଂ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେହିପରି ରାଜ୍ୟର ସବୁ ଜିଲ୍ଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଜିଲ୍ଲାଗୁଡ଼ିକର ଶିକ୍ଷାନୁଷ୍ଠାନ, ଦୋକାନବଜାର, ସରକାରୀ-ବେସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ବିଭିନ୍ନ ଜାତୀୟ ରାଜପଥରେ କଂଗ୍ରେସ କର୍ମୀମାନେ ଗାଡ଼ିଗୁଡ଼ିକୁ ଅଟକାଉଥିବା ଦେଖିବାକୁ ମିଳିଥିଲା। ତେବେ ବନ୍ଦ ପାଳନ ସମୟରେ ଅତ୍ୟାବଶ୍ୟକ ଜରୁରି ସେବାକୁ ବାଦ୍ ଦିଆଯାଇଥିଲା। କଳାହାଣ୍ଡିର ଲାଞ୍ଜିଗଡ଼ ସମେତ ମୟୂରଭଞ୍ଜର ବାଙ୍ଗିରିପୋଷି, ଯାଜପୁରର କୁଆଖିଆ, ଦଶରଥପୁର ଇତ୍ୟାଦି ଅଞ୍ଚଳରେ ବନ୍ଦର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥିଲା। କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଅଞ୍ଚଳର କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ଅନୁଷ୍ଠାନ ବନ୍ଦ କରିବା ସହ ସରକାରୀ ବିରୋଧୀ ନାରା ଦେଇଥିଲେ। ସେହିପରି ଜାତୀୟ ରାଜପଥରେ ଯାନବାହନଗୁଡ଼ିକ ଲମ୍ବା ଧାଡ଼ିରେ ଠିଆ • ପୃଷ୍ଠା ୫ ଦେଖନ୍ତୁ

## ଜାତୀୟ ସୁଶାସନ କର୍ମଶାଳାରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

# ସୁଶାସନ ପ୍ରତ୍ୟେକ ଲୋକର ଅଧିକାର



ଭୁବନେଶ୍ୱର,୧୭।୭(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଲୋକସେବା ଭବନର କନଭେନସନ ସେଣ୍ଟରରେ ଗୁରୁବାର ଠାରୁ ଦୁଇଦିନିଆ ଜାତୀୟ ସୁଶାସନ ଅଭ୍ୟାସ ଉପରେ ସମ୍ମିଳନୀ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ମିଳିତ ଭାବେ ସମ୍ମିଳନୀକୁ ଉଦ୍‌ଘାଟନ କରି ସହଯୋଗପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ସକ୍ଷମ ଶାସନ ଉପରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ ପେପରଲେସ୍ ବଜେଟ୍‌ରୁ ଡିଜିଟାଲ ଅଭିଯୋଗ ସମାଧାନ ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରଶାସନିକ ପରିବର୍ତ୍ତନରେ ଓଡ଼ିଶାର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା କେବଳ ଏକ ଆୟୋଜକ ଭାବରେ ନୁହେଁ, ବରଂ ପ୍ରତିକ୍ରିୟାଶୀଳ ଏବଂ ସ୍ୱଚ୍ଛ ଶାସନ ଦିଗରେ ଭାରତର ଯାତ୍ରାରେ ଏକ ସକ୍ରିୟ ଅଂଶୀଦାର ଭାବେ ଯୋଗଦାନ କରିବା ଗର୍ବର ବିଷୟ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ ବ୍ୟବସ୍ଥା ଏବଂ ଅଭିନବ ୱାର୍କ ପାସ୍‌ବୁକ୍ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକୁ ବର୍ଦ୍ଧିତ ସ୍ୱଚ୍ଛତା, ଦକ୍ଷତା ଏବଂ ନାଗରିକ ସଂପୃକ୍ତିର ମଡେଲ ଭାବେ ଉଲ୍ଲେଖ କରିଥିଲେ। ଏହା ଭାରତୀୟ ଶାସନର ଭବିଷ୍ୟତକୁ ଗଢି ତୋଳିବାର ଏକ ସୁଯୋଗ। ଏହା ଏକ ଦକ୍ଷ, ସମାନ ଏବଂ ସହାନୁଭୂତିଶୀଳ ନୂତନ ଭାରତ ଆଡକୁ ଆମ ଗତିପଥରେ ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଶାସନର ସଂସ୍କାରରେ ଆଞ୍ଚଳିକ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତମ ଶାସନର ଅର୍ଥ ହେଉଛି ପ୍ରତ୍ୟେକ ଚାଲେଞ୍ଜକୁ ଏକ ସୁଯୋଗରେ ପରିଣତ କରିବା। ବିଭିନ୍ନ ରାଜ୍ୟରେ ଏହି ସମ୍ମିଳନୀ ଆୟୋଜନ କରି ଆମେ ନିଶ୍ଚିତ କରୁଛୁ ଯେ ଶାସନ ମଡେଲଗୁଡ଼ିକ ସ୍ଥାନୀୟ ସ୍ତରରେ ପ୍ରାସଙ୍ଗିକ ଏବଂ ଜାତୀୟ ସ୍ତରରେ ସମନ୍ୱିତ ବୋଲି ସେ ଉଲ୍ଲେଖ କରିଥିଲେ। ଡିଏଆରପିଜି ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ସାରା ଦେଶରୁ ୪୦୦ରୁ ଅଧିକ ପ୍ରତିନିଧି ସାମିଲ ହୋଇଛନ୍ତି।

## ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲା

# କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଆରମ୍ଭ



- ଆଇଜି ସାଇନିଙ୍କ ନେତୃତ୍ୱରେ ୫ଜଣିଆ ଟିମ୍‌ର ତଦନ୍ତ
- କଲେଜ ପରିସରକୁ ଯାଇ ଟିମ୍‌ର ଛାନଭିନ୍
- ତଦନ୍ତ ପରିସରଭୁକ୍ତ ହେବେ ଆଇସିସି, କର୍ମଚାରୀ
- ଏସ୍‌ସିବିରେ ଜ୍ୟୋତିଙ୍କୁ ଭେଟି ପଚରାଉଚୁରା

ବାଲେଶ୍ୱର/କଟକ,୧୭।୭(ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ଏସ୍.ସାଇନିଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଗୁରୁବାର ଫକୀର ମୋହନ କଲେଜ ଯାଇ ଛାନଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ଟିମ୍ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣାରେ କଲେଜର ଆଇସିସି ଏବଂ କର୍ମଚାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଏଥିସହ ସିସିଟିଭି ମଧ୍ୟ ଯାଞ୍ଚ କରାଯିବ। ସମସ୍ତ ଦିଗକୁ ନେଇ ତଦନ୍ତର ଧାରା ଆଗେଇବ ବୋଲି ଶ୍ରୀ ସାଇନି କହିଛନ୍ତି। ଏହି ଘଟଣାରେ ସହଦେବଖୁଣ୍ଟା ଥାନା ପୋଲିସ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁ ଏବଂ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। କ୍ରାଇମବ୍ରାଞ୍ଚ ଟିମ୍ ସହଦେବଖୁଣ୍ଟା ଥାନାକୁ ଯାଇ ମାମଲା ସଂପର୍କିତ ସମସ୍ତ ଦସ୍ତାବିଜ ସଂଗ୍ରହ କରିଛି। ଖୁବ୍‌ଶୀଘ୍ର • ପୃଷ୍ଠା ୫ ଦେଖନ୍ତୁ

## ଜିଏମ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କୁ ଯୌନ ଶୋଷଣ

# ବନ୍ଧା ହେଲେ ରସିକିଆ ଅଧ୍ୟାପକ






**ଗିରଫ ପରେ ନିଲମ୍ବିତ**

ସମ୍ବଲପୁର,୧୭।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଛାତ୍ରୀ ଆତ୍ମାହୂତି ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବାବେଳେ ସମ୍ବଲପୁରସ୍ଥିତ ଗଙ୍ଗାଧରମେହେର ବିଶ୍ୱବିଦ୍ୟାଳୟରେ ଜଣେ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟବର୍ଷର ଛାତ୍ରୀଙ୍କୁ ଯୌନ ଶୋଷଣ ଅଭିଯୋଗରେ ମହିଳା ଥାନା ପୋଲିସ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର • ପୃଷ୍ଠା ୫ ଦେଖନ୍ତୁ

## ଏବେ ହେବନି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ

# ସଂଘ ପରିବାର-ଦଳ ମଧ୍ୟରେ ଅଙ୍କକଷା ଜାରି

ନୂଆଦିଲ୍ଲୀ,୧୭।୭: ଭାରତୀୟ ଜନତାପାର୍ଟିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି ନେଇ ଚର୍ଚ୍ଚା ଲାଗି ରହିଛି। କିନ୍ତୁ ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଏହା ସମ୍ଭବ ହେବ ନାହିଁ ବୋଲି ସୂଚନା ମିଳିଛି। ବର୍ତ୍ତମାନର ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂଆ ନେତୃତ୍ୱ ଚୟନ ପ୍ରକ୍ରିୟା ଅନିଶ୍ଚିତତା ମଧ୍ୟରେ ରହିଛି। ବିଜେପିର ନେତୃତ୍ୱ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ ସଂସଦର ମୌସୁମୀ ଅଧିବେଶନ ପାଇଁ ପ୍ରସ୍ତୁତି ଏବଂ କିଛି ରାଜ୍ୟରେ ନିର୍ବାଚନ ପାଇଁ ନିଷ୍ପତ୍ତିରେ ବିଳମ୍ବ ହେଉଥିବା କୁହାଯାଉଛି। ସଂସଦ ଅଧିବେଶନକୁ ଆଉମାତ୍ର ୩ ଦିନ ବାକି ରହିଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇଁ ଏକାଧିକ ନେତାଙ୍କ ନାମ ଚର୍ଚ୍ଚାରେ ଥିଲେ ମଧ୍ୟ ସମନ୍ୱୟ ଏବଂ ମତ ଅଭାବ ଏହାକୁ ଜଟିଳ କରୁଛି। ଆଗାମୀ ନିର୍ବାଚନଗୁଡ଼ିକୁ ଦୃଷ୍ଟିରେ ରଖି ଜଣେ ଦକ୍ଷ ଓ ଗ୍ରହଣୀୟ ନେତା ଚୟନ ବିଜେପି ପାଇଁ ଅତ୍ୟନ୍ତ ଜରୁରି। ଏହାବ୍ୟତୀତ ସଂଘ ପରିବାର ଏବଂ ବିଜେପିର ବରିଷ୍ଠ ନେତାଙ୍କ ମଧ୍ୟରେ ମତ ବିନିମୟ ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଛି। ସଂସଦୀୟ ଅଧିବେଶନରେ ସରକାର ବିରୋଧୀ ଦଳଙ୍କ ଆକ୍ରମଣର ମୁକାବିଲା ପାଇଁ ପ୍ରସ୍ତୁତ ହେଉଥିବାରୁ ଦଳ ଏକ ସ୍ଥିର ନେତୃତ୍ୱ ଚାହୁଁଛି। ଦଳକୁ ଜଣେ ଦୃଢ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନେତା ଆବଶ୍ୟକ, ଯିଏ ସଂଘ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ • ପୃଷ୍ଠା ୫ ଦେଖନ୍ତୁ

## ମହିଳାଙ୍କ ସୁରକ୍ଷା ନେଇ ଚେତିଲେ ସରକାର

# ସବୁ ସ୍କୁଲରେ ହେବ ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ଭୁବନେଶ୍ୱର,୧୭।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପରେ ମହିଳାଙ୍କ ସୁରକ୍ଷା ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ତେବେ ଏହି ଘଟଣା ପରେ ସରକାରଙ୍କ ଚେତା ଫେରିଛି। କାର୍ଯ୍ୟସ୍ଥଳଗୁଡ଼ିକରେ ମହିଳାମାନେ କେତେ ସୁରକ୍ଷିତ ସେ ନେଇ ଚିନ୍ତାପ୍ରକଟ କରାଯାଇଛି। ମହିଳାଙ୍କ ସୁରକ୍ଷା ନେଇ ରାଜ୍ୟ ସରକାର ଏକ ବଡ଼ଧରଣର ପଦକ୍ଷେପ ଗ୍ରହଣ କରିଛନ୍ତି। କାର୍ଯ୍ୟସ୍ଥଳଗୁଡ଼ିକରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ-୨୦୧୩ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକୁ ପାଳନ କରିବା ପାଇଁ



ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ଯୋଗ୍ୟ ପ୍ରତିଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମୟସାପେକ୍ଷ ଗଠନ ଏବଂ ପୁନଃଗଠନ ସହିତ ଉପରୋକ୍ତ କାର୍ଯ୍ୟାନ୍ୱୟନ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳାଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ସମସ୍ତ କାର୍ଯ୍ୟସ୍ଥଳରେ ଆଇନର ସମସ୍ତ ବ୍ୟବସ୍ଥାଗୁଡ଼ିକୁ ଅକ୍ଷର ଓ ଆତ୍ମାରେ ପାଳନ କରିବା ନିଶ୍ଚିତ କରିବାକୁ ମଧ୍ୟ କୁହାଯାଇଛି। ଏହାବ୍ୟତୀତ ଛାତ୍ରୀମାନଙ୍କ ପାଇଁ ସେମାନଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ ଭାବପ୍ରବଣ ସୁସ୍ଥତା ନିମନ୍ତେ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ମଧ୍ୟ ଜରୁରି। ଏହି ପରିପ୍ରେକ୍ଷୀରେ ଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ମଧ୍ୟରେ ସକରାତ୍ମକ ଲିଙ୍ଗ ମନୋଭାବ ଏବଂ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ଲିଙ୍ଗ ଭିତ୍ତିକ ହିଂସା ଦୂର କରିବା ପାଇଁ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ • ପୃଷ୍ଠା ୫ ଦେଖନ୍ତୁ


ଓଡ଼ିଶା ସରକାର T-54

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଅନିବାର୍ଯ୍ୟ କାରଣ ଯୋଗୁ ଆସନ୍ତା ତା ୨୧.୦୭.୨୦୨୫ରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ସ୍ୱା/- ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR 09014/11/0170/2526

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଜଗତସିଂହପୁର (ଭାସ୍କର ନ୍ୟୁଜ) ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳ ପଞ୍ଚାୟତରେ ଥିବା ଢଳେଇ ରାସ୍ତାଟିର ଅବସ୍ଥା ନକହିଲେ ଭଲ। ଏହି ରାସ୍ତାଟି ଶନି ମନ୍ଦିରଠାରୁ ମୁକୁନ୍ଦପୁର ଦେଇ ମଜୁରାଇ, ପଳସୁଧା ପର୍ଯ୍ୟନ୍ତ ଯାଇଅଛି।ଦୀର୍ଘ ଦିନ ହେବ ଅଞ୍ଚଳବାସୀଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଶାସନ କିମ୍ବା ରାଜନେତା ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଦୁଃଖ ଓ ପରିତାପର ବିଷୟ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନଙ୍କର ଦୈନିକ ଦୁର୍ଘଟଣା ଘଟୁଥିବାରୁ ଅଞ୍ଚଳବାସୀ ମର୍ମାହତ । ଇତିମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତାର ମରାମତି ବା ନବୀକରଣ ନହେବାରୁ ଉକ୍ତ ଢଳେଇ ରାସ୍ତାଟି ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡିଛି। ସ୍ଥାନୀୟ ଜନସାଧାରଣଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୩୩୦/୨୫.୮.୨୦୨୩ ଅବଗତ କରାଯାଇଥିଲା ଯେ ଉକ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଯାଇଛି ଓ ସର୍ଭେ କାର୍ଯ୍ୟ ଶେଷ ହୋଇଯାଇଛି। ଉକ୍ତ ପତ୍ରରେ ଉଲ୍ଲେଖ ଥିଲା ଯେ ଗତ ୨୯.୬.୨୦୨୩ ଓ ୩୦.୬.୨୦୨୩ରେ ଜଗତସିଂହପୁର ଠାରେ ଭିକେ ପାଣ୍ଡିଆନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଅଭିଯୋଗ ଶିବିରରେ କବିତା ଗୁରୁ ବା ଅନ୍ୟମାନେ କରିଥିବା ଅଭିଯୋଗକୁ ବିଚାର କରି ଉକ୍ତ ରାସ୍ତାଟିକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ ଆଜି ପର୍ଯ୍ୟନ୍ତ ଶନି ମନ୍ଦିର ଛକ ଠାରୁ ମକୁନ୍ଦପୁର ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସ୍ଥାନୀୟ ଜନସାଧାରଣ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅଜୟ ସ୍ୱାଇଁ,ମନୋରମା ପରିଡା, ମନୋରଞ୍ଜନ ନାୟକ,ଶାରଦାବାଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସେଠି, ରାଜକିଶୋର ଦାସ, ମନ୍ମଥ ଷଡ଼ଙ୍ଗୀ,ଆଦିକନ୍ଦ ସ୍ୱାଇଁ, ପ୍ରଦୀପ୍ତ ଷଡ଼ଙ୍ଗୀ, ସୁରେନ୍ଦ୍ର ବାରିକ, ରଶ୍ମିତା ବେହେରା, କବିତା ସ୍ୱାଇଁ, ରଞ୍ଜିତା ସ୍ୱାଇଁ ସ୍ମୃତିରେଖା ସ୍ୱାଇଁ, ଗଣେଶ୍ୱର ରାଉତ ଓ ପଞ୍ଚାନନ ଷଡ଼ଙ୍ଗୀ ପ୍ରମୁଖ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ନିକଟରେ ଅଭିଯୋଗ କରିବା ପରେ ରାସ୍ତା ନିର୍ମାଣ କରାଯିବାର ପ୍ରତିଶ୍ରୁତି ମିଳିଛି।

## କୁସୁନପୁର ଡକାୟତି ଘଟଣାରେ ୨ ଗିରଫ

କଣ୍ଟାପଡା(ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଧିନସ୍ଥ ଡିମିରି ପଞ୍ଚାୟତ କୁସୁନପୁର ଗ୍ରାମରେ ନିଆଳି ଥାନା ଅଧିନସ୍ଥ ସଗଡାଇଲ ଗ୍ରାମର କମଳା ଚନ୍ଦ୍ର ବାରିକ ଯାଉଥିବା ସମୟରେ ଦୁଇଜଣ ଦୁର୍ବୃର୍ତ୍ତ ବାଇକ ଯୋଗେ ଆସି ଭୁଜାଲି ଦେଖାଇ ମୋବାଇଲ ଓ ଟଙ୍କା ଛଡାଇ ନେଇଯାଇଥିଲେ। ଏ ନେଇ କମଳା ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଗୋବିନ୍ଦପୁର ପୋଲିସ ୧୬୭/୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତଦନ୍ତରେ ନିଆଳି ଥାନା ଅଧିନସ୍ଥ ଜଲାରପୁର ପଂଚାୟତ ୱାଉପଲି ଗ୍ରାମର ନରେନ୍ଦ୍ର ବସ୍ତିଆଙ୍କ ପୁଅ ନିରଞ୍ଜନ ବସ୍ତିଆ (ନିର )(୩୦ ବର୍ଷ )। ସେହି ଗ୍ରାମର ଆଲୋକ ଭୋଇଙ୍କ ପୁଅ ବିଶ୍ୱଜିତ ଭୋଇ କାହ୍ନା (୧୯)ଙ୍କୁ ଗିରଫ କରିଛି ଗୋବିନ୍ଦ ପୁର ପୋଲିସ। ସେମାନଙ୍କ ଠାରୁ ୨ ହଜାର ଟଙ୍କା ଭୁଜାଲି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ବେଳେ ମୋବାଇଲଟିକୁ କେଉଁଆଡେ ଫୋପାଡ଼ି ଦେଇଥିବା ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି। ଡକାୟତି ମାମଲାରେ ଅଭିଯୁକ୍ତ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଗୋବିନ୍ଦପୁର ଥାନା ଅଧିକାରୀ ସୋନାଲି ଆନନ୍ଦ ସୂଚନା ଦେଇଛନ୍ତି।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୟନ୍ତୀରେ ପାଠ୍ୟ ପୁସ୍ତକ ବଣ୍ଟନ



ତାଳଚେର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଜେପିର ପ୍ରାଣ ପ୍ରତିଷ୍ଠାତା, ପ୍ରାକ୍ତନ ରାଜ୍ୟ ସଭାପତି, ଦକ୍ଷ ସଂଗଠକ, ଓଡ଼ିଶା ମାଟିର ବରପୁତ୍ର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାର ଗର୍ବ ଓ ଗୌରବ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ୮୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ତାଳଚେର ବ୍ଲକ ଘଣ୍ଟପଡା ଲାଲ ହଟିଙ୍ଗ ଠାରେ ଛୋଟ ଛୋଟ କୁନି କୁନି ପିଲାମାନଙ୍କୁ ପାଠ ପୁସ୍ତକ ବଣ୍ଟନ ସହିତ ବୃକ୍ଷରୋପଣ 'ମା ପାଇଁ ଗଛଟିଏ' ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବନେତା ତଥା ସମାଜସେବୀ ବିଭୁତି ସାହୁ, ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଉର୍ମିଳା ଦେହୁରୀ, ପି.କେ ନାୟକ ,ସନା ଘାଘରିଆ ,ବସନ୍ତ ନାୟକ, ଶଙ୍କର୍ଷଣ ବେହେରା ,ଶିଖର ନାୟକ, କୃଷ୍ଣ ଚନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୬ତମ ସିଏସ୍‌ସି ଦିବସ ପାଳିତ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ୧୬ ତମ ସିଏସ୍‌ସି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତେନ୍ତୁଳିଖୁଣ୍ଟି କୃଷି ବିଭାଗର ମୁଖ୍ୟ ବରୁନ ଧାନଫୁଲ ଯୋଗ ଦେଇଥିବାବେଳେ ବରିଷ୍ଠ ସିଏସ୍‌ସି କର୍ମକର୍ତ୍ତା ଉମାଶଙ୍କର ପାତ୍ର ଏବଂ ଝସକେତନ ବିଷୋୟୀ ମଞ୍ଚାସୀନ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକର ସିଏସ୍‌ସିମାନେ କୃଷକମାନଙ୍କୁ ସଦାବେଳେ ଆଗରୁ ସାହାଯ୍ୟ କରି ଆସୁଥିଲେ ଏବଂ ଆଗକୁ ମଧ୍ୟ ସାହାଯ୍ୟ କରିବା ସହ ଆଗକୁ କିପରି ସେମାନଙ୍କ କାମ ବଢ଼େଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର କୃଷକ ପଞ୍ଜିକରଣରେ ପ୍ରଥମ ଥିବାରୁ ସିଏସସି ଏବଂ ତାଙ୍କ ଅଫିସ ରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକ କୋର୍ଡିନେଟର ସୁବ୍ରତ କୁମାର ପ୍ରଧାନ ଚାଷୀଭାଇ ମାନଙ୍କର ଫସଲବୀମା କିପରି କରିବେ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଦିବସରେ ପ୍ରାୟ ୧୫ ଜଣ ଭିଏଲ୍‌ଇ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଆଶିଷ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ପରେ ଭିଏଲଇମାନେ ତେନ୍ତୁଳି ଛକ ଠାରୁ ପୂଜାରୀଗୁଡା ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରା କରିଥିଲେ । ପରିଶେଷରେ ପୂଜାରୀଗୁଡା ସ୍ଥିତ ଉଚ୍ଚବିଦ୍ୟାଳୟରେ ପ୍ରାୟ ୨୦ଟି ବୃକ୍ଷରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସିଏସ୍‌ସି ଜିଲ୍ଲା ପରିଚାଳକ ଏମ୍‌ଡି ଅନିସ ଏବଂ ପୂର୍ବତନ ଜିଲ୍ଲା ପରିଚାଳକ ସୌମ୍ୟରଞ୍ଜନ ନାୟକ ସିଏସ୍‌ସି ବନ୍ଧୁମାନଙ୍କୁ ଅନ୍ତରର ସହିତ ଧନ୍ୟବାଦ ଜଣାଇଛନ୍ତି ।

# ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା କଲେଜଛକ ଟେକିନକାଲ ହାଇସ୍କୁଲର ଗଣିତ ଶିକ୍ଷୟିତ୍ରୀ ସ୍କୁଲରେ କ୍ଲାସ୍ ନକରିବା ଓ ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଥିଲେ ଛାତ୍ରଛାତ୍ରୀ । ଦୀର୍ଘ ସମୟ ଧରି ଗଣିତ ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି କରି ଆନ୍ଦୋଳନରେ ବସିଥିଲେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ । ତେବେ ଘଟଣା ସ୍ଥଳରେ ଆସିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପୋଲିସ ପହଞ୍ଚି ଥିଲେ ମଧ୍ୟ ବାହାରି ପାରିନି ନିଷ୍କର୍ଷ । ଖୋଲିଲାନି ମୁଖ୍ୟ ଗେଟର ତାଲା । ପଛ ଗେଟ ଦେଇ ବାହାରିଲେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ଆସିକା କଲେଜ ଛକ ଠାରେ ଟେକିନକାଲ ହାଇସ୍କୁଲ ରହିଛି। ୧୯୬୪ ମସିହାରେ ପ୍ରତଷ୍ଠିତ ଏହି ସ୍କୁଲରେ ଶିକ୍ଷା ଉପରେ ନିର୍ଭର କରି ଆସୁଛନ୍ତି ପାଖାପାଖି ୧୫ଟି ଗ୍ରାମର ଛାତ୍ର ଛାତ୍ରୀ ମାନେ। ବର୍ତ୍ତମାନ ସ୍କୁଲରେ ମୋଟ ୪୨୯ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରିଥିବା ବେଳେ ନବମ ଶ୍ରେଣୀରେ ୨୦୬ ଜଣ ଛାତ୍ର ଛାତ୍ରୀ ଓ ଦଶମ ଶ୍ରେଣୀରେ ୨୨୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏମାନଙ୍କୁ ଶିକ୍ଷା ଦେବା ପାଇଁ ୧୪ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ ନିଯୁକ୍ତି ଥିବାବେଳେ ଗଣିତ ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ପାଇଥିଲେ ଅକଲିମ୍ ବେଗମ। ହେଲେ ଦୀର୍ଘ ଛଅ ମାସ ହେଲା ଗଣିତ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବେଳେ ଦୀର୍ଘ ତିନି ମାସ ହେଲା ସ୍କୁଲରେ କ୍ଲାସ୍ ନକରି ବସି ରହୁଛନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଅଭିଯୋଗ କରିଛନ୍ତି । ଏମିତିକି ଗଣିତ ଶିକ୍ଷୟିତ୍ରୀ ଜଣଙ୍କ ଜଣେ ଛାତ୍ରୀଙ୍କୁ ମାଡ ମାରି ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହ ଛାତ୍ରୀଙ୍କ ଉପରେ ଅପଶବ୍ଦ ବ୍ୟବହାର କରିଥିବା ନେଇ ଛାତ୍ରୀ ଜଣଙ୍କ ଗଣିତ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଛଅ ମାସ ତଳେ କୋଟିନଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ମଧ୍ୟ ନଜରକୁ ଆସିଛି । ଅପର ପକ୍ଷରେ ଗଣିତ ଶିକ୍ଷୟିତ୍ରୀ ଦୀର୍ଘ ତିନି ମାସ ହେଲା ସ୍କୁଲ ଆସି କ୍ଲାସ୍ ନକରିବା ଓ ଛଅ ମାସ ହେଲା ଛାତ୍ର ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଘଟଣାକୁ ନେଇ ଛାତ୍ର ଛାତ୍ରୀମାନେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ପଣ୍ଡାଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗଣିତ ଶିକ୍ଷୟତ୍ରୀଙ୍କୁ ତାଗିଦ୍ କରିଥିଲେ ମଧ୍ୟ ତାଙ୍କ କଥା ଶୁଣୁ ନାହାନ୍ତି ଶିକ୍ଷୟିତ୍ରୀ । ଗଣିତ ଶିକ୍ଷୟତ୍ରୀଙ୍କ ଏଭଳି କାର୍ଯ୍ୟକଳାପ ବିଷୟରେ ଛାତ୍ରଛାତ୍ରୀ ମାନେ ନିଜ ନିଜ ଅଭିଭାବକଙ୍କୁ ଜଣାଇବା ପରେ ଗତଦିନରେ ଅଭିଭାବକ ମାନେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପାଖରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଥିଲେ ମଧ୍ୟ ଛଅ ମାସ ହେଲା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ତେବେ ଗଣିତ ଶିକ୍ଷୟିତ୍ରୀଙ୍କ ଏଭଳି ବ୍ୟବହାରରେ ଅତିଷ୍ଠ ଛାତ୍ର ଛାତ୍ରୀ ଆଜି ସ୍କୁଲ ଭିତରେ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଦୀର୍ଘ ସମୟ ଧରି ଆନ୍ଦୋଳନରେ ବସିଥିଲେ। ଘଟଣା ସ୍ଥଳରେ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ କୋଟିନଡ଼ା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ ସୁଦ୍ଧା ନିଜ ଜିଦରେ ଅଟଳ ରହିଥିଲେ ଛାତ୍ରଛାତ୍ରୀ। ତେବେ ସନ୍ଧ୍ୟା ହେବା ପରେ ମଧ୍ୟ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଅଟଳ ଥିବା ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଗେଟ୍‌ର ତାଲା ଖୋଲି ନଥିଲେ। ଏବେ ସୁଦ୍ଧା ସ୍କୁଲର ମୁଖ୍ୟ ଗେଟରେ ତାଲା ପଡ଼ିଥିବା ବେଳେ ସ୍କୁଲର ପଛଗେଟ ଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବାହାରି ନିଜ ଘରକୁ ଯାଇଥିଲେ। ତେବେ ଗଣିତ ଶିକ୍ଷୟିତ୍ରୀ ଜଣକ ସ୍କୁଲରୁ ବଦଳି ନହେବା ଯାଏଁ ସ୍କୁଲ ମୁଖ୍ୟ ଗେଟର ତାଲା ନଖୋଲିବାକୁ ଛାତ୍ରଛାତ୍ରୀ ମାନେ ନିଷ୍ପତି ନେଇଛନ୍ତି । ପ୍ରତ୍ୟେକ ଦିନ ଧାରଣାରେ ବସିବେ ବୋଲି କହିଛନ୍ତି। ଅପର ଏହି ପକ୍ଷରେ ଘଟଣାକୁ ନେଇ ଆସିକା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିକ୍ରିୟା ଦେବାକୁ ମନା କରିଥିବା ବେଳେ ସମ୍ପୃକ୍ତ ଗଣିତ ଶିକ୍ଷୟିତ୍ରୀଙ୍କ ମଧ୍ୟ ପ୍ରତିକ୍ରିୟା ମିଳିପାରିନି ।ଗଣିତ ଭଳି ଏକ ଜଟିଳ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ଥିବା ବେଳେ ଗଣିତ ଶିକ୍ଷୟିତ୍ରୀ ସ୍କୁଲରେ କ୍ଲାସ୍ ନକରିବାକୁ ନେଇ ପିଲାମାନେ ଭବିଷ୍ୟତ ପରୀକ୍ଷାକୁ ନେଇଆଶା ଆଶଙ୍କାରେ ରହିଥିବା ବେଳେ କେବେ ପିଲାମାନଙ୍କ ସମସ୍ୟାର ସମାଧାନ ହେବ ସେ ନେଇ ଦେଖିବାକୁ ବାକି ରହିଛି।

## ୱାରେଣ୍ଟି ଗିରଫ

ନିଆଳି (ଭାସ୍କର ନ୍ୟୁଜ୍):ନିଆଳି ଥାନା ପୋଲିସ ଗତକାଲି ରାତିରେ ବିନିଶପୁର ପଂଚାୟତ ମହାତା ପଲ୍ଲୀ ଗ୍ରାମର ଉପେନ୍ଦ୍ର ପରିଡାଙ୍କ ପୁଅ ଦିଲୀପ କୁମାର ପରିଡା (ଲିପୁ-୩୮ ବର୍ଷ) କୁ ଗିରଫ କରିଛି । ଦିଲୀପ ଙ୍କ ନାମରେ ଜିଆରଏସ୍ ୨୫୬/୧୯ ପୁରୁଣା ୱାରେଣ୍ଟି ରହିଥିଲା। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଗୋବିନ୍ଦପୁର କଲେଜ ଛାତ୍ରୀ ସୁଶୋଭିତାଙ୍କ ମୃତ୍ୟୁକୁ ପୂରିଲା ୧୦ ଦିନ

### ତଦନ୍ତ ଶିଥିଳତା, ପୋଲିସ ବସିଛି ଚୁପ୍



କଣ୍ଟାପଡା(ଭାସ୍କର ନ୍ୟୁଜ୍): ସାରା ରାଜ୍ୟ ବାଲେଶ୍ୱର ର ଛାତ୍ରି ମୃତ୍ୟୁ କୁ ନେଇ ରାଜ୍ୟ ସରକାର ଯେତିକି ତତ୍ପର ବିରୋଧୀ ଭି ଅଧିକ ସକ୍ରୀୟ ହୋଇଛନ୍ତି। ବାଲେଶ୍ୱର ଘଟଣା ଠାରୁ ଆହୁରି ଭୟଙ୍କର ଘଟଣା କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଗୋବିନ୍ଦ ପୁର କଲେଜ ଛାତ୍ରୀ ସୁ ଶୋଭିତା ସାହୁ ଗୋବିନ୍ଦ ପୁର ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ଏକ ଭଡା ଘରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ୧୦ ଦିନ ବିତିଗଲାଣି ।ଖୋଦ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲା କେନ୍ଦୁଝରେ ନିଜ ଘର ପାଖର ହୋଇଥିବା ବେଳେ ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ରିପୋର୍ଟ କୁ ଅପେକ୍ଷା କରିଛି। ହେଲେ ତଦନ୍ତ ରେ ଆଗ୍ରଗତୀ ହୋଇନଥିବା ମୃତ୍ୟୁ ପରିବାର ଲୋକେ ଆଣିଛନ୍ତି ଅଭିଯୋଗ। ଗୋବିନ୍ଦ ପୁର ପୋଲିସ ର ଦକ୍ଷତା କୁ ନେଇ ଅଞ୍ଚଳ ବାସୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ। ଗୋବିନ୍ଦ ପୁର କଲେଜ ର ପିଜି ଛାତ୍ରୀ ଙ୍କୁ ନ୍ୟାୟ ଦେବା ଦାବିରେ ବିଭିନ୍ନ ସଂଗଠନ ଥାନା ଆଗରେ ଦେବେ ବୋଲି ଦେଲେଣି ଚେତାବନୀ। ଖୋଦ ନିଆଳି ବିଧାୟକ ଛବି ମଲିକ ଉକ୍ତ ଘଟଣା କୁ ଗୁରୁତର ଶହ ନବାକୁ ଦାବି କଲେଣି ଅଞ୍ଚଳ ବାସୀ। ଗୋବିନ୍ଦ ପୁର ପିଜି ଛାତ୍ରୀ ମୃତ୍ୟୁ କୁ ନେଇ ସାରା ଅଞ୍ଚଳ ରେ ଏବେ ପ୍ରତିବାଦ ର ସ୍ୱର ଉଠିଛି। ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ପରିବାର ଲୋକଙ୍କ ଅଭିଯୋଗ ପରେ ଗୋବିନ୍ଦ ପୁର ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ମିଳିଥିବା ସୂଚନା ଅନୁଯାଇ ଗତ ୭ ତାରିଖ ସୋମବାର ଦିନ ଦିନ ୩ ଟାରୁ ନିଖୋଜ ହୋଇଯାଇଥିଲେ କଲେଜ ଛାତ୍ରୀ ସୁ ଶୋଭିତା ସାହୁ ବୋଲି ଭଡା ଘର ଲୋକ୍‌ମାଳା କହିଥିଲେ କିନ୍ତୁ ମଙ୍ଗଳ ବାର ଦିନ ସାଙ୍ଗ ମାନଙ୍କ ସହିତ ରହୁଥିବା ଭଡା ଘର ମାଲିକ ଙ୍କ ପାଇଖାନା ଘରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା ଛାତ୍ରୀ ଙ୍କ ମୃତ ଦେହ। କିନ୍ତୁ ଯେଉଁ ଅବସ୍ଥାରେ ମୃତ୍ ଦେହ ମିଳିଥିଲା ତାହା ହତ୍ୟା କାଣ୍ଡ ବୋଲି ଆଲୋଚନା ହୋଇଥିଲା। ଗୋବିନ୍ଦ ପୁର ପୋଲିସ ହତ୍ୟା ମାମଲା ରୁଜୁ କରି ଚୁପ ବସିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏମିତିକି ମୁଖ୍ୟମନ୍ତ୍ରୀ ଙ୍କୁ ଗୁହାରି ଜଣାଇଛନ୍ତି। ଗୋବିନ୍ଦ ପୁର ଥାନାକୁ ଅତିରିକ୍ତ ଏସ ପି ଙ୍କ ଗ୍ରସ୍ତ ଓ କଟକ ସଦର ଏସ ଡି ପି ଓ କିରଣ ହେମ୍ବ୍ରମ ଙ୍କ ଭଳି ଦକ୍ଷ ଅଫିସର ଥାଇ ମଧ୍ୟ କାହିଁକି ପୋଲିସ ତଦନ୍ତ ରେ ଅଗ୍ରସର ହୋଇପାରୁନାହିଁ। ଏ ନେଇ ସଦର ଏସ ଡି ପି ଓ କିରଣ ହେମ୍ବ୍ରମ ଙ୍କୁ ପଚାରିବାରୁ ଏହା ତଦନ୍ତ ଚାଲିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଏହା ଆତ୍ମହତ୍ୟା ବୋଲି ଜଣାପଡିଛି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ପ୍ରଭାବ



ଡେଲାଙ୍ଗ(ଭାସ୍କର ନ୍ୟୁଜ୍): ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଓଡ଼ିଶାବନ୍ଦ ଡାକରା ଦେଇଥିବା ମିଳିତ ବିରୋଧି ଦଳ ପକ୍ଷରୁ ସଫଳ ରୂପେ ବିନା ହିଂସାରେ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ସହଯୋଗରେ ଡେଲାଙ୍ଗ ବ୍ଲକ୍‌ର ହାଟଡେଲାଙ୍ଗ ବଜାର, ଷ୍ଟେସନ ବଜାର, ହରିରାଜପୁର ଇତ୍ୟାଦି ସ୍ଥାନରେ ବନ୍ଦ ପାଳନ ସମ୍ପୂର୍ଣ୍ଣ ସଫଳ ହୋଇଛି । ଏହି ସଫଳ ଓଡ଼ିଶା ବନ୍ଦ ରେ ସି.ପି.ଆଇ. (ଏମ.ଏଲ.), ରାମଚନ୍ଦ୍ର ମହାରଣା, ତ୍ରିଲୋଚନ ବେହେରା, ସତ୍ୟମନୁ ପ୍ରଧାନ, ଅଶୋକ ପ୍ରଧାନ ପ୍ରଭୃତି ବନ୍ଦରେ ସାମିଲ ଥିଲେ । ଜାତୀୟ କଂଗ୍ରେସର ନିର୍ମଳ ପରିଡ଼ା, ପୂର୍ବତନ ସରପଂଚ କ୍ଷେତ୍ରମୋହନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶ୍ରୀଯୁକ୍ତ ପ୍ରଧାନ ସୌମ୍ୟାଶ୍ରୀ ମୃତ୍ୟୁର ଘୋର ନିନ୍ଦା କରିବା ସହ ବିଜେପି ସରକାରକୁ କଟୁ ବାକ୍ୟରେ ନିନ୍ଦା କରିଥିଲେ । ଶେଷରେ ଏକ ବିଶାଳ ରାଲି ବଜାର ପରିକ୍ରମା କରିଥିଲା ।




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍):ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଗୁରୁବାର କଂଗ୍ରେସ ସମେତ ଆଠ ସମ ଭାବାପନ୍ନ ବିରୋଧୀ ଦଳ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ। ରାଜନୈତିକ ଦଳ ପକ୍ଷରୁ ରାଜ୍ୟବ୍ୟାପି ୧୨ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଚକ, ଅଖ ବନ୍ଦ ରହିଥିଲା। ଏହି ଓଡିଶା ବନ୍ଦକୁ ସଫଳ କରିବାକୁ କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ସିପିଆଇ ଅସ୍ତରଙ୍ଗ, କାକଟପୁର ଜୋନ ସମ୍ପାଦକ ସୁରେଶ ବିଶ୍ୱାଳ, ଅସ୍ତରଙ୍ଗ ବ୍ଲକ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି, ପ୍ରତାପ ଖୁଣ୍ଟିଆ, ଲିଟୁ ବିଶ୍ୱାଳ, ବିକାଶ ବାରିକ, ଦୀନବନ୍ଧୁ ବେହେରା,ସୁବାସ ବିଶ୍ୱାଳ, ଅରୁଣ ବେହେରା, ଜୁମର ବାରିକି, ଶିଖର ବାରିକି, ହୃଦାନନ୍ଦ ବସ୍ତିଆଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ବାମପନ୍ଥୀ ଦଳର କର୍ମୀମାନେ ସାମିଲ ହୋଇଥିଲେ।



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାରେ ଉପଯୁକ୍ତ ନ୍ୟାୟ ଦାବିକରି କଂଗ୍ରେସ ସମେତ ୮ଟି ବିରୋଧୀ ଦଳ ପକ୍ଷରୁ ଡ଼ାକରା ଦିଆଯାଇଥିବା ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଚଣ୍ଡିଖୋଲରେ ଶେଷ ହୋଇଛି। ଆଜି ସକାଳ ଛଅଟାରୁ କଂଗ୍ରେସ କର୍ମୀମାନେ ଚଣ୍ଡିଖୋଲ ଛକରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ଚଣ୍ଡିଖୋଲ ଛକ, ବାଲିଚନ୍ଦ୍ରପୁର, ଛଟିଆ, ବାଲିକୁଦା ଠାରେ କଂଗ୍ରେସ୍ କର୍ମୀ ମାନେ ଦୋକାନ ବଜାର ବନ୍ଦ କରିଥିଲେ। ବନ୍ଦ ପ୍ରଭାବ ଫଳରେ ସ୍କୁଲ, କଲେଜ, ସରକାରୀ ପ୍ରତିଷ୍ଠାନରେ ଉପସ୍ଥାପନ କମ୍ ରହିଥିଲା। ଧାନମଣ୍ଡଳ ରେଳ ଷ୍ଟେସନ ରେ ରେଳ ଚଳାଚଳ ବନ୍ଦ ରହିଥିଲା।ବଡଚଣା ବ୍ଲକ୍ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ,ବଡଚଣା ବିଧାନସଭାରେ କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ, ପୂର୍ବତନ ପିସିସି ସମ୍ପାଦକ ଡ. ସନ୍ତୋଷ କୁମାର ବଳ, ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ,ଯୁବ କଂଗ୍ରେସ ନେତା ଚର୍ଚ୍ଚିତ ମହଲା,ପୂର୍ବତନ ବ୍ଲକ୍ ଅଧକ୍ଷ ନିରଂଜନ ସାହୁ, ପୂର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ଯୁବନେତା ଜନ୍ମେଜୟ ନାୟକ, ପ୍ରବୀର ବଳ, ଆସିକ୍ ଅନସାରୀ, ବାବୁଲି ମଲ୍ଲିକ, ଜନାର୍ଦ୍ଦନ ରାଉତରାୟ, ଦିଲ୍ଲୀପ ବିଶ୍ୱାଳ, ନଳିନୀ କାନ୍ତ ଜେନା ଅକ୍ଷୟ ସ୍ୱାଇଁ, ସନ୍ତୋଷ ସାହୁ ସିପିଆଇ ନେତା ରଞ୍ଜନ କୁମାର ଜେନା ସମେତ ଶତାଧିକ କଂଗ୍ରେସ କର୍ମୀ ବନ୍ଦର ନେତୃତ୍ୱ ନେଇଥିଲେ। ପରେ ଏକ ପ୍ରତିବାଦ ସଭାରେ ଆନ୍ଦୋଳନକାରୀ ମାନେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ,ବିଧାୟକ ଇସ୍ତଫା ଦେବା ସହିତ, ଜିଲ୍ଲାପାଳ, ଓ ଏସ୍‌ପିଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ।



ବ୍ୟାସନଗର (ଭାସ୍କର ନ୍ୟୁଜ୍): ଭାରତୀୟ ଜାତୀୟ କଂଗ୍ରେସ ଓ ମିଳିତ ବିରୋଧୀ ଦଳ ପକ୍ଷରୁ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ନାରୀ ନ୍ୟାୟ ତଥା ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେ.କେସି)ପକ୍ଷରୁ ଦମକଳ ଗୋଲାଇ ଛକ (୨୦ନମ୍ବର ଜାତୀୟ ରାଜପଥ ) ଠାରେ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସକାଳ ୬ ଘଣ୍ଟା ଠାରୁ ରାସ୍ତା ଉପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଫଳରେ କେନ୍ଦୁଝର, କଳିଙ୍ଗନଗର ପାଣିକୋଇଲି ଆଡୁ ଆସୁଥିବା ସମସ୍ତ ଯାତାୟାତ ଠପ ହୋଇଯାଇଥିଲା। ଏହି ବନ୍ଦକୁ ସମର୍ଥନ କରି କୁଆଁରଦା, ଚନ୍ଦମା, ନୂଆଗଡ, କହେଁଇପୁର ଓ ସାନ୍ତାରାପୁର ଗ୍ରାମର ବହୁ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିବାଦ ସଭା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବା ସାହେବ ଆମ୍ବେଦକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବାବୁଲାଲ ଗୁରୁ ବରିଷ୍ଠ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, କେ.କେ.ସି, ନେତା ପଦ୍ମନାଭ ନାୟକ ବିଭୂତି ଭୂଷଣ ବଳିଆର ସିଂ,ପରୀକ୍ଷିତ ମଲିକ, ମହିନ୍ଦ୍ର କୁମାର ମହାପାତ୍ର ବିଦ୍ୟାଧର ଯେନା ପ୍ରତାପକୁମାର ଦାସ,ଜିଲ୍ଲା ଓବିସି ସେଲ ନେତା ପ୍ରଶାନ୍ତ କୁମାର ସାହୁ ଓ ଯୁବ କଂଗ୍ରେସ ନେତା ଅମିତ କୁମାର ଜେନା ସେକ୍ ବଦ୍ରି ପ୍ରମୁଖ ଯୋଗଦେଇଥିଲେ। ସେହିପରି ସିପିଆଇଏମ ଏବଂ ସିଆଇଟିୟୁ ପକ୍ଷରୁ ଏକ ଶୋଭାଯାତ୍ରା ସିଆଇଟିୟୁ ଜିଲ୍ଲା ସଭାପତି ଓ ସିପିଏମ ନେତା ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ବାହାରି ରେଲୱେ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଗୋପବନ୍ଧୁ ଛକ ଠାରେ ପହଞ୍ଚି ରାସ୍ତାରୋକ କରିଥିଲେ ଓ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଏହି ଆନ୍ଦୋଳନରେ ପାନି କିସ୍କୁ, ମାଳତୀ ହାଁସଦା, ତ୍ରିଲୋଚନ ରାଉତ, ମନ୍ମଥ ରାୟ, ଜୟୀରାମ ମୁର୍ମୁ, ଲାଲମଣି ମୁଣ୍ଡା, ଗଙ୍ଗାଧର ନାୟକ, ନିତିମା ଟିୟୁ, ରାଜୁ ସିଂ, କୋଇଲି ବାସ୍କେ, ଗୁରୁବାରୀ ଲାଗୁରୀ, ସନ୍ତୋଷ ବରାଳ,ଲିଟି ଲାଗୁରୀ ପ୍ରମୁଖ ସାମିଲ ହୋଇଥିଲେ। ବ୍ୟାସନଗର ସହିତ ସମଗ୍ର ଜିଲ୍ଲାରେ ବନ୍ଦର ସଫଳତା ପାଇଁ ସମସ୍ତଙ୍କୁ ପ୍ରଫୁଲ୍ଲ ନାୟକ କୃତଜ୍ଞତା ଜଣାଇଥିଲେ।




ଜଳେଶ୍ୱର(ଭାସ୍କର ନ୍ୟୁଜ୍):ଏଫ୍.ଏମ. କଲେଜ ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀଙ୍କର ଆତ୍ମାହୁତୀ ମୃତ୍ୟୁକୁ ନେଇ ବନ୍ଦ ଡାକରାରେ ହୋଇଥିବା ସଫଳର ଛାତ୍ରସଂଗଠନ ଏସେଫାୟ ପ୍ରମୁଖ ଭୂମିକା ଦେଖିବାକୁ ମିଳିଥିଲା। ଛାତ୍ରସଂଗଠନ ଏସେଫାୟର ଜିଲ୍ଲା ସଭାପତି ସୌରଭ ସାର୍ଥକ ସାହୁ ସମେତ ସୁବ୍ରତ ରାଉତ, କନକେଶ୍ୱର ସେନାପତି, ଗୌତମ ସେନାପତି, ଚନ୍ଦନ ପ୍ରମାଣିକ ଆଦି ନେତୃତ୍ୱମାନେ ବନ୍ଦ କାର୍ଯ୍ୟକ୍ରମରେ ବିଶେଷ ଭୂମିକା ନେଇଥିବାରୁ ଏସେଫାୟର ରାଜ୍ୟ ସଭାପତି ଚନ୍ଦନ କାମିଲା ଓ ଶ୍ରମିକ ସଂଗଠନର ନେତା ପଲଟୁ ଦାସ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି।



ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇ ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛି କଂଗ୍ରେସ ଓ ଅନ୍ୟ ମିଳିତ ବାମପନ୍ଥୀ ଦଳ। ଏହିକ୍ରମରେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଧାମରାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସକାଳୁ କଂଗ୍ରେସ ଓ ସିପିଆଇର କର୍ମୀମାନେ ରାସ୍ତା ଅବରୋଧ ସହ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଛନ୍ତି। କଂଗ୍ରେସ ଓ ସିପିଆଇ କର୍ମୀମାନେ ରାସ୍ତା ଅବରୋଧ କରିବା ସହ ପିକେଟିଂ ଓ ନାରାବାଜି କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହି ବନ୍ଦ ପାଳନରେ କଂଗ୍ରେସ ନେତା ଦିଗମ୍ବର ଦାସ,ବୈଲୋଚନ ପଣ୍ଡା,ରାଜେଶ ସ୍ୱାଇଁ ଅଭୟ ସାହୁ ବୃନ୍ଦାବନ ମହାଳିକ, ମଳୟ ଭୋଇ, ଆଲୁଆ ଜେନା,ଅଞ୍ଜନ ଦାସ,ବିକାଶ ନାଥ ଶିବାଜୀ ନାୟକ, ବରିଷ୍ଠ ନେତା ଏସ କେ କାଦିର, ନଗର ସଭାପତି ବଦ୍ରି ନାଏକ,ତଥା ଯୁବ କଂଗ୍ରେସ ନେତାଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଓ ସିପିଆଇର କର୍ମୀ ଆନ୍ଦୋଳନକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଚାନ୍ଦବାଲି ପୋଲିସ ଉପସ୍ଥିତ ରହି ଆଇନ ଶୃଙ୍ଖଳା ଉପରେ ସତର୍କ ଦୃଷ୍ଟି ରଖାଯାଇଥିଲା।

## ନଦୀବନ୍ଧ ସଡ଼କ ପାଲଟିଛି ମରଣଯନ୍ତା



ଡେଲାଙ୍ଗ(ଭାସ୍କର ନ୍ୟୁଜ୍): ଡେଲାଙ୍ଗ କୋଠବାଡ଼ ଅନ୍ତର୍ଗତ ପୁରୁଣା ଡେଲାଙ୍ଗ-ଗୁଣ୍ଡୁଚି ପାଟଣା କୁ ସଂଯୋଗ କରୁଥିବା ଗ୍ରମ୍ୟରାସ୍ତା ର ଅବସ୍ଥା ଦିର୍ଘ ଦିନରୁ ଶୋଚନୀୟ ହୋଇ ରହିଛି । ଉକ୍ତ ରାସ୍ତା ଦେଇ ୪ଟି ପଂଚାୟତର ପ୍ରତ୍ୟେକ ଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି । ରାସ୍ତା ର ଠିକ୍ ମଝିରୁ ଅନେକ ଦିନ ରୁ ଫାଟିକି ଆଁ କରିଛି ,ଏବଂ ରାସ୍ତା ଟି ସଂକୀର୍ଣ୍ଣ ଥିବାରୁ ଛୋଟ ମୋଟ ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ । ଉକ୍ତ ରାସ୍ତା ଠାରୁ ମାତ୍ର ୩ କିଲୋମିଟର ଦୂରରେ ଅଂଚଳ ର ପ୍ରସିଦ୍ଧ ବାଲୁଙ୍କେଶ୍ୱର ମହାଦେବଙ୍କ ଶୈବପୀଠ ତଥା ଆଦର୍ଶଗ୍ରାମର ମାନ୍ୟତା ପାଇଥିବା ଅଳଉତା ଗାଁ ଅବସ୍ଥିତ । ଯେଉଁ ଗାଁ କୁ ବହୁ ଦୂରଦୂରାନ୍ତରୁ ଲୋକମାନେ ଯିବା ଆସିବ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ବେରବୋଇ,ଗୁଆଳିପଡ଼ା ,ଅରିଶଳ,ସୁଜନପୁର,ଆଦି ପଂଚାୟତ ର ଲୋକମାନଙ୍କ ଯାତାୟତର ଉକ୍ତ ବିପଦପୂର୍ଣ୍ଣ ରାସ୍ତା ହିଁ ଏକମାତ୍ର ମାଧ୍ୟମ । ରାସ୍ତା ଦୁଇ ପାର୍ଶ୍ୱରେ ଅନାବନା ଗଛର ଘଂଚ ଜଙ୍ଗଲ ଥିବାରୁ ବିଷାକ୍ତ ସାପ ଚଳ ପ୍ରଚଳ କରନ୍ତି , ଯାହା ପଥଚାରୀ ମାନଙ୍କ ପାଇଁ ବିପଦର ଅନ୍ୟ ଏକ କାରଣ ମଧ୍ୟ କୁହାଯିବ । ବିଶେଷ କରି ମୋହନପୁର ,ଗୁଣ୍ଡୁଚିପାଟଣା ,ପୁରୁଣା ଡେଲାଙ୍ଗ,ଅଳଉତା ,ରାମଚନ୍ଦ୍ରପୁରର ଲୋକ ମାନଙ୍କୁ ନିଜ ନିଜ ଜମିକୁ ଯିବା ପାଇଁ ସବୁବେଳେ ଏହି ରାସ୍ତା ଦେଇ ଯିବାକୁ ପଡ଼େ। ଗ୍ରାମବାସୀ ମାନେ ବାରମ୍ବାର ,ଲୋକପ୍ରତିନିଧି ,ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚର କରାଇଥିଲେ ମଧ୍ୟ , ଅନେକ ଦିନରୁ ଫଳ ଶୂନ। ଗ୍ରାମର ଉନ୍ନତି କରାଇ ଦେବାକୁ କହି ନିର୍ବାଚନ ସମୟରେ ନେଇଥିବା ଭୋଟ୍ ଆଉ ଦେଇଥିବା ପ୍ରତିଶୃତି ,କେବଳ ଫାଙ୍କା ଭାଷଣ ର ଜ୍ୱଳନ୍ତ ଉଦାହରଣ ର ମୁକସାକ୍ଷୀ ହୋଇ ରହିଛି ପୁରୁଣା ଡେଲାଙ୍ଗର ଗ୍ରାମପଥ । କେବେ ପୂର୍ତ୍ତବିଭାଗର ନିଦ ଭାଙ୍ଗୁଛି ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧଜିବି କ୍ଷୋଭ ପ୍ରକାଶ କରିଛନ୍ତି ।

## ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ

ବେଗୁନିଆ(ଭାସ୍କର ନ୍ୟୁଜ୍): ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସମାରୋହ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପଦୋନ୍ନତି ପ୍ରାପ୍ତ ହୋଇ ବେଗୁନିଆ ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଓଇଏସ -୨ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ,ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ଙ୍କ ଅବସର ଗ୍ରହଣ କରିଥିବାରୁ ଓ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର କଳାଙ୍ଗ ସାଧନ କେନ୍ଦ୍ର ସଂଯୋଜକ ପଦବୀ ପ୍ରାପ୍ତ ହୋଇଥିବାରୁ ସେମାନଙ୍କୁ ଉକ୍ତ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବୋଲଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥି,ବୋଲଗଡ଼ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ମୁଖ୍ୟ ବକ୍ତା,ପ୍ରାକ୍ତନ ମଣ୍ଡଳ ସଂଯୋଜକ ପଦ୍ମ ଚରଣ ବେହେରା,ବାଣପୁର ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଭିକାରୀ ଚରଣ ପ୍ରଧାନ,ସହ ମଣ୍ଡଳ ଶିକ୍ଷାଧିକାରୀ ଅମିତା ମିଶ୍ର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପଞ୍ଚ ସଖା ଶିକ୍ଷାସେତୁ ସଂଗଠନ ର ସଭ୍ୟ ଇଞ୍ଜିନିୟର ରାମମାନସ ପଣ୍ଡା,ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା,ଖଙ୍ଗୁରିଆ ଗ୍ରାମପଞ୍ଚାୟତ ସମିତି ସଭ୍ୟା ବିନୋଦିନୀ ଦତ୍ତ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ର ସଭାପତି ସମ୍ପିତ ଭୂଷଣ ରାଉତରାୟ ଏବଂ ବୋଲଗଡ଼ ଡଏସ୍ ମିଡ଼ିଆର ସଭାପତି ନିରଞ୍ଜନ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନଙ୍କ ଗୁଣଗାନ କରିଥିଲେ । ଦୀପ୍ତିରଞ୍ଜନ ଦାସ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ । ନମିତା ସାହୁଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ .ବିଶ୍ୱଜିତ ସରୋଜ କୁମାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶ୍ରୋତାଲିନି ସାହୁ ସେମାନଙ୍କୁ ବେଜ ପିନ୍ଧାଇଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲାର ଏସଆଇଟି ତଦନ୍ତ ଦାବିରେ ହାଇକୋର୍ଟରେ ପିଆଇଏଲ୍ ଦାଖଲ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଘଟଣାର ଏସଆଇଟି ତଦନ୍ତ ପାଇଁ ଦାବି ହୋଇଛି। ସେହିପରି କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ଦାଖଲ ପାଇଁ ଡିଜିପି ଓ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ନିର୍ଦ୍ଦେଶ ଦେବାଲାଗି ନିବେଦନ କରାଯାଇଛି। ସେହିପରି ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ରିପୋର୍ଟ ଉପସ୍ଥାପନ ସହ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଇସିସି କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ଅପିଲ କରାଯାଇଛି। ମାମଲାରେ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ପିସିସି ସଭାପତି, ବିଜେଡି ଓ ୟୁଜିସି ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।



## ସୌମ୍ୟାଶ୍ରୀଙ୍କ ଆତ୍ମାହୂତି ଓ ମୃତ୍ୟୁ ଘଟଣା

# କଂଗ୍ରେସର ଓଡ଼ିଶା ବନ୍ଦ ଡାକରା, ଅଖଚକ ବନ୍ଦ







ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ସଫଳ ହୋଇଛି । ସୂର୍ଯ୍ୟ ଉଦୟ ହେବା କ୍ଷଣି କଂଗ୍ରେସ କର୍ମୀମାନେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନକୁ ଓହ୍ଲାଇ ଆସିଥିଲେ । ରାଜଧାନୀର ପ୍ରମୁଖ ଛକ ମାଷ୍ଟର କ୍ୟାଣ୍ଟିନ୍, ରାଜମହଲ, ବାଣୀବିହାର, ଆଚାର୍ଯ୍ୟବିହାର, ଜନପଥ, ଜୟଦେବ ବିହାର, ଗଭର୍ଣ୍ଣର ହାଉସ୍ ଛକ ଆଦି ସ୍ଥାନମାନଙ୍କରେ କଂଗ୍ରେସ କର୍ମୀ ଓ ସେମାନଙ୍କ ସହ ସାମିଲ୍ ହୋଇଥିବା ୮ ବାମପନ୍ଥୀ ଦଳର ନେତାମାନେ ଆନ୍ଦୋଳନକୁ ଜୋରଦାର କରିଥିଲେ । ଏହି ଆନ୍ଦୋଳନରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା । ତଥାପି ପୋଲିସ-କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ୪୮ଜଣଙ୍କୁ ପୋଲିସ ବାନ୍ଧି ନେଇଥିଲା । ସେହିପରି କଟକ ସହରରେ ଆନ୍ଦୋଳନକୁ ନଗର କଂଗ୍ରେସ ପକ୍ଷରୁ ବ୍ୟାପକ କରାଯାଇଥିଲା ।

## ଓଡ଼ିଶା ବନ୍ଦ ସଫଳ ହେଲା: ଯୁବ କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ଏଫ୍.ଏମ୍. କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ମୃତ୍ୟୁ ଏବଂ ତାଙ୍କ ଉପରେ ହୋଇଥିବା ଅନ୍ୟାୟ ପ୍ରତିବାଦରେ ରାଜ୍ୟ କଂଗ୍ରେସ ସଭାପତିଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସଂପୂର୍ଣ୍ଣ ଭାବେ ସଫଳ ହୋଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏହି ଆନ୍ଦୋଳନକୁ ସୂଚାରୁ ରୂପେ ପରିଚାଳନା କରିବା ସହ ଭଉଣୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ଅଜୟ ଲଲ୍ଲୁଙ୍କ ସହ ସାମିଲ ହୋଇ ରାଜଧାନୀ ଠାରେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ୍, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ସୁଦିପ ସାମଲ, ଗୋପନ ମାର୍ଥା, ନିହାର ରଞ୍ଜନ ବେହେରା, ଅଭିଜିତ ଜେନା, ଜାଭେଦ ଅକ୍ତର, ପବିତ୍ର ସେଠୀଙ୍କ ସହ ଶତାଧିକ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ସିପିଆଇର ଓଡ଼ିଶା ବନ୍ଦ




କଟକ(ଭାସ୍କର ନ୍ୟୁଜ୍): ସୋମ୍ୟାଶ୍ରୀର ଦୁର୍ଭାଗ୍ୟଜନକ ସରକାରୀ ବ୍ୟବସ୍ଥାଗତ ହତ୍ୟାର ପ୍ରତିବାଦରେ ଏହି ଘଟଣାରେ ଜଡ଼ିତ ସମସ୍ତ ବ୍ୟକ୍ତି ବିଶେଷ ଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ତଦନ୍ତ,ସୌମ୍ୟାଶ୍ରୀର ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ସିପିଆଇ ସମେତ ସମସ୍ତ ବାମଦଳ ଓ କଙ୍ଗ୍ରେସ ଆହ୍ୱାନରେ ହୋଇଥିବା ଓଡ଼ିଶା ବନ୍ଦରେ ସିପିଆଇ କଟକ ନଗର କମିଟି ପକ୍ଷରୁ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖା ସମ୍ମୁଖରେ ପିକେଟିଙ୍ଗକରି ବନ୍ଦ କରିବା ସହ ସହରର ଅନ୍ୟାନ୍ୟ ବ୍ୟାଙ୍କ ଓ ଅଫିସ ସମ୍ମୁଖରେ ପିକେଟିଙ୍ଗ କରି ବନ୍ଦ କରାଯାଇଥିଲା। ସିପିଆଇ ନେତା ଅମରେନ୍ଦ୍ର ମହାନ୍ତି, ଜିଲ୍ଲା ସଂପାଦକ ବିନୋଦ ବେହେରା, ମିହିର ବିଶ୍ୱାଳ, କ୍ଷିରୋଦ ବିଶ୍ୱାଳ, ବିପିନ ବିହାରୀ ପାଢ଼ୀ, ଅଶୋକ ତା, ନୈନା ଦେହୁରୀ, ବିଜୟ ସାହୁ, ଭାବଗ୍ରାହୀ ଦାସ, ଜଗନ୍ନାଥ ମଲ୍ଲିକ, ଶ୍ରମିକ ନେତା କିଶୋର ଜେନାଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଙ୍ଗ କରିଥିଲେ। ଜିଲ୍ଲାର ଅନ୍ୟତ୍ର ଜଗତପୁର ରେ ଜିଲ୍ଲା ସହ ସଂପାଦକ ଉଦୟ କେଶରୀ ଶର୍ମା,ସୁନାକର ବରାଳ, ମାହାଙ୍ଗାରେ ହରିହର ମହାନ୍ତି, ହୃଷୀକେଶ ମଲ୍ଲିକ, ନିଶ୍ଚିନ୍ତକୋଇଲିରେ କସ୍ତୁରୀ ଚରଣ ପାତ୍ର,ସନାତନ ମଲ୍ଲିକ, ହିମାଂଶୁ ଭୂୟାଁ, ବାଲିଝରୀରେ ପ୍ରସନ୍ନ ମହାପାତ୍ର ପ୍ରମୁଖ ବନ୍ଦରେ ନେତୃତ୍ୱ ନେଇ ବନ୍ଦକୁ ସଫଳ କରାଇଥିଲେ। କଟକ ଜିଲ୍ଲାରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବାରୁ ଜିଲ୍ଲା ସଂପାଦକ ବିନୋଦ ବେହେରା ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଲୋକେ ସ୍ୱତଃପ୍ରବୃତ ଭାବେ ସମର୍ଥନ କରିଛନ୍ତି: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍):ଓଡ଼ିଶା ବନ୍ଦ ପାଳନ ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି । ଗୁରୁବାର ସମଗ୍ର ରାଜ୍ୟରେ ବନ୍ଦ ପାଳନ କରାଯାଉଛି । ସବୁଠି ଦୋକାନ, ବଜାର, ଅଫିସ୍ ବନ୍ଦ ରହିଛି । ବିଭିନ୍ନ ସ୍ଥାନରେ ରେଳ ରୋକ୍ କରିଛନ୍ତି କର୍ମୀ । ଲୋକେ ସ୍ୱତଃପ୍ରବୃତ ଭାବେ ସମର୍ଥନ କରୁଛନ୍ତି । ଧସ୍ତାଧସ୍ତି ହେବ, ଏହା ନ୍ୟାୟର ଲଢ଼େଇ । ନ୍ୟାୟ ଦିଅ, ଆମେ ବନ୍ଦ ପ୍ରତ୍ୟାହାର କରିବୁ ବୋଲି ଭକ୍ତ ଦାସ କହିଛନ୍ତି ।

## ସକାଳୁ ସକାଳୁ ବନ୍ଦର ପ୍ରଭାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସକାଳୁ ସକାଳୁ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ରାସ୍ତାକୁ ଓହ୍ଲାଇବା ସହ ପିକେଟିଂ କରିବା ଆରମ୍ଭ କରିଦେଇଥିଲେ । ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବା ସହ ସ୍କୁଲ୍ କଲେଜ୍, ଦୋକାନ ବଜାର ଓ ବ୍ୟାବସାୟିକ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବନ୍ଦ ପାଳନ ବେଳେ ସ୍ୱାସ୍ଥ୍ୟସେବାକୁ ବାଦ ଦିଆଯାଇଥିଲା । ତେବେ ମେଡିକାଲ୍, ମେଡିସିନ୍ ଷ୍ଟୋର, ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ଓଡ଼ିଶା ବନ୍ଦ ଡାକରାରେ ସକାଳୁ ସକାଳୁ ରାଜଧାନୀରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ରାଜଧାନୀ ସମେତ ସବୁ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳନ କରିବାକୁ କଂଗ୍ରେସ ଆହ୍ୱାନ ଦେଇଛି । ବିଧାନସଭା ଅଞ୍ଚଳ, ରେଳଷ୍ଟେସନରେ ପୋଲିସ ମୁତୟନ ହୋଇଥିବା ବେଳେ କଂଗ୍ରେସ କର୍ମୀମାନେ ନାରାବାଜି କରି ରାସ୍ତା ଅବରୋଧ କରିଛନ୍ତି । ମାଷ୍ଟରକ୍ୟାଣ୍ଟିନ୍ ଛକରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏଁ ବନ୍ଦ ରହିଥିଲା ପେଟ୍ରୋଲ ପମ୍ପ ।

## ପୋଲିସ ସୁରକ୍ଷା ବ୍ୟବସ୍ଥା ଥିଲା କଡାକଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ରାଜଧାନୀରେ କଡାକଡି କରାଯାଇଥିଲା । କଂଗ୍ରେସ କର୍ମୀଙ୍କୁ ଜଗିଥିଲା ଏଆଇ କ୍ୟାମେରା ଓ ଡ୍ରୋନ୍ । ଛକ, ବଜାର, ସରକାରୀ କାର୍ଯ୍ୟାଳୟ ସବୁଠି ମୁତୟନ ହୋଇଥିଲେ ପୋଲିସ । ସାଦା ପୋଷାକରେ ପୋଲିସ ବି ମୁତୟନ ହୋଇଥିଲେ ।

## କଟକରେ ଓଡ଼ିଶା ବନ୍ଦର ପ୍ରଭାବ





କଟକ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ଗୁରୁବାର କଟକ ସହରରେ ଏହାର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା । କଟକ ସହରର ବାଦାମବାଡି, ନେତାଜୀ ବସ୍ ଟର୍ମିନାଲ୍‌ରୁ ବସ୍ ଗଡିନଥିବାବେଳେ ଷ୍ଟାଣ୍ଡରେ ଯାତ୍ରୀମାନେ ସଂଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ଏହି ବନ୍ଦ ଯୋଗୁ ସହରର ବାଦାମବାଡି, ଦୋଳମୁଣ୍ଡାଇ, ଲିଙ୍କ୍‌ରୋଡ୍, ହରିପୁର୍‌ରୋଡ୍, ବକ୍ସିବଜାର, ମଙ୍ଗଳାବାଗ, କ୍ୟାଣ୍ଟନ୍‌ମେଣ୍ଟ, ରାଣୀହାଟ ପ୍ରେସ୍‌ଛକ, ନୂଆପଡା, ଚୌଧୁରୀ ବଜାର, କଲେଜଛକ, ନୂଆବଜାର, ଗୋପାଳପୁର, ପୁରୀଘାଟ, ଚାନ୍ଦିନୀଚୌକ, ମର୍କତନଗରର ବିଭିନ୍ନ ସେକ୍ଟରରେ ଦୋକାନବଜାର ବନ୍ଦ ରହିଥିଲା । ତେବେ ସହରରେ କାଁ ଭାଁ କେତୋଟି ସ୍ଥାନରେ ଦୋକନ ବଜାର ଖୋଲା ରହିଥିବା ବେଳେ ସମସ୍ତ ସରକାରୀ ବେସରକାରୀ ସ୍କୁଲ୍, କଲେଜ୍, ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ଏଲ୍‌ଆଇସି ଅଫିସ୍ ଆଦି ବନ୍ଦ ରହିଥିଲା । ଗୁରୁବାର ସକାଳୁ କଂଗ୍ରେସ କର୍ମୀ ଓ ସହଯୋଗୀ ଦଳୀୟ କର୍ମକର୍ତ୍ତାମାନେ ବାଦାମବାଡି, ଦୋଳମୁଣ୍ଡାଇ, ମଧୁପାଟଣାଛକ, ପ୍ରେସ୍‌ଛକ, ଗୋପାଳପୁର, ମର୍କତନଗର, ଜୁଡିସିଆଲ୍ ଏକାଡେମୀ ଛକ ନିକଟରେ ପିକେଟିଂ କରି ରାସ୍ତା ଅବରୋଧ କରିଥଇଲେ । ଅନ୍ୟପକ୍ଷରେ ଏହି ବନ୍ଦରରେ ସମସ୍ତ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଏନ୍‌ପି, ଏସ୍ପି ଓ ଆର୍ଜେଡି ଦଳ ସମର୍ଥନ ଜଣାଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ । ଗଣ୍ଡଗୋଳ ଆଶଙ୍କାରେ କମିଶନ୍‌ରେଟ୍ ପୁଲିସ୍ ପକ୍ଷରୁ ସହରର ପ୍ରମୁଖ ସ୍ଥାନଗୁଡିକରେ ପୋଲିସ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଏହି ପିକେଟିଂରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଛାୟତ, ଜିଲ୍ଲା କଂଗ୍ରେସ ଉପସଭାପତି ରାଜେଶ୍ ସ୍ୱାଇଁ ଓ ମନୋଜ ବିଶ୍ୱାଳ, କଟକ ନଗର (ଜିଲ୍ଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରିପାଠୀ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ନଗର କଂଗ୍ରେସ ଉପସଭାପତି ମାନସ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ୪୮ ଆନ୍ଦୋଳନକାରୀ ଅଟକ: ପୋଲିସ କମିଶନର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍):କଂଗ୍ରେସର ଓଡ଼ିଶା ବନ୍ଦ ପାଳନ ବେଳେ ୪୮ ଜଣ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି ଆନ୍ଦୋଳନକୁ ନେଇ ପୋଲିସ ପ୍ରସ୍ତୁତ ଥିଲା, ସବୁଠି ଫୋର୍ସ ମୁତୟନ ଥିଲା। ଗଣତାନ୍ତ୍ରିକ ଭାବେ କଂଗ୍ରେସ ଆନ୍ଦୋଳନ କରିଥିଲା। କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବିଶୃଙ୍ଖଳା ଯାଗୁଁ ସେମାନଙ୍କୁ ଅଟକ ରଖାଯାଇଛି। ଆନ୍ଦୋଳନରେ ୪୮ଜଣ ଅଟକ ଅଛନ୍ତି। ଆନ୍ଦୋଳନ ନେଇ କଂଟ୍ରୋଲ ରୁମରେ ମନିଟରିଂ କରାଯାଇଥିଲା।ଆନ୍ଦୋଳନକାରୀଙ୍କ ଉପରେ ଡ୍ରୋନ ଜରିଆରେ ନଜର ରଖାଯାଇଛି। ସାହାଯ୍ୟ ପାଇଁ ୮ ସ୍ଥାନରୁ ପୋଲିସକୁ ଫୋନ୍ ଆସିଥିଲା ।

### ଓଡ଼ିଶା ବନ୍ଦ ବେଳେ ବଡଗଡ ସରକାରୀ ବିଦ୍ୟାଳୟ ଖୋଲା

## ଭୋକ ଉପାସରେ ଛାତ୍ରଛାତ୍ରୀ, ରାଷ୍ଟ୍ରୀୟ ଅଭିଭାବକ ସଂଘର ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ସମେତ ୭ଗୋଟି ରାଜନୈତିକ ଦଳର ଓଡ଼ିଶା ବନ୍ଦ ଡାକରା । ଭୁବନେଶ୍ୱରର ସବୁ ଦୋକାନ ବଜାର ବନ୍ଦ ଥିଲାବେଳେ ବଡଗଡ, ଭୁବନେଶ୍ୱର ସ୍କୁଲର ୪୦ ପିଲା ପଢୁଛନ୍ତି ପାଠ । ସବୁଦିନ ପରି ଆସିଛନ୍ତି ପିଲା ଓ ଶିକ୍ଷକ । କିନ୍ତୁ ନାହିଁ ରନ୍ଧା ଖାଦ୍ୟ । ଏହି ସମ୍ବାଦ ପ୍ରଥମେ କନକ ନିଉଜ ପରିବେଷଣ ପରେ ବିଧାୟକ ବାବୁ ସିଂ କଲେ ହସ୍ତେକ୍ଷେପ । ତୁରନ୍ତ ରନ୍ଧାଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦେବାକୁ ପ୍ରଧାନଶିକ୍ଷକଙ୍କୁ କଲେ ତାଗିଦ । ବଡଗଡର ବିଜେପି ଦଳର ଯୁବନେତା ସଂଗ୍ରାମ ମାର୍ଥାଙ୍କୁ ଦେଲେ ଦାୟିତ୍ୱ । ପାଉଁରୁଟି, ବିସ୍କୁଟ ଦିଆଯାଇଛି ବୋଲି କହିଲେ ଶିକ୍ଷକ । ରନ୍ଧାଖାଦ୍ୟ ଦେବାପାଇଁ ସ୍କୁଲର ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଲେ ଶିକ୍ଷକ । ପିଲାମାନଙ୍କୁ ଭୋକ ଉପାସରେ ରଖି ନିର୍ଯାତନା ଦିଆଯାଇ ଥିବାରୁ ରାଷ୍ଟ୍ରୀୟ ଅଭିଭାବକ ସଂଘର କାର୍ଯ୍ୟକାରି ସଭପତି ରଂଜନ କୁମାର ଦାସ ତୀବ୍ର ନିନ୍ଦା କରିଛନ୍ତି । ସ୍କୁଲ ବନ୍ଦ ପାଇଁ ସରକାରଙ୍କ କିଛି ନିର୍ଦ୍ଦେଶ ନ ଥିବା ବେଳେ କାହିଁକି ବନ୍ଦ ହେଲା ରନ୍ଧା ଖାଦ୍ୟ ? କାହା ନିର୍ଦ୍ଦେଶରେ ପିଲାମାନଙ୍କୁ ଖାଇବାକୁ ନ ଦେଇ ନିର୍ଯାତନା ଦିଆଗଲା ତୁରନ୍ତ ବିଧାୟକ ଓ ଡିଇଓ ଖୋର୍ଦ୍ଧା ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି ସଂଘର କାର୍ଯ୍ୟକାରି ସଭାପତି ଶ୍ରୀ ଦାସ ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଗୁରୁବାର ଅଖଚକ ସବୁ ବନ୍ଦ ରହିଥିଲା । ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଓ ମୃତ୍ୟୁ ଘଟଣାରେ ସବୁଠି ଉଠିଛି ନ୍ୟାୟ ପ୍ରଦାନର ସ୍ୱର । ରାଜ୍ୟରେ ବିରୋଧୀ ଦଳ ଗୁଡିକ ସରକାରଙ୍କୁ ଏନେଇ ଘେରିଥିବା ବେଳେ ଓଡ଼ିଶା ବନ୍ଦ ଡାକରା ଦେଇଥିଲା କଂଗ୍ରେସ । ପୀଡିତାଙ୍କୁ ନ୍ୟାୟ ଦାବିରେ ୧୨ ଘଣ୍ଟାଆ ଅଖ, ଚକ ବନ୍ଦ କରିଛି କଂଗ୍ରେସ । ଏଥିରେ ୮ଟି ରାଜନୈତିକ ଦଳ ମଧ୍ୟ ସାମିଲ ହୋଇଥିଲେ । ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା । ବନ୍ଦ ପାଇଁ ସଡ଼କ ଓ ରେଳ ଯାତାୟାତ ସଂପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା ଏବଂ ବିଭିନ୍ନ ବିଦ୍ୟାଳୟ, କଲେଜ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକୁ ବନ୍ଦ ରହିଥିଲା। କଂଗ୍ରେସ୍ କାର୍ଯ୍ୟକର୍ତ୍ତା ଓ ସହଯୋଗୀ ଦଳର ସଦସ୍ୟମାନେ ପ୍ରମୁଖ ଛକ ଓ ସଡ଼କରେ ଧରଣା-ପ୍ରଦର୍ଶନ କରିଥିଲେ । ଏପରିକି ଜାତୀୟ ରାଜପଥ ଅବରୋଧ କରିଥିଲେ, ଯାହାର ପରିଣାମସ୍ୱରୂପ ଅନେକ ସ୍ଥାନରେ ଯାତାୟାତ ଠପ୍ ହୋଇପଡିଛି ଏବଂ ଗାଡ଼ି ଚଳାଚଳ ପ୍ରାୟ ବନ୍ଦ ରହିଛି। ଭୁବନେଶ୍ୱର ଓ କଟକରେ ବିକ୍ଷୋଭକାରୀମାନେ ରେଳ ଧାରଣା ଉପରେ ମଧ୍ୟ ଅବରୋଧ କରିଥିଲେ, ଯାହା ଫଳରେ ଅନେକ ଯାତ୍ରୀ ଓ ଏକ୍ସପ୍ରେସ୍ ଟ୍ରେନ୍‌ର ଗତିବିଧି ପ୍ରଭାବିତ ହୋଇଛି। ‘ରେଳ ରୋକୋ’ ଆନ୍ଦୋଳନ ଦ୍ୱାରା ହଜାର ହଜାର ଯାତ୍ରୀ ସମସ୍ୟାରେ ପଡିଛନ୍ତି । ବନ୍ଦକୁ ସମର୍ଥନ ଜଣାଇ ଦୋକାନ, ବଜାର ଓ ବେସରକାରି ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଛି। ବେସରକାରି ଶିକ୍ଷାନୁଷ୍ଠାନଗୁଡିକ ସାବଧାନତା ସୂଚକ ଭାବେ କ୍ଲାସ ବାତିଲ କରିଛନ୍ତି। ହେଲେ ଜରୁରିକାଳୀନ ସେବାଗୁଡିକୁ ବନ୍ଦରୁ ବାଦ ଦିଆଯାଇଛି । ଔଷଧ ଦୋକାନ, ହସ୍ପିଟାଲ, ଆମ୍ବୁଲାନ୍ସ ସେବା ଓ ଅନ୍ୟାନ୍ୟ ଆବଶ୍ୟକ ସେବାଗୁଡିକ ସାଧାରଣ ଭାବେ ଜାରି ରହିଛି। କଂଗ୍ରେସ୍ ନେତାମାନେ ଏଫଏମ୍ କଲେଜ୍ ଛାତ୍ରୀ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଇଥିବା ଅଭିଯୋଗ କରିଛନ୍ତି, ଏବଂ ପୀଡ଼ିତାକୁ ନ୍ୟାୟ ମିଳିବା ପାଇଁ ନିରପେକ୍ଷ ଓ ସମୟବଦ୍ଧ ତଦନ୍ତ ଦାବି କରିଛନ୍ତି।

## ବିରୋଧୀ ଡାହଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି: ଅପରାଜିତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫ୍.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି। ବିରୋଧୀ ଦଳ ଭାବେ କଂଗ୍ରେସ ଓ ବିଜେଡିକୁ ଆନ୍ଦୋଳନ କରିବାର ସଂପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରୀକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ୍। ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପୂର୍ବରୁ ନିଜ ଶାସନ କାଳର କାର୍ଯ୍ୟକଳାପକୁ ଉଭୟ ବିଜେଡି ଓ କଂଗ୍ରେସ ଦଳ ଆତ୍ମସମୀକ୍ଷା କରିବା ଉଚିତ୍ ଥିଲା । ସେମାନଙ୍କ ଆଚରଣ ଓ ଉଚାରଣରୁ ଏହା ସ୍ପଷ୍ଟ ହେଉଛି ଯେ, ବିରୋଧୀ ବିଜେଡି ଓ କଂଗ୍ରେସ ଡାହଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି । କେବଳ ଅସ୍ତିତ୍ୱ ବଜାୟ ରଖିବା ଓ ନ୍ୟୁଜରେ ରହିବା ହେଉଛି ଉଭୟ ଦଳର ପ୍ରକୃତ ଉଦ୍ଦେଶ୍ୟ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଛାତ୍ରୀ ଆତ୍ମାହୁତି ଦେବା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍‌କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି । ଗତକାଲି ମୃତା ଛାତ୍ରୀଙ୍କ ଭାଇ ଭୋଗରାଇ ଥାନାରେ ଏକ ଏଫ୍‌ଆଇଆର୍ ଦେଇଛନ୍ତି । ସେଥିରେ ସେ ଦର୍ଶାଇଛନ୍ତି, ‘କଂଗ୍ରେସ ଓ ବିଜେଡିର କର୍ମୀମାନଙ୍କ ପାଇଁ ତାଙ୍କ ପରିବାର ସଦସ୍ୟ ଅସୁରକ୍ଷିତ ମନେ କରୁଛନ୍ତି । ଉଭୟ ଦଳର କର୍ମୀ ଲଗାତାର ସେମାନଙ୍କୁ ହଇରାଣ କରୁଛନ୍ତି’ । ରାଜ୍ୟ ସରକାର ଏହି ଦୁଃଖରେ ସମ୍ପୂର୍ଣ୍ଣଭାବେ ତାଙ୍କ ପରିବାର ସହ ଛିଡ଼ା ହୋଇଛନ୍ତି । ରାଜ୍ୟର ସବୁ ମହିଳା ଓ ଝିଅମାନଙ୍କ ସହ ରାଜ୍ୟ ସରକାର ରହିଛନ୍ତି । ସେମାନଙ୍କୁ ଡରିବାର କୌଣସି ଆବଶ୍ୟକତା ନାହିଁ । ଯେଉଁମାନେ ଏସବୁ ମାମଲାରେ ଲିପ୍ତ ହେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରି ଦେଇଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ଓ ମୁଖପାତ୍ର ସୁଦିପ୍ତ ରାୟ ଉପସ୍ଥିତ ଥିଲେ।

## ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡ଼ି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମହୁତି ଘଟଣାରେ ଆଜି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜୁ ଜନତା ଦଳ କଟୁ ସମାଲୋଚନା କରିଛି। ଶଙ୍ଖ ଭବନରେ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିଥିଲେ। ଶ୍ରୀମତୀ ଛୁରିଆ କହିଥିଲେ, ସାଂସଦ ଅପରାଜିତା ଜଣେ ଭଉଣୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ଆଜିର ମନ୍ତବ୍ୟ କେବଳ ସରକାରଙ୍କ ପିଠି ଥାପୁଡ଼େଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖରେ ମ୍ରିୟମାଣ ହୋଇଛନ୍ତି, ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାରର ଥିଲା ଏବେ ବାଲେଶ୍ୱର ଛାତ୍ରୀ ଆତ୍ମହୁତି ଘଟଣାରେ ଆପଣଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି। ଡ଼ଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା। ଓଡ଼ିଶାର ଜନ ସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



## ଅବକ୍ଷୟମୁଖୀ ମାଓ ସଂଗଠନ

# ଗୃହମନ୍ତ୍ରୀଙ୍କ ସଂକଳ୍ପର ବାସ୍ତବତା

ଭାରତକୁ ନକ୍ସଲ ବା ମାଓମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଢ଼ ସଂକଳ୍ପ ଏବେ ବାସ୍ତବ ରୂପ ନେଲାଭଳି ମନେ ହେଉଛି। ମାଓବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପକୁ ରୋକିବା ଲାଗି ବିଭିନ୍ନ ରାଜ୍ୟରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ସେମାନେ ଅତ୍ୟଧିକ ମାତ୍ରାରେ ଭୟଭୀତ ହୋଇପଡ଼ିଛନ୍ତି। ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ନକ୍ସଲ ପ୍ରଭାବିତ ରାଜ୍ୟରେ ଗତ କିଛିଦିନ ମଧ୍ୟରେ ପୋଲିସ ଏନକାଉଣ୍ଟରରେ ବହୁସଂଖ୍ୟାରେ ବାମ ଉଗ୍ରବାଦୀ ନେତା ଓ କର୍ମୀ ପ୍ରାଣ ହରାଇବା ଫଳରେ କ୍ୟାଡରଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାର ଲକ୍ଷ୍ୟ କରାଯାଉଛି। ଏପରିକି ମାଓ ସଂଗଠପର ସବୁଠାରୁ ଶୀର୍ଷ ସ୍ଥାନୀୟ ନେତାଙ୍କ ମୃତ୍ୟୁ ପରେ ଏହା ମୁରବୀ ଶୂନ୍ୟ ହୋଇପଡ଼ିଛି। ବାମ ଆନ୍ଦୋଳନର ପ୍ରଭାବ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଗତ କିଛିଦିନ ଭିତରେ ବହୁ ମାଓବାଦୀ ଜୀବନ ବଞ୍ଚାଇବାକୁ ସୁରକ୍ଷା ବାହିନୀ ପାଖରେ ଆତ୍ମସମର୍ପଣ କରିଛନ୍ତି। ଆମ ଓଡ଼ିଶା ମଧ୍ୟ ଏହି ଧାରାରୁ ଭିନ୍ନ ହୋଇନାହିଁ ଏବଂ ଏଇ ନିକଟରେ କନ୍ଧମାଳ ଜିଲ୍ଲାରେ ଦୁଇ ମହିଳା କ୍ୟାଡର୍ ସମେତ ତିନିଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେହିପରି ଛତିଶଗଡ଼ର ଦାନ୍ତେୱାଡ଼ା ଏବଂ ନାରାୟଣପୁର ଜିଲ୍ଲାରେ ଯଥାକ୍ରମେ ୧୦ ଓ ୨୨ଜଣ ଉଗ୍ରବାଦୀ ସୁରକ୍ଷା ବାହିନୀ ପାଖରେ ଆତ୍ମସମର୍ପଣ କରିବା ସଂଗଠନର ଦୁର୍ବଳତାକୁ ପଦାରେ ପକାଇ ଦେଇଛି। ନିକଟ ଅତୀତରେ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡାରେ ସୁରକ୍ଷା ବାହିନୀ ସହ ମୁକାବିଲାରେ ଶୀର୍ଷ ମାଓନେତାଙ୍କ ମୃତ୍ୟୁ ପରେ ଆଉ କେହି ସଂଗଠନର ନେତୃତ୍ୱ ନେବାକୁ ଆଗେଇ ଆସୁନାହାନ୍ତି ଏବଂ ସମସ୍ତଙ୍କର ଜୀବନ ପ୍ରତି ଭୟ ରହୁଛି। ସମଗ୍ର ଦେଶରେ ଛତିଶଗଡ଼ ହିଁ ସର୍ବାଧିକ ମାଓହିଂସା ପ୍ରଭାବିତ ରାଜ୍ୟ ଥିବାବେଳେ ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦମନ ଅଭିଯାନ ଅନେକାଂଶରେ ଫଳପ୍ରଦ ହେଉଥିବାର ଦେଖାଯାଉଛି। ବର୍ତ୍ତମାନ ମାଓବାଦୀ ସଂଗଠନରେ ଆଭ୍ୟନ୍ତରୀଣ କନ୍ଦଳ ମଧ୍ୟ ତୀବ୍ର ହେବାରେ ଲାଗିଛି ଓ ଏହାର ଭବିଷ୍ୟତ ରଣନୀତିକୁ ନେଇ ମତଭେଦ ଦେଖାଦେଇଛି। ଆତ୍ମ ସମର୍ପଣ କରିଥିବା ନେତାମାନଙ୍କ ଠାରୁ ଏଥିନେଇ ବହୁ ତଥ୍ୟ ସୁରକ୍ଷା ବାହିନୀର ହସ୍ତଗତ ହୋଇଛି। ଅନେକ କ୍ୟାଡର୍ ସଂଗଠନର ନୀତି ଓ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୁଷ୍ଟ ଥିବାର ଜଣାପଡିଛି। ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଆତ୍ମ ସମର୍ପଣ କରିଥିବା ମହିଳା କ୍ୟାଡରମାନେ ସଂଗଠନରେ ଯୌନ ନିର୍ଯାତନା ଦିଆଯାଉଥିବାର ପ୍ରକାଶ କରିଛନ୍ତି। ଏହାର ଶିକାର ହେବା ପରେ ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଲେ। ମାଓ ସଂଗଠନର ମୂଳ ଲକ୍ଷ୍ୟ ହେଉଛି ସଶସ୍ତ୍ର ବିପ୍ଳବ ଜରିଆରେ ଶାସନ କ୍ଷମତା ଦଖଲ ଏବଂ ସେମାନେ ନିର୍ବାଚନ ରାଜନୀତିରେ ଆଦୌ ବିଶ୍ୱାସ କରନ୍ତି ନାହିଁ। ମାତ୍ର ଭାରତରେ ଏହା କେବେହେଲେ ସମ୍ଭବପର ହେବ ନାହିଁ ବୋଲି କେତେକ ମାଓ କ୍ୟାଡର ଅନୁଭବ କରିବା ଆରମ୍ଭ କଲେଣି ଏବଂ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ମତ ଦେଉଛନ୍ତି। ତେଣୁ ସଂଗଠନ ନେତୃତ୍ୱବିହୀନ ଓ ଦିଗହରା ଅବସ୍ଥାରେ ଅଧିକ ଦିନ ଚାଲିବା ସମ୍ଭବପର ନହେଲା ଭଳି ଜଣାପଡୁଛି। ଏହି ପୃଷ୍ଠଭୂମିରେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆମ ଦେଶ ସମ୍ପୂର୍ଣ୍ଣ ମାଓମୁକ୍ତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଘୋଷଣା ସମ୍ପୂର୍ଣ୍ଣ ସତ୍ୟ ପ୍ରମାଣିତ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠୁଛି।

# କ୍ରୋଧରୁ ମୁକ୍ତି



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ମୁଁ କ୍ରୋଧୀ ନୁହେଁ, କିନ୍ତୁ ଖରାପ କଥା ମୋତେ ଭଲ ଲାଗେ ନାହିଁ। ଆଉ ମୋତେ କ୍ରୋଧ ଆସିଥାଏ। ଏମିତି ଭାବିବା ଆମର ଭ୍ରାନ୍ତି ଅଟେ। ସତ୍ୟ ତ ହେଲା ଯେ କ୍ରୋଧ ଆମର ଭିତରେ ଅବସ୍ଥିତ ଥାଏ ଆଉ ବାହାରକୁ ଆସିବାର ଗୋଟିଏ ଅବସରକୁ ଅପେକ୍ଷା କରିଥାଏ। ଯଦି କ୍ରୋଧ ଭିତରେ ନାହିଁ ତା'ହେଲେ ଯେକିଏ ଯେକୌଣସି କ୍ରିୟା କରୁ, କିନ୍ତୁ ତା' ଉପରେ ଆମର କୌଣସି ପ୍ରତିକ୍ରିୟା ହେବନାହିଁ। ଖାଲି କୂଅରୁ ବାଲ୍ଟି ଖାଲି ହିଁ ଆସିବ, ପାଣିରେ ଭର୍ତ୍ତି ହୋଇକରି ନୁହେଁ। କ୍ରୋଧ କରିବା ସ୍ଥିତିରେ ଆମର ମାନସିକ ଅବସ୍ଥା ଆଉ ସ୍ୱାସ୍ଥ୍ୟ ଖଣ୍ଡିତ ହୋଇଥାଏ। ଏହା ବ୍ୟତୀତ ମଧ୍ୟ ଆମେ ବହୁତ ଥର ନିଜତ୍ୱ ହରେଇ କ୍ରୋଧର ଫାସରେ ଚାଲି ଯାଇଥାଉ। କ୍ରୋଧ କରିବା ସମୟରେ ଆମର ମସ୍ତିଷ୍କ ତୁରନ୍ତ କାର୍ଯ୍ୟ କରିଥାଏ, କିନ୍ତୁ ବିନାଶକ ପଥରର ସମାନ କଠୋର ହୋଇକରି। ଏହାର ବିପରୀତ ଥଣ୍ଡା ମସ୍ତିଷ୍କରେ ପାଣିର ଭଳି ପ୍ରଭାବ କରିବାରେ ବହୁତ ସମୟ ତ ନେଇଥାଏ, କିନ୍ତୁ ନିଶ୍ଚିତ ରୂପରେ ପରିଣାମ ବହୁତ ସନ୍ତୋଷଜନକ ଆଉ ହିତକର ହୋଇଥାଏ। ଯେମିତି ଶରୀରକୁ ସୁସ୍ଥ ରଖିବାକୁ ହେଲେ କୁପଥ୍ୟ ସେବନରୁ ଦୂରରେ ରହିବାକୁ ପଡିବ, ସେହିପରି ମସ୍ତିଷ୍କକୁ ସୁସ୍ଥ ରଖିବାକୁ ହେଲେ ଉପେକ୍ଷା, ଆଗ୍ରହ, ଆସକ୍ତ, ଅହଂକାର ଆଉ ଏଥିରୁ ଉପୁଜିଥିବା କ୍ରୋଧରୁ ସ୍ୱୟଂକୁ ଦୂରରେ ରଖିବାକୁ ହେବ। କ୍ରୋଧରେ ସଂନ୍ତପ୍ତ ମସ୍ତିଷ୍କରେ ହେଇଥିବା କ୍ଷତିର ପରିଣାମ ତୁରନ୍ତ ଅନୁଭବ ହେବାକୁ ଲାଗିଥାଏ। ଏଥିରୁ ମନ ଶାନ୍ତି ଆଉ ସ୍ଥିରତା ଉଭାନ ହୋଇଯାଏ। ଏତେ ଦୁଷ୍ପରିଣାମର ଅନୁଭବ ହେବା ପରେ ମଧ୍ୟ ଆମେ ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ପ୍ରୟତ୍ନଶୀଳ ହୋଇ ନଥାଉ। ଏହାର ଅର୍ଥ ଏହା ନୁହେଁ ଯେ ନା' ତ ଆମେ ଆମର ମସ୍ତିଷ୍କକୁ ଭଡାରେ ଦେଇଛେ ଅଥବା ଏଥିରେ ଚେତନା ଭଳି ଶକ୍ତି ହିଁ ନାହିଁ। ଯେତେବେଳେ କ୍ରୋଧ ଆସେ ଏହି କଥା ସ୍ମରଣ ରଖିବା କି କ୍ରୋଧର ଅଗ୍ନି ସର୍ବ ପ୍ରଥମେ ବ୍ୟକ୍ତିକୁ ସ୍ୱୟଂ ବନେଇଥାଏ। ଆଉ କ୍ରୋଧରେ ନେଇଥିବା ନିର୍ଣ୍ଣୟ କେବେ ବି ହିତକାରୀ ହୋଇନଥାଏ। ଜୀବନର ଗତି ଠିକ୍ ଭାବରେ ଚାଲିବାକୁ ହେଲେ ତାକୁ କ୍ରୋଧର ଅବରୋଧରୁ ବଞ୍ଚେଇ-ବଞ୍ଚେଇ କରି ଆଗକୁ ବଢିବାକୁ ହେବ।

# ମୋ ସ୍ୱପ୍ନର ଭାରତ ଓ ପୂର୍ଣ୍ଣ ସ୍ୱରାଜ

## ମୂଳ ରଚନା- ମୋହନଦାସ କରମଚାନ୍ଦ ଗାନ୍ଧୀ



ଅନୁସୃଜନ- ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ସ୍ୱରାଜ- ଏକ ପବିତ୍ର ବୈଦିକ ଶବ୍ଦ। ଏହାର ଅର୍ଥ ନିଜ ଉପରେ ନିଜେ ରାଜୁତି କରିବା। ଏହା ସ୍ୱେଚ୍ଛାଚାରିତା ନୁହେଁ ବରଂ ଆତ୍ମସୁପରିଚାଳନାର ଏକ ସହଜ ଓ ସରଳ ମାର୍ଗ। ଶରୀର, ମନ, ବୁଦ୍ଧି, ବିଚାର ଓ ବିବେକ ଉପରେ ଅବିନାଶୀ ଆତ୍ମାର ନିୟନ୍ତ୍ରଣ ହେଉଛି ସ୍ୱରାଜର ଅନ୍ୟ ନାମ। କେବଳ ବାଧା ବନ୍ଧନ କିମ୍ବା ବିଦେଶୀ ଶାସନରୁ ମୁକ୍ତିକୁ ସ୍ୱରାଜ କୁହାଯିବା ସମୀଚିନ ନୁହେଁ। ଅଳ୍ପ କେତେକ ଲୋକଙ୍କ କ୍ଷମତାପ୍ରାପ୍ତି ବି ସ୍ୱରାଜ ନୁହେଁ। ସ୍ୱରାଜରେ ସମସ୍ତେ କ୍ଷମତାପ୍ରାପ୍ତ ହେବା ଦରକାର, ଆଉ ସେ କ୍ଷମତା ଆତ୍ମବିକାଶ ସହିତ ସାମାଜିକ, ରାଷ୍ଟ୍ରୀୟ ଓ ସମଗ୍ର ମାନବ ସମାଜର ହିତ ପାଇଁ ଶୃଙ୍ଖଳିତ ଭାବେ ବିନିଯୋଗ କରାଯିବା ଆବଶ୍ୟକ। ସ୍ୱରାଜ ହେଉଛି ଏଭଳି ଏକ ପବିତ୍ର ମଞ୍ଚ ଯେଉଁଠି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଧନୀ, ଗରିବ ନିର୍ବିଶେଷରେ ସମସ୍ତେ ନିଜ ନିଜର ମାନସିକ ଓ ଶାରିରୀକ ଶ୍ରମ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଥାନ୍ତି।

ଲୌକିକ ସ୍ୱାଧୀନତାକୁ ସ୍ୱରାଜ କହିବା ସମୀଚିନ ନୁହେଁ। ବିଦେଶୀ ଶାସନର ଅପସାରଣ ପାଇଁ ସ୍ୱାଧୀନତା ହିଁ ଦରକାର। କିନ୍ତୁ ଭାରତରୁ ଇଂରେଜମାନେ ଚାଲିଗଲେ ଯେ ଆମେ ସ୍ୱାଧୀନ ହୋଇଗଲୁ ତାହା ଭାବିବା ଭୁଲ୍। ଯେତେବେଳେ ପ୍ରତ୍ୟେକ ଗ୍ରାମବାସୀ ବୁଝିବେ ଯେ ସେମାନେ ହେଉଛନ୍ତି ନିଜ ଭାଗ୍ୟ ନିୟନ୍ତା ଓ ଠିକଣା ପ୍ରତିନିଧି ବାଛି ନିଜେ ନିଜକୁ ଶାସନ କରିବା କ୍ଷେତ୍ରରେ ଯୋଗ୍ୟ, ସେତେବେଳେ ଯାଇଁ ସ୍ୱାଧୀନତା ଆସିବ। ଆଉ ଏଭଳି ସ୍ୱାଧୀନତାରେ ପ୍ରତ୍ୟେକ ଲୋକ ଅନୁଭବ କରିବେ, 'ଆମ ଗାଁରେ ଆମେ ସରକାର, ଦିଲ୍ଲୀରେ ଆମ ସରକାର'। ଏହି ସ୍ୱାଧୀନତାରେ ରାଷ୍ଟ୍ରମୁଖ୍ୟଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ପ୍ରତିନିଧି, ପର୍ଯ୍ୟନ୍ତ ସବୁ ପାହ୍ୟାର ବେତନଭୋଗୀ କର୍ମଚାରୀ ଓ ଲୋକସେବକମାନେ ରାଷ୍ଟ୍ର, ରାଜ୍ୟ ବା ସେମାନଙ୍କର ଇଲାକାର ମାଲିକ ନୁହନ୍ତି, ଜନସାଧାରଣଙ୍କ ସେବକ ବୋଲି ଅନୁଭବ କରିବେ। କାରଣ ସ୍ୱାଧୀନ ଭାରତର ସରକାର ହେବ ଜନସାଧାରଣଙ୍କ ମାଲିକାନାର ଏକ ଟ୍ରଷ୍ଟ ବୋର୍ଡ। ଆଉ ସରକାରର ବିଭିନ୍ନ ସ୍ଥାନରେ ନିୟୋଜିତ ଲୋକ ପ୍ରତିନିଧି ଓ କର୍ମଚାରୀମାନେ ମାଲିକ ନୁହେଁ, ଟ୍ରଷ୍ଟୀ ଭାବେ ସେମାନଙ୍କ କର୍ତ୍ତବ୍ୟ ସତ୍ୟ, ଅହିଂସା ଆଧାରରେ ସମାପନ କରିବେ। ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ଫରକ ନଥିବ। ସତ୍ ଚିନ୍ତା, ସତ୍ କର୍ମ ଓ ସତ୍ୟ ବଚନକୁ ଆଧାର କରି ହିଁ ଦେଶକୁ ସଫଳତାର ଶୀର୍ଷକୁ ନିଆଯାଇ ପାରିବ।

ସ୍ୱରାଜ୍ୟରେ ସାଧାରଣ ଲୋକଙ୍କ ହାତରେ ଶାସନର ଡୋରି ରହିବ ଏବଂ ସାର୍ବଭୌମତ୍ୱ, ପ୍ରତିରକ୍ଷା, ଆଇନ, ଆର୍ଥିକ ବ୍ୟବସ୍ଥା, ଆମଦାନୀ ଓ ରପ୍ତାନୀ ଆଦି ଉପରେ ରାଷ୍ଟ୍ରର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଖାଦ୍ୟ, ବସ୍ତ୍ର ଓ ବାସଗୃହର ସମସ୍ୟା ନଥିବ। ନିଜ ଇଚ୍ଛା ବିରୁଦ୍ଧରେ ଜଣେ ହେଲେ ବି କେହି ଫୁଙ୍ଗୁଳା କିମ୍ବା ଭୋକିଲା ରହିବେ ନାହିଁ। ସ୍ୱାଧୀନ ଭାରତର ଲୋକେ ଏଭଳି ସୁରୁଚି ସମ୍ପନ୍ନ ହେବେ ଏବଂ ଏଠାକାର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ଉନ୍ନତ ହେବ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ। ସ୍ୱରାଜ ହେବ ସର୍ବଧର୍ମ ସମନ୍ୱୟର ମଞ୍ଚ, ଏଠାରେ ଅସ୍ପୃଶ୍ୟତା ବୋଲି କିଛି ରହିବ ନାହିଁ। ପ୍ରତ୍ୟେକ ଗାଁ ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହେବ। ଧନୀ ଦରିଦ୍ର୍ୟର ଶୋଷଣ ନଥିବ। ସ୍ୱାଧୀନ ଦେଶରେ ନିଶା ସମ୍ପୂର୍ଣ୍ଣ ଭାବେ ନିବାରିତ ହେବ। ନାରୀ ଓ ପୁରୁଷ ମଧ୍ୟରେ ସମାନ ଅଧିକାର ରହିବ। ପ୍ରତ୍ୟେକ ଲୋକଙ୍କ ପାଇଁ କାମ ଥିବ। ଦେଶର ସର୍ବୋଚ୍ଚ କର୍ତ୍ତା ଓ ସର୍ବନିମ୍ନ କର୍ମଚାରୀଙ୍କ ରୋଜଗାରରେ ଆକାଶ ପାତାଳ ଫରକ ରହିବ ନାହିଁ। ସବୁ ନାଗରିକ ଆଇନ୍ ମାନି ଚଳିବେ। ଦେଶର ୭ ଲକ୍ଷ ଗାଁ ହେବ ୭ ଲକ୍ଷ ରିପ୍ଲବିକ୍। ଭାରତର ଆତ୍ମା ଗାଁରେ ରହିଛି, ସହରର ଚକଚକ୍ୟରେ ନୁହେଁ। ସ୍ୱରାଜରେ ଗାଁଗୁଡ଼ିକ ଏଭଳି ସ୍ୱାବଲମ୍ବୀ ହେବେ ଯେ ସେମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ନିଜ ଗାଁରେ ନିଜେ ଉତ୍ପାଦନ କରିବା ସହ ପଡ଼ୋଶୀ ଗାଁକୁ ଆବଶ୍ୟକ ସ୍ଥଳେ ସହାୟତା ଦେବେ। ମାଲି ମକଦ୍ଦମାରେ ନ ମାତି ମନୋମାଳିନ୍ୟ ଓ ବାଦବିବାଦ ଗାଁ ସ୍ତରରେ ହିଁ ତୁଟିବ। ଯଦି ସ୍ୱାଧୀନ ଭାରତରେ ଲୋକେ ଖାଇବାକୁ ନ ପାଇ ହା ଅନ୍ନ ଚିତ୍କାର କରିବେ, ଚିକିତ୍ସା ନ ପାଇ ମରିବେ, ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ, ପ୍ରତି ସବଳ ହାତକୁ କାମ ମିଳିବ ନାହିଁ, ଲୋକମାନଙ୍କ ଧନ ଜୀବନ ବିପନ୍ନ ହେବ, ମହିଳାମାନେ ସ୍ନେହ ସମ୍ମାନ ପାଇବା ପରିବର୍ତ୍ତେ ନିର୍ଯାତିତା ହେବେ ତା' ହେଲେ ସାଧାରଣ ଲୋକଙ୍କ ପାଇଁ ସ୍ୱାଧୀନତାର ଅର୍ଥ ମୂଲ୍ୟହୀନ ହେବ।

କେତେକ ଆଶଙ୍କାବ୍ୟକ୍ତ କରନ୍ତି ଯେ ଭାରତୀୟ ସ୍ୱରାଜ ମୁଖ୍ୟତଃ ହିନ୍ଦୁ ସମ୍ପ୍ରଦାୟ ଦ୍ୱାରା ଶାସିତ ହେବ। ଏହି ଉକ୍ତି ଠାରୁ ଦୁନିଆରେ ଆଉ ବଡ଼ ଭୁଲ୍ କିଛି ନାହିଁ ବୋଲି ମୁଁ ବିଚାର କରେ। ଯଦି ଏଭଳି ହୁଏ ତା' ହେଲେ ଏହାକୁ ମୁଁ ସ୍ୱରାଜ ଭାବେ ଗ୍ରହଣ କରିପାରିବି ନାହିଁ। ବରଂ ମୋର ସମସ୍ତ ଶକ୍ତି ଖଟାଇ ଏହାର ବିରୋଧ କରିବି। କାରଣ ସ୍ୱରାଜ ପରିଚାଳନାରେ ସମସ୍ତଙ୍କର ସମାନ ଅଧିକାର ରହିବ। ସତ୍ୟ ଓ ନ୍ୟାୟର ରାଜତ୍ୱ ହିଁ ଏଠାରେ ସ୍ୱୀକାର୍ଯ୍ୟ। ତେଣୁ ସବୁ ସମ୍ପ୍ରଦାୟ, ଧର୍ମ, ଜାତି ଆଦି ପାଇଁ ସ୍ୱରାଜ ପରିଚାଳନା ଦ୍ୱାର ସଦାସର୍ବଦା ଖୋଲା। ସତ୍ୟ ଓ ଅହିଂସା ସ୍ୱରାଜର ଜାଗ୍ରତ ପ୍ରହରୀ। ଦରିଦ୍ରତମ ଲୋକମାନେ ପୂର୍ଣ୍ଣ ପ୍ରାଣରେ ସ୍ୱରାଜର ସୁବିଧା ସୁଯୋଗ ଅନୁଭବ କରି ଉପରକୁ ଉଠିବେ। ନହେଲେ ଏହାକୁ ପୂର୍ଣ୍ଣ ସ୍ୱରାଜ କୁହାଯାଇପାରିବ ନାହିଁ, ଅର୍ଥାତ୍ ଆମେ ଯେଉଁ ରାମ ରାଜ୍ୟର ସ୍ୱପ୍ନ ଦେଖୁଚେ ତାହା ବିଫଳ ହୋଇଯିବ।

### ଗାନ୍ଧୀ ବିଚାର

ସ୍ୱରାଜକୁ ଯେଉଁମାନେ ପରିପୁଷ୍ଟ କରିବେ ସେମାନେ ଅନ୍ତତଃପକ୍ଷେ ୭ଟି ସାମାଜିକ ପାପ ଠାରୁ ଦୂରେଇ ରହିବେ। ଏହି ପାପଗୁଡ଼ିକ ହେଲା- 'ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା'। ସ୍ୱରାଜକୁ ବଳିଷ୍ଠ କରିବା ପାଇଁ ରଚନାତ୍ମକ କାର୍ଯ୍ୟକ୍ରମର ସର୍ବଜନୀନ ପ୍ରୟୋଗ ଆବଶ୍ୟକ। ଏହି ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକ ଭିତରେ ନିଶା ନିବାରଣ, ଖଦି ଓ ଗ୍ରାମୋଦ୍ୟୋଗ, ସାମ୍ପ୍ରଦାୟିକ ସଦ୍‌ଭାବ, ଅସ୍ପୃଶ୍ୟତା ନିବାରଣ, ଗ୍ରାମ ସଫେଇ, ମୌଳିକ ଓ ପ୍ରୌଢ଼ ଶିକ୍ଷା ତଥା ନିରକ୍ଷରତା ଦୂରୀକରଣ, ଆଦିବାସୀ ଓ ହରିଜନଙ୍କ ସେବା, କୁଷ୍ଠ ରୋଗୀଙ୍କ ସେବା, ନାରୀ ଜାତିର ଉତ୍‌ଥାନ, କୃଷି ଓ କୃଷକର ବିକାଶ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ବିଜ୍ଞାନ, ଆର୍ଥିକ ସମତା, ସମସ୍ତ ଛାତ୍ରଙ୍କ କଲ୍ୟାଣ, ଶ୍ରମିକମାନଙ୍କର ଉନ୍ନତି ଏବଂ ପ୍ରାଦେଶିକ ଭାଷାର ସମୃଦ୍ଧି ସହିତ ରାଷ୍ଟ୍ର ଭାଷାର ପ୍ରଚାର, ପ୍ରସାର ଅନ୍ୟତମ।

ମୁଁ ଭାରତର ଏକଛତ୍ରବାଦୀ ଶାସକ ହୋଇଥିଲେ ଦେଶ ସୁଧାରିବା ପାଇଁ ପ୍ରଥମେ କେଉଁ କାମ ହାତକୁ ନିଅନ୍ତି ବୋଲି କେହି କେହି ପଚାରନ୍ତି। ଯଦି ଦିନକ ପାଇଁ ଏ ସୁଯୋଗ ମୋ ହାତରେ ଥାଆନ୍ତା ତେବେ ବିନା ନୋଟିସ୍‌ରେ ସାରା ଦେଶର ସବୁ ମଦ ଦୋକାନକୁ ମୁଁ ଆଗେ ବନ୍ଦ କରିଦିଅନ୍ତି। କାରଣ ମଦ ହେଉଛି ସବୁ ଦୁଷ୍କୃତିର ଜନନୀ। ଚୋରି ଓ ବେଶ୍ୟାବୃତି ଠାରୁ ମଦ୍ୟପାନକୁ ମୁଁ ଅଧିକ ପାପ ବୋଲି ମଣେ। ନିଶା ଔଷଧ ଓ ମଦ ହେଉଛନ୍ତି ସୈତାନର ଦୁଇଟି ହାତ। ଦାରିଦ୍ର୍ୟ, ଦୁର୍ଘଟଣା, ହିଂସା, ଅପରାଧ, ରୋଗ, ନିରକ୍ଷରତା, ଆଳସ୍ୟ, ନାରୀ ଓ ଶିଶୁ ନିର୍ଯାତନା, ପାରିବାରିକ ଗଣ୍ଡଗୋଳ, ସାମାଜିକ ଓ ଆର୍ଥିକ ଅସନ୍ତୁଳନ ଏବଂ ନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅଧପତନର ଅନ୍ୟତମ କାରଣ ହେଉଛି ନିଶା। ଯାହା ମଣିଷକୁ ଏତେ ତଳର ଅମଣିଷ ସ୍ତରକୁ ଖସାଇ ଦିଏ ଯେ ସେ ନିଜ ମା' ଭଉଣୀଙ୍କ ସହ ବି ଖରାପ ଆଚରଣ କରି ବସେ। ଲୋକଙ୍କ ବିନାଶର ସାଧନ ସେମାନଙ୍କ ହାତ ପାଆନ୍ତାରେ ଜୁଟାଇବା କୌଣସି ଜନମଙ୍ଗଳକାରୀ ସରକାର କିମ୍ବା ସଭ୍ୟ ସମାଜର କାମ ନୁହେଁ। ତେଣୁ ସ୍ୱାଧୀନ ଭାରତରେ ନିଶା ନିବାରିତ ହେବା ସହ ସରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ମଦ ସମେତ ଅନ୍ୟ ନିଶା ବେପାରକୁ ପ୍ରୋତ୍ସାହିତ କରିବେ ନାହିଁ। ଅବକାରୀ ରାଜସ୍ୱକୁ ତ ଆୟର ପନ୍ଥା ଭାବେ ଆଦୌ ଗ୍ରହଣ କରାଯିବ ନାହିଁ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ବିଭାଜନ ସହିତ ଆମେ ଯେଉଁ ସ୍ୱାଧୀନତା ପାଇଛେ ତାହା ଆମ କଳ୍ପିତ ସ୍ୱରାଜର ଏକ ଛୋଟିଆ ଅଂଶ ମାତ୍ର। ଇଂରେଜଙ୍କ ବଦଳରେ ଭାରତୀୟଙ୍କ ହାତରେ କେବଳ ଶାସନର ଡୋରି ରହିଗଲେ ସାଧାରଣ ଲୋକଙ୍କର ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ। ଆର୍ଥିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ସ୍ୱାଧୀନତା ବିନା ଏହି ରାଜନୈତିକ ସ୍ୱାଧୀନତା ଅର୍ଥହୀନ ହୋଇପଡ଼ିବ। ତେଣୁ ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ପରେ ପୁଣି ସଂକଳ୍ପବଦ୍ଧ ହୋଇ ପୂର୍ଣ୍ଣ ସ୍ୱରାଜ ହାସଲ ପାଇଁ ଲୋକେ ସେମାନଙ୍କ ସଂଗ୍ରାମ ଓ ସାଧନା ଜାରି ରଖନ୍ତୁ। ଗୋଟିଏ ରାଷ୍ଟ୍ରର ବିକାଶର ପ୍ରଥମ ପାହାଚ ହେଉଛି ବ୍ୟକ୍ତି। ବ୍ୟକ୍ତି ଜୀବନର ଆର୍ଥିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ବିକାଶର ସାମୂହିକ ପରିପ୍ରକାଶ ଘଟିଲେ ସମାଜରେ ଯେଉଁ ଉତ୍ତାଳ ତରଙ୍ଗ ସୃଷ୍ଟି ହେବ ସେଥିରେ ରାଷ୍ଟ୍ରର ସ୍ୱରୂପ ବଦଳିଯିବ ଏବଂ ସତ୍ୟାଗ୍ରହ ଆନ୍ଦୋଳନରେ ଅହିଂସା ଅସ୍ତ୍ରର ସଫଳ ପ୍ରୟୋଗ କରି ଦେଶବାସୀ ଯେଉଁ ସ୍ୱାଧୀନତା ହାସଲ କରିଛନ୍ତି ତାହା ବିଶ୍ୱରେ ଆଦର୍ଶ ସ୍ଥାନୀୟ ହୋଇପାରିବ। ସତ୍ୟାଗ୍ରହ ହେଉଛି ଏମିତି ଏକ ସକରାତ୍ମକ ଅସ୍ତ୍ର ଯେଉଁଥିରେ ହିଂସା, ଦ୍ୱେଷ, ଘୃଣା, ଭୟ ଓ ପକ୍ଷପାତିତାର ସ୍ଥାନ ନଥାଏ। ସତ୍ୟାଗ୍ରହ ଯୁଦ୍ଧରେ କେହି ବିଜିତ କିମ୍ବା ପରାଜିତ ନଥାନ୍ତି। ଯିଏ ଏହି ଅସ୍ତ୍ର ପ୍ରୟୋଗ କରେ ଏବଂ ଯାହା ଉପରେ ଏହାର ପ୍ରୟୋଗ କରାଯାଏ ସେଥିରେ ଉଭୟଙ୍କର କଲ୍ୟାଣ ହିଁ କଲ୍ୟାଣ ହୁଏ। ସତ୍ୟାଗ୍ରହ/ ଅହିଂସା ଭୀରୁ ଓ କାପୁରୁଷଙ୍କ ଅସ୍ତ୍ର ନୁହେଁ। ସତ୍ୟର ଧାତୁ ଓ ଅହିଂସାର ସାଣଦିଆ ଅସ୍ତ୍ର ହେଉଛି ସତ୍ୟାଗ୍ରହ/ସତ୍ୟ ଓ ଅହିଂସାର ବାଣୀ ମୋର ସୃଷ୍ଟି ନୁହେଁ। ଏହା ପର୍ବତ ଭଳି କେଉଁ ଅନାଦି ଅନନ୍ତ କାଳରୁ ଚାଲି ଆସିଥିବା ଶୁଦ୍ଧ ବିଚାର।

ବ୍ୟବସ୍ଥା ସଭାରେ ଗୃହୀତ ସିଦ୍ଧାନ୍ତ ଆମକୁ ସାମ୍ବିଧାନିକ ସ୍ୱରାଜ ଦେଇପାରେ, କିନ୍ତୁ ଆମ ଦେଶ ଆଗରେ ଥିବା ଅଗଣିତ ସମସ୍ୟାର ଯଦି ଆମେ ସମାଧାନ କରିନପାରୁ ତା' ହେଲେ ସ୍ୱରାଜ କେବଳ ଏକ କଳ୍ପନାର ବିଷୟବସ୍ତୁ ହୋଇ ରହିଯିବ। ମିଥ୍ୟା କହିବା ଓ ଗୁଣ୍ଡାମୀ କରିବା ବ୍ୟକ୍ତି ସ୍ୱାଧୀନତା ବୋଲି କେହି କେହି ଯୁକ୍ତି କରନ୍ତି। କିନ୍ତୁ ଏପରି କରୁଥିବା ବ୍ୟକ୍ତି ନିଜର ଓ ସମାଜର ଗୁରୁତର କ୍ଷତି କରିଥାଏ। ପ୍ରକୃତ ଗଣତନ୍ତ୍ର କିମ୍ବା ସ୍ୱରାଜ ଅସତ୍ ଓ ହିଂସାତ୍ମକ ଉପାୟରେ ଆସେନାହିଁ। ପବିତ୍ର ଅହିଂସା ବଳରେ ପୂର୍ଣ୍ଣ ଓ ବ୍ୟକ୍ତିଗତ ସ୍ୱରାଜ ସମ୍ଭବପର। କର୍ତ୍ତବ୍ୟ ହିଁ ଅଧିକାରର ଜନକ। ତେଣୁ ସ୍ୱରାଜରେ ଲୋକେ ରାଷ୍ଟ୍ର ଠାରୁ କେତେ ପାଇବେ ତାହାର ହିସାବ ନିକାଶ ନ କରି ରାଷ୍ଟ୍ର ପାଇଁ କେତେ କାମ କରିଯିବେ ତାହା ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଅହିଂସାକୁ ଅବଲମ୍ବନ କରି ଗଢ଼ା ଯାଉଥିବା ସ୍ୱରାଜରେ ଅଧିକାରଗତ ଜ୍ଞାନ ପରିବର୍ତ୍ତେ କର୍ତ୍ତବ୍ୟ ଜ୍ଞାନ ରହିବା ଆବଶ୍ୟକ। ଯେଉଁମାନେ ଦେଶ ମାତୃକାର ନିଷ୍କାମ ସେବା କରନ୍ତି, ସେମାନଙ୍କ ନିକଟରେ କର୍ତ୍ତବ୍ୟର ନ୍ୟାୟ ସଂଗତ ଅଧିକାର ସ୍ପଷ୍ଟ ହୋଇଉଠେ ଏବଂ ଏହି ଦେଶସେବୀମାନେ ନେବା ପରିବର୍ତ୍ତେ ସେବା ଓ ଭୋଗ ପରିବର୍ତ୍ତେ ତ୍ୟାଗ ଉପରେ ଅଧିକ ଧ୍ୟାନ ଦେଇଥାନ୍ତି। ସେମାନଙ୍କ ପାଇଁ ବାସ୍ତବରେ ସତ୍ୟ ହିଁ ଈଶ୍ୱର ଓ କର୍ମ ହିଁ ଉପାସନା। ବିନା ଶ୍ରମରେ ଖାଦ୍ୟ ଗ୍ରହଣ କରିବା ଓ ଆବଶ୍ୟକତା ଠାରୁ ଅଧିକ ସମ୍ବଳ ଓ ସାମଗ୍ରୀ ରଖିବା ତ ଚୋରି ସହ ସମାନ। ମନେ ରଖିବାକୁ ହେବ ଯେ ଧରିତ୍ରୀ ମାତା ନିକଟରେ ଯେତେ ସମ୍ପଦ ରହିଛି ତାହା ସମସ୍ତଙ୍କ ଚାହିଦା ମେଣ୍ଟାଇବାକୁ ଯଥେଷ୍ଟ, କିନ୍ତୁ ଅଳ୍ପ କିଛି ଲୋକଙ୍କ ଲୋଭ ମେଣ୍ଟାଇବାକୁ ଏହା ପର୍ଯ୍ୟାପ୍ତ ନୁହେଁ।


ଭାରତବାସୀ ଯେଉଁ ସ୍ୱରାଜ ପାଇଁ ଲଢ଼ିଛନ୍ତି ସେଥିରେ ସେମାନଙ୍କ ସ୍ୱାଭିମାନ ଓ ସ୍ୱାବଲମ୍ବନ ଜଡ଼ିତ। ତେଣୁ ରାଷ୍ଟ୍ରକୁ ସମୃଦ୍ଧ କରିବା ପାଇଁ ସ୍ୱରାଜର ସ୍ୱତନ୍ତ୍ର ବାଣିଜ୍ୟ ନୀତି ରହିବ ଯେଉଁଠି କଞ୍ଚାମାଲ ପରିବର୍ତ୍ତେ ଆମ ଦେଶରେ ତିଆରି ସାମଗ୍ରୀ ଅଧିକ ପରିମାଣରେ ବିଦେଶକୁ ରପ୍ତାନୀ ହେବ ଏବଂ ନିହାତି ଆବଶ୍ୟକ ଥିବା ଜରୁରି ସାମଗ୍ରୀ କେବଳ କମ୍ ପରିମାଣରେ ବିଦେଶରୁ ଆମଦାନୀ କରାଯିବ। ରପ୍ତାନୀ ଅପେକ୍ଷା ଆମଦାନୀ ଅଧିକ ହେଲେ ଦେଶରେ ଶ୍ରମ ସଙ୍କଟ ସୃଷ୍ଟି ହେବା ସହିତ ଆର୍ଥିକ ଓ ଅନ୍ୟାନ୍ୟ ବିଶୃଙ୍ଖଳା ବଢ଼ିବ ଏବଂ ଦେଶ ଋଣଗ୍ରସ୍ତ ହୋଇ ପୁଣି ବିଦେଶୀ ଯନ୍ତାରେ ପଡ଼ିବ। ପାଶ୍ଚାତ୍ୟ ପଦ୍ଧତିର କୌଣସି ବିକଶିତ ପ୍ରାମାଣିକ ଜ୍ଞାନକୁ ଧାର ସୂତ୍ରରେ ଆଣିବା ଲାଗି ମୋର ସାମାନ୍ୟ ଲଜ୍ଜା ନାହିଁ, କିନ୍ତୁ ଏହାକୁ ପ୍ରାପ୍ୟ କଳନ୍ତର ଦେଇ ଆମକୁ ପରିଶୋଧ କରିବାକୁ ପଡ଼ିବ। ସେହିଭଳି ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ସେବା ମନ୍ତ୍ରରେ ଅଭିମନ୍ତ୍ରିତ ହେବା ସହିତ ରାଜକୋଷର ସୁରକ୍ଷା ଓ ରାଷ୍ଟ୍ରର ମଙ୍ଗଳ ପାଇଁ ସେମାନଙ୍କ ସବୁ ଶକ୍ତି ଖଟାଇବା ଆବଶ୍ୟକ। ଯଦି କେତେବେଳେ ସେମାନେ ସଂଶୟରେ ପଡ଼ନ୍ତି ତା' ହେଲେ ନିଜ ଜୀବନରେ କେବେ ଦେଖିଥିବା ଦରିଦ୍ରତମ ଲୋକଟିର ଚେହେରା ମନେପକାନ୍ତୁ ଏବଂ ଭାବନ୍ତୁ ଯେ ସେ ଯେଉଁ କାମଟି କରିବାକୁ ଯାଉଛନ୍ତି ତାହା ଏହି ଦରିଦ୍ରତମ ଲୋକଟିର ଜୀବନ ଓ ଭାଗ୍ୟ ବଦଳାଇବାରେ ସହାୟକ ହେବ କି ନାହିଁ। ସେମାନେ ସବୁବେଳେ ମନେ ରଖିବା ଆବଶ୍ୟକ ଯେ ଏହି ଦରିଦ୍ରତମ ଲୋକର ସେବକ ଭାବେ ସେମାନଙ୍କୁ ପାରିଶ୍ରମିକ ଓ ଭତ୍ତା ମିଳୁଛି। ତେଣୁ ଯେଉଁ ରାଜକୋଷରେ ଏହି ଦରିଦ୍ରତମ ଲୋକର ଯୋଗଦାନ ରହିଛି ତାହାର ନିଷ୍ପାପର ପରିଚାଳନା, ସୁରକ୍ଷା ଓ ସମୃଦ୍ଧି କରିବା ସେମାନଙ୍କର ପରମ କର୍ତ୍ତବ୍ୟ।

ମୁଁ ସେହି ଭାରତ ପାଇଁ କାମ କରୁଛି ଯେଉଁଠି ସର୍ବହରା ଲୋକଙ୍କର ଆତ୍ମବିଶ୍ୱାସ ରହିବ ଯେ ଏହା ହେଉଛି ସେମାନଙ୍କ ଦେଶ, ଯାହାର ଗଠନ ପାଇଁ ସେମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି। ମୋ ସ୍ୱପ୍ନର ସ୍ୱରାଜରେ ଉଚ୍ଚନୀଚ ଭେଦଭାବ ରହିବ ନାହିଁ- ଅର୍ଥାତ୍ ଏଠି ସମସ୍ତଙ୍କର ଜୀବିକା ନିର୍ବାହର ବୈଷମ୍ୟ ଦୂରେଇ ଯିବ, ସାମ୍ପ୍ରଦାୟିକତା ଓ ଅସ୍ପୃଶ୍ୟତା ବୋଲି କିଛି ନଥିବ, ନିଶା ସମ୍ପୂର୍ଣ୍ଣ ନିବାରିତ ହେବ, ମହିଳାମାନେ ପୂର୍ଣ୍ଣ ସ୍ୱାଧୀନତା ପାଇବେ, ଦୁନିଆ ଲୋକଙ୍କ ସହିତ ଆମେ ଶାନ୍ତିରେ ରହିବୁ, ପୀଡ଼କ-ପୀଡ଼ିତ ନଥିବେ, ବିଦେଶୀ ଓ ସ୍ୱଦେଶୀ ମଧ୍ୟରେ ଭିନ୍ନତା ରହିବ ନାହିଁ, ସତ୍‌କାର୍ଯ୍ୟ କରିବାକୁ ଉତ୍ସାହ ମିଳିବ, ଗୋଷ୍ଠୀଗତ ବୈଷମ୍ୟ ଅପସରି ଯିବ। ଏହା ହିଁ ହେବ ମୋ ସ୍ୱପ୍ନର ଭାରତ।

.....

(ପୂର୍ଣ୍ଣ ସ୍ୱରାଜ, ସ୍ୱାଧୀନତାର ସ୍ୱରୂପ ଏବଂ ତାଙ୍କ ସ୍ୱପ୍ନର ଭାରତ ସମ୍ପର୍କରେ ଜାତିର ଜନକ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ସମୟରୁ ଆତତାୟୀର ଗୁଳିଚୋଟରେ ୧୯୪୮ ମସିହା ଜାନୁଆରୀ ୩୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ରଖିଥିବା ବକ୍ତବ୍ୟ ତାଙ୍କ ସମ୍ପାଦିତ 'ୟଙ୍ଗ୍ ଇଣ୍ଡିଆ', 'ନବ ଜୀବନ' ଓ 'ହରିଜନ' ଏବଂ ଅନ୍ୟାନ୍ୟ ପତ୍ରିକା ଆଦିରେ ବହୁବାର ପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀଙ୍କ ଲିଖିତ ତଥ୍ୟକୁ ଆଧାର କରି ଏହି ଅନୁସୃଜନ।)

# ପୀଡ଼ିତାଙ୍କୁ ନ୍ୟାୟ ସମ୍ପର୍କରେ ....



ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

ବିଭିନ୍ନ କାରଣରୁ ଆମ ଦେଶର ନାରୀ, ପୁରୁଷ, ଶିଶୁ, ଯୁବା, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ଶାରୀରିକ କିମ୍ବା ମାନସିକ ସ୍ତରରେ ନିର୍ଯାତନା ପାଇ ନିଜକୁ ଅସହାୟ ମଣୁଛନ୍ତି। ଆମ ସମାଜ କିମ୍ବା ଶାସନ ଯଥା ସମୟରେ ସେତିକି ସୁରକ୍ଷା ପାଇଁ ସାମର୍ଥ୍ୟ ଦେଖାଇ ପାରୁନଥିବା ପରିଲକ୍ଷିତ ହେଉଛି। ଭାରତର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏଭଳି ସମସ୍ୟା ଦେଖାଯାଉଛି। କେଉଁଠି ଯୌତୁକ ଜନିତ ନିର୍ଯାତନା, ଶାଶୂ ନଣନ୍ଦଙ୍କର ବଧୂ ନିର୍ଯାତନା ତ, କେଉଁଠି ବୃଦ୍ଧ ପିତାମାତାଙ୍କ ଉପରେ ପୁତ୍ର-ପୁତ୍ରବଧୂଙ୍କ ଅକଥନୀୟ ତାଡନା, ପୁଣି କେଉଁଠି ତରୁଣ/ଯୁବା ବୟସରେ ପ୍ରେମୀ ଯୁଗଳଙ୍କ ମଧ୍ୟରେ ବ୍ଲାକ୍‌ମେଲିଂ ତ, ଏକ ତରଫା ପ୍ରେମ ବ୍ୟାପାରରେ ଅସଦାଚରଣ, ଏପରିକି ଅନେକ ସ୍ଥଳରେ ଅନିଚ୍ଛାକୃତ ଭାବେ ଲମ୍ପଟ ବ୍ୟଭିଚାର ଜନିତ ଯୌନ-ନିର୍ଯାତନା ସାଙ୍ଗକୁ କେଉଁଠି ଧନ ସଂପତ୍ତି ଲୁଣ୍ଠନ ପ୍ରକ୍ରିୟାରେ ମଧ୍ୟ ଅତ୍ୟନ୍ତ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଆଜିର ବହୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟି ଯାଇଛି।

ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପ୍ରକାର ତାଡନା ଅଥବା ନିର୍ଯାତନା ସମାଜ ଜୀବନକୁ ଅତ୍ୟନ୍ତ ଦୁର୍ବିସହ କରି ଦେଇଛି। ବିଶେଷ କରି ସମାଜରେ ନାରୀ ଏବଂ ଶିଶୁ ତଥା ବୟସ୍କମାନଙ୍କ ଦୈନନ୍ଦିନ ଜୀବନ ଉପରେ ଏପରି ପୀଡ଼ାର ପ୍ରଭାବ କେବଳ ସେମାନଙ୍କୁ ନୁହେଁ, ବରଂ ସମାଜ ଜୀବନକୁ ବହୁ ଭାବରେ ଆକ୍ରାନ୍ତ କରୁଛି।

ଆମ ରାଜ୍ୟ ଓଡ଼ିଶାରେ ବିଗତ ଅନ୍ୟୁନ ଚାରି ଦଶନ୍ଧି ଧରି ସଂଘଟିତ ହୋଇଥିବା ପ୍ରସଙ୍ଗ ମଧ୍ୟରୁ ତତ୍କାଳୀନ ଚର୍ଚ୍ଚିତ ପ୍ରସଙ୍ଗ 'ଛବିରାଣୀ ହତ୍ୟାକାଣ୍ଡ' ଠାରୁ ଆରମ୍ଭ କରି ସଂପ୍ରତି ସଦ୍ୟ ସ୍ୱର୍ଣ୍ଣକାତର ପ୍ରସଙ୍ଗ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ, ଗୋଟିଏ ବିଶେଷ ଉପଲବ୍ଧି ହୃଦୟକୁ ଆନ୍ଦୋଳିତ କରେ କି, ପୀଡ଼ିତାଙ୍କୁ ନ୍ୟାୟ କ'ଣ, କେତେ ପରିମାଣ, କିଏ ଦେବ ଓ କିପରି ଦିଆଯିବ ?

ଏ ସମ୍ପର୍କରେ ବିବିଧ ସମୀକ୍ଷା, ଆଲୋଚନା, ବିତର୍କ, ଦାବି, ହରତାଳ, ଦଙ୍ଗା ହଙ୍ଗାମା, ଆରୋପ, ପ୍ରତ୍ୟାରୋପ ଏବଂ ତଦନ୍ତ, ଅନୁଶୀଳନ, ବିଚାର ପ୍ରକ୍ରିୟା ବଳରେ ଏମିତିକା ସାମାଜିକ ସ୍ଖଳନକୁ ଏପର୍ଯ୍ୟନ୍ତ ରୋକାଯାଇ ପାରିଛି କି ? ବରଂ ଜଘନ୍ୟ ଅପରାଧ ମୁଣ୍ଡ ଟେକିଛି। ବର୍ବର ଅମାନୁଷିକ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଦରଦୀ ସମବେଦନା ପରିବର୍ତ୍ତେ ରାଜନୈତିକ ଅଙ୍କକଷାର ପରିବେଶ ସୃଷ୍ଟି କରାଯାଉଛି। ବିଚିତ୍ର ଏ ବ୍ୟବସ୍ଥାର ଧାରା !!

ସଦ୍ୟ ସଂଘଟିତ ବହୁ ଚର୍ଚ୍ଚିତ ପୀଡ଼ିତା ପ୍ରସଙ୍ଗଟି ସାରା ରାଜ୍ୟକୁ ସ୍ତମ୍ଭିଭୂତ କରିଦେଇଛି। ପୁଣି ଏହା ଦେଶର କୋଣ ଅନୁକୋଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାକ୍ରମରେ ପୀଡ଼ିତାଙ୍କ ବୟାନକୁ ଆଧାର କରି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସମ୍ବେଦନଶୀଳ ପ୍ରସଙ୍ଗକୁ ବିଭିନ୍ନ ମହଲରେ ଏଭଳି ଚର୍ଚ୍ଚା କରାଯାଉଛି ଯେ, ତହିଁର ନିର୍ଦ୍ଦିଷ୍ଟ ନିଷ୍କର୍ଷ ମିଳିବା ପ୍ରାୟତଃ 'ଫ୍ୟାକ୍ଟ ଇଜ୍ ଟୁ ହାଭିଂ ନୋ କ୍ଲୁ' ସଦୃଶ ପ୍ରସ୍ତୁତିକୁ ଇଙ୍ଗିତ କରୁଛି କି ?

ସଂକ୍ଷିପ୍ତରେ ପ୍ରସଙ୍ଗଟିକୁ ନିମ୍ନମତେ ଅନୁଧ୍ୟାନ କରାଯାଇ ପାରେ। ପୀଡ଼ିତା ସଂପୃକ୍ତ ଶିକ୍ଷାନୁଷ୍ଠାନରେ ଦୁଇବର୍ଷ ଧରି ଅଧ୍ୟୟନ କରୁଥିଲେ। ମେଧା ଓ ନେତୃତ୍ୱ ଦକ୍ଷତା ଥିଲା। ଏକ ଛାତ୍ର ସଂଗଠନ ସହିତ ସକ୍ରିୟ ସଂପୃକ୍ତି ତାଙ୍କୁ ଚର୍ଚ୍ଚା ପରିସରକୁ ଟାଣିଥିଲା। ବୟାନ ଅନୁସାରେ ଅଭିଯୁକ୍ତ ଅଧ୍ୟାପକ ଜଣକ ଏହି ସାଂଗଠନିକ କାର୍ଯ୍ୟକଳାପକୁ ଆଳ କରି ତାଙ୍କ ପ୍ରତି ଅନୈତିକ ଆଚରଣ ପ୍ରଦର୍ଶନ କରିଥିଲେ। ପୁଣି କୁହାଯାଉଛି କି, ମାନସିକ ହେଉ କି, ଶାରିରିକ ଭାବେ ସେ ଯୌନ ଶୋଷଣର ଶିକାର ହୋଇଥିଲେ। ଏପରିକି, ପ୍ରକାରାନ୍ତରେ ତାଙ୍କୁ ଅଧ୍ୟୟନ ପ୍ରବୃତ୍ତି କ୍ଷେତ୍ରରେ ପ୍ରତିହତ କରାଯିବା, ସାମାଜିକ ସ୍ତରରେ ଅପନିନ୍ଦିତ କରାଯିବା ଭଳି ଧମକପୂର୍ଣ୍ଣ ସମ୍ଭାଷଣ ସହିତ ବାରମ୍ବାର ମାନସିକ ଯୌନ ନିର୍ଯାତନା ଯୋଗୁଁ ଅତିଷ୍ଠ ହୋଇ ପଡ଼ିଥିଲେ। ଅଗ୍ରଣୀ ଆଭିମୁଖ୍ୟ ଥିବା ତାରୁଣ୍ୟ ତାଙ୍କୁ ଦ୍ୱିବିଧାରେ ପକାଇଥିଲା। ପାରିବାରିକ ପରିବେଶ ସନ୍ତୁଳନ ରକ୍ଷା ଏବଂ ବିଦ୍ୟା ଅଧ୍ୟୟନର ଏକାନ୍ତ ଅଭିଳାଷ ହୁଏତ, ପିତାମାତା କିମ୍ବା ଅଭିଭାବକଙ୍କ ସମ୍ମୁଖରେ ନିର୍ବିଘ୍ନରେ ପ୍ରଖ୍ୟାପନ କରିବାକୁ ସଙ୍କୋଚ ଲାଗିଥିଲା ତାଙ୍କୁ। ହେଲେ ପ୍ରତ୍ୟୁତ୍ପନ୍ନମତି ମେଧାବୀ ଛାତ୍ରୀ ଜଣକ ମନର ପୀଡ଼ାକୁ କେତେଦିନ ଅବଦମିତ କରି ରଖି ପାରିଥାନ୍ତେ ?

ଆଶା – ଆଶଙ୍କାର ଯୁଗପତ୍ ଆନ୍ଦୋଳନ ଭିତରେ ପୀଡ଼ିତା ଛାତ୍ରୀର ସଂଗ୍ରାମୀ ଚେତନା ଜାଗି ଉଠିଲା। ନିଜପାଇଁ ନ୍ୟାୟ ଭିକ୍ଷା, ନାରୀ ସୁରକ୍ଷା, ଆଶ୍ୱାସନା ଏବଂ ଅଭିଯୁକ୍ତକୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ, ପ୍ରଶାସନ, ସରକାର ତଥା ପ୍ରମୁଖ ରାଜନୈତିକ ନେତୃବୃନ୍ଦ, ସାମାଜିକ ଗଣମାଧ୍ୟମ ଆଦିଙ୍କୁ ଅବଗତ କରିଥିଲେ ସେ। ସେହିସବୁ ଆବେଦନ ବ୍ୟର୍ଥ ହେଲା ଆଉ ଉଙ୍କୁରୀ ଉଠୁଥିବା ଆଶା ଅଚିରେ ମଉଳି ଗଲା। କେହି କର୍ଣ୍ଣପାତ କଲେ ନାହିଁ କି, ହେୟଜ୍ଞାନ କରି ନୈତିକ ମୂଲ୍ୟବୋଧକୁ ହେଜିଲେ ନାହିଁ। ସମ୍ଭାବନାମୟ ଭବିଷ୍ୟତର ସ୍ୱପ୍ନ ଉଜୁଡ଼ି ଯିବାର ଭୟ ଆଉ ଆଶଙ୍କିତ ସାମାଜିକ ପାରିପାର୍ଶ୍ୱିକ ଉତ୍ପୀଡନକୁ ଏକାକୀ ସାମ୍ନା କରିବାର ସାମର୍ଥ୍ୟ ହରାଇ ପୀଡ଼ିତା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇ ଥାଇପାରନ୍ତି।

ଏହି ପରିପ୍ରେକ୍ଷୀରେ ପର୍ଯ୍ୟାଲୋଚାନା କଲାବେଳେ, କେହି କେହି ସ୍ଥାନ, କାଳ ଓ ପାତ୍ର ଆଧାରରେ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ଲଗାଉଛନ୍ତି। ଯେଉଁଠାରେ ଏହି ଦୁର୍ଘଟଣା ଘଟିଲା, ଯେଉଁ ସମୟରେ ଏବଂ ଯେଉଁମାନଙ୍କ ଉପସ୍ଥିତି ଏହାର ପ୍ରତ୍ୟକ୍ଷ ପ୍ରମାଣ, ତାହା ସିସି ଟିଭି ଫୁଟେଜରୁ ମିଳିବା କଥା। ତାହା ଯାଞ୍ଚ କରାଯାଇ ଏବେ ସୁଦ୍ଧା ସାର୍ବଜନୀନ ହୋଇନାହିଁ କାହିଁକି ? ଅପରପକ୍ଷରେ ଯେଉଁ ଛାତ୍ର ସଂଗଠନ ସହିତ ପୀଡ଼ିତା ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ, ତହିଁର କର୍ମକର୍ତ୍ତା, ସତୀର୍ଥ ସହଯୋଗୀ ତଥା ବିଦ୍ୟାର୍ଥୀ ସାଥୀ ସହଚରୀମାନଙ୍କ ଭୂମିକା କ'ଣ ଥିଲା। ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ସେମାନଙ୍କ ମଧ୍ୟରୁ କେହି ଅବଗତ ଥିଲେ କି ନାହିଁ ? ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ନେବାକୁ କର୍ତ୍ତୃପକ୍ଷ କୁଣ୍ଠା ପ୍ରକାଶ କରୁଥିବା, ଟାଳଟୁଳ ନୀତି ଅବଲମ୍ବନ କରୁଥିବା, ଅଭିଯୁକ୍ତ ଅଧ୍ୟାପକଙ୍କ ପତିଆରାକୁ ପ୍ରମାଣିତ କରୁନାହିଁ କି ? ତଦୋପରି ପୀଡ଼ିତାଙ୍କ ଅଭିଯୋଗ ଦ୍ୱାରା ସଂପୃକ୍ତ ଅନୁଷ୍ଠାନର ସମ୍ମାନ କ୍ଷୁର୍ଣ୍ଣ ହେବାର ଦ୍ୱାହି ଦେବା ନ୍ୟାୟିକ ପ୍ରକ୍ରିୟାରେ ଅନ୍ତରାୟ ନୁହେଁ କି ?

ଯେଉଁମାନଙ୍କ ହସ୍ତକ୍ଷେପରେ ଘଟଣାର ସମାଧାନ ହୋଇ ପାରିଥାନ୍ତା କିମ୍ବା ଏଭଳି ଅଘଟଣ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା, ସେମାନେ ଜାଣି ନଜାଣିଲା ପରି ଆଉ ସବୁ ଶୁଣି ନଶୁଣିଲା ପରି ଅବହେଳା ପ୍ରଦର୍ଶନ କରିବା ହେତୁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ଏବଂ ତାଙ୍କ ଆକସ୍ମିକ ଆତ୍ମହତ୍ୟା ଜନିତ ମୃତ୍ୟୁ ପାଇଁ ଅଭିଯୁକ୍ତଙ୍କ ସମେତ ଏଇମାନେ ହିଁ ମୁଖ୍ୟତଃ ଦାୟୀ ବୋଲି ବିବେଚନା କରାଯାଉଥିବା ସ୍ୱାଭାବିକ। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପିଢ଼ିର ଜଣେ ମେଧାବୀ ଛାତ୍ରୀକୁ ନିର୍ଯାତନା ଦେବା, ତାର ସମ୍ଭାବନାମୟ ସ୍ୱପ୍ନକୁ ଧୂଳିସାତ୍ କରିବା ପାଇଁ ପ୍ରୟାସ ଜାରି ରଖିବା ଏବଂ ସର୍ବୋପରି ତାହା ପ୍ରତି ଲୋଲୁପ ଦୃଷ୍ଟି ନିକ୍ଷେପ କରିବା ଭଳି ଜଘନ୍ୟ ଅପରାଧରେ ଲିପ୍ତ ଅଭିଯୁକ୍ତକୁ ଘଣ୍ଟ ଘୋଡାଇବାକୁ ଏପରି ଅବହେଳା କରାଯାଇ ଥାଇପାରେ ବୋଲି ଅନୁମେୟ। ପରେ କୁମ୍ଭୀର କାନ୍ଦଣା ସ୍ୱରୂପ ପୀଡ଼ିତାର ଅନ୍ତିମ ମୁମୂର୍ଷୁ ଅବସ୍ଥାରେ କେତେ ଛାତ୍ର ସଂଗଠନ, ବିଭିନ୍ନ ରାଜନୈତିକ ଦଳମାନଙ୍କ ଶସ୍ତା ବୟାନ ବାଜି, ଅଯଥା ଅନୁକମ୍ପା, ସରକାରୀ ପ୍ରତିଶ୍ରୁତି, ପ୍ରଶାସନିକ ଧୁମ୍‌ଧଡକ ସବୁ ମିଶି 'ଫମ୍ପା ମାଠିଆର ଶବ୍ଦ' ଭଳି ପ୍ରତୀତ ହେଉଛି। ମୃତ୍ୟୁ ପରେ ପୀଡ଼ିତା ପରିବାରକୁ ଆର୍ଥିକ ସାହାଯ୍ୟ ଘୋଷଣା କରି ସରକାର ଦାୟିତ୍ୱ ସାରି ଦେଇଛନ୍ତି ବୋଲି କହିପାରନ୍ତି। କିନ୍ତୁ, ସତରେ କ'ଣ ନ୍ୟାୟ ପାଇପାରିବ ପୀଡ଼ିତା ? ପ୍ରଶମିତ ହେବକି ତା'ର ଶରୀରର ତୀବ୍ର ଜ୍ୱଳନ ? ପୁଣି ଥରେ ଫେରି ଆସିବ କି ତା'ର ଜୀବନ ? ବଞ୍ଚିବାର ଦୁରନ୍ତ ଅଭିଳାଷ ନେଇ ପରିବାରଜନଙ୍କ ପାଖରେ ଠିଆ ହୋଇପାରିବ ନିର୍ବିଘ୍ନରେ ? ସଗର୍ବରେ ମଥା ଟେକି ଧାଇଁ ଯିବକି ସେ ଆଉଥରେ ତା'ର କଲେଜ୍ କ୍ୟାମ୍ପସକୁ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ?

ଏଇଠାରେ ଗୋଟିଏ କଥା ସ୍ପଷ୍ଟ ଓ ନିର୍ବିବାଦ ଭାବରେ କୁହାଯାଇପାରେ କି ବ୍ୟବସ୍ଥାରେ ପରିବର୍ତ୍ତନ ଦରକାର। ସୁସ୍ଥ ମାନସିକତା, ଶୈକ୍ଷିକ ବାତାବରଣ, ସାମଗ୍ରିକ ସ୍ୱକୀୟ ଦାୟିତ୍ୱବୋଧ, ମାନବୀୟ ବିଚାରଧାରା, ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ନୀତିଗତ ନିଷ୍ପତ୍ତି ଆମ ସମାଜକୁ ବ୍ୟବସ୍ଥିତ କରାଇପାରିବ। ଯେ କୌଣସି ଉତ୍ପୀଡନରୁ ମୁକ୍ତି ଦେଇପାରିବ।



ଛତ୍ରପୁର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଦୁଇ ଦିନ ଧରି ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟ ଗୁରୁ ଡ଼ଃ ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଡିଶୀ ନୃତ୍ୟର ପରମପୁରୁଷ ଗୁରୁ ଦେବ ପ୍ରସାଦ ଦାସଙ୍କ ପୁଣ୍ୟତିଥି ଅବସରରେ ୩୯ ତମ ଶ୍ରଦ୍ଧାଞ୍ଜଳି ସମାରୋହ ପାଳିତ ହୋଇଯାଇଛି । ଦ୍ୱିତୀୟ ଦିନ ପ୍ରାରମ୍ଭରେ ଛତ୍ରପୁରର ଅଗ୍ରଣୀ ଲୋକକଳା ସମୀର ନୃତ୍ୟ ଅନୁଷ୍ଠାନର ନୃତ୍ୟ ଗୁରୁ ସମୀର କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ଛତ୍ରପୁର ପ୍ରସିଦ୍ଧ କାଠ ପାଦ ଓ ବାଘ ନାଚ ପରିବେଷଣ କରିଥିଲେ । ମଞ୍ଚରେ ସମୀର କୁମାର ବେହେରା, ଗୌତମ ନାୟକ ବାଘନାଚ, ବର୍ଷା ଦାସ, ଆଶା ଦାସ କାଠ ପାଦ ନୃତ୍ୟ, ଅଜିତ କୁମାର ନାୟକ, ସୁଜିତ କୁମାର ନାୟକ ଢାଙ୍କୁ ବାଦ୍ୟ ମଞ୍ଚରେ ପରିବେଷଣ କରି ଅତିଥିମାନଙ୍କ ଦ୍ୱାରା ସମୀର କୁମାର ବେହେରାଙ୍କ ଦ୍ୱାରା ପକ୍ଷରୁ ଗୁରୁ ଦେବ ପ୍ରସାଦ ନୃତ୍ୟ ରନ୍ ଆୱାର୍ଡରେ ସମ୍ମାନିତ ହୋଇଥିବା ସହ ସମସ୍ତ ନୃତ୍ୟଶିଳ୍ପୀ ମାନଙ୍କୁ ପ୍ରଶଂସିତ ସହ ପୁରସ୍କୃତ କରାଯାଇଛି ।

# କୋମାରେ 'ଆମ ପୋଲିସ ଓ ମହିଳା ଶିଶୁ ଡେସ୍କ'

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଟି ୧୫ଟି ପଂଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ଆଇନଶୃଙ୍ଖଳା ପାଇଁ ୩ଟି ଥାନା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ରହିଛି । କିନ୍ତୁ ଆମ ପୋଲିସ ଓ ମହିଳା ଶିଶୁ ଡେସ୍କ କୋମାରେ ଥିବା ଦେଖିବାକୁ ମିଳିଛି । ରାଜ୍ୟ ପୋଲିସ ବିଭାଗ ପୋଲିସକୁ ଗତିଶୀଳ କରିବା ଓ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବା ନେଇ ଆମ ପୋଲିସ ସମିତି ଗଠନ କରାଯାଇଥିଲା । ଏହି ଆମ ପୋଲିସ ସମିତିର ସଦସ୍ୟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥାନା ଅଧିକାରୀଙ୍କୁ ନେଇ ସାଧାରଣ ଲୋକଙ୍କ ଉପସ୍ଥିତିରେ ବୈଠକ କରାଯିବ । ଯାହା ଦ୍ୱାରା କି ପୋଲିସ ତୁରନ୍ତ ଅସାମାଜିକ କାର୍ଯ୍ୟକଳାପ ସୃଷ୍ଟି ହେଲେ ଜାଣି ପାରିବ । ଆମ ପୋଲିସ ବୈଠକ ଦ୍ୱାରା ପୋଲିସ ସାଧାରଣ ଲୋକଙ୍କର ନିକଟତର ହେବା ସହ ଆସ୍ଥା ଭାଜନ ମଧ୍ୟ ହୋଇପାରିବ । ସାଧାରଣ ଲୋକ ପୋଲିସକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ସହ ସୂଚନା ମଧ୍ୟ ଦେଇପାରିବେ । ଯଦ୍ୱାରା କି ପୋଲିସ ଅପରାଧ ନିୟନ୍ତ୍ରଣ କରି ପାରିବ । ଥାନା ଅଞ୍ଚଳରେ କୌଣସି ଗଣ୍ଡଗୋଳ ହେଲେ ପୋଲିସ ତୁରନ୍ତ ଖବର ପାଇପାରିବ ଓ ଖବର ଦେଇଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବ । ଏହାକୁ ଆଧାର କରି ରାଜ୍ୟ ପୋଲିସ ଆମ ପୋଲିସ ସମିତି ଥାନାରେ ଗଠନ କରିବା ପାଇଁ ପରାମର୍ଶ ଦେଲେ । ପରାମର୍ଶ ଅନୁଯାୟୀ ଆମ ପୋଲିସ ଗଠନ କରାଗଲା । କିଛିଦିନ କାର୍ଯ୍ୟକ୍ଷମ ହେବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ବନ୍ଦ ହୋଇଯାଇଥିଲା, ପୂର୍ବର ମାର୍ଚ୍ଚ ୭, ୨୦୨୫ତାରିଖରେ ଅସ୍ତରଙ୍ଗ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ହୋଇଥିଲା । କିନ୍ତୁ ସେହି ବୈଠକ କେବଳ ବାହ୍ୟରେ ଥିଲା, କିନ୍ତୁ ତାହା କାର୍ଯ୍ୟରେ ହେଉନାହିଁ । ନା ଅଛି କଡା ପାଟ୍ରୋଲିଂ ନା ଚୋରା ମଦ ବ୍ୟବସାୟ ରୋକିବା । ପୋଲିସ ନିକଟତର ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଦୂରେଇ ଗଲା । ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଲା ନାହିଁ । ଯାହା ଫଳରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଗ୍ରାମାଞ୍ଚଳଠୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ଘଟିଛି । ଏହାକୁ ନିୟନ୍ତ୍ରଣ କରିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଅସ୍ତରଙ୍ଗ ଥାନା ଅଞ୍ଚଳରେ ବିଭିନ୍ନ ମନ୍ଦିରରୁ ଗୋଟିଏ ପରେ ଗୋଟିଏ ଚୋରି, ଦିନ ଦ୍ୱିପ୍ରହରରେ କଳା ପଲସର, ନାବାଳିକାଙ୍କୁ କଳମୁଖାଧାରୀଙ୍କ ଆକ୍ରମଣ ଯାହା ସାଧାରଣ ଲୋକଙ୍କୁ ଭୟଭୀତ କରିଛି । ସେହିପରି ପ୍ରତ୍ୟେକ ଥାନାରେ ମହିଳା ଶିଶୁ ଡେସ୍କ ଖୋଲାଗଲା । ଏହି ମହିଳା ଶିଶୁ ଡେସ୍କରେ ଜଣେ ପୋଲିସ ଅଧିକାରିଣୀ ଦାୟିତ୍ୱରେ ରହିଲେ । ମହିଳା ଓ ଶିଶୁଙ୍କୁ ଏହି ଅଧିକାରିଣୀ ସାଦା ପୋଷାକ ପରିଧାନ କରି ପଚରାଉଚରା କରିବାର ବ୍ୟବସ୍ଥା ମଧ୍ୟ ସ୍ଥିର କରାଗଲା । ଶିଶୁ ଥାନା ଭିତରକୁ ନ ଯିବା ପାଇଁ ନିୟମ ରହିଲା । ଏଥିପାଇଁ ଥାନାରେ ମହିଳା ଶିଶୁ ଡେସ୍କ ପ୍ରକୋଷ୍ଠ ଖୋଲାଯାଇଥିବା ସହ ଅଧିକାରିଣୀ ନିଯୁକ୍ତି ପାଇଲେ । ଆନୁଷ୍ଠାନିକ ରେଜିଷ୍ଟର ମଧ୍ୟ ଖୋଲାଗଲା । କିନ୍ତୁ ଏହା କାର୍ଯ୍ୟକ୍ଷମ ହେଲା ନାହିଁ । ମହିଳା ଶିଶୁ ଡେସ୍କ ପରିବର୍ତ୍ତେ ଶିଶୁଙ୍କୁ ଥାନାକୁ ଡାକି ମହିଳା ପୋଲିସ ପରିବର୍ତ୍ତେ ପୁରୁଷ ପୋଲିସ ପଚାରିଲେ ଏମିତି କି ମହିଳାଙ୍କୁ ମହିଳା ପୋଲିସ ପରିବର୍ତ୍ତେ ବିଭିନ୍ନ ଘଟଣା ପୁରୁଷ ପୁଲିସ ପଚାରୁଥିବା ନଜିର ରହିଛି । ଏ ସମ୍ପର୍କରେ ପୋଲିସ ଉଚ୍ଚ ଅଧିକାରୀ ଅବଗତ ଅଛନ୍ତି ତ ? କହିବାକୁ ଗଲେ ଆମ ପୋଲିସ ଅନ୍ତର୍ଗତ ଥାନାରେ କିଛି ଦିନ ତଳେ ହୋଇଥିଲା, କିନ୍ତୁ କୌଣସି ପଞ୍ଚାୟତରେ ହୋଇଥିବା ନଜିର ନାହିଁ । କିପରି ଭାବେ ସାଧାରଣ ଲୋକଙ୍କ ସହ ସମ୍ପର୍କ ଯୋଡିବ ପୋଲିସ । ପରିସ୍ଥିତି କେବେ ସୁଧୁରିବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇସାରିଛି । ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ଘଟଣା ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହାର ସଫଳ ରୂପାୟନ ନେଇ କୌଣସି କର୍ମଚାରୀ ଓ ଅଫିସର ନିଯୁକ୍ତି କରୁନାହାନ୍ତି । ଯାହା ଫଳରେ ଯୋଜନା କୋମାରେ ରହିଯାଇଛି । ଏହି ଯୋଜନାକୁ ରାଜ୍ୟ ପୋଲିସ ବିଭାଗ ଗତିଶୀଳ କରିବା ପାଇଁ ଆବଶ୍ୟକ ପୋଲିସ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।




### ଖରସ୍ରୋତା ନଦୀକୁ ଡେଇଁ ଯୁବତୀ ନିଖୋଜ

# ଉଦ୍ଧାର କାର୍ଯ୍ୟରେ ଅବହେଳା, ପ୍ରଶାସନ ଉପରେ ବର୍ଷିଲେ ଲୋକେ



ଆଳି/ବିଞ୍ଝାରପୁର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଗୋବିନ୍ଦପୁରସ୍ଥିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ଗୋବିନ୍ଦପୁର-ସିଂହପୁର ସେତୁ ଉପରୁ ଗୁରୁବାର ପୂର୍ବାହ୍ନ ୧୧ ଟା ସମୟରେ ଜଣେ ଯୁବତୀ ଭରା ନଦୀକୁ ଡେଇଁ ପଡ଼ିଥିବା ସୂଚନା ମିଳିଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଆଳି ଥାନା ଗୋବିନ୍ଦପୁର ପଞ୍ଚାୟତର ମିଶ୍ରସାହିର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ମଧୁସ୍ମିତା(୨୧) ଗୁରୁବାର କମ୍ପ୍ୟୁଟର କ୍ଲାସରୁ ଫେରି ଗୋବିନ୍ଦପୁର ସେତୁ ଉପରେ ପହଞ୍ଚି ଥିଲେ । ହଠାତ କେହି କିଛି ଭାବିବା ପୂର୍ବରୁ ସାଙ୍ଗରେ ନେଇଥିବା ସାଇକେଲକୁ ସେତୁ ଉପରେ ରଖି ଖରସ୍ରୋତା ନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ । ନଦୀରେ ବନ୍ୟା ଯୋଗୁଁ ଭରା ନଦୀ ଏବଂ ନଦୀରେ ପ୍ରବଳ ସ୍ରୋତ ଯୋଗୁଁ ସଙ୍ଗେ ସଙ୍ଗେ ମଧୁସ୍ମିତା ବହୁ ଦୂରକୁ ଭାସି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ ମତବ୍ୟକ୍ତ କରିଛନ୍ତି । ଖବର ଶେଷ ସୁଦ୍ଧା ବିଂଝାରପୁର ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜା ଖୋଜି କରୁଥିବା ସୂଚନା ମିଳିଛି ।

# ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେଇଥିବା ମାଷ୍ଟର ମାଇଣ୍ଡ ଗିରଫ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜଣେ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଯୁବତୀ ଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେବା ଘଟଣାରେ ପୋଲିସ ଏହି ଋବରୀର ମାଷ୍ଟର ମାଇଣ୍ଡକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ପରେ ସଂପୃକ୍ତ ଅଭିଯୁକ୍ତ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ଅନ୍ୟ ଏକ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ରେଙ୍ଗାଲୋ ବସ୍ତିର ତସଲିମା ବେଗମ୍ (୨୫) ନାମକ ଯୁବତୀ ସ୍ୱତନ୍ତ୍ର ମାଇକ୍ରୋ ଫାଇନାନ୍ସ ନିମାପଡ଼ାରେ କାର୍ଯ୍ୟ କରନ୍ତି । ଗତ ତା.୦୪.୦୭.୨୦୨୪ରିଖ ଦିନ ୨.୪୫ମି.ରେ ଡ଼େଣ୍ଡୁଆଁ ପଂଚାୟତ ଛେନୁଆଁ ଗ୍ରାମ ଓ ତା'ର ଆଖପାଖ ଗ୍ରାମରୁ ମହିଳା ଗୋଷ୍ଠୀଙ୍କ ଠାରୁ କିସ୍ତି ଟଙ୍କା ଆଦାୟ କରି ସ୍କୁଟି ଯୋଗେ ଫେରୁଥିବା ବେଳେ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ନିମାପଡ଼ା ଡ଼େଣ୍ଡୁଆଁ ନାଳବନ୍ଧ ରାସ୍ତା ଛେନୁଆଁ ଗ୍ରାମ ଗଡ଼ାରେ ଯୁବତୀଙ୍କୁ ଅଟକାଇ ଭୁଜାଲି ଦେଖାଇ ୧ ଲକ୍ଷ ୪ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ । ଯୁବତୀ ଜଣକ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୦କ୍ଲଚ୍ ୪ ଥାନା କେସ୍ ନଂ-୨୨୫/୨୪ରେ ମାମଲା ରୁଜୁ କରିଥିଲା । ସଂପୃକ୍ତ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଖାଇ ଗୋଲେଇ ଛକ ବିଷ୍ଣୁପୁର ରାସ୍ତାରେ ସଂପୃକ୍ତ ମାଷ୍ଟର ମାଇଣ୍ଡ୍ କୁହାଯାଉଥିବା ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଭେଙ୍କଟରାୟପୁରର ଅଭିଯୁକ୍ତ ଶକ୍ତି ରଂଜନ ବେହେରା (୩୦) ବୁଲୁଥିବା ବେଳେ ନିମାପଡ଼ା ଥାନା ସବ୍-ଇନ୍ସପେକ୍ଟର ଦିଲ୍ଲୀପ କୁମାର ପଣ୍ଡା ଚଢ଼ଉ କରି ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଘଟଣାରେ ଅନ୍ୟ ଅଭିଯୁକ୍ତ କଟକ ଜିଲ୍ଲା ନିଆଳୀ ଥାନା ମଝିଖେଣ୍ଡ ଗ୍ରାମର ଅନୀଲ ସାହୁ (୨୮) ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ହଇଜାରେ ଜଣେ ମୃତ, ସହାୟତାର ହାତ ବଢ଼ାଇଲା ପ୍ରଶାସନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଦୂଷିତ ଜଳ ପିଇ ହଇଜା ବ୍ୟାପିଥିବା ବେଳେ ଝାଡ଼ାବାନ୍ତିରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି । ନିମାପଡ଼ା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ଭାବେ ୧୫ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିବା ବେଳେ ରଚିଲୋ ପଂଚାୟତ ପକ୍ଷରୁ ସରପଞ୍ଚ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ରଚିଲୋ ପଞ୍ଚାୟତ ମେଳକ ସାହିର ଶତ୍ରୁଘ୍ନ ସାହୁ (୫୬) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିଲେ । ଚିକିତ୍ସା ସମୟରେ ଶତ୍ରୁଘ୍ନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମର ଶରୀରକୁ ବିଭିନ୍ନ ଲୋକ ଦେଖିବାକୁ ଆସିଥିବା ବେଳେ ସମାଜ ସେବୀ ଦୁର୍ଯ୍ୟୋଧନ ବେହେରା ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେଇଛନ୍ତି । ନିମାପଡ଼ା ପ୍ରଶାସନ ପକ୍ଷରୁ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ସୁବ୍ରତ ମହାପାତ୍ର ରେଡ଼କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରିଛନ୍ତି । ରଚିଲୋ ପଞ୍ଚାୟତ ସରପଞ୍ଚ ମନସ୍ୱିନୀ ବେହେରା ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଗ୍ରାମ ଶ୍ମଶାନରେ ଶତ୍ରୁଘ୍ନଙ୍କ ଶବ ସଂସ୍କାର କରାଯାଇଛି । ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଦୂଷିତ ଜଳ କାରଣରୁ ଝାଡ଼ାବାନ୍ତି ବ୍ୟାପୁଥିବା ଲୋକମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।

# କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ପ୍ରଥମ ପ୍ରସ୍ତୁତି ବୈଠକ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ସିଂହପୁରସ୍ଥିତ ସାଇ ମଣ୍ଡପରେ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୭ ତାରିଖ ମହାସଂଘର ରୂପରେଖ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର ହୋଇଥିଲା । ମଳୟ କୁମାର ଆଟୋଇ, ବୁଲୁ ଆଟୋଇ, ରାମ ନାରାୟଣ ବଳିଆର ସିଂହ, ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ଆଟୋଇ କଳାକାର ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଦୀପ ଜେନା, ଦେବାଶିଷ ସାମଲ, ପ୍ରମୁଖ ମହାସଂଘ ଗଠନ ସଂପର୍କରେ ମତାମତ ଦେଇଥିଲେ । ଶେଷରେ ମଳୟ ଆଟୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହିଳା ଫାଇନାନ୍ସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଦେମାଳ ପଞ୍ଚାୟତ ଲୋକାପଡା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଲୋକାପଡା ଅଞ୍ଚଳରେ ଘରଭଡା ନେଇ ରହୁଥିବା ଜଣେ ଯୁବତୀ ଫ୍ୟାନରେ ରଶି ଲଗେଇ ମୃତ୍ୟୁ ବରଣ କରିଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ରଶ୍ମିତା ଜେନା (୨୨) ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ଜଣେ ଯୁବତୀ କିଛିଦିନ ହେବ ଆଳି ଥାନା ଲୋକାପଡା ଗ୍ରାମରେ ତାଙ୍କର ଅନ୍ୟ ଜଣେ ସହଯୋଗୀ ମହିଳାଙ୍କ ସହ ଭଡା ନେଇ ବସବାସ କରୁଥିଲେ । ଦୁହେଁ ଏକ ବେସରକାରୀ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରିଆସୁଥିଲେ । କିନ୍ତୁ ରଶ୍ମିତାଙ୍କ ସହଯୋଗୀଙ୍କ କହିବା ଅନୁସାରେ ଦୁଇଦିନ ହେବ ସେ ମାନସ୍ତାପ ଦେଇ ଗତି କରିବା ସହ ଖାଦ୍ୟ ମଧ୍ୟ ଖାଇନଥିଲେ । ଗତକାଲି ମଧ୍ୟାହ୍ନ ଭୋଜନ ପରେ ସେ ଆଉ ଅଫିସ ଯାଇନଥିବା ବେଳେ ଛୁଟି ନେଇ ଭଡା ଘରେ ଥିଲେ । ତାଙ୍କ ସହଯୋଗୀ କାର୍ଯ୍ୟ ସାରି ଗତକାଲି ସନ୍ଧ୍ୟା ପ୍ରାୟ ୯.୩୦ରେ ଭଡା ଘର ପାଖରେ ପହଞ୍ଚି ଦେଖନ୍ତି ତ ଭିତର ପଟୁ କବାଟ ବନ୍ଦ ଅଛି । ସେ ଜୋରରେ କବାଟ ବାଡେଇବାରୁ ଘର ମାଲିକ ଆସି ସ୍ଥାନୀୟ ଯୁବକଙ୍କ ସାହାଯ୍ୟରେ ସ୍କାଇଲାଇଟ ବାଟେ ରଶ୍ମିତାଙ୍କୁ ଫ୍ୟାନରେ ଝୁଲିବାର ଦେଖିଥିଲେ । ସଙ୍ଗେ ସଙ୍ଗେ ଆଳି ଥାନାକୁ ଖବର ଦେବା ମାତ୍ରେ ଆଳି ପୋଲିସର ଏକ ଟିମ ଘଟଣା ସ୍ଥଳରେ ସ୍ଥିତି ପରଖି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହି ଘଟଣା ଆଳି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ ।

# ୨୬ ଗାଡି ଜବତ, ୨ ଆନ୍ତଃରାଜ୍ୟ ଡକାୟତ କୋର୍ଟଚାଲାଣ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପୋଲିସ ଏକ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ଏହି ର୍ୟାକେଟର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୧୬ଟି ବୋଲେରୋ, ୭ଟି ପିକଅପ ଭ୍ୟାନ, ଗୋଟିଏ ସ୍କୋର୍ପିଓ, ଗୋଟିଏ ଟାଟା ଏସିଇ ଓ ଗୋଟିଏ ମିନିଟ୍ରକକୁ ମିଶାଇ ମୋଟ ୨୬ଟି ଗାଡି ଜବତ କରାଯାଇଛି । କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ବୁଦବାର ଅପରାହ୍ନରେ ଜିଲ୍ଲଶ ପୋଲିସ ମୁଖ୍ୟାଳୟରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଗତ ଜୁନ ମାସ ୨ତାରିଖ ଦିନ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଥରପଡା ଗ୍ରାମର ବଳରାମ ବେହେରା ସୂଚନା ଦେଇଥିଲେ କି ପୂର୍ବରୁ ଚୋରି ହୋଇଥିବା ତାଙ୍କ ବୋଲେରୋ ଗାଡି ଓଡି-୦୫ ଏମ ୦୬୨୭ କିଛି ଅଜଣା ବ୍ୟକ୍ତି ତାଙ୍କ ଘର ସମ୍ମୁଖରେ ରଖି ଚାଲିଯାଇଛନ୍ତି । ବଳରାମଙ୍କ ଘର ସମ୍ମୁଖରେ ଥିବା ସିସିଟିଭି ଫୁଟେଜ ଆଧାରରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଛାନଭିନ କରି ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମର ସେକ ଓ୍ୱାଜିଦ(୨୩ ବର୍ଷ) ଓ ଝାଡଖଣ୍ଡର ମୂଳ ବାସିନ୍ଦା ତଥା ରାଇରଙ୍ଗପୁର ମୃଷାବଣୀର ଅଧିବାସୀ ଜୟୀ ସିତ(୨୩ ବର୍ଷ)କୁ ଗିରଫ କରି ସେମାନଙ୍କ ନିକଟରୁ ଏହି ୨୬ ଗାଡି ଜବତ କରିଥିଲେ । କେନ୍ଦୁଝର ଏସପି ସୂଚନା ଦେଇଥିଲେ କି ଏଥିରେ ଏକ ବଡ ଆନ୍ତଃରାଜ୍ୟ ର୍ୟାକେଟ କାମ କରୁଥିବା ବେଳେ ଏହି ଦୁଇଜଣ ସେହି ର୍ୟାକେଟର ଏକ ଅଂଶବିଶେଷ । ର୍ୟାକେଟ ବିଭିନ୍ନ ସ୍ଥାନରୁ ଗାଡି ଚୋରି କରିବା ପରେ ତାହାର ଇଂଜିନ ଓ ଚେସିସ ନମ୍ବରକୁ ବଦଳାଇ ଦେଉଥିଲେ । ଚୋରା ଗାଡିରେ ମୁଖ୍ୟତଃ ଗୋରୁ, ଛେଳି ଚୋରା କାରବାର କରିବା ସହ ଡକାୟତି କାର୍ଯ୍ୟରେ ନିୟୋଜିତ କରୁଥିଲେ । ଏହି ଦୁଇ ବ୍ୟକ୍ତିଙ୍କ ସମ୍ପତ୍ତି ବ୍ୟାଜାପ୍ତ ପାଇଁ କୋର୍ଟଙ୍କ ଅନୁମତି ଅଣାଯିବ ବୋଲି ଏସପି ନିତିନ କୁଶଲକର ସୂଚନା ଦେବା ସହ ସେକ ଓ୍ୱାଜିଦ ନାମରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ବହୁ କେଶ ରହିଥିବା କଥା ପ୍ରକାଶ କରିଛନ୍ତି । ମୟୁରଭଞ୍ଜ ଜିଲ୍ଲା ଝାରପୋଖରିଆ ଓ ରାଇରଙ୍ଗପୁର ଥାନାରେ ଗୋଟିଏ ଲେଖାଏଁ କେଶ ସହିତ କେନ୍ଦୁଝର ଜିଲ୍ଲାର ସଦର ଥାନାରେ ୫ଟି, ଟାଉନ ଥାନାରେ ୩, ପାଟଣା ଥାନାରେ ୨, ତେଲକୋଇରେ ୨, ତୁରୁମୁଙ୍ଗା ଥାନାରେ ୪ଟି, କାଞ୍ଜିପାଣୀ ଥାନାରେ ୨ଟି ଓ ବାରିଆ ଥାନାରେ ଗୋଟିଏ ମାମଲା ରହିଛି । କେନ୍ଦୁଝରର ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ସଦର ଏସଡିପିଓ ସୁଦର୍ଶନ ଗଙ୍ଗୋଇ, ପ୍ରୋବେସନର ଡିଏସପି ସୌରଭ ପ୍ରଧାନ, ରାମଚନ୍ଦ୍ରପୁର ଥାନା ଇନ୍ସପେକ୍ଟର ମନୋଜ ସ୍ୱାଇଁ, ବଡବିଲ ଇନ୍ସପେକ୍ଟର ଅଶୋକ ନାଏକ, ତୁରୁମୁଙ୍ଗା ଥାନା ଇନ୍ସପେକ୍ଟର ଦିପ୍ତିରଞ୍ଜନ ସାହୁ, ବାରିଆ ଥାନା ଇନ୍ସପେକ୍ଟର ରଞ୍ଜୁ ହାସିନୀ କୁଲୁ, କାଞ୍ଜିପାଣୀ ଥାନା ଅଧିକାରୀ ଉଦୟବୀର କୁଲୁ ସାଇଁକୁଳ, ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଓ ସାଇବର ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ପର୍ଦ୍ଦାଫାସ କରାଯାଇଛି ।

# ଶିଶୁ ବିଭାଗ ଡାକ୍ତର ନିଯୁକ୍ତି ଦାବି




ଭୁବନ(ଭାସ୍କର ନ୍ୟୁଜ): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଡ଼ିକାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ପ୍ରତିନିଧି ସମୀର କୁମାର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଡଃ ମନୋଜ କୁମାର ମହାନ୍ତିଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ହେଲା ଶିଶୁ ଡାକ୍ତର ନଥିବାରୁ ଅଞ୍ଚଳବାସୀ ବହୁ ହିନସ୍ଥା ହେଉଛନ୍ତି । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶିଶୁ ଡାକ୍ତରଙ୍କ ସମେତ ଭେଷଜ ବିଶେଷଜ୍ଞ, ସିକ୍ୟୁରିଟି ଓ ଷ୍ଟାଫ୍ ନର୍ସ ନିଯୁକ୍ତି ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ବ୍ୟତୀତ ଓପିଡି, ଆଇପିଡି, ଷ୍ଟାଫ୍ କ୍ୱାର୍ଟର ମରାମତି ଓ ଗାଡ଼ି ପାର୍କିଂ ଷ୍ଟାଣ୍ଡ ନିର୍ମାଣ ଇତ୍ୟାଦି ଆଲୋଚନା ହୋଇଥିଲା । ସମସ୍ତ ଖର୍ଚ୍ଚ ଓ ପୂର୍ବ ଅଧିବେଶନକୁ ଦୃଢ଼ୀକରଣ କରାଯାଇଥିଲା । ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ କୋଟି କୋଟି ଟଙ୍କାର ଘୋଟାଲା, ତଦନ୍ତ ଦାବି

କୋରେଇ(ଭାସ୍କର ନ୍ୟୁଜ): ପାଣିକୋଇଲି ପୂର୍ତ୍ତ ବିଭାଗ ବର୍ତ୍ତମାନ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଥଇଥାନ କେନ୍ଦ୍ର ସାଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି । କାରଣ ଗତ ଗୋଟିଏ ବର୍ଷରେ ଅଫିସରମାନେ ଚଞ୍ଚକତା କରି ବଡ଼ ବଡ଼ କାମ ଗୁଡିକୁ ଟେଣ୍ଡର ନକରି ଭାଗ ଭାଗ କରି କିଛି ଅନାମଧେୟ ପେଟି ଠିକାଦାରଙ୍କ ହାତରେ କାମ କରାଇ ମନ ଇଚ୍ଛା ବିଲ କରାଉଥିବା ଅଭିଯୋଗ ହେଉଛି । ଏମିତିକି କାମ କରୁ କରୁ ଗୋଟଏ ମାସ ଭିତରେ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳୁଛି । ଏମିତି ଏକ କାମ ଯାହା ପୂର୍ତ୍ତ ବିଭାଗ ଅଧିନରେ ଥିବା କୋରେଇ ବ୍ଲକର ବରୁଣ୍ଡେଇ ଠାରୁ ମୁକୁନ୍ଦପୁର ରାସ୍ତା ଉପରେ ୪ରୁ ୫ ଗୋଟି ପଞ୍ଚାୟତର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ପଡୋଶୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକ ଜିଲ୍ଲା କିଛି ଅଞ୍ଚଳ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଦୀର୍ଘ ଦିନ ଏହି ରାସ୍ତାଟି ଖାଲ ଖମାରେ ପରିପୂର୍ଣ୍ଣ ଥିବାବେଳେ ଅଞ୍ଚଳବାସୀ ଗମନା ଗମନର ସୁବିଧା ପାଇଁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲା । ଯାହାକୁ ଦୃଷ୍ଟିର ରଖି ସରକାରୀ ସ୍ତରରେ ଏହି ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଏହି ରାସ୍ତା ନିର୍ମାଣ ମଧ୍ୟ ହେଲା । କିନ୍ତୁ ଦୁଃଖର ବିଷୟ ନିର୍ମାଣକୁ କିଛି ଦିନ ହୋଇନି ,ଏହି ରାସ୍ତାରୁ ପିଚୁ ଉଠିଯାଇଛି ଏବଂ ସୃଷ୍ଟି ହୋଇଛି ବିରାଟ ବିରାଟ ଖାଲ ଯାହା ସାଧାରଣ ଲୋକମାନେ ଯିବାଆସିବା କରିବା ବେଳେ ଯମ ଯନ୍ତ୍ରଣା ଭୋଗୁଛନ୍ତି । ଅଭିଯୋଗ ହେଉଛିକି ଅତ୍ୟନ୍ତ ନିମ୍ନମାନର ରାସ୍ତା କାର୍ଯ୍ୟ ପାଇଁ ରାସ୍ତାରୁ ପିଚୁ ଉଠିଯାଇଛି । ଅନ୍ୟ ପକ୍ଷରେ ଯଦି ଦେଖାଯାଏ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିନରେ ଥିବା ବେଳେ ବିନା ଟେଣ୍ଡରରେ ଏହି କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ରାସ୍ତା ପାଇଁ କୋଟି କୋଟି ଟଙ୍କାର ବ୍ୟୟବରାଦ ହେଉଥିଲେ ମଧ୍ୟ କାର୍ଯ୍ୟ ସମୟରେ ବିନା ସୂଚନା ଫଳକରେ କାର୍ଯ୍ୟ ହେଇଥିବାରୁ କୋଉଠି ନା କୋଉଠି ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଛି । ସରକାରୀ ଅଧିକାରୀଙ୍କ ଦୁର୍ନୀତି ଖୋର ମନବୃତ୍ତି ପାଇଁ ଦୁଃଖ ଭୋଗୁଛନ୍ତି ଅଞ୍ଚଳବାସୀ । ସରକାରୀ ନିୟମ ଅନୁଯାୟୀ କୌଣସି କାର୍ଯ୍ୟ ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯାଏ ପରେ ଯେଉଁ ଠିକାଦାର ଚୟନ କରାଯାଏ । ତାକୁ କାର୍ଯ୍ୟାଦେଶ ମିଳିଥାଏ ଓ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲାଗିବା ନିୟମବି ରହିଛି । ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ପୂର୍ତ୍ତ ବିଭାଗ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବେଳେ ଏହି କାର୍ଯ୍ୟରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ କରି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ପାଇଁ ଦାବି ଜୋର ଧରିଛି ।

# ମହିଳା କନଷ୍ଟେବଲଙ୍କ ବେକରୁ ସୁନାହାର ଲୁଟ୍

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସହରରେ କଳା ପଲସର ଲୁଟେରା ଆତଙ୍କ ଦେଖିବାକୁ ମିଳିଛି । ସହରର ଏକାଧିକ ସ୍ଥାନରୁ ମହିଳାଙ୍କ ବେକରୁ ସୁନାହାର ଲୁଟି ନେଇଥିବା ଜଣାପଡିଛି । ଲୁଟେରା ଗ୍ୟାଙ୍ଗର ଏକାଧିକ ଅପରାଧି ବୁଧବାର ସନ୍ଧ୍ୟାରେ ସିରିଜ୍ ଲୁଟ୍ କରି ପୋଲିସ ପାଇଁ ଚିନ୍ତାର କାରଣ ହୋଇଛନ୍ତି । କେନ୍ଦୁଝର ସହରର ଡିଏନ୍ ହାଇସ୍କୁଲ, କାଶୀପୁର, ମଣ୍ଡୁଆ, ମାଇନିଂ ରୋଡ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ବାଇକରେ ଆସି ଅପରାଧିମାନେ ମହିଳାଙ୍କ ବେକକୁ ଟାର୍ଗେଟ କରି ହାର ଲୁଟି ନେଇଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ସବୁଠାରୁ ବଡ କଥା ହେଲା ଜଣେ ମହିଳା ପୋଲିସ କର୍ମଚାରୀ ଲୁଟ୍‌ର ଶିକାର ହୋଇଥିବା ଜଣାପଡିଛି । ପିଲାକୁ ଟିଉସନରୁ ଆଣିବାକୁ ଯାଇଥିବା ବେଳେ ମହିଳା କନେଷ୍ଟବଲଙ୍କ ବେକରୁ ଲୁଟେରାମାନେ ସୁନାହାର ଝାମ୍ପି ନେଇଥିଲେ । ଗୋଟିଏ ଦିନରେ ଏକାଧିକ ଅପରାଧିକୁ ନେଇ ସମଗ୍ର ସହରରେ ଆତଙ୍କ ଖେଳି ଯାଇଛି । ଘଟଣା ସଂପର୍କରେ ଖବର ପାଇ ଟାଉନ ପୁଲିସ ଅପରାଧିଙ୍କୁ ପିଛା କରିଥିବା ସୂଚନା ମିଳିଛି । ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କେନ୍ଦୁଝର ସହର ଏବଂ ଏହାର ନିକଟବର୍ତ୍ତୀ ଅଂଚଳ, ସାର୍ବଜନୀନ ସ୍ଥାନ, ରାସ୍ତା, ସରକାରୀ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରିବାକୁ ଦାବୀ ହେଉଛି । ବିଶେଷକରି କେନ୍ଦୁଝର ସହର ନିକଟବର୍ତ୍ତୀ ନରଣପୁର, ମଣ୍ଡୁଆ, ଡିମ୍ବୋ, ଗୋବିନ୍ଦପୁର, ମାଇନିଂ ରୋଡ, ବେଲଦା, ଶଙ୍କରପୁର, ଘୁଟୁରୁ, ଜୁଡିଆ, ଧାଙ୍ଗରପଡା, ଧୃପଦା, ବାଲିଆଗୋଡା, ରାଇସୁଆଁ ର ମୁଖ୍ୟ ରାସ୍ତାରେ ସିସି କ୍ୟାମେରା ଲଗାଯିବା ଆବଶ୍ୟକ ହୋଇପଡିଛି ।

# ଛାତ୍ରକୁ ମାଡ଼ ମାରି ନିଲମ୍ବିତ ଶିକ୍ଷୟିତ୍ରୀ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳରୂପେ ଘୋଷଣା କରିଛନ୍ତି । ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଖୁଲମ ଖୁଲା ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି । ଏହାର ଏକ ନଗ୍ନ ନମୂନା ମଣିଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ଅଷ୍ଟମଶ୍ରେଣୀ ଛାତ୍ର ରାହୁଲ ସେଠୀଙ୍କୁ ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ସେଠୀ ଗତକାଲି ଅତ୍ୟନ୍ତ ଅମାନୁଷିକ ଭାବେ ମାଡ ମାରି ଆହତ କରିଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ଥାନା ପୋଲିସ ଘଟଣାର ତଦନ୍ତ କରିଥିଲା । ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ତଦନ୍ତ କରି ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାଯାଇଛି । ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ରାମକୃଷ୍ଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶନାମା ଦିଆଯାଇଥିବା ଜଣାଯାଇଛି ।

# ପୁରାତନ ଛାତ୍ର ସଂସଦ ପକ୍ଷରୁ ଚାରାରୋପଣ



କଣ୍ଟାପଡା(ଭାସ୍କର ନ୍ୟୁଜ): ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଜାରି ରହିଥିବା ଜନ୍ମ ଦିନ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାକ୍ତନ ଛାତ୍ର ସୁବ୍ରତ କୁମାର ଆଚାର୍ଯ୍ୟଙ୍କ ଜନ୍ମ ଦିନରେ ଗୋଟିଏ ହରିଡ଼ା ଗଛ ଓ ଗୋଟିଏ ଅଶ୍ୱସ୍ଥ ଗଛ ରୋପଣ କରାଯାଇଛି । ପ୍ରାକ୍ତନ ଛାତ୍ର କଣ୍ଟାପଡା ବ୍ଲକ ସରପଞ୍ଚ ସଙ୍ଘ ର ସଭାପତି ତଥା ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ନେତୃତ୍ୱ ରେ ଉପେନ୍ଦ୍ର ଆଚାର୍ଯ୍ୟ, ବିଶ୍ୱରଂଜନ ଆଚାର୍ଯ୍ୟ, ପ୍ରଦୀପ୍ତ ରାୟ, ସନ୍ଦୀପ ଆଚାର୍ଯ୍ୟ, ଭଜନୀ ପାତ୍ର, ଗୋପୀନାଥ ଦାଶ, ବଳରାମ ଦାଶ, କାର୍ତ୍ତିକ ପାତ୍ର, ଯଦୁନାଥ ରାଉତରାୟ, ସଂଜୟ ଦାଶ, ପୁନାନନ୍ଦ ପାତ୍ର, ଅଜିତ ପାତ୍ର, ସୁଦର୍ଶନ ଜେନା, ଅକ୍ଷୟ ରାଉତରାୟ, ଶରତ ଜେନା, ଧୋବେଇ ଜେନା, ରଣଜିତ ଆଚାର୍ଯ୍ୟ, ସୁକାନ୍ତ ଭୋଇ, କମଳାକାନ୍ତ ମଲ୍ଲିକ, ଅଶୋକ ଆଚାର୍ଯ୍ୟ ବେଣୁଧର ପରିଡା, ବିଜ୍ଞାନ ପରିଡା, କାଳନ୍ଦୀ ଜେନା, ଆନନ୍ଦ ଜେନା, ଧୋବେଇ ଜେନା ଓ ଧବଳେଶ୍ୱର ଜେନା ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ବର୍ଷତମାମ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଛାତ୍ର ସଂସଦ ତରଫରୁ ସୂଚନା ଦିଆଯାଇଛି ।

### ସୁବର୍ଣ୍ଣପୁର ପଞ୍ଚାୟତରେ ପାନୀୟ ଜଳଯୋଗାଣ ସମସ୍ୟା ଉତ୍କଟ

# ଜିଲ୍ଲା ପରିଷଦଙ୍କ ହସ୍ତକ୍ଷେପ ପରେ ପାନୀୟ ଜଳ ପାଇଲେ ଗ୍ରାମବାସୀ

ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କି ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ ରେ ଦେଖାଦେଇଛି ଉତ୍କଟ ପାନୀୟ ଜଳ ସମସ୍ୟା । ମହାନଦୀ କୂଳରେ ବସବାସ କରୁଥିବା ଦିନେ ଛଡା ଦିନେ ପାଳି କରି ବସୁଧା ଯୋଜନାରେ ପାନୀୟ ଜଳ ପାଉଥିବା ନେଇ ଗ୍ରାମବାସୀ ପଞ୍ଚାୟତ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ବାଙ୍କୀ ପାନୀୟ ଜଳ ଯୋଗାଣ ଅଧିକାରୀ ଏବଂ ବିଡ଼ିଓଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏଭଳି ପାନୀୟ ଜଳ ସମସ୍ୟା ନେଇ ବାଙ୍କୀରେ ହୋଇଥିବା ଜିଲ୍ଲାପାଳ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ସିରିଏଲ ନଂ ୭୩ ରେ ଅଭିଯୋଗ କରିଥିଲେ ମଧ୍ୟ ବିଶୁଦ୍ଧ ପାଣି ବଦଳରେ ଦୂଷିତ ପାନୀୟ ଜଳଯୋଗାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଦିନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଓ ବାଙ୍କି ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀ କୌଣସି କର୍ଣ୍ଣପାତ କରିନଥିଲେ । ଯାହା ଫଳରେ ବସୁଧା ଯୋଜନାରେ ଦୂଷିତ ପାଣି ବ୍ୟବହାର କରି ଅନେକ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ବିଶ୍ୱରଂଜନ ପଣ୍ଡା, ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ସମାଜ ସେବୀ ରଜନୀ କାନ୍ତ ପଣ୍ଡା, ଅରୁଣ କୁମାର ବେହେରା, ଶତ୍ରୁଘ୍ନ ବେହେରା, ପ୍ରଦୀପ ବାରିକ ସମେତ ବହୁ ବ୍ୟକ୍ତି ବିଶେଷ ସ୍ଥାନୀୟ ସରପଞ୍ଚ ଓ ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ କୌଣସି ଫଳପ୍ରଦ ନହେବାରୁ ଆଜି ସରଣ୍ଡା ଜୋନ ଜିଲ୍ଲାପରିଷଦ ପ୍ରତିନିଧି ରାଜେଶ କୁମାର ପଣ୍ଡାଙ୍କ ନିକଟରେ ଖବର ପହଁଚିବା ପରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ପଞ୍ଚାୟତରେ ପହଞ୍ଚି ପାନୀୟ ଜଳସମସ୍ୟା ବୁଝିବା ପରେ ବାଙ୍କୀ ବିଡ଼ିଓଙ୍କୁ ଯୋଗାଯୋଗ କରିଥିଲେ । ତତ୍ପରେ ବାଙ୍କୀ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଦିପାଞ୍ଜଳି ପାତ୍ରଙ୍କୁ ପାନୀୟ ଜଳ ସମସ୍ୟା ନେଇ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅତିଷ୍ଠ ହୋଇ ଜିଲ୍ଲାପରିଷଦ ପ୍ରତିନିଧି ରାଜେଶ ପଣ୍ଡା ବାଙ୍କି ଉପ ଜିଲ୍ଲାପାଳଙ୍କ ସହ ପାନୀୟ ଜଳସମସ୍ୟା ନେଇ ବିସ୍ତୃତ ଆଲୋଚନା କରିବା ପରେ ପ୍ରତ୍ୟେକ ଦିନ ବିଶୁଦ୍ଧ ପାନୀୟ ଜଳଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଘଟଣା ସ୍ଥଳକୁ କନିଷ୍ଠ ଯନ୍ତ୍ରୀ ପାତ୍ରଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ । ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କ କାର୍ଯ୍ୟରେ ମାନମନି ଯୋଗୁ ପଞ୍ଚାୟତବାସୀ ବିଶୁଦ୍ଧ ପାନୀୟ ଜଳ ସମସ୍ୟାରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଥିଲେ ରଜନୀ କାନ୍ତ ପଣ୍ଡା, ଅରୁଣ ବେହେରା, ବନବିହାରୀ ସେଠୀ, ରମେଶ ଚନ୍ଦ୍ର ସେଠୀ, ଆଶିଷ କୁମାର ସେଠୀ, ଗଣେଶ ବେହେରା ଜୟଦେବ ବେହେରା, ରୋହିତ ବେହେରାଙ୍କ ଶତାଧିକ ଗ୍ରାମବାସୀ । ମହାନଦୀ କୂଳରେ ବସବାସ କରୁଥିବା ଗ୍ରାମବାସୀମାନେ ଯଦି ସରକାରଙ୍କ ବସୁଧା ଯୋଜନାରୁ ବିଶୁଦ୍ଧ ପାନୀୟ ଜଳଯୋଗାଣରୁ ବଞ୍ଚିତ ରୁହନ୍ତି କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର କରି ଯଦି କୌଣସି ବ୍ୟକ୍ତି ବିଶେଷ ଅସୁବିଧାରେ ପଡନ୍ତି ତେବେ ବାଙ୍କୀ ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚ ଦାୟୀ ରହିବେ ବୋଲି ପରିଷଦ ପ୍ରତିନିଧି, ସମିତି ସଭ୍ୟଙ୍କ ସମେତ ସୁବର୍ଣ୍ଣପୁରବାସୀ ଦାବି କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଧରଣୀଧର ମେଡିକାଲ କଲେଜ ଏବଂ ହସପିଟାଲ ପରିସରରେ ଥିବା ଟ୍ରମା କେୟାର ସେଣ୍ଟର(ଟିଏମ୍‌ସି)ରେ ଅତ୍ୟାଧୁନିକ ବୈଷୟିକ ଯନ୍ତ୍ରପାତି ସୁବିଧା ଥିବା ଅର୍ଥୋ ଟ୍ରମା ଚିକିତ୍ସା ସେବା ଆଜି ଆରମ୍ଭ ହୋଇଛି। ଦୁର୍ଘଟଣାରେ ଆହତମାନଙ୍କ ପାଇଁ ଆଡମିଶନ ପରେ ଏହି ଜରୁରୀ ସେବା ଉପଲବ୍ଧ ହେବ। ଏହାକୁ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସପିଟାଲ ଅଧ୍ୟକ୍ଷ ଡାକ୍ତର ମହେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରି ଦୁର୍ଘଟଣାରେ ଆହତ ଗୁରୁତର ରୋଗୀଙ୍କ ପାଇଁ ଏହି ସୁବିଧା ବେଶ ସହାୟକ ହେବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଏହି ସେବା ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧରଣୀଧର ମେଡିକାଲ କଲେଜର ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା ଏକ ଦୁର୍ଘଟଣା ପ୍ରବଣ ଜିଲ୍ଲା ହୋଇଥିବାବେଳେ ଟ୍ରମା କେୟାର କେନ୍ଦୁଝରରେ ଆରମ୍ଭ ହେବା ପରେ ବହୁ ଗୁରୁତର ରୋଗୀ ସୁବିଧାରେ ଚିକିତ୍ସିତ ହୋଇପାରିବେ। ଦୁର୍ଘଟଣାଗ୍ରସ୍ତଙ୍କ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯାଇ ସେମାନଙ୍କ ବହୁମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ଟ୍ରମାକେୟାର ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଗତ ମେ ମାସ ୫ ତାରିଖରେ ଉଦ୍‌ଘାଟନ ହୋଇଥିଲା।



## ପାଠ ପଢା ଛାଡ଼ି ଛେଳି ଚରାଉଛନ୍ତି ଦୁଇ ଅନାଥ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପେଦାଅଲଡା ପଞ୍ଚାୟତ ଅଧିନସ୍ଥ ଲୋକାର୍ଲୀ ଓ ଝାଙ୍କରକାର୍ଲି ଗ୍ରାମର ବାପାମାଆ ଛେଉଣ୍ଡ ଅନାଥ ହାରାକା ରାଜାରାଓ (୧୦) ଓ ଜୟଜନାର୍ଦ୍ଦନ ତାଡିଂ (୧୦) ପାଠପଢାରୁ ବଞ୍ଚିତ ହୋଇ ଛେଳି, ଗାଈ ଗୋରୁ ଚାରାଉଛନ୍ତି। ସୂଚନା ଅନୁଯାୟୀ ପ୍ରାୟ ୮ ବର୍ଷ ତଳେ ରାଜାରାଓଙ୍କ ବାପା ଫାକିରୁ ଓ ମାଆ ନୁକାଲୁଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ରାଜାରାଓ ନିଜ ସାନ ବାପା ସମୁରୁ ହାରାକାଙ୍କ ପାଖରେ ରହୁଥିଲେ। ଗରିବ ହୋଇଥିବାରୁ ଓ ଆଦିବାସୀ ସମୁରୁ ନିଜ ପୁତୁରା ରାଜା ରାଓଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ଜୟପୁରର ଗୁଡା ଆଶ୍ରମ ପାଠ ପାରିଆମ୍ବଲି ଆମ ସ୍କୁଲରେ ରଖି ପଢ଼ାଉଥିଲେ।



ସେଠାରେ ଚଳିତ ବର୍ଷ ପଞ୍ଚମ ଶ୍ରେଣୀ ପାସ କରିବା ପରେ ଆଉ ଷଷ୍ଠ ଶ୍ରେଣୀ ପାଠ ପଢିବା ପାଇଁ ଅନ୍ୟ ସ୍କୁଲରେ ନାମ ଲେଖାଇ ପଢ଼ିବା ପାଇଁ ଘରକୁ ରାଜା ରାଓ ଫେରି ଆସିଥିଲେ। ଏହା ପରେ ସାନ ବାପା ସମୁରୁ ଅନାଥ ରାଜା ରାଓଙ୍କୁ ସରକାରଙ୍କ ଅନାଥ ଆଶ୍ରମରେ ରଖି ପାଠ ପଢ଼ାଇବା ପାଇଁ ପ୍ରବଳ ଇଚ୍ଛା ଥିଲା। ଆଜି ପର୍ଯ୍ୟନ୍ତ ସାନ ବାପା ଅନାଥ ରାଜା ରାଓଙ୍କୁ ପାଠ ପଢିବା ପାଇଁ ଆଶ୍ରମ ସ୍କୁଲ ନ ପାଇବାରୁ ଗାଁରେ ରହି ଲୋକଙ୍କ ଗାଈ ଗୋରୁ ଛେଳି ମେଣ୍ଢା ଚାରାଉଛନ୍ତି। ଅନାଥ ଜୟଜନାର୍ଦ୍ଦନ ତାଡିଂ ମଧ୍ୟ ନିଜ ମାମୁଁ ଘରେ ରହି ଛେଳି ଚରାଇ, ବହୁ ନିର୍ଯାତନାର ଶିକାର ହେଉଥିବା ସ୍ଥାନୀୟ ସରପଞ୍ଚ ଓ ଗାଁ ଲୋକେ କହୁଛନ୍ତି। ଅନାଥ ଆଶ୍ରମରେ ରାଜାରାଓ ଏବଂ ଜୟ ଜନାର୍ଦ୍ଦନ ପାଠ ପଢିବା ପାଇଁ ଇଚ୍ଛୁକ ଥିବାବେଳେ ସାନ ବାପା ମଧ୍ୟ ସୁଯୋଗ ମିଳିଲେ ପାଠ ପଢ଼ାଇବା ପାଇଁ ଆମ ଗଣମାଧମଙ୍କ ଜରିଆରେ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ଗୁହାରି କରିଛନ୍ତି।

## ବେଦାନ୍ତ ଆଲୁମିନିୟମ ତରଫରୁ ମେଗା ସ୍ୱାସ୍ଥ୍ୟସେବା ଶିବିର

# ୩୫୦ରୁ ଉର୍ଦ୍ଧ୍ୱ ଲୋକ ହେଲେ ଚିକିତ୍ସିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଅବହେଳିତ ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ବେଦାନ୍ତ ଆଲୁମିନିୟମ ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି। ସାଧାରଣତଃ ବର୍ଷାଋତୁରେ ଲୋକେ ବିଭିନ୍ନ ପ୍ରକାର ଋତୁକାଳୀନ ରୋଗରେ ଶିକାର ହେଉଥିବାବେଳେ ଏହାର ନିରାକରଣ ପାଇଁ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ କମ୍ପାନୀ ବେଦାନ୍ତ ଆଲୁମିନିୟମ ଆରମ୍ଭ କରିଛି ‘ପ୍ରୋଜେକ୍ଟ ଆରୋଗ୍ୟ’ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ତରଫରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ଗାଁର ୩୫୦ରୁ ଉର୍ଦ୍ଧ୍ୱ ଲୋକେ ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞଙ୍କଠାରୁ ଚିକିତ୍ସା, ପରାମର୍ଶ ସେବା ସହିତ ମାଗଣା ଔଷଧ ଗ୍ରହଣ କରିଥିଲେ। ଶିବିରରେ ବରିଷ୍ଠ




ଶିଶୁରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ମେଡିସିନ ବିଶେଷଜ୍ଞ ଡା. ପ୍ରବୀଣ କୁମାର ପତି, ଡା. ପ୍ରଭୁଦତ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଲୋକଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ବେଦାନ୍ତ ଲିମିଟେଡ଼ ସିଏସ୍‌ଆର ବିଭାଗ, ଜନ ସମ୍ପର୍କ ବିଭାଗ, ବେଦାନ୍ତ ହସ୍ପିଟାଲର ଅଧିକାରୀ ଓ କର୍ମଚାରୀ ସ୍ୱାସ୍ଥ୍ୟସେବା ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଦ୍ୱାରା ଲାଞ୍ଜିଗଡ଼ରେ, ଆମେ ସ୍ଥାୟୀ ସ୍ୱାସ୍ଥ୍ୟସେବା ଜରିଆରେ ଜନ ସାଧାରଣଙ୍କ ଉନ୍ନତି ପାଇଁ ଦୃଢ଼ ପ୍ରତିବଦ୍ଧ। ଏହି ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ଆମ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟସେବାର ଏକ ଅଂଶ ଯାହା ଦୂରଦୂରାନ୍ତ ଗାଁ ଗୁଡ଼ିକରେ ସମୟାନୁରୂପୀ ଚିକିତ୍ସା ସହାୟତା ସୁନିଶ୍ଚିତ କରିଥାଏ। ସେହିପରି ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ପ୍ରୟାସ ଜାରି ରଖିଛୁ। ପ୍ରୋଜେକ୍ଟ ଆରୋଗ୍ୟ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି। କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ୬୬୦ରୁ ଅଧିକ ଗାଁରେ ମୋବାଇଲ୍ ହେଲଥ ୟୁନିଟ୍ ଦ୍ୱାରା ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦିଆଯାଇଛି। ଯାହାଦ୍ୱାରା ୨୦,୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ୧୫ ହଜାରରୁ ଅଧିକ ଲୋକଙ୍କୁ ସ୍ୱଚ୍ଛତା, ସୁସ୍ଥତା ଏବଂ ରୋଗ ନିବାରଣ ଉପରେ ଜରୁରୀ ସୂଚନା ପ୍ରଦାନ କରାଯାଇଥିଲା। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ ଦାୟିତ୍ୱବାନ ବିକାଶ ସହଭାଗୀ ଭାବରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରି ଶେଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବେଦାନ୍ତ ତାର ମିଶନରେ ଆଗେଇ ଚାଲିଛି ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି।

## ନଅ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବନ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ଦେଇଛି। ଏହି ଦାବିନେଇ ବନସୁରକ୍ଷା କମିଟିର ସରକାରୀ କାର୍ଯ୍ୟାଳୟ ଘେରାଉ, ରାଇଘର ବ୍ଲକର ବନସୁରକ୍ଷା କମିଟି ଜଗନ୍ନାଥ ନାୟକ(ଗୋନା)ସହଦେବ ଗଣ୍ଡ (କୁନ୍ଦ୍ରାପାଣି), ଶଙ୍କର ଗଣ୍ଡ (ନକଟିସିମୋଡା )ଜୁଗୁଡୁ ଗଣ୍ଡ, କୃଷ୍ଣ ଗଣ୍ଡ, କୁଞ୍ଜ ଗଣ୍ଡ, ସୁନ୍ଦର ଗଣ୍ଡ ଓ ସୋନାରାମ ଗଣ୍ଡଙ୍କ ନେତୃତ୍ୱରେ ତହସିଲ, ବନବିଭାଗ, ଥାନା ସହ ପଞ୍ଚାୟତ ଅଫିସ ଘେରାଉ କରିଥିଲେ, ଶହ ଶହ ପୁରୁଷ ଓ ମହିଳା ଏଥିରେ ଯୋଗଦେଇ ସେମାନଙ୍କ ଦାବି ପତ୍ର ଦିଇଥିଲେ, ସେଥିମଧ୍ୟରୁ ମୁଖ୍ୟତଃ ବାହାର ଲୋକ ରାଜେଶ ଯାନୀ ରାଇଘର ରେ ଗଣ୍ଡଗୋଳ କରୁଥିବାରୁ ତାକୁ ଗିରଫ କରିବା, ୨୦୦୫ମସିହା ପରଠାରୁ ଯେଉଁ ଜଙ୍ଗଲ ଜମି ଅକ୍ତିଆର କରାଯାଇଛି ତାକୁ ଉଦ୍ଧାର କରି ବୃକ୍ଷ ରୋପଣ କରାଯିବା ସହ ତା ପୂର୍ବରୁ ଅଧିକାର ହୋଇଥିବା ଜଙ୍ଗଲ ଜମିର ପଟା ମିଳୁ, ଗତମାସ ୨୭ତାରିଖ ରେ ହୋଇଥିବା ବନବିଭାଗ କର୍ମଚାରୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଉ.ଭଳି ଦାବିମାନ କରିଥିଲା ବନ ସୁରକ୍ଷା କମିଟି ଅନ୍ୟ ଦାବି ମାନଙ୍କ ମଧ୍ୟରେ ରହିଛି ସରକାରଙ୍କ ଜଙ୍ଗଲ ଆଇନକୁ କଡ଼ା କଡି କରିବା ସହ ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା, ବିବାଦୀୟ ଭିଏସ୍‌ଏସ୍ ବିଟ୍ ସହ ଫରେଷ୍ଟ ବିଟ୍ ଏରିଆ ଚିହ୍ନଟ କରିବା, ଜଳ ଜଙ୍ଗଲ ଜମିର ସୁରକ୍ଷା କରିବା ଭଳି ଦାବି ରଖିଛନ୍ତି।

# ଓଡ଼ିଶା ବନ୍ଦର ପ୍ରଭାବ: ଅଖ ଚକ ବନ୍ଦ, ହନ୍ତସନ୍ତ ଜନଜୀବନ

ମୁରିବାହାଲ, (ଭାସ୍କର ନ୍ୟୁଜ ) ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟାକୁ ହତ୍ୟା କରାଯାଇଥିବା ନେଇ ଓଡିଶାରେ କଂଗ୍ରେସ ପକ୍ଷରୁ ଜୋର ଧରିଛି। ଆଜି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ତଥା ଓଡିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ କଂଗ୍ରେସ ନେତା ବିଭୀଷଣ ମହାନନ୍ଦଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ସମସ୍ତ ସରକାରୀ କାର୍ଯ୍ୟାଳୟ, ବସ ଚଳାଚଳ ବନ୍ଦ ରହିଛି। ଗତ ୧୨ ତାରିଖରୁ ତିନି ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରି ଆଖି ବୁଜିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି ନେଇ ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ମୁରିବାହାଲରେ ଦେଖିବାକୁ ମିଳିଛି। ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଇସ୍ତଫା ଦେବା ପାଇଁ ପ୍ରଦେଶ କଂଗ୍ରେସ କମିଟି ଦାବିକରିଛନ୍ତି। ଯଦି ସରକାର ମୃତ ଛାତ୍ରୀ ଏବଂ ତାଙ୍କର ପରିବାରକୁ ଶୀଘ୍ର ନ୍ୟାୟ ପ୍ରଦାନ ନ କରନ୍ତି ତେବେ ତାହାର ପ୍ରତିବାଦରେ ଆସନ୍ତା ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଆନ୍ଦୋଳନରେ କିସାନ କଂଗ୍ରେସ କମିଟି ସଭାପତି ଗିରିଧାରୀ ସାହୁ, ଗୁରମେଲ ସିଂ ଭାଟିଆ, ବିଦ୍ୟାଧର ହାତୀ, ଯଦୁପତି ଅଗସ୍ତି,ବୁଲୁ କୁମ୍ଭାର, ବୁଲୁ ବିଶି, ନରେନ୍ଦ୍ର ବନଛୋର, ଇଶ୍ୱର ଭୋଇ,ମକୁନ୍ଦ ମହାର, ବିଜୟ କିଷାନ, ଭୀମସେନ ବାଗ, ଜିତେନ୍ ହାତୀ, ନିଶିକାନ୍ତ ଦୀପ, ଖଡ଼ଗଦ ମହାନନ୍ଦ, ସାଗର ଛତ୍ରିଆ, ରାଜେଶ ହେର୍ଣ୍ଡା, ସତ୍ୟ ହାତୀ, ସତ୍ୟବାନ ନାଗ, ମତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।





ରାଉରକେଲା, (ଭାସ୍କର ନ୍ୟୁଜ୍) : ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ଏବଂ ବାମପନ୍ଥୀ ଦଳମାନଙ୍କ ମିଳିତ ଓଡିଶା ବନ୍ଦ ଡାକରାରେ ରାଉରକେଲାର ବିଭିନ୍ନ ସ୍ଥାନ ମାନଙ୍କରେ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ନେତୃବୃନ୍ଦମାନେ ଅହିଂସାତ୍ମକ ଭାବରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ବିର୍ସା ଛକ, ଆମ୍ବେଦକର ଛକ, ପାନପୋଷ ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ଦଳୀୟ ନେତୃବୃନ୍ଦମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଯାନବାହାନ ଗୁଡିକୁ ଅଟକାଇଥିଲେ। ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ବିର୍ସା ଛକ ଠାରେ ରାସ୍ତା ଅବରୋଧ କରାଯିବା ସହିତ ରାଉରକେଲା ରେଳ ଷ୍ଟେସନରେ ଶହ ଶହ ସଂଖ୍ୟାରେ କଂଗ୍ରେସ ଏବଂ ସିପିଆଇ, ସିପିଆଇଏମର କାର୍ଯ୍ୟକର୍ତ୍ତା ଏବଂ ନେତୃବୃନ୍ଦ ପହଞ୍ଚି ରେଳ ରୋକ କରିଥିଲେ। ସହରର ମୁଖ୍ୟ ମାର୍ଗର ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା।




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବିରେ ଲକ୍ଷ୍ମୀପୁର ବ୍ଲକ କଂଗ୍ରେସ କମିଟି ତରଫରୁ ଆଜି ବନ୍ଦ ପାଳନ କରାଯାଇଛି।ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ବନ୍ଦ ପାଳନ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଏନେଇ ଲକ୍ଷ୍ମୀପୁର ବଜାର ମଝିରେ ବିଧାୟକ ପବିତ୍ର ସାଉନ୍ତାଙ୍କ ଅଧକ୍ଷତାରେ ବହୁ କଂଗ୍ରେସ କର୍ମୀ ବ୍ୟାରିକେଟ ଲଗାଇ ବନ୍ଦ ପାଳନକୁ ସଫଳ କରିଛନ୍ତି। ଏନେଇ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଠୁ ଆରମ୍ଭ କରି ସ୍କୁଲ କଲେଜ ବନ୍ଦ ଥିଲା। ଫଳରେ ଜରୁରୀକାଳୀନ କାର୍ଯ୍ୟରେ ଥିବା କିଛି ଯାନବାହନକୁ ଛଡା ଯାଇଥିବା ବେଳେ ବହୁ ସଂଖ୍ୟାରେ ପାସେଞ୍ଜର ବସ ଓ ମାଳବାହି ଗାଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଏଥିରେ କଂଗ୍ରେସ ଦଳର ବ୍ଲକ ସଭାପତି କୈଳାସ ଖସଲା, ଯୁବ ସଭାପତି ମଣ୍ଟି ଖରା, ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ବୁଲୁ ମାଣ୍ଡିଙ୍ଗା, ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକାଙ୍କ ସମେତ ଲକ୍ଷ୍ମୀପୁର, କୁଟିଙ୍ଗା, ଓଡ଼ିଆପେଣ୍ଠ ଓ ବୁର୍ଜା ପଞ୍ଚାୟତର ସଭାପତିଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇ ଥିଲେ। ଲକ୍ଷ୍ମୀପୁର ଥାନା ତରଫରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।


ଗୁଣୁପୁର, (ଭାସ୍କର ନ୍ୟୁଜ୍) : ଫକିର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହୁତି ଦେବା ଘଟଣାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଗୁଣୁପୁର ନିର୍ବାଚନ ମଣ୍ଡିଳିରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ନିର୍ବାଚନ ମଣ୍ଡଳିରେ ପାଞ୍ଚୋଟି ବ୍ଲକ୍ ଯଥା ଗୁଣୁପୁର, ପଦ୍ମପୁର, ରାମନାଗୁଡ଼ା, ଗୁଡାରି, ଚନ୍ଦ୍ରପୁର ବ୍ଲକ୍‌ରେ କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଗୁଣୁପୁର ବାଇପାସ୍ ଛକରେ କଂଗ୍ରେସ ବିଧାୟକ ଓ କର୍ମୀ ମାନେ ଟାୟାର ଜାଳି ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ରାଜ୍ୟର ବିଜେପି ସରକାର ବିରୋଧରେ ସ୍ଲୋଗାନ ଦିଆଯିବା ସହ ମୃତ ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ନାରା ଦେଇଥିଲେ। ମୁଖ୍ୟ ରାସ୍ତା ଅବୋରଧ କରିବା ସହ ଗାଡି ଚଳାଚଳ, ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ବ୍ୟାଙ୍କ ଓ କିଛି ସରକାରୀ କାର୍ଯ୍ୟାଳରେ ଆନ୍ଦୋଳନ କାରୀ ପିକେଟଂ କରି ବନ୍ଦ କରିଥିଲେ। ଛାତ୍ରୀ ଆତ୍ମହୁତି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ଆଇନ୍ ବ୍ୟବସ୍ଥାକୁ ସୃଦୃଢ କରିବା, ମୁଖ୍ୟମନ୍ତ୍ରୀ ଓ ଗଣ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ପାଇଁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ। ସେହିଭଳି ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇଛି ବାମପନ୍ଥି ଦଳ ସିପିଆଇଏମ୍‌ଏଲ ଲିବରେସନ ପାର୍ଟୀ।



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ରାଜ୍ୟ କଂଗ୍ରେସ ପକ୍ଷରୁ ଆଜି ଓଡ଼ିଶାରେ ବନ୍ଦ ପାଳନ କରାଯାଉଛି। ଏହି ବନ୍ଦ ପାଳନକୁ ବିଭିନ୍ନ ବାମପନ୍ଥୀ ଦଳମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣେଇଥିବା ସୂଚନା ମିଳିଛି। ଏହାର ପ୍ରଭାବ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ସଦର ମହକୁମାରେ ମଧ୍ୟ ଦେଖିବାକୁ ମିଳିଛି। ବ୍ଲକ ସଦର ମହକୁମାର ସମସ୍ତ ଦୋକାନ, ବଜାର, ସ୍କୁଲ କଲେଜ ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚାଳ ଠପ ପଡିଛି। ଫଳରେ ରାସ୍ତାଘାଟ ମଧ୍ୟ ଜନଶୂନ୍ୟ ହୋଇପଡିଛି। କୋଷାଗୁମୁଡା ବ୍ଲକ ସଭାପତି, ପୂର୍ବତନ ବ୍ଲକ ଅଧକ୍ଷା, ମାଝୀଧନୁଆ ସରପଞ୍ଚ, ସମିତି ସଭ୍ୟ ଯୁଗଧର ହରିଜନ, କେ ଏନ ରାଜୁ, ରମେଶ ପାତ୍ର, କୁଲୁ ଜଗଦେବ ଓ କଂଗ୍ରେସ କର୍ମୀମାନେ କୋଷାଗୁମୁଡା ବ୍ଲକର ବିଭିନ୍ନ ଛକ ମାନଙ୍କରେ ଟାୟାର ଜାଳି ଜଗି ବସିଥିବା ବେଳେ ଯାନବାହାନ ଚଳାଚଳ ବିଲକୁଲ ଠପ ରହିଛି। ଅନ୍ୟପକ୍ଷେ କଂଗ୍ରେସ କର୍ମୀ ମାନେ ଖୋଲା ରହିଥିବା କାର୍ଯ୍ୟାଳୟ ଓ ସ୍କୁଲ କଲେଜରେ ପହଞ୍ଚି ବନ୍ଦ କରିବାକୁ ତାଦିଗ କରିଛନ୍ତି।



ମାଥିଲି, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ଆଇନ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ବଣରେ ରାଜ୍ୟ କଂଗ୍ରେସ ସୋମ୍ୟାଶ୍ରୀଙ୍କ ପ୍ରତି ଅନ୍ୟାୟକୁ ରାଜ ରାସ୍ତାରେ ଜାତୀୟ କଂଗ୍ରେସ। ଆତ୍ମହତ୍ୟା କରିନାହିଁ ବରଂ ସରକାର ତାଙ୍କୁ ହତ୍ୟା କରିଛନ୍ତି। ବାଲେଶ୍ୱର ଏଫ୍ ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ମିଳିତ ଭାବେ ତୀବ୍ର ବିରୋଧ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଅଖ ଚକ ଦୋକାନ ବଜାର ବନ୍ଦ। ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ସିଧା ସଳଖ ଭାବେ କହିଛନ୍ତି ଶେଷରେ ବିଜେପିର ଶାଖା ଏବିଭିପିର ଝିଅ ବି ସରକାରଙ୍କ ସିଷ୍ଟମରୁ ବାଦ୍ ପଡିଲାନି। ଛାତ୍ରୀ ଜଳୁଥିବା ସମସ୍ତେ ଦେଖୁଥିଲେ। ପେଟ୍ରୋଲ ଆସିଲା କେଉଁଠୁ ଏବଂ ତାଙ୍କୁ ଦେଲା କିଏ। କେହି ପ୍ରତିବାଦ କଲେନି । କାହା ଛତ୍ର ଛାୟାରେ କଲେଜ କର୍ତ୍ତୃପକ୍ଷ ? ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ବିଜେପି ସରକାର ନୈତିକତା ଦୃଷ୍ଟିରୁ ଶାସନରୁ ଗାଦିରୁ ଓହରିଯିବା ଦରକାର। ପ୍ରତିବାଦରେ ଆଜି ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି ପିସିସି ସଭାପତି ଶ୍ରୀଯୁକ୍ତ ଦାସ। ଏହି ବନ୍ଦରେ କଂଗ୍ରେସ ସମେତ ୮ଟି ସମଭାବାପନ୍ନ ଦଳ ସାମିଲ ହୋଇ ବନ୍ଦ ଡାକରା ଦେଇଥିଲେ। ବନ୍ଦ ଯୋଗୁଁ ସ୍କୁଲ୍, କଲେଜ, ଦୋକାନ ବଜାର ସବୁ ବନ୍ଦ ରହିଥିଲା। ବ୍ଲକ୍ କଂଗ୍ରେସ କମିଟିର ସଭାପତି ମଙ୍ଗଳା ଗୌଡ଼ଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରାଯାଇଥିଲା।



କାଲିମେଳା, (ଭାସ୍କର ନ୍ୟୁଜ୍) : ଓଡ଼ିଶା ବନ୍ଦ୍ ଡାକରାର ପ୍ରଭାବ କାଲିମେଳା ଓ ପଡ଼ିଆ ବ୍ଲକ ସଂପୂର୍ଣ୍ଣ ଭାବେ ବନ୍ଦ୍ ସଫଳ ହୋଇଛି। ଯାନବାହାନ, ଦୋକାନ ବଜାର, ଦପ୍ତର, ଜିଲ୍ଲାର ବଡ଼ କାଲିମେଳା ସାପ୍ତାହିକ ହାଟ ଆଦି ବନ୍ଦ ରହିଥିଲା। କାଲିମେଳା ବ୍ଲକରେ ପୂର୍ବତନ ସମିତି ଅଧକ୍ଷ ମାଲା ମାଡ଼ି ସମେତ ବ୍ଲକ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି, ବିକାଶ ମଲିକ, ନିଳକଣ୍ଠ ପଟ୍ଟନାୟକ, ଇର୍ମା କବାସି, ସମିତି ସଭ୍ୟ ସୋମନାଥ ପଡିଆମି, ପୂର୍ବତନ ସରପଂଚ ଏରା ମାଡକାମି, ପରିମଳ ମିସ୍ତ୍ରୀ, ଅଶୋକ ମଣ୍ଡଳ ଏବଂ ଅନ୍ୟମାନେ ଏହାର ନେତୃତ୍ୱ ନେଇଥିଲେ। ସେହିପରି ପଡ଼ିଆ ବ୍ଲକରେ ଏନ୍.ରାଜକୁମାର, ପ୍ରମୋଦ ସେଠୀ, ଏନ୍.ନାଗରାଜ, ଏନ୍.ଜୟଦେବ, ଇରସାଦ ଖାନ୍ ଏବଂ ଅନ୍ୟମାନେ ନେତୃତ୍ୱ ନେଇ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିଥିଲେ। ବିଜେଡି ଏବଂ ବିଜେପି ସରକାରରେ ନାରୀ କିମ୍ବା ଛାତ୍ରୀ ସୁରକ୍ଷିତ ନୁହନ୍ତି, ଯାହାଫଳରେ ଜଣଙ୍କ ପରେ ଜଣେ ଅକାଳ ମୃତ୍ୟୁବରଣ କରିଚାଲିଛନ୍ତି ବୋଲି ବିକ୍ଷୋଭକାରୀମାନେ ପ୍ରକାଶ କରିଛନ୍ତି। ମୁଖ୍ୟ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସଂପୃକ୍ତ ବିଧାୟକଙ୍କ ଗାଦିଚ୍ୟୁତ ଏବଂ ପିଡୀତା ପରିବାରକୁ ନ୍ୟାୟ ମିଳିବା ଦାବି କରାଯାଇଛି ।



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ୧୨ଘଣ୍ଟିଆ ବନ୍ଦ ହୋଇଛି। ଏବେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅଫିସ ସହ ଗାଡ଼ି ଚଳାଚଳ ବନ୍ଦ ରହିଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶି କଲେଜ କର୍ତ୍ତୃପକ୍ଷଙ୍କ ନିର୍ଯ୍ୟାତନା ଓ ଶୋଷଣର ଶୀକାର ହୋଇ ଆତ୍ମହତ୍ୟା କରିଥିଲେ। ଏହି ପିଡ଼ିତା କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବି ଆଜି ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଓଡିଶା ବନ୍ଦ ଡାକରା ଦେଇଛନ୍ତି। ଏହି କ୍ରମରେ ଆଜି ନୂଆପଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ଘାସିରାମ ମାଝିଙ୍କ ନେତୃତ୍ୱରେ ସମଗ୍ର ଜିଲ୍ଲାରେ ସମ୍ପୂର୍ଣ୍ଣ ବନ୍ଦ ପାଳନ ହୋଇଛି। ଏଥିରେ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ, କଲେଜ, ଦୋକାନ ବଜାର ସହ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସ୍ଥାନୀୟ ଏକତା ଛକରେ କଂଗ୍ରେସ ନେତା ଓ କର୍ମୀମାନେ ଟେଣ୍ଟ ଲଗାଇବା ସହ ଚୌକି ପକାଇ ରାସ୍ତା ଅବରୋଧ କରିଛନ୍ତି । ନୂଆପଡ଼ା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ମୁରଲୀଧର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁରେଶ ଆଜାଦ, ବରିଷ୍ଠ ନେତା ଆଲୋକ ଗୁରୁ, ହରି ମାଝି, ଅଭୟ ଯୋଶୀ, ଅଶୋକ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଚଢାଉ, ୨ ଗିରଫ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଅବକାରୀ ଥାନା ପକ୍ଷରୁ ବୁଧବାର ପୃଥକ ସ୍ଥାନରେ ଚଢାଉକରି ମହୁଲପୋଚ ନଷ୍ଟ ସମେତ ରନ୍ଧାମଦ ଜବତ ଘଟଣାରେ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମର ମହେନ୍ଦ୍ର ହେମ୍ବ୍ରମର ସ୍ତ୍ରୀ ସାଲୋ ହେମ୍ବ୍ରମ ନିକଟରୁ ୨୫ ଲିଟର ଚୋରା ଦେଶମଦ ଏବଂ ସେହି ବଣତାଳପଦା ଗ୍ରାମର ଶ୍ୟାମସୁନ୍ଦର ମାଝୀର ପୁଅ ବୁଧସା ମାଝୀ(୫୩) ନିକଟରୁ ଦେଢଶହ କେଜି ମହୁଲପୋଚ ସମେତ ୧୫ଲିଟର ରନ୍ଧାମଦ ଜବତ କରାଯାଇଥିଲା ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଉଭୟ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅପରାହ୍ନରେ ବେତନଟୀ ଜେଏମ୍‌ଏଫସି କୋର୍ଟଚାଲାଣ କରାଯାଇଥିଲା ।

## ଭାଉଜକୁ ଅସଦାଚରଣ, ଦିଅର ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍) : ଭାଉଜକୁ ଅସଦାଚରଣ ଓ ଆକ୍ରମଣ ଘଟଣା ଦିଅରକୁ ମହଙ୍ଗା ପଡିଛି। ମିଳିଥିବା ସୂଚନା ଅନୁଯାଇ ନିଆଳି ଥାନା ଅଧିନସ୍ତ ଦେବୀକନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅଧିନସ୍ତ ସିଠାଳ ଗ୍ରାମର କଳ୍ପନା ପରିଡା ନିଜ ଦିଅର ବିକ୍ରମ ପରିଡା ଓରଫ ଦିପୁ (୩୦)ଅସଦାଚରଣ ଓ ଆକ୍ରମଣ କରିଥିବା ନିଆଳି ଥାନାରେ ଅଭିଯୋଗ କରିଥିଲେ କଳ୍ପନା। ନିଆଳି ଥାନା ପୋଲିସ ୩୧୬/୨୫ରେ ମାମଲା ରୁଜୁ କରି ଦିଅର ବିକ୍ରମକୁ ଗିରଫ କରିଛି। ବିକ୍ରମ ନାମରେ କ୍ଲଜ ୨-୧୨୬,୧୧୫-୨, ୧୧୮, ୧୦୧-୧୦୯, ୨୯୬, ୩୫୧-୨ରେ ଗିରଫ କରିଛି। ଆସନ୍ତା କାଲି କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ଶିବ ନାରାୟଣ ଦତ୍ତ ହେଲେ ନୂତନ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର

ସାରସକଣା, ( ଭାସ୍କର ନ୍ୟୁଜ୍): ଏହି ବ୍ଲକ୍ ଅନ୍ତର୍ଗତ ଶୀର୍ଷା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ଭାବରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ମଣଦା ଗୋଷ୍ଠୀ ଚିକିତ୍ସାଳୟରେ ଥିଲେ। କିଛି ବର୍ଷ ପୂର୍ବେ ସେ ଶୀର୍ଷା ଗୋଷ୍ଠୀ ଚିକିତ୍ସାଳୟରେ ମଧ୍ୟ ଥିଲେ। ସୀତାକାନ୍ତ ଦାସଙ୍କ ବଦଳି ପରେ ଶ୍ରୀ ଦତ୍ତ ଯୋଗ ଦେଇଛନ୍ତି। ସେ ଜଣେ କର୍ତ୍ତବ୍ୟ ପରାୟଣ, ଉଚ୍ଚ ମାନସିକତା ସମ୍ପନ୍ନ ବ୍ୟକ୍ତି। ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ଅଭିଭାଷଣରେ ସେ ନିଜ କହିଛନ୍ତି ଯେ ପ୍ରଥମେ ସେ ଜଳ ପରିମଳ ଉପରେ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବେ। କର୍ମଚାରୀ ମାନେ ଠିକ୍ ଭାବରେ ନିଜର କାର୍ଯ୍ୟ ଠିକ୍ ଭାବରେ କରୁଛନ୍ତି ନା ନାହିଁ, ତାହା ମଧ୍ୟ ତଦାରଖ କରିବେ। ରୋଗୀ ମାନେ ଠିକ୍ ଯେପରି ସେବା ପାଇପାରିବେ ସେ ଦିଗରେ ସେ ଯତ୍ନବାନ ହେବେ। ସେ ପୁଣି ଥରେ ପୁରୁଣା ସ୍ଥାନକୁ ଫେରିଛନ୍ତି ବୋଲି ଜନସାଧାରଣ ଆନନ୍ଦ ଅନୁଭବ କରୁଛନ୍ତି। ସେ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ସଂଘର ସଭାପତି ଅଛନ୍ତି। ତେଣୁ ତାଙ୍କର କର୍ତବ୍ୟନିଷ୍ଠ ମାନସିକତା ପାଇଁ ଭଗବାନ ତାଙ୍କର ମଙ୍ଗଳ କରନ୍ତୁ।



## ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ନୂତନ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସର୍ବମୋଟ ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ସ୍ତରୀୟ ସାମୁହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୮ ଟି ବ୍ଲକରେ ୮ ଟି କେନ୍ଦ୍ର ନିର୍ମାଣ ହେବ। ଏହି ପ୍ରକଳ୍ପରେ ସାଂସଦ ପାଣ୍ଠିରୁ ୩୦ ଲକ୍ଷ ଏବଂ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ୨୩ ଲକ୍ଷ ବିନିଯୋଗ ହେବ। ଏହାଦ୍ୱାରା ବୁଦ୍ଧିଜୀବୀ , ସମାଜସେବୀ ଓ ଯୁବଗୋଷ୍ଠୀ ବେଶ ଉପକୃତ ହେବେ। ଏହା ଦ୍ୱାରା ଯୋଗ୍ୟତା ବୃଦ୍ଧି ସହ ଭୁବନେଶ୍ୱର ସାଂସଦ ମହୋଦୟା ନିଜେ ମଧ୍ୟ କମ୍ପିଟେଟିଭ୍ ଶିକ୍ଷା ପ୍ରଦାନ କରିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା , ସମିତି ସଭ୍ୟା , ଜିଲ୍ଲା ପରିଷଦ ସଭ୍ୟା ଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ମାନେ ସାମିଲ ହୋଇଥିଲେ ।

## ଜଳିଗଲା ବ୍ୟାଟେରୀ ଗାଡ଼ି

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରଠାରେ ଆଜି ଅପରାହ୍ନରେ ଏକ ବ୍ୟାଟେରୀ ଗାଡ଼ି ହଠାତ୍ ଜଳି ଉଠିଥିଲା। ସୂଚନାରୁ ପ୍ରକାଶ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜାମୁଦଣ୍ଡା ଗ୍ରାମର ଲୋକନାଥ ପ୍ରଧାନ ଆଜି ଅପରାହ୍ନରେ ଘରୁ ତାଙ୍କ ବ୍ୟାଟେରୀ ଗାଡ଼ି ଆସି ଚାନ୍ଦୋଳ ବଜାର ସ୍ଥିତ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ରଖିଥିଲେ । ତେବେ କିଛି ସମୟ ପରେ ତାଙ୍କ ବ୍ୟାଟେରୀ ଗାଡ଼ିରୁ ଧୂଆଁ ବାହାରୁଥିବା ସେ ଦେଖିବାକୁ ପାଇଥିଲେ । ପାଖକୁ ଯାଇ ବ୍ୟାଟେରୀ ଚାମ୍ବରରୁ ଧୂଆଁ ବାହାରୁଥିବାରୁ ସେ ଗାଡ଼ି ମଧ୍ୟରୁ ବ୍ୟାଟେରୀକୁ ବାହାର କରିବା ପାଇଁ ଚେଷ୍ଟା କରିବା ବେଳେ ଗଡ଼ିରୁ ନିଆଁ ବାହାରି ହଠାତ୍ ଜଳି ଉଠିଥିଲା । ଏହି ନିଆଁରେ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଜଣାଯାଇଛି।



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ସ୍ଥିତ ସେନେ କାର୍ଣ୍ଣିଭାଲ ସିନେମା ହଲ୍ ପରିସରରେ 'ଏକ ପେଡ ମାଆ କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବୃକ୍ଷର ତ୍ରିବେଣୀ ସଙ୍ଗମ କରାଯାଇଛି। ବର, ଓସ୍ତ, ନିମ୍ବ ଏହି ତିନୋଟି ଗଛକୁ ଲଗାଇ ପରିବେଶ ସନ୍ତୁଳନ କରାଇବା ଉଦ୍ଦେଶ୍ୟରେ ଆଜି ସିନେ କାର୍ଣ୍ଣିଭାଲ ମାଲିକ ତଥା ଅପେରସନ ତ୍ରିବେଣୀ ପର୍ଯ୍ୟାବରଣର ରାଜ୍ୟ ସଭାପତି ଅମିତାଭ ସାମଲ ବେଶ୍ ଖୁସି ଅନୁଭବ କରିଥିଲେ। ରାଜ୍ୟର ସଭାପତି ଦାୟିତ୍ୱ ବହନ କରି ଏହି ଅନୁଷ୍ଠାନର କାମକୁ ତ୍ୱରାନ୍ୱିତ କରିବା ପାଇଁ ସେ ସଂକଳ୍ପ ନେଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅମିତାଭ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆଦରି ନେବା ସହିତ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ପରିବେଶ ସୁରକ୍ଷା ଓ ଏହାର ସନ୍ତୁଳନ ପାଇଁ ଚାରାରୋପଣର ଆବଶ୍ୟକତା ରହିଥିବା ବେଳେ ଏହି ତ୍ରିବେଣୀ ସଙ୍ଗମ କାର୍ଯ୍ୟକ୍ରମ ବେଶ୍ ଲାଭଦାୟକ ହୋଇପାରିବ ବୋଲି କହିଛନ୍ତି ଅମିତାଭ ସାମଲ। ମୁକ୍ତ ଅମ୍ଳଜାନ ପାଇବା ପାଇଁ ବର, ଓସ୍ତ ଓ ନିମ୍ବ ଗଛର ମହତ୍ତ୍ୱ ବେଶ୍ ରହିଥିବା ବେଳେ ଏହି ଗଛ ଗୁଡ଼ିକୁ ଚାରିଆଡ଼େ ଲଗାଇବା ପାଇଁ ତ୍ରିବେଣୀ ପର୍ଯ୍ୟାବରଣ ମିଶନ ମାଧ୍ୟମରେ କରାଯାଉଥିବା ଜଣାପଡିଛି। ଆଗାମୀ ଦିନରେ ପରିବେଶ ସନ୍ତୁଳନ ପାଇଁ ଏହି କାର୍ଯ୍ୟକ୍ରମକୁ ବେଶ ଗୁରୁତର ସହିତ ପ୍ରଚାର ପ୍ରସାର କରାଯାଇ ନିଜ ମାଆଙ୍କ ନାମରେ ଗୋଟିଏ ବୃକ୍ଷ ରୋପଣ ନିମନ୍ତେ ସଚେତନ କରାଯିବ ବୋଲି କହିଛନ୍ତି ଶ୍ରୀ ସାହୁ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ରାକେଶ ଛୁଟରାୟ।



# ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟିରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଗୋବରଘାଟି ଫେଜ୍-୨ର ବାମିଆଘାଟ କମ୍ୟୁନିଟି ହଲ୍‌ରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ର ଜରିଆରେ ଫାଉଣ୍ଡେସନ ସ୍ୱଦେଶୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ପାଇଁ ରହିଥିବା ପ୍ରତିବଦ୍ଧତାକୁ ଦୋହରାଇଛି ଟାଟା ଷ୍ଟିଲ। ଏହି କେନ୍ଦ୍ରକୁ ଟାଟାଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟାଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ (ଟିଏସ୍‌କେଡବ୍ଲ୍ୟୁ)ର ସଭାପତି ରବିନ୍ଦ୍ର କୁମାର ଜାମୁଦା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଗୋଷ୍ଠୀର ସସଦ୍ୟ ଏବଂ ଚଡ଼ିଆ, ଗୋବରଘାଟି ଓ ନୂଆ ଚମ୍ପାକୋଇଲା ଅଂଚଳର ବିସ୍ଥାପିତ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ୨୦୨୫ ଜୁଲାଇ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଏକ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ସେଥିରେ ଯୁବବର୍ଗ, ମହିଳା ଓ ଗୋଷ୍ଠୀର ନେତୃମଣ୍ଡଳୀ ସମେତ ୬୦ରୁ ଅଧିକ ଜନସାଧାରଣ ଯୋଡ଼ି ହୋଇଥିଲେ। ଝାଡ଼ଖଣ୍ଡର ଆଦିବାସୀ ରାମୋଜ ଆଖଡ଼ା ସହଯୋଗରେ ଆୟୋଜିତ ଏହି କର୍ମଶାଳା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟନ ଅବସର ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା ଏବଂ ସ୍ଥାନୀୟ ସମାଜରେ ସାଂସ୍କୃତିକ ଗୌରବ ଓ ଉତ୍ସାହକୁ ସୁଦୃଢ଼ କରିଥିଲା। ଏହି ସମାରୋହରେ ଟିଏସ୍ଏଫ୍ ଟିମ୍ ତରଫରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇଥଲା। ଏହି ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରକୁ ସାଂସ୍କୃତିକ ପରିପ୍ରକାଶ, ଦକ୍ଷତା ବିକାଶ ଏବଂ ଗୋଷ୍ଠୀ ସମ୍ପୃକ୍ତିର ହବ୍ ଭାବେ ପରିକଳ୍ପନା କରାଯାଇଥିବା ବେଳେ ଭବିଷ୍ୟତ ପିଢ଼ି ପାଇଁ ଆଦିବାସୀ ନୃତ୍ୟ ଓ ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଆହୁରି ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ବିରୁପାରେ ବନ୍ୟା, ହାଇଆଲର୍ଟ ଜାରି

ଡେରାବିଶ (ଭାସ୍କର ନ୍ୟୁଜ୍) : ବ୍ରାହ୍ମଣୀ ସିଷ୍ଟମରେ ବନ୍ୟାଜଳ ଆସି ଏବେ ବିରୁପା ନଦୀ ଫୁଲିବାରେ ଲାଗିଛି। ରେଙ୍ଗାଲି ଠାରେ ତିନୋଟି ଗେଟ୍ ଦେଇ ବନ୍ୟାପାଣି ବ୍ରାହ୍ମଣୀରେ ପ୍ରବେଶ କରିବା ଫଳରେ ଏହାର ଶାଖାନଦୀ ବିରୁପାର ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଏହି ନଦୀ କୂଳରେ ଥିବାର ଡେରାବିଶ ଅନ୍ତର୍ଗତ ବେଣିପୁର, ମଙ୍ଗଳପୁର ଓ ଛୋଟି ପଂଚାୟତର ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ୍ୟା ପାଣି ଏବେ ନଦୀବନ୍ଧ କଡ଼କୁ ଲାଗିଯାଇଥିବା ବେଳେ ନଦୀ ପଠାରେ ରହିଥିବା ବ୍ୟାପକ ପରିବା ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଛୋଟି ଗ୍ରାମର ପରିବା ଚାଷୀ ପ୍ରଦୀପ ଜେନା, ହଳଧର ସେଠୀ, ଜଳଧର ସେଠୀ, ବଳରାମ ସେଠୀ, ନିରଞ୍ଜନ ମଳିକ ନଦୀ ପଠାରେ ଚାଷ କରିଥିବା ବହୁ ପରିମାଣରେ କଖାରୁ, କାକୁଡ଼ି ଓ



ପୋଟଳ ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ସେହିପରି ମଙ୍ଗଳପୁର ଗ୍ରାମର ଚାଷୀ ପ୍ରମୋଦ ଜେନା, ଅନନ୍ତ ମଳିକ ନଦୀ ପଠାରେ କରିଥିବା ବ୍ୟାପକ ବାଇଗଣ ଫସଲ ନଷ୍ଟ ହୋଇଯାଇଥିବା ପ୍ରକାଶ କରିଛନ୍ତି। ଚାଷୀମାନେ କହିଛନ୍ତି ଆମେ ଧାରକରଜ କରି ବହୁ କଷ୍ଟରେ ଫସଲ ଲଗାଇ ଅମଳ କରିବା ବେଳକୁ ବନ୍ୟା ଆମର ସବୁ ଫସଲ ନଷ୍ଟ କରିଦେଲା। ବେଣିପୁର, ମଙ୍ଗଳପୁର ଓ ଛୋଟି ପଂଚାୟତର ଆହୁରି ଅନେକ ଚାଷୀଙ୍କର ଫସଲ ବିରୁପା ନଦୀ ପଠାରେ ବୁଡ଼ି ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବନ୍ୟାପାଣି ବଢୁଥିବାରୁ ମଙ୍ଗଳପୁର ପଂଚାୟତର ମଙ୍ଗଳପୁର ଦଳିତ ସାହି (ଧୋବାସାହି) ଓ ବେଣିପୁର ପଂଚାୟତର ବେଣିପୁର ପୋଲ ପାଖରେ ରହିଥିବା କିଛି ଲୋକଙ୍କ ଘରେ ପାଣି ପଶିଯିବା ଆଶଙ୍କା ରହିଥିବାରୁ ସେମାନେ ଏବେ ଉଚ୍ଚସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏଥିସହିତ ସେମାନଙ୍କ ଗାଈଗୋରୁମାନଙ୍କୁ ମଧ୍ୟ ଉଚ୍ଚସ୍ଥାନକୁ ନେଇଯାଇଥିବା ଜଣାଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ଓ ଜଳସମ୍ପଦ ବିଭାଗ ହାଇଆଲର୍ଟରେ ରହିଛି। ଆଜି ଡେରାବିଶ ବିଡ଼ିଓ ନମିତା ବାରିକ ଓ ତହସିଲଦାର ସରୋଜ କୁମାର ନାୟକ ନଦୀକୂଳିଆ ଅଞ୍ଚଳକୁ ଯାଇ ବନ୍ୟାସ୍ଥିତି ଦେଖିବା ସହିତ ନଦୀକୂଳିଆ ପଂଚାୟତର ସରପଞ୍ଚମାନଙ୍କୁ ହାଇଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଛୋଟି ସରପଂଚ ରଜନୀ ମଲିକ କହିଛନ୍ତି ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିରୁପା ନଦୀରେ ବନ୍ୟା ପାଇଁ ହାଇଆଲର୍ଟ ଜାରି କରାଯାଇଛି। ଏଥିସହିତ ସମ୍ଭାବ୍ୟ ବନ୍ୟାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଛତାର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଏହି ନଦୀ ବନ୍ଧର ବିଭିନ୍ନ ଦୁର୍ବଳ ସ୍ଥାନକୁ ନିରୀକ୍ଷଣ କରିବା ସହ ବନ୍ଧର ସୁରକ୍ଷା ପାଇଁ କର୍ମଚାରୀ ନିୟୋଜିତ କରିଥିବା ଜଣାଯାଇଛି।

## ମଙ୍ଗଳପୁରରେ ବ୍ୟାପୁଛି ଜଣ୍ଡିସ

# ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଜଣ୍ଡିସ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଏବେ ସୁଦ୍ଧା ଏହି ଗ୍ରାମରେ ୯ଜଣ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଗ୍ରାମର ଲକ୍ଷ୍ମୀପ୍ରିୟା ମଳିକ (୧୪), ସସ୍ମିତା ମଳିକ (୧୫), ରୁବିନା ମଳିକ (୧୦), ସାଇ ଶ୍ରଦ୍ଧା ମଳିକ (୭), ରାନି ଦାସ (୧୦), ମାମୁନି ମଳିକ(୧୧), କ୍ରୀଷ୍ଣା ମଳିକ (୭), ରଶ୍ମିରଞ୍ଜନ ମିଶ୍ର (୧୫), ସୂର୍ଯ୍ୟକାନ୍ତ ମଳିକ (୧୨) ପ୍ରମୁଖ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହି ଖବର ବ୍ୟାପିବା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ପାଇ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଏଡିପିଏଚଓ ଡା. ଶ୍ୟାମସୁନ୍ଦର ଟୁଡ୍ଡୁ, ଏପିଡେମିକୋଲୋଜିଷ୍ଟ ଡା. ଆଶୋକ କୁମାର ସାହୁ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସ୍ମିତା ପ୍ରିୟଦର୍ଶନୀଙ୍କ ସମେତ ଏକ ସ୍ୱାସ୍ଥ୍ୟ ବିଭାଗ ଟିମ୍ ମଙ୍ଗଳପୁରରେ ପହଞ୍ଚି ପୀଡିତଙ୍କୁ ଭେଟିଥିଲେ ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ରୋଗ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଆକ୍ରାନ୍ତମାନଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। ତେବେ ଗ୍ରାମରେ ଥିବା ଅସ୍ୱାସ୍ଥ୍ୟକର ପରିବେଶ, ଦୂଷିତ ପାନୀୟ ଜଳ ଓ ଖାଦ୍ୟ ଏହି ରୋଗର କାରଣ ହୋଇଥାଇ ପାରେ ବୋଲି ଡାକ୍ତରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି।

# ସିଏସ୍‌ସି ପ୍ରତିଷ୍ଠା ଦିବସ ଓ ଚାରାରୋପଣ କାର୍ଯ୍ୟକ୍ରମ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଅରଡିଆପଦା ଗ୍ରାମ ସିଏସ୍‌ସି ସେଣ୍ଟରରେ ୧୬ତମ ସିଏସ୍‌ସି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭିଏଲ୍‌ଇ ଶଶିଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହୀଧରପଡ଼ା ସିଏଚ୍‌ସିର ମେଡିକାଲ ଅଫିସର ଡ଼. ହରପ୍ରିୟା ବାରିକ, ସଦର ଥାନା ସବ୍‌ଇନସ୍ପେକ୍ଟର ବିକ୍ରମ ବେହେରା, ବାରଙ୍ଗ ବ୍ଲକ ସହ ଉଦ୍ୟାନ ସହକାରିଣୀ ପୁଷ୍ପିତା ସାହୁ, ଭି.ଏଲ.ଡବ୍ଲ୍ୟୁ ରାଜେଶ୍ୱରୀ ସାହୁ, ଗବବସ୍ତ ଆର୍‌ଆଇ ମିକି ଜୁଜୁ, ଅରିଲୋ ସର୍କଲ ଆର୍‌ଆଇ ଶୁଭଶ୍ରୀସ୍ମିତା ମହାନ୍ତି, ଫରେଷ୍ଟ ଗାର୍ଡ ସୁମିତ ଟୁଡୁ, ଗ୍ରାମୀଣ ଇଷ୍ଟୋର ଅଧିକାରୀ ଜିତେନ୍ଦ୍ର ରାଉତ, ଏଲ୍‌ଆଇ ପ୍ରତିମା ଦାସ, ଏଲ୍‌ଆଇସି ଭୁବନେଶ୍ୱର ଡିଓ ଅଶ୍ୱିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ମ୍ୟାନେଜର ରମାକାନ୍ତ ନାୟକ ଓ ୟୁକୋ ବ୍ୟାଙ୍କ୍ ଆସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱଜିତ୍ ପତ୍ରୀ ଯୋଗ ଦେଇ କେମିତି ପ୍ରତି ଗ୍ରାମପଞ୍ଚାୟତରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହେବ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରଂଗ ବ୍ଲକର ୩୩ ନମ୍ବର ଜୋନର ସମସ୍ତ ଏମ.ବି.କେ ଓ ସି.ଆର.ପି -ସି.ଏମ, ବୁଦ୍ଧିଜୀବୀ, ଗ୍ରାମ୍ୟମୁରବୀ, ଯୁବଗୋଷ୍ଠୀ ପ୍ରମୁଖ ଉପସ୍ଥିତ ରହି ଆଜିକା ଦିନରେ ସିଏସ୍‌ସିର ଆବଶ୍ୟକତା ଓ କାର୍ଯ୍ୟାବଳୀ ବୁଝିଥିଲେ। ଅର୍ପିତା ଜେନା, ନିରଞ୍ଜନ ମହାନ୍ତି, ଗୋପାଳ ଦାସ, ଶ୍ରୀନିବାସ ସାହୁ, ସ୍ୱର୍ଣ୍ଣମିତ୍ରା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନଗରୀ ସରପଞ୍ଚ ନରୋତ୍ତମ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପରିଶେଷରେ ବନ ବିଭାଗ ତରଫରୁ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ 'ଓଡ଼ିଶା ବନ୍ଦ'ର ପ୍ରଭାବ



**ଆସିକା (ଭାସ୍କର ନ୍ୟୁଜ୍) :** ବାଲେଶ୍ୱର ଏଫ୍.ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ଆଜି ବନ୍ଦ ଡାକରା ଦେଇଛି ଜାତୀୟ କଂଗ୍ରେସ। ଏହି ବନ୍ଦ ଡ଼ାକରାକୁ ଆସିକା କଂଗ୍ରେସ ପକ୍ଷରୁ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ବନ୍ଦ ଡାକରା ଦେଇଥିବା ବେଳେ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଛି ଆଠଟି ବାମପନ୍ଥୀ ଦଳ। ତେବେ କଂଗ୍ରେସର ଏହି ବନ୍ଦ ଡାକରାର ସମ୍ପୂର୍ଣ୍ଣ ପ୍ରଭାବ ଗଞ୍ଜାମ ଜିଲ୍ଲା ଆସିକାରେ ଦେଖିବାକୁ ମିଳିଛି। ସକାଳ ଛଅରୁ କଂଗ୍ରେସ ନେତା ଓ କର୍ମୀମାନେ ବିଭିନ୍ନ ଛକରେ ପ୍ରତିବାଦ କରିବା ସହ ପିକେଟିଂ ଜାରି ରଖିଥିଲେ। କଂଗ୍ରେସର ଏହି ଆନ୍ଦୋଳନରେ ଗାଡ଼ି ମଟର ଚଳାଚଳ ସହ ସ୍କୁଲ କଲେଜ, ବ୍ୟାଙ୍କ, ତହସିଲ, ବ୍ଲକ କାର୍ଯ୍ୟାଳୟ ଓ ଦୋକାନ ବଜାର ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ମଧ ବନ୍ଦ ରହିଥିବା ଦେଖିବାକୁ ମିଳିଛ। ଏହି ବନ୍ଦ ଡାକରା ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳ ହୋଇଥିବା ବେଳେ କଂଗ୍ରେସ ନାରୀନେତ୍ରୀ ସୁଧିପ୍ତା ଦାଶ, ସୁଶାନ୍ତ କୁମାର ରାଉତ, ମାନସ ଆଚାର୍ଯ୍ୟ, ପ୍ରିୟାଂଶୁ ପରିଡା, ଧବଳ ନାହାକ, ଭବାନୀ ଦାଶ, ପବିତ୍ର ପାତ୍ର, ଅଭିନାସ ବେହେରା, କ୍ଷେତ୍ରବାସୀ ଦୋର, ପପୁ ଦାଶ, ଦିପୁ ଦାଶ ପ୍ରମୁଖ ନେତୃତ୍ୱରେ ଏହି ବନ୍ଦ ଡ଼ାକରା ସଫଳ ହୋଇଛି।

**ପରଜଙ୍ଗ (ଭାସ୍କର ନ୍ୟୁଜ୍) :** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରାକୁ ପରଜଙ୍ଗ ଅଞ୍ଚଳରେ ସଫଳ ରୂପାୟନ ଦେଇଛି। ରାଜ୍ୟ କଂଗ୍ରେସ ସଭାପତିଙ୍କ ଆହ୍ୱାନ କ୍ରମେ ମୁଖ୍ୟ ପ୍ରସଙ୍ଗ ଭାବେ ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଓ ନାରୀ ନିର୍ଯାତନାକୁ ନେଇ ସାରା ରାଜ୍ୟରେ ଚକଅଖ, ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକୁ ବନ୍ଦ କରିବା ଡାକରା ଦେଇଥିବା ବେଳେ, ସେହି ପରିପ୍ରେକ୍ଷୀରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଯୁବନେତା ରଣଜିତ ସାହୁଙ୍କ ନେତୃତ୍ୱରେ ପ୍ରାକ୍ତନ କଂଗ୍ରେସ



ବ୍ଲକ ସଭାପତି ନଗେନ ବିନାୟକ, ସକ୍ରିୟ ଯୁବନେତା ଦିଲ୍ଲୀପ କୁମାର ନାଥ, ଦୟାସାଗର ଦାସ, ସଦାଶିବ ମଲ୍ଲିକ୍, ଶରତ ନାୟକ, ମକରଧ୍ୱଜ ସାହୁ, ବିଭୁତି ସାହୁ ପ୍ରମୁଖ ଯୋଗ ଦେଇ ୫୩ନଂ ଜାତୀୟ ରାଜପଥ ବାଇପାସ ପେଟ୍ରୋଲ ଟାଙ୍କି ନିକଟରୁ ଶତାଧିକ କଂଗ୍ରେସ କର୍ମୀମାନଙ୍କୁ ନେଇ ସେଠାରୁ ବାହାରି ପରଜଙ୍ଗ ସ୍ଥିତ ସ୍ୱର୍ଗତ ସଂଗ୍ରାମୀ ମହେଶ୍ଚନ୍ଦ୍ର ସୁବାହୁ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତହସିଲ, ବ୍ଲକ, କଲେଜ ଓ ଦୋକାନ ବଜାର ସହିତ ସରାଙ୍ଗ ଠାରୁ ମୁକ୍ତାପସୀ ପର୍ଯ୍ୟନ୍ତ ସମସ୍ତ ଅନୁଷ୍ଠାନକୁ ଶୃଙ୍ଖଳାର ସହ ବନ୍ଦ କରାଇବାରେ ସଫଳ ହୋଇଥିବା ଜଣାପଡିଛି। ଏହି ବନ୍ଦ ଡାକରା କାର୍ଯ୍ୟକ୍ରମରେ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ମାଜିଷ୍ଟ୍ରେଟ କ୍ଷମତାରେ କ୍ଷେତ୍ର ପରିଦର୍ଶନ କରିଥିବା ବେଳେ, ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଦେବଗ୍ରାହୀ ମହାନ୍ତିଙ୍କ ନେତୃତ୍ୱରେ ପରଜଙ୍ଗ ପୋଲିସ ଟିମ୍ ସୁଚାରୁରୂପେ ଶୃଙ୍ଖଳା ଦାୟିତ୍ୱ ଲିଭାଇ ଥିବା ଜଣାପଡିଛି।

**କନ୍ଧମାଳ (ଭାସ୍କର ନ୍ୟୁଜ୍) :** ଆଜି କନ୍ଧମାଳ ବ୍ଲକରେ କଂଗ୍ରେସର ଶାନ୍ତି ପୂର୍ଣ୍ଣ ଭାବରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଓ ସର୍ବୋପରି ରାଜ୍ୟରେ ନାରୀ ନିର୍ଯାତନା ବିରୋଧରେ କଂଗ୍ରେସ ଦଳ ଦ୍ୱାରା ଗୁରୁବାର ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କନ୍ଧମାଳ ବ୍ଲକର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଯାନବାହନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଛି। କନ୍ଧମାଳ ବ୍ଲକ କଂଗ୍ରେସ କମିଟିର ସଭାପତି ସୁଶାନ୍ତ ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସାହୁ, ନିବାସ ବାରିକ,ବିଶ୍ୱାମିତ୍ର ପାଢ଼ୀ, ଶୁକଦେବ ମଙ୍ଗରାଜ, ମକୁନ୍ଦ ନାଏକ, ବନମାଳୀ ଅମାତ, ସରୋଜ ସାହୁ, ନିତ୍ୟାନନ୍ଦ କର୍ମୀ, ସୁନାଧର ପୁଟେଲ, କେଶବ କ୍ଷେତି, ବ୍ରଜ ମୋହନ ବାରିକ, ପରାଧୀନ ଗୁରୁ, ଅରବିନ୍ଦ ଗୁରୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇ କନ୍ଧମାଳ, ପଲସାଗୋରା, ଘଣ୍ଟାପଡା, ଖୁଣ୍ଟିଗୋରା, ଖଟଖଟିଆ, ରଣ୍ଡିମହୁଲର ବିଭିନ୍ନ ଛକରେ ବନ୍ଦକୁ ଜୋରଦାର କରିଥିଲେ।



**ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) :** ବାଲେଶ୍ୱରରେ ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ସାହାସୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ଲକ୍ଷ୍ୟରେ ଜାତୀୟ କଂଗ୍ରେସ ପକ୍ଷରୁ ଆଜି ସଂପୂର୍ଣ୍ଣ ଓଡିଶା ବନ୍ଦ ଡାକରା ଦେଇ ଅଖଚକ ବନ୍ଦ କରିବା ସହ କଂଗ୍ରେସ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି। ଏନେଇ ଗୁରୁବାର ସକାଳୁ କଂଗ୍ରେସ ଦଳର ଯୁବନେତା ଦେବେଶ ପଣ୍ଡାଙ୍କ ନେତୃତ୍ୱରେ ବ୍ରଜରାଜନଗର କଂଗ୍ରେସ ଦଳର କର୍ମୀମାନେ ପିକେଟିଂ କରି ସ୍କୁଲ, କଲେଜ, ବ୍ୟାଙ୍କ, ଦୋକାନ ବଜାର ସହିତ ଚକଅଖ ବନ୍ଦ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ ବନ୍ଦ କରୁଥିବା ବେଳେ ଜରୁରିକାଳୀନ ଗାଡିଗୁଡିକ ଛାଡି ଦେଉଥିଲେ। ନାରୀ ସଶକ୍ତିକରଣ ଓ ସୁରକ୍ଷାକୁ ନେଇ ସରକାର ସ୍ୱତନ୍ତ୍ର ଆଇନ୍ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ନାରୀଟିଏ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଯାହାକୁ ନେଇ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗ ଆଜି ସାରା ଓଡିଶାବାସୀଙ୍କୁ ସ୍ତବ୍ଧ କରି ଦେଇଛି। କଂଗ୍ରେସ କର୍ମୀମାନେ ନାରା ବାଜି କରି ବ୍ରଜରାଜନଗର ମୁଖ୍ୟ ବଜାର, ମଣ୍ଡଳିଆ, ଗାନ୍ଧୀଛକ ବନ୍ଦ କରିବା ପରେ ସରକାର ବିରୋଧୀ ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା। ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ନିର୍ଦ୍ଦେଶରେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଓ ଓରିଏଣ୍ଟ ଥାନା ଅଧିକାରୀ କ୍ଷମା ସାଗର ନାୟକ କଂଗ୍ରେସ କର୍ମୀମାନଙ୍କୁ ଗିରଫ କରିଛନ୍ତି। ଏହାପରେ ମାଲବାହୀ ଯାନ ଚଳାଚଳ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲା ପୋଲିସ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ପୋଲିସ ପାଟ୍ରୋଲିଂ କରାଇବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ବନ୍ଦ ପାଳନକୁ ଶାନ୍ତିପୂର୍ଣ୍ଣ କରାଇ ଥିଲେ।

**ବଡ଼ଚଣା (ଭାସ୍କର ନ୍ୟୁଜ୍):** ରାଜ୍ୟ ସରକାର ନାରୀ ନିର୍ଯାତନାର ରୋକିବାରେ ବିଫଳ ସହିତ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ



ନିରୀହ ଛାତ୍ରୀଙ୍କ ପ୍ରତି ହୋଇଥିବା ନିର୍ଯାତନା ଓ ଆତ୍ମହତ୍ୟା ପ୍ରତିବାଦରେ ଆଜି ସମଗ୍ର ରାଜ୍ୟରେ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ସିପିଆଇ ଓ କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଯାଇଥିଲା। ଏହି ନିର୍ବାଚନ ମଣ୍ଡଳୀର ଛତିଆ, ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର ଆଦି ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ସଫଳ ହୋଇଛି। ଏହି ଡାକରାକୁ ସମର୍ଥନ ଜଣାଇ ଦୋକାନୀ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଚଣ୍ଡିଖୋଲ ଛକରେ କଂଗ୍ରେସ ନେତା ପୂର୍ବତନ ପିସିସି ସମ୍ପାଦକ ଡଃ ସନ୍ତୋଷ କୁମାର ବଳ ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀଙ୍କ ସହିତ ସିପିଆଇ କର୍ମୀମାନେ ଏହି ହରତାଳରେ ସାମିଲ ହୋଇଥିଲେ। ଚଣ୍ଡିଖୋଲ ଛକ ତିନିଟି ରାଜପଥର ସଙ୍ଗମ ସ୍ଥଳ ହୋଇଥିବାରୁ ଏହି ରାଜପଥ ଦେଇ ଶହଶହ ଗାଡିକୁ ଉଭୟ କଂଗ୍ରେସ ଓ ସିପିଆଇ କର୍ମୀମାନେ ରାସ୍ତାରେ ଅଟକାଇ ଥିଲେ। ସନ୍ତୋଷ ବଳଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବଜାର ସାରା ମୋଟର ସାଇକେଲରେ ପିକେଟିଂ କରି କେନ୍ଦ୍ର ଓ ରାଜ୍ୟ ବିରୋଧରେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଯାହାଫଳରେ ରାସ୍ତାର ଉଭୟ ପାଖରେ ଶହ ଶହ ଗାଡି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଉଭୟ କଂଗ୍ରେସ ଓ ସିପିଆଇ କର୍ମୀମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ ବାଲେଶ୍ୱର ସାଂସଦଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ କଂଗ୍ରେସ ଓ ସିପିଆଇ ନେତା ଦାବି କରିଥିଲେ। ଏହି ବନ୍ଦ ଫଳରେ ଯାନବାହାନ ଚଳାଚଳରେ ବ୍ୟାପକ ଅସୁବିଧା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଗାଡି ଗୁଡିକ ଦୀର୍ଘ ସମୟ ଧରି ବନ୍ଦ ହୋଇଥିଲା। ଏହି ସମୟରେ ସମସ୍ତ ଅତ୍ୟାବଶ୍ୟକ ଗାଡି ଗୁଡିକୁ କିନ୍ତୁ ଛଡା ଯାଉଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ସୁରେଶ ସାହାଣି, ଯୁବ ନେତା ଚର୍ଚ୍ଚିତ ମାହାଲା, ପ୍ରାକ୍ତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ଜନାର୍ଦ୍ଦନ ରାଉତରାୟ ପ୍ରମୁଖଙ୍କ ସହିତ ସିପିଆଇ ପକ୍ଷରୁ ଇଶ୍ୱର ପରିଡ଼ା, ରଞ୍ଜନ ଜେନା, ସୁକାନ୍ତ ଜେନା, ଭାସ୍କର ନାରାୟନ ସେଠୀ, ଭଗବାନ ପଣ୍ଡା ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ଏରସମା (ଭାସ୍କର ନ୍ୟୁଜ୍) :** ଜଗତସିଂହପୁର ଜିଲ୍ଲା ଏରସମା, ଭିତର ଅନ୍ଧାରୀ, ବାଲିତୁଠ, ଜାନକାଦେଇପୁର, ଚଟୁଆ ଛକ ଆଦି ଏଫ୍ଏମ୍ କଲେଜ୍ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଏଫ୍ଏମ୍ କଲେଜ୍ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବି କରି ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସେଥି ମଧ୍ୟରୁ ଜଗତସିଂହପୁର ଜିଲ୍ଲାର ଏରସମା, ଭିତର ଅନ୍ଧାରୀ, ଚଟୁଆ, ବାଲିତୁଠ ଓ ଜାନକାଦେଇପୁର ଅଞ୍ଚଳରେ ଦେଖିବାକୁ ମିଳିଛି ଏହି ବନ୍ଦ ଡାକରାର ପ୍ରଭାବ। ତେବେ ଏହି ବନ୍ଦ ଡାକରା ପ୍ରଭାବରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ତଥା ସ୍କୁଲ୍, କଲେଜ, ଦୋକାନ ବଜାର, ଯାନ ବାହାନ ଆଦି ଚଳାଚଳ ଠପ୍ ହୋଇଯାଇଛି। ମାତ୍ର ଏହି ୧୨ଘଣ୍ଟିଆ ବନ୍ଦ ଡାକରାର ମୁଖ୍ୟ କାରଣ ହେଉଛି ଏଫ୍ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି ଓ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପାଳନରେ ଭିତର ଅନ୍ଧାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ମାଝୀ, ଏରସମା ବ୍ଲକ୍ କଂଗ୍ରେସ ଉପସଭାପତି ନଳିନୀ ରଞ୍ଜନ ବେହେରା, ଯଶବନ୍ତ ବର୍ଦ୍ଧନ, ବାବାଜୀ ସେଠୀ, ସୁଧାଂଶୁ ସ୍ୱାଇଁ, ସୁକାନ୍ତ ସାମଲ, ସର୍ବେଶ୍ୱର ସ୍ୱାଇଁ, ବାଇଧର ପରିଡ଼ା, ବିଚିତ୍ରାନନ୍ଦ ଦାସ, ବାଲିତୁଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁ, ଅନୁଜ ରାୟ, ଇନ୍ଦ୍ରଜିତ ପରିଡ଼ା, ଶିଶିର ସ୍ୱାଇଁ, ସଭାପତି ବଲ୍ଲଭା ନନ୍ଦ ସ୍ୱାଇଁ, ଅଭିଜିତ ସାହୁ, ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ସରପଞ୍ଚ ଧୋଜରାଜ ଖଣ୍ଡୁଆଳ, ମଳୟ ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଆଲୋକ ଶୁକ୍ଳା, ଶଶିଭୂଷଣ ସ୍ୱାଇଁ, ରାମଚନ୍ଦ୍ର ମୁଦୁଲି ଓ ସରତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।






**ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) :** ଫକିର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ ଏବେ ରାଜ୍ୟରେ ବିରୋଧୀଙ୍କ ହଲ୍ଲାବୋଲ୍ ଚାଲିଥିବା ବେଳେ ସବୁଠି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ଓ ବାମପନ୍ଥୀ ଦଳ ସହ ଛଅ ଦଳ ସାମିଲ ହୋଇ ଓଡ଼ିଶା ବନ୍ଦ ଡାକରାରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ବନ୍ଦ ପ୍ରଭାବ ପଡ଼ିଛି। ଏହି ବନ୍ଦ ଡାକରାକୁ ସଫଳ କରାଇବା ପାଇଁ ଖଲ୍ଲିକୋଟ ବିଧାନସଭା ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ନଗର ସଭାପତି ମନୋରଞ୍ଜନ ଦାସଙ୍କ ସହ ବରିଷ୍ଠ କଂଗ୍ରେସ ନେତା, ଯୁବ, ଛାତ୍ର ସଂଗଠକ ମାନେ ସାମିଲ ହୋଇ ବନ୍ଦ ଆନ୍ଦୋଳନକୁ ସଫଳ କରାଇଥିଲେ। କଂଗ୍ରେସ ନଗର କମିଟିର ସୁଶାନ୍ତ ଗୌଡ଼, ପର୍ଶୁ ବେହେରା, ମାଧବ ଦାସଙ୍କ ସହ ବାମପନ୍ଥୀ ଦଳୀୟ କର୍ମୀ ସାମିଲ ହୋଇ କାଳିମନ୍ଦିର ଛକ ଠାରେ ପିକେଟିଂ କରି ଗାଡ଼ି, ମୋଟର ସାଇକେଲ, ଅଟୋ ରିକ୍ସାକୁ ଛାଡି ନଥିଲେ। ଦୀର୍ଘ ତିନି ଘଣ୍ଟା କାଳ ବନ୍ଦ ପରେ ବିଭିନ୍ନ ସ୍ଥାନ ବୁଲି ବୁଲି ପିକେଟିଂ କରି ଦୋକାନ ବଜାର, ସ୍କୁଲ କଲେଜ, ଅଫିସ ସବୁ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ପୁରୁଷୋତ୍ତମପୁରରେ ବନ୍ଦ ସଫଳ ହୋଇଥିଲା।

# ରାଶିଫଳ


ଶୁକ୍ରବାର, ୧୮ ଜୁଲାଇ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।




**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ। ଆପଣ ସଚେତ ରୁହନ୍ତୁ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।




**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।




**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇପାରେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।




**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଗ୍ରହଚକ୍ର

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡା (ଭାସ୍କର ନ୍ୟୁଜ୍): ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡିଶା ସରକାରଙ୍କ ଖାଉଟି କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ର କାର୍ଯ୍ୟାଦେଶ ବଣ୍ଟନ ସମାରୋହ କାର୍ଯ୍ୟକ୍ରମ ଆଜି ତା. ୧୬,୦୭.୨୦୨୫ ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥିତ ସମସ୍ତ ଜଣସାଧାରଣଙ୍କୁ ଅବଗତ କରାଇଥିଲେ । ଉକ୍ତ– କାର୍ଯ୍ୟକ୍ରମରେ ମାଳବିକା ଦେବୀ,ସାଂସଦ, କଳାହାଣ୍ଡି ମୁଖ୍ୟ ଅତିଥିଭାବରେ ଯୋଗ ଦେଇ ନିଜ ଭାଷଣରେ ଖରିଆର ରୋଡର ବିଭିନ୍ନ ଉନ୍ନୟମୂଳକବିକାଶ କାର୍ଯ୍ୟ ହୋଇଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଖରିଆର ରୋଡ ନଗରପାଳିକା ଅଧକ୍ଷା ଡ. ସୋନିୟା ଜୈନ ନଗରର ପ୍ରମୁଖ କାର୍ଯ୍ୟ ବସଷ୍ଟାଣ୍ଡ ନିର୍ମାଣ, ଅନେକ ୱାର୍ଡରେ କାର୍ଯ୍ୟର କିପରି ସଫଳ ରୂପାୟନ ହୋଇଛି ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ର ହିତାଧିକାରୀ ୧୧୭ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ଓଡିଶା ସରକାରଙ୍କ ଖାଉଟି କାର୍ଡ ହିତାଧାକାରୀ ମୋଟ ୫୬ ଜଣଙ୍କୁ ପ୍ରଦାନ କରାଯାଇଥିଲା । କଳାହାଣ୍ଡି ସାଂସଦ ପ୍ରତିନିଧି ଗୋଲଡି ଅଗ୍ରୱାଲ, ପାର୍ଷଦ ସନ୍ଦୀପ ଶର୍ମା, ପାର୍ଷଦ ମୋହନ ବେଲକ, ପାର୍ଷଦ ବେଣୁଧର ଦୀପ, ପାର୍ଷଦ ସରିତା ଦଣ୍ଡସେନା, ପାର୍ଷଦ ବେଦରମ ରାଉତ, ପାର୍ଷଦ ସରୋଜିନୀ ଭୋଇ, ପାର୍ଷଦ ପୂଜା ଗୋଏଲ, ପାର୍ଷଦ ପୁରୁଷୋତ୍ତମ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୁଖିଲା ପଡ଼ିଛି ଚାଷଜମି, ବର୍ଷା ଅଭାବରୁ ଚିନ୍ତାରେ ଚାଷୀ



ମାଲକାନଗିରି (ଭାସ୍କର ନ୍ୟୁଜ୍। ଶ୍ରାବଣ ମାସରେ ଶୁଖିଲା ପଡ଼ିଛି ଚାଷ କ୍ଷେତ। ବର୍ଷା ଅଭାବରୁ ହୋଇପାରୁନି ଚାଷ। ଜିଲ୍ଲାର ଅନେକ ଅଞ୍ଚଳରେ ବର୍ଷା ଅଭାବରୁ ଚାଷୀମାନେ ଗଭୀର ଚିନ୍ତିତ ହେବାର ଦେଖିବାକୁ ମିଳିଛି। କାରଣ ଏହି ସମୟରେ ଧାନ ଚାଷ ପାଇଁ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଜମିରେ ମରୁଡ଼ି ପରି ପରିସ୍ଥିତି ଦେଖି ଚାଷୀମାନେ ଚିନ୍ତିତ ଅଛନ୍ତି। ଚାଷୀମାନେ କହିଛନ୍ତି ଯେ ଯଦି ଶୀଘ୍ର ବର୍ଷା ନ ହୁଏ, ତେବେ ଧାନ ତଳି ପ୍ରଚୁର କ୍ଷତି ହୋଇପାରେ। ବୁଣିବା ପରେ, ଗଛଗୁଡ଼ିକୁ ପାଣିର ଅତ୍ୟନ୍ତ ଆବଶ୍ୟକତା ରହିଛି, ଏବଂ ପାଣି ଅଭାବରୁ ଅଙ୍କୁରିତ ହେବା ପ୍ରଭାବିତ ହୋଇପାରେ କିମ୍ବା ଗଛଗୁଡ଼ିକ ଶୁଖିଯାଇ ପାରେ। ସେମାନେ ଆକାଶକୁ ଚାହିଁ ଇନ୍ଦ୍ରଦେବ ଙ୍କୁ ଭଲ ବର୍ଷା ପାଇଁ ପ୍ରାର୍ଥନା କରୁଛନ୍ତି ଯାହାଦ୍ୱାରା ସେମାନଙ୍କର କଠିନ ପରିଶ୍ରମ ଏବଂ ନିବେଶ ଯେପରି ନଷ୍ଟ ନହୁଏ। ଯେଉଁମାନେ ପୂର୍ବରୁ ଚାଷ ଜମି ଥାଇକି ନିଜ ଜମିରେ ଚାଷ କରୁନଥିଲେ ବା ଭାଗ ଚାଷ ହିସାବରେ ଅନ୍ୟ ଚାଷୀଙ୍କୁ ଜମି ଚାଷ ପାଇଁ ଦେଉଥିଲେ ସେମାନେ ଚଳିତ ବର୍ଷ ଚାଷ ଛାଡିବାକୁ ପ୍ରସ୍ତୁତ ନୁହଁନ୍ତି,ଏହାର ଏକ ପ୍ରମୁଖ କାରଣ ହେଉଛି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ ଏସ ପି)ଟ. ୩,୧୦୦ ପ୍ରତି କ୍ୱିଣ୍ଟାଲ ସ୍ଥିର କରିଛନ୍ତି। ଏହା ଗତ ଏକ ବର୍ଷ ପୂର୍ବ ତୁଳନାରେ ବହୁତ ଅଧିକ, ଯାହା ଚାଷୀଙ୍କ ମଧ୍ୟରେ ଭଲ ଧାନ ଅମଳ ଏବଂ ଲାଭର ଆଶା ସୃଷ୍ଟି କରିଛି। ଚାଷୀମାନେ ବିଶ୍ୱାସ କରନ୍ତି ଯେ ଏହି ବର୍ଦ୍ଧିତ ମୂଲ୍ୟ ସେମାନଙ୍କର ଆର୍ଥିକ ସ୍ଥିତିକୁ ଉନ୍ନତ କରିପାରିବ, ଯେଉଁ କାରଣରୁ ସେମାନେ ଚଳିତ ବର୍ଷ କୌଣସି କ୍ଷେତକୁ ଖାଲି ଛାଡି ନାହାଁନ୍ତି ଏବଂ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ବୁଣାକାର୍ଯ୍ୟ କରିଛନ୍ତି। ଏପରି ପରିସ୍ଥିତିରେ, ବର୍ଷାର ଅଭାବ ସେମାନଙ୍କର ଆଶାକୁ ଧୂଳିସାତ୍ କରିପାରେ। ମରୁଡ଼ି କେବଳ ଫସଲକୁ ନଷ୍ଟ କରିବ ନାହିଁ, ବରଂ ସେମାନେ ବର୍ଦ୍ଧିତ ଏମ୍ ଏସ ପି ର ଲାଭ ମଧ ପାଇପାରିବେ ନାହିଁ, ଯାହାଫଳରେ ସେମାନଙ୍କର କଠିନ ପରିଶ୍ରମ ଏବଂ ଖର୍ଚ୍ଚ ଉଭୟ ବ୍ୟର୍ଥ ହୋଇଯିବାର ଆଶଙ୍କା କରାଯାଉଛି। ଦେଖିବାକୁ ବାକି ରହିଲା ଏପରି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ମାଲକାନଗିରି ଜଳ ସମ୍ପଦ ବିଭାଗ ଚାଷୀଙ୍କ ଜମିରେ କେନାଲ ମାଧ୍ୟମରେ ପାଣି ନିଷ୍କାସନ ର ବ୍ୟବସ୍ଥା କରି ପାରୁଛି କି ନାହିଁ। ସେଥିପ୍ରତି ସମସ୍ତଙ୍କର ନଜର ରହିବ ।

## ଗାନ୍ଧି ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟ ଛାତ୍ରଙ୍କ ଆତ୍ମହତ୍ୟା

ଗୁଣୁପୁର(ଭାସ୍କର ନ୍ୟୁଜ): ଗାନ୍ଧି ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟରେ ଜଣେ ଇଂଜିନିୟର ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି । ଏନ୍ ସି – ୭ ହଷ୍ଟେଲ ବ୍ଲକ୍ ନଂ ୧୨ ଡିଆର୍ ନଂ ୨ ରୁମ୍ ରେ ଛାତ୍ର ଜଣକ ଫ୍ୟାନ୍ ରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ମୃତ ଛାତ୍ର ଜଣକ ବାଲେଶ୍ୱର ଜିଲ୍ଲା ସୋର ଗ୍ରାମ ର ହିମାଂସୁ ହୋତା ବୋଲି ଜଣାପଡିଛି । ଇଞ୍ଜିନିୟରିଂ ବାୟୋଟେକନିକ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର। ଘଟଣାସ୍ଥଳରେ ଗୁଣୁପୁର ପୋଲିସ୍ ପହଞ୍ଚି ତଦନ୍ତ ଜାର ରଖିଛି। ପୋଲିସ୍ ପ୍ରାଥମିକ ତଦନ୍ତ ରୁ ପ୍ରେମଜନିତ ଆତ୍ମହତ୍ୟା ନେଇ ସଂନ୍ଦେହ କରୁଛି। ସାଇଣ୍ଟିଫିକ୍ ଟିମ୍ ର ସହାୟତା ଲୋଡିଛି ଗୁଣୁପୁର ପୋଲିସ୍। ସୂଚନାଯଗ୍ୟ ମୃତ ଛାତ୍ର ଜଣକ ଜନୈକ ଛାତ୍ରିକୁ ପ୍ରେମ କରୁଥିଲେ। ଉଭୟ ଙ୍କ ମଧ୍ୟରେ ତର୍କବିତର୍କ ହୋଇଥିବା ନେଇ ଛାତ୍ରି ଜଣକ ମୃତ ଛାତ୍ରର ସହପାଠୀକୁ କହିଥିଲେ। ସହପାଠୀମାନେ ସଙ୍ଗେ ସଙ୍ଗେ ମୃତ ଛାତ୍ରର ରୁମ୍ କୁ ଯାଇ ଦେଖିଥିଲେ। ଛାତ୍ର କବାଟ ନଖୋଲିବାରୁ ସହପାଠୀ ଜଣକ କବାଟ ଫାଙ୍କ ଦେଇ ଦେଖିଥିଲେ। ଫ୍ୟାନ୍ ରେ ଝୁଲନ୍ତା ଅବସ୍ଥାରେ ରହିଥିଲେ ଛାତ୍ର ହିମାଂସୁ ହୋତା। ଘଟଣାକୁ ନେଇ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ଅବଗତ କରାଇଥିଲେ। କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଛାତ୍ର ହିମାଂଶୁ ଝୁଲି ରହିଥିବା ଦେଖି ଗୁଣୁପୁର ପୋଲିସ୍ କୁ ସୁଚନା ଦେଇଥିଲେ।ଘଟଣାକୁ ନେଇ କର୍ତ୍ତୃପକ୍ଷ ମ ?ତ ଛାତ୍ରଙ୍କ ପରିବାରକୁ ଜଣାଇଥିବା ବେଳେ ପରିବାର ପହଂଚିବା ପରେ ଶବ ବ୍ୟବଛେଦ ହେବ ବୋଲି ଜଣାପଡିଛି ।

## କଂଗ୍ରେସର ୧୨ ଘଣ୍ଟିଆ ଓଡିଶା ବନ୍ଦ

ଉମରକୋଟ (ଭାସ୍କର ନ୍ୟୁଜ୍): ଫକୀର ମୋହନ କଲେଜ ଛାତ୍ରୀଙ୍କର ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ଏବଂ ବାମଦଳଙ୍କ ପକ୍ଷରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏଇଥିପାଇଁ ସାରା ରାଜ୍ୟରେ ଚକ ଅଖ ସବୁ ବନ୍ଦ ରହିଛି। ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ସରକାରଙ୍କ ନିକଟରେ ଦାବି କରି ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ସମସ୍ତ ଜିଲ୍ଲା ଓ ବ୍ଲକର ପ୍ରମୁଖ ଛକରେ କଂଗ୍ରେସ ପକ୍ଷରୁ ଜୋରଦାର ପିକେଟିଂ କରାଯାଇଛି । ଉମରକୋଟ ଠାରେ ମଧ ବନ୍ଦ ପାଳନ କରାଯାଇଛି। ଉମରକୋଟ ବ୍ଲକ କଂଗ୍ରେସ ଓ ନଗର କଂଗ୍ରେସ ପକ୍ଷରୁ ସହରର ବିଭିନ୍ନ ଛକରେ କଂଗ୍ରେସ କର୍ମୀମାନେ ପିକେଟିଂ କରିବା ସହିତ ମୁଖ୍ୟ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆନ୍ଦୋଳନ ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ଅନୁସରଣ କରି ବ୍ୟାପକ ପୋଲିସ ମୁତୟନ ହୋଇଥିବା ବେଳେ କଂଗ୍ରେସ କର୍ମୀମାନେ ନାରାବାଜି କରି ରାସ୍ତା ଅବରୋଧ କରିଛନ୍ତି । ତେବେ ଜରୁରୀକାଳୀନ ଗାଡ଼ିକୁ ଯିବାକୁ ଦିଆଯାଉଛି। ପୋଲିସ ପକ୍ଷରୁ ପିକେଟିଂ ସ୍ଥଳରେ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ସୁରକ୍ଷା ଦୃଷ୍ଟିରୁ ଆଜି ପେଟ୍ରୋଲ ପମ୍ପକୁ ମଧ ବନ୍ଦ ରଖାଯାଇଛି । ପେଟ୍ରୋଲିୟମ ଡିଲର ଆସୋସିଏସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଥିଲା। କଂଗ୍ରେସ ପକ୍ଷରୁ ଆଜିର ଏହି ବନ୍ଦ ନ୍ୟାୟର ଲଢେଇ ପାଇଁ ବୋଲି ପ୍ରକାଶ କରାଯାଇଛି। ନ୍ୟାୟ ଦିଅ, ଆମେ ବନ୍ଦ ପ୍ରତ୍ୟାହାର କରିନେବୁ । ଲୋକେ ସ୍ୱତଃପ୍ରବୃତ ଭାବରେ ବନ୍ଦକୁ ସମର୍ଥନ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଆନ୍ଦୋଳନ ରେ ଉମରକୋଟ କଂଗ୍ରେସର ମାର୍କଣ୍ଡ ସାହୁ, କାଉନ୍ସିଲର ସାଇ ନାରାୟଣ ପାଢି, ଅମୂଲ୍ୟ କୁମାର ପଟ୍ଟନାୟକ, ବାବୁଲା ପଟ୍ଟନାୟକ, ଏସ୍ ବିଜୟ, ପର୍ଶୁରାମ ନାୟକ,କୁନା ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।



# ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ ବୈଠକ

ରାୟଗଡ(ଭାସ୍କର ନ୍ୟୁଜ୍): ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଓ ଗୁଣୁପୁରର ପ୍ରକଳ୍ପସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥାର ୬୬ ତମ ଓ ଗୁଣୁପୁର ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥାର ୬୧ ତମ ପ୍ରକଳ୍ପସ୍ତରୀୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଅଧକ୍ଷା ପାରୁଲ ପଟ୍ଟୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ବିଧାୟକ କାଡ୍ରାକା ଆପଲ୍ଲାସ୍ୱାମୀ, ମାନ୍ୟବର ଗୁଣୁପୁର ବିଧାୟକ ସତ୍ୟଜୀତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ମାନ୍ୟବର ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ଖଣ୍ଡୀୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ପିଏ ଆଇଟି ଡିଏ ରାୟଗଡ଼ ଚନ୍ଦ୍ରକାନ୍ତ ମାଝୀ, ପିଏ ଆଇଟି ଡିଏ ଗୁଣୁପୁର ଅଜୟ କୁମାର ପ୍ରଧାନ ଆଦି ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟତଃ ରାୟଗଡ଼ ଆଇଟିଡିଏର ୨୭/୫/୨୦୨୨ରେ ଅନୁଷ୍ଠିତ ୬୫ତମ ପ୍ରକଳ୍ପ ସ୍ତରୀୟ ବୈଠକରେ ଗୃହୀତ କାର୍ଯ୍ୟ ବିଧିକୁ ସୁଦୃଢ଼ିକରଣ କରାଯାଇଥିଲା । ଏହା ସହିତ ମଇ ମାସ ୨୦୨୨ରୁ ଜୁନ ମାସ ୨୦୨୫ ମଧ୍ୟରେ ବିଭିନ୍ନ ଯୋଜନାରୁ ପ୍ରାପ୍ତ ଅନୁଦାନ ରାଶି ଟ ୧୭୨୪୦. ୧୭ଲକ୍ଷ ଓ ଟ ୮୭୪୭. ୯୦/- ଖର୍ଚ୍ଚକୁ ଅନୁମୋଦନ କରିଥିଲେ । ଏହା ମୁଖ୍ୟତଃ ସମ୍ବିଧାନ ଧାରା ୨୭୫(୧), ଧରତିଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ପିଏମ ଜନମନ, ରାଜ୍ୟ ସେକ୍ଟର, ଅପରେସନ ଓ ପରିଚାଳନା, ଓଟିଡିସି ପାଣ୍ଠି, ଭିତ୍ତିଭୂମି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ବିଜୁ କେବିକେ ପ୍ଲାନ, ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି, ଜିଲ୍ଲାସ୍ତରୀୟ ଖଣିଜ ପାଣ୍ଠି, ଜଟିଳ ସମସ୍ୟା ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ଉପରେ କରାଯାଇଥିବା ଖର୍ଚ୍ଚ ଅନୁମୋଦନ କରାଯାଇଥିଲା । ସେହିପରି ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା। ପ୍ରାପ୍ତ ଅନୁଦାନ ରାଶି, ଟ ୮୪ ୫୫୪୧୯୨୧ଙ୍କା ଓ ଟ୨୩ ୦୮୫୩୮୫୧ଙ୍କା ଖର୍ଚ୍ଚକୁ ଅନୁମୋଦନ କରାଯାଇଥିଲା। ସେହିପରି ୨୦୨୩-୨୪,୨୦୨୪-୨୫ ଓ ୨୦୨୫-୨୦୨୬ ଆର୍ଥିକ ବର୍ଷ ନିମନ୍ତେ ଅନୁଦାନ ଓ ଖର୍ଚ୍ଚ ଦାବିକୁ ଅନୁମୋଦନ କରିଥିଲେ। ଏହି ବୈଠକରେ ନୂତନ ପ୍ରକଳ୍ପ ଓ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ । ଏହାସହିତ ଜିଲ୍ଲାର ବିଭିନ୍ନ ସମସ୍ୟା ବିଶେଷ କରି ଶିକ୍ଷକ, କର୍ମଚାରୀ ଅଭାବ ବିଷୟରେ ଉପସ୍ଥାପନା କରିଥିଲେ।
ଏହା ସହିତ ଜିଲ୍ଲାର ଜନଜାତି ଶିକ୍ଷା ଅନୁଷ୍ଠାନ ଗୁଡିକର ପରିମଳ ବ୍ୟବସ୍ଥା ଉପରେ ସମସ୍ତ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଜନଜାତି ବିଦ୍ୟାଳୟମାନଙ୍କରେ ଅସ୍ୱସ୍ଥତକର ପରିବେଶ ରହିଥିବା ଏହାକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅନ୍ତେବାସୀମାନଙ୍କ ସୁରକ୍ଷା ନିମନ୍ତେ ସିସିଟିଭି ଲଗାଇବାକୁ ଜିଲ୍ଲାପାଳ କହିଥିଲେ। ଏହି ବିଷୟ ଉପରେ ଜିଲ୍ଲାପାଳ ଶ୍ରୀମତୀ ପାଟାୱାରୀ ଜନଜାତି ବିଦ୍ୟାଳୟ ହଷ୍ଟେଲର ଅନ୍ତେବାସୀମାନଙ୍କ ପରିମଳ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ କହିଲେ ଯେ ଖରା ସ୍କୁଲ ଖୋଲିବା ପୂର୍ବରୁ ମରାମତି କରିବା, ଝରକା ମାନଙ୍କରେ ମଶାରୀ ଟାଣିବା, ଔଷଧ ଯୁକ୍ତ ମଶାରୀ ବ୍ୟବହାର କରିବା ଉପରେ ସଚେତନତା କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ବ୍ଲକର ଅଧକ୍ଷ, ଅଧକ୍ଷା, ସଦସ୍ୟ ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ, ଯୋଗଦାନ କରିଥିଲେ ।

## ବ୍ଲକସ୍ତରୀୟ ଜନସେବା ଦିବସ ପାଳିତ

ଡାବୁଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ରିଙ୍କୁ ଜନସେବା କେନ୍ଦ୍ର ଠାରେ ୧୬ ତମ ବ୍ଲକସ୍ତରୀୟ ଜନସେବା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜନସେବା କେନ୍ଦ୍ର (ସିଏସସି) ପରିଚାଳକ ଏମ୍ଡି ଆନିଶ ଯୋଗ ଦେଇ କେକ୍ କାଟି ଜନସେବା ଦିବସ ପାଳନ କରିଥିଲେ। ଗତ ୧୨ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର କୃଷି ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇ-ସେବାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ଜନସେବା କେନ୍ଦ୍ର ଦ୍ୱାରା ଦିଆଯାଉଥିବା ବିଭିନ୍ନ ସରକାରୀ ଓ ବେସରକାରୀ ସେବା ଉପରେ ସଚେତନ କରିଥିଲେ। ବିଶେଷ କରି ସୁଭଦ୍ରା, ଆୟୁଷ୍ମାନ, ପିଏମ କିଷାନ, ବିଶ୍ୱକର୍ମା, ପିଏମ ସୂର୍ଯ୍ୟଘର, କୃଷକ ପଞ୍ଜିକରଣ,ମତ୍ସ୍ୟଜୀବୀଙ୍କ ପଞ୍ଜିକରଣ, କୃଷକ ଉପକରଣ ବିକ୍ରୀ, ଟେଲି ମେଡ଼ିସିନ ମାଧ୍ୟମରେ ଡାକ୍ତରଙ୍କ ସହ ପରାମର୍ଶ ଆଦି ସୁବିଧା ଯୋଗାଯାଉଥିବା ବେଳେ ବେସରକାରୀ କ୍ଷେତ୍ରରେ ଯାନ ବାହାନ ଇନ୍ସୁରାନ୍ସ, ପେନସନ, ଆଇନଗତ ସହାୟତା ସହ ଅନ୍ୟ ସେବା ଉପରେ ବିସ୍ତୃତ ସଚେତନ କରା ଯାଇଥିଲା। ଡାବୁଗାଁ ବ୍ଲକର ୧୨ ଗୋଟି ଗ୍ରାମ ପଞ୍ଚାୟତରେ ବର୍ତ୍ତମାନ ୩୦ ଜନସେବା କେନ୍ଦ୍ର ( ସିଏସ ସି) ଚାଲୁଥିବା ବେଳେ ଆଜିର କାର୍ଯ୍ୟକ୍ରମରେ ସିଏସ୍ପି କେନ୍ଦ୍ର ପରିଚାଳନା କରୁଥିବା ଗ୍ରାମାଞ୍ଚଳ ଉଦ୍ୟୋଗୀ (ଭିଏଲଇ) ମାନେ ଯୋଗ ଦେଇଥିଲେ।

## କଳା ମହାବିଦ୍ୟାଳୟ ପରିସରରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ମାଲକାନଗିର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ଭୋଗରାଇ ପଲାସିଆ ଗାଁର ଝିଅ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି। ଗତ ଦିନେ ତଳେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପ୍ରକାଶିତ ପରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମହଲରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ଆଜି ମାଲକାନଗିରି ଜିଲ୍ଲା କଳା ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ମୃତ ସୌମ୍ୟାଶ୍ରୀ ବିଶିଙ୍କ ଫଟୋଚିତ୍ର ରଖି ନିରବ ପ୍ରାର୍ଥନା କରି ଶୋକସଭା ପାଳନ କରିଛନ୍ତି। ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଦୀପ, କ୍ୟାଣ୍ଡେଲ ଲଗାଇ ତାଙ୍କର ଆତ୍ମାର ସଦଗତି ପ୍ରାର୍ଥନା କରିଛନ୍ତି। ଏହା ସହିତ ତାଙ୍କର ପ୍ରତି ହୋଇଥିବା ଅନ୍ୟାୟ ଅବିଚାର କରିଥିବା ଠୋସ୍ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ପାଇଁ ଦାବୀ କରିଛନ୍ତି। ଏଥିସହିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରମୁଖ ଦିବ୍ୟଜ୍ୟୋତି ନନ୍ଦ ମଧ ଏହାକୁ ଦୃଢ଼ ନିନ୍ଦା କରିବା ସହିତ ନ୍ୟାୟ ଦାବି କରିଛନ୍ତି।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଆଦେଶରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଉଦିତ ପ୍ରତାପ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନ୍ଧମାଳ ମହାବିଦ୍ୟାଳୟରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଘନଶ୍ୟାମ ଦନ୍ତା, ଶିବଶକ୍ତି ବେହେରା, ଦୀପକ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତ ମହାବିଦ୍ୟାଳୟ କନ୍ଧମାଳରେ ଏଫଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ଭଉଣୀଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରି ବୁଧବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।



# ରାସ୍ତା କାମ ନିମ୍ନମାନର, ବର୍ଷେ ନ ପୂରୁଣୁ ଉଠିଯାଉଛି ପିଚୁ



ଡାବୁଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ମୁଖ୍ୟ ତାରିଣୀ ମନ୍ଦିର ଛକରୁ ମାନିଗାଁ ପର୍ଯ୍ୟନ୍ତ ୫ କିମି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ବେଳେ ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁଁ ବର୍ଷେ ମଧ୍ୟରେ ରାସ୍ତାରୁ ପିଚୁ ଉଠିଲାଣି। ପୂର୍ତ୍ତ ବିଭାଗ ଦ୍ୱାରା କରାଯାଇଥିବା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଅବଧି ସରି ୧ ବର୍ଷ ହୋଇ ଯାଇଥିଲେ ସୁଦ୍ଧା ଠିକାଦାରଙ୍କ ମନମାନି ଯୋଗୁଁ ରାସ୍ତା କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇପଡିଛି। ରାସ୍ତା କାର୍ଯ୍ୟରେ ସ୍ୱଚ୍ଛତା ଓ ଶୀଘ୍ର ସମ୍ପୂର୍ଣ କରିବାକୁ ଗ୍ରାମବାସୀ ଇତି ମଧ୍ୟରେ ୫ ଥର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି ମଧ କରିଛନ୍ତି। ପୂର୍ତ୍ତ ବିଭାଗର ଯନ୍ତ୍ରୀ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାସ୍ତାକାର୍ଯ୍ୟ ଅସମ୍ପୂର୍ଣ୍ଣ ଯୋଗୁଁ ବାରମ୍ବାର ଜିଲ୍ଲାପାଳ ଓ ଗ୍ରାମବାସୀଙ୍କ ଦ୍ୱାରା ଉତ୍ତର ଦେଇ ନ ପାରି ଲଜ୍ଜିତ ହେଉଛନ୍ତି। ସାଧାରଣ ଲୋକଙ୍କ ଗମନା ଗମନ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ କରାଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ବଢିବାରେ ଲାଗିଛି। ପୂର୍ତ୍ତ ବିଭାଗ ଦ୍ୱାରା ୨୦୨୩/୨୪ ଆର୍ଥିକ ବର୍ଷରେ ଡାବୁଗାଁ ମୁଖ୍ୟ ତାରିଣୀ ମନ୍ଦିର ଛକ ରୁ ମାନିଗାଁ ପର୍ଯ୍ୟନ୍ତ ୫ କିମି ରାସ୍ତାର ପ୍ରଶସ୍ତିକରଣ ପାଇଁ ୬ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୨୩ ମଇ ୧୮ ତାରିଖରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୧୭ ତାରିଖ ମଧ୍ୟରେ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଅବଧି ରହିଥିଲା। ୧୨ ମିଟର ପିଚୁ ରାସ୍ତା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କମାଇ କିଛି ସ୍ଥାନରେ ୧୦ ମିଟର କଂକ୍ରିଟ ସହ ପିଚୁ ରାସ୍ତା ଓ ଡ୍ରେନ ନିର୍ମାଣ ସ୍ଥିର ହୋଇଥିଲା। ମାନିଗାଁରୁ ନୂଆଗୁଡା ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସରିଥିବା ବେଳେ ଡାବୁଗାଁ ତାରିଣୀ ମନ୍ଦିର ଛକରୁ ପାତ୍ର ସାହି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରୁନାହିଁ। ଡ୍ରେନ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ ବର୍ଷା ପାଣି ଘର ଓ ଦୋକାନ ଗୃହ ମଧ୍ୟରେ ପଶୁଛି । ତାରିଣୀ ମନ୍ଦିର ଛକରୁ ମାନିଗାଁ ପର୍ଯ୍ୟନ୍ତ ପିଚୁ ଢଳେଇ ପତଳା ରହିଥିବା ବେଳେ ନିର୍ମାଣର ଏକ ବର୍ଷ ମଧ୍ୟରେ ବହୁ ସ୍ଥାନରେ ପିଚୁ ଉଠି ଗର୍ତ୍ତ ହୋଇସାରିଲାଣି । ଯେଉଁ କିଛି ସ୍ଥାନରେ ଡ୍ରେନ କାର୍ଯ୍ୟ ନିର୍ମାଣ ହୋଇଛି ତାହା ନିମ୍ନମାନର। ବର୍ଷା ଋତୁ ଆସୁଥିବାରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତା ଧୋଇଯିବା ସହ ଘରେ ଘରେ ପାଣି ପଶିବ। ଏହି ରାସ୍ତା ପ୍ରଶସ୍ତିକରଣ ପରେ ଦୀର୍ଘଦିନ ଧରି ଲାଗି ରହିଥିବା ଟ୍ରାଫିକ ସମସ୍ୟାର ଦୂର ହେବା ପରିବର୍ତ୍ତେ ଅଧିକ ଟ୍ରାଫିକ ସମସ୍ୟା ଦେଖାଦେଉଛି। ୫ ଥର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପରେ ନିଜେ ଜିଲ୍ଲାପାଳ କାର୍ଯ୍ୟର ତଦାରଖ କରିଥିଲେ ସୁଦ୍ଧା ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଉମରକୋଟ ଅଞ୍ଚଳର ଠିକାଦାର ସୁଧୀର ପଣ୍ଡା ନିମ୍ନମାନର ରାସ୍ତା କାର୍ଯ୍ୟ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ମାନିଗାଁ- ଡାବୁଗାଁ ରାସ୍ତା ଓ ଡ୍ରେନ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ




ମାଥିଲି (ଭାସ୍କର ନ୍ୟୁଜ୍): ପରିବେଶ ବଞ୍ଚେଇବା ପାଇଁ ଆଜି ସାରା ବିଶ୍ୱ ଚିନ୍ତାରେ । ସେଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ପରିବେଶ ବଞ୍ଚେଇବା ପାଇଁ ବୃକ୍ଷର ନିତାନ୍ତ ଆବଶ୍ୟକ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ବର୍ତ୍ତମାନ ବର୍ଷା ଋତୁ ଚାଲୁଥିବାରୁ ସମସ୍ତ ବିଦ୍ୟାଳୟ ମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲୁଛି। ଯାହା ଦ୍ୱାରା ଆଜିର ଛାତ୍ରଛାତ୍ରୀ ମାନେ ବୃକ୍ଷ ଦ୍ୱାରା ମାନବ ସମାଜ ତଥା ବିଶ୍ୱର କିପରି ପରିବେଶ ବଞ୍ଚେଇବାରେ ସହଯୋଗ କରିବ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ ଗୁଡ଼ିକ କରାଯାଉଛି। ଏହି ପରିପେକ୍ଷୀରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଆଗକୁ ଆସି ତାଙ୍କ ପ୍ରଚେଷ୍ଟାରେ ପରିବେଶ ବଞ୍ଚେଇବା ପାଇଁ ଏକ ଛୋଟ ପ୍ରୟାସ କରି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ପାଙ୍ଗାମ ପଞ୍ଚାୟତ ସଦରରେ ଥିବା ଆଶ୍ରମ ବିଦ୍ୟାଳୟ ପରିସରରେ ‘ମା ପାଇଁ ଗଛ ଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିର୍ବାହୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ଯୋଗ ଦେଇଥିଲେ ।ବିଦ୍ୟାଳୟର ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ବଞ୍ଚେଇବା ପାଇଁ ଗଛ ଲଗେଇବା ନିହାତି ଆବଶ୍ୟକ । ଯାହା ଦ୍ୱାରା ଆମକୁ ଅମ୍ଳଜାନ ମିଳୁଛି, କିନ୍ତୁ ସେହି ଅମ୍ଳଜାନକୁ ଆମେ ଯଦି ମେଡିକାଲ ଯିବା କିନ୍ତୁ କିଣିବାକୁ ପଡୁଛି। ସେଥିପାଇଁ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଜଳ ଅଛି ଜମି ଅଛି ଆମେ ଗଛ ଟିଏ ଲଗେଇଲେ ଆମକୁ ଆଉ ଅମ୍ଳଜାନ କିଣିବାକୁ ପଡିବ ନାହିଁ । ସେଥିପାଇଁ ଆମେ ସମସ୍ତେ ଆଜି ଠାରୁ ସଂକଳ୍ପ ନେବା ପ୍ରତି ବର୍ଷ ଆମେ ଗୋଟିଏ ଗୋଟିଏ ଗଛ ଲଗେଇବା ଓ ସେହି ଗଛ ଟିକୁ ବଞ୍ଚେଇବା ବୋଲି ଅତିଥିମାନେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହା ପରେ ବିଦ୍ୟାଳୟ ପରିସରରେ ସମସ୍ତ ଅତିଥି ଓ ଛାତ୍ରଛାତ୍ରୀ ମାନେ ମିଳିତ ଭାବରେ ପାଖାପାଖି ୪୫୦ ରୁ ୫୦୦ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋରା ନାୟକ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଏହିପରି କାର୍ଯ୍ୟକ୍ରମ ମାଥିଲି ଜିଲ୍ଲା ପାଇଁ ଏକ ଉଦାହରଣ ବୋଲି ବହୁ ପରିବେଶବିତ୍ ମାନେ ମତ ପ୍ରକାଶ କରିଛନ୍ତି ।

# ମହିଳା ଟ୍ରାନ୍ସଜେଣ୍ଡରଙ୍କୁ ଜମିପଟ୍ଟା ପ୍ରଦାନ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ଜଣେ ମହିଳା ଟ୍ରାନ୍ସଜେଣ୍ଡର ଚଟରାଗୁଡା ଗ୍ରାମର ମଙ୍ଗଳଦେଇ ନାୟକଙ୍କୁ ମଙ୍ଗଳବାର ଜମି ପଟ୍ଟା ପ୍ରଦାନ କରାଯାଇଛି । ଡାବୁଗାଁ ତହସିଲରେ ଓଡିଶା ସରକାର ଙ୍କ ଦ୍ୱାରା ଚାଟରାଗୁଡା ମୌଜାର ଖାତା ନମ୍ବର ୧୬୧/୯୮, ପ୍ଲଟ ନମ୍ବର୨୫୬/୮୪୫ରେ ଘର ଓ ବାରି ୪ ଡିସିମିଲ ଜମିପଟ୍ଟା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟଯେ, ନବରଙ୍ଗପୁର ଜିଲ୍ଲାରେ ଏହା ପୂର୍ବରୁ କୌଣସି ଟ୍ରାନ୍ସଜେଣ୍ଡରକୁ ଓଡିଶା ସରକାର ଙ୍କ ଦ୍ୱାରା ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ । ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ତହସିଲରେ ପ୍ରଥମ ଥର ଟ୍ରାନ୍ସଜେଣ୍ଡରକୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ଏହି ଜମିପଟ୍ଟା ଡାବୁଗାଁ ଭାରପ୍ରାପ୍ତ ତହସିଲଦାର ତଥା ଡାବୁଗାଁ ବିଡ଼ିଓ ଶରତ ମାଝୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ସମୟରେ ଉପସ୍ଥିତି ଥିଲେ ତହସିଲ ରାଜସ୍ୱ ପରିଦର୍ଶକ ଗଣେଶ ନାୟକ, ଜୁନାପାଣି ରାଜସ୍ୱ ନିରିକ୍ଷକ ଚୈତନ୍ୟ ବେହେରା ଏବଂ ଡାବୁଗାଁର ଡାବୁଗାଁ ରାଜସ୍ୱ ନିରିକ୍ଷକ ସୁଜିତ କୁମାର କାହାଳିଆଙ୍କ ସହ ତହସିଲର କର୍ମଚାରୀମାନେ ଉପସ୍ଥିତି ଥିଲେ ।



# କୋଇଲା ଖଣି ନିଯୁକ୍ତିରେ ଓବିସିଙ୍କୁ ୨୭% ସଂରକ୍ଷଣ ଦାବି



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘର କେନ୍ଦ୍ରୀୟ ସଭାପତି ଗୋଲାପ ସିଂହ ଓ ସାଧାରଣ ସମ୍ପାଦକ ଜୟ ବାହାଦୂର ସିଂହ ଯାଦବ ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଇବ ଭ୍ୟାଲି କୋଇଲା କ୍ଷେତ୍ର ଗେଷ୍ଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୋଇଲା ଖଣି ନିଯୁକ୍ତିରେ ଓବିସିଙ୍କୁ ୨୭% ସଂରକ୍ଷଣ ଦେବାକୁ କୋଲ ଇଣ୍ଡିଆକୁ ଦାବି କରିଛନ୍ତି। ସେହିପରି କୋଲ ଇଣ୍ଡିଆ ଅଧୀନରେ ଥିବା ଅନ୍ୟ କୋଇଲା କମ୍ପାନୀରେ ରାଜ୍ୟ ଅନୁସାରେ ସଂରକ୍ଷଣ ପ୍ରଦାନ କରାଯାଉଛି। ତେବେ କୋଲ ଇଣ୍ଡିଆ ଭାରତ ସରକାରଙ୍କ ଅଧିନରେ ଥିବାରୁ ଏଥିରେ ୨୭ % ସଂରକ୍ଷଣ ଲାଗୁ କରିବା ଜରୁରୀ। ଏହିକ୍ରମରେ ଏମସିଏଲରେ ଲାଗୁ କରାଯାଉଥିବା ୧୨% ସଂରକ୍ଷଣକୁ କଲ୍ୟାଣ ସଂଘ କେନ୍ଦ୍ରୀୟ ସଭାପତି ଓ ସାଧାରଣ ସମ୍ପାଦକ ସମେତ ସ୍ଥାନୀୟ କର୍ମକର୍ତ୍ତା ମାନେ ତୀବ୍ର ବିରୋଧ କରି ୨୭% ସଂରକ୍ଷଣ ଲାଗୁ କରିବା ପାଇଁ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି। ଏନେଇ ମଧ୍ୟପ୍ରଦେଶ ଜବଲପୁର ହାଇକୋର୍ଟରେ ମାମଲା ଚାଲିଥିବା ବେଳେ ଆସନ୍ତା ଅଗଷ୍ଟ ୮ ତାରିଖରେ ଶୁଣାଣି ଥିବା ସୂଚନା ଦିଆଯାଇଛି। କେନ୍ଦ୍ରୀୟ ପ୍ରତିନିଧି ମାନେ ବିଭିନ୍ନ କୋଇଲା ଖଣି ଅଂଚଳ ଗସ୍ତ କରି ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘକୁ ଆଗାମୀ ଦିନରେ କୋଲ ଇଣ୍ଡିଆ ସ୍ତର, ଜିଲ୍ଲା ସ୍ତରରେ ବିସ୍ଥାପିତ, ଠିକା ଶ୍ରମିକ, ମହିଳା ସଶକ୍ତିକରଣ ଭଳି ଶାଖାରେ ମଜବୁତ କରିବା ସହିତ ସଂଗଠନ ସୁଦୃଢ଼ ହୋଇ କାର୍ଯ୍ୟ କରିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ କହିଥିଲେ। କେନ୍ଦ୍ରୀୟ ସଭାପତି ଗୋଲାପ ସିଂହ, ସାଧାରଣ ସମ୍ପାଦକ ଜୟ ବାହାଦୂର ସିଂହ ଯାଦବ, ଏମସିଏଲ ପ୍ରଭାରୀ ପ୍ରକାଶ ରାଏ ସମେତ ସ୍ଥାନୀୟ କର୍ମକର୍ତ୍ତା ମିଥିଲେଶ ସିଂହ, ମକରର୍ଧ୍ୱଜ ପ୍ରଧାନ, ସୂର୍ଯ୍ୟନାରାୟଣ ପଟେଲ, ଶ୍ୟାମ ସୁନ୍ଦର ଦାସ, ମନୋଜ ପ୍ରଧାନ, ଅଶୋକ ନାୟକ, ବିରେନ୍ଦ୍ର ସିଂହ, ବିଶ୍ୱନାଥ ସାହୁ, ଚନ୍ଦନ କୁମାର ପ୍ରଧାନ ପ୍ରମୁଖ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।



ବେତନଟୀ (ଭାସ୍କର ନ୍ୟୁଜ) ରାଜ୍ୟର ବହୁ ଚର୍ଚ୍ଚିତ ସୌମ୍ୟଶ୍ରୀ ବିଶି ଆତ୍ମାହୂତି ମାମଲାରେ ରାଜ୍ୟସରକାରଙ୍କ ଅପାରଗତାକୁ ବିରୋଧ ତଥା ପୀଡିତା ପରିବାରକୁ ନ୍ୟାୟ ଦାବିରେ ରାଜ୍ୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ରାଜ୍ୟବ୍ୟାପୀ ଧର୍ମଘଠ ଡାକରା ପରିପ୍ରେକ୍ଷୀରେ ବେତନଟୀ ବ୍ଲକ କଂଗ୍ରେସ ପକ୍ଷରୁ ବେତନଟୀ ଠାରେ କରାଯାଇଥିବା ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ସଫଳ ହୋଇଛି । ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ନେତୃତ୍ୱରେ ସକାଳ ୬ଟାରେ ବଙ୍ଗଲାଛକ ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ୧୮ ନଂ ଜାତୀୟରାଜପଥକୁ ଅବରୋଧ କରାଯାଇଥିଲା । ବେତନଟୀର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନ ଗୁଡିକୁ କଂଗ୍ରେସକର୍ମୀ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଜେଏମଏଫସି କୋର୍ଟ, ବ୍ଲକ, ତହସିଲ ଟ୍ରେଜେରୀ, ସ୍କୁଲ, କଲେଜ, ପେଟ୍ରୋଲପମ୍ପ, ସମସ୍ତ ଘରୋଇ ଏବଂ ସରକାରୀ ବ୍ୟାଙ୍କ ଗୁଡିକୁ ମଧ୍ୟ ବନ୍ଦ କରାଯାଇଥିଲା । ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ପ୍ରତ୍ୟକ୍ଷ ଭାବେ ଦିନ ତମାମ ପେଟ୍ରୋଲିଂ କରୁଥିବା ବେଳେ ସମସ୍ତ ଛକ ସ୍ଥାନମାନଙ୍କରେ ପୁଲିସଫୋର୍ସ ମୁତୟହନ କରାଯାଇଥିଲା । ବେତନଟୀ ଠାରେ ୧୮ ନଂ ଜାତୀୟରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିବା ବେଳେ ଅପରାହ୍ନ ୪ ବେଳେ ରାସ୍ତାରୋକ ପ୍ରତ୍ୟାହୃତ ହେବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

## ସ୍କୁଲ ଶିକ୍ଷାରେ ସାମିଲ ହେବ 'ମିଶନ ଲାଇଫ୍'

# ପରିବେଶ ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନର ପାଠ ପଢିବେ ଛାତ୍ରଛାତ୍ରୀ :ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍କୁଲ ଶିକ୍ଷାରେ 'ମିଶନ ଲାଇଫ'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ଯେ ଜାତୀୟ ଶିକ୍ଷା ନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଏବଂ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସମନ୍ୱିତ କରିବାର



ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛି । ପୂର୍ବରୁ ମଧ୍ୟ ସ୍କୁଲ ଶିକ୍ଷାରେ ପରିବେଶଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାକୁ ପାଠପଢାର ଅଂଶ ଭାବରେ ନିଆଯାଇ ବାଲବାଟିକାରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରାଯାଇଛି । ସ୍କୁଲ ପାଠ୍ୟକ୍ରମରେ ମିଶନ ଲାଇଫକୁ ଯୋଡାଗଲେ ସାରା ଭାରତବର୍ଷରେ ୧୪.୭ ଲକ୍ଷରୁ ଅଧିକ ସ୍କୁଲ ଏବଂ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଜନଆନ୍ଦୋଳନରେ ଯୋଡ଼ି ହେବେ, ଯାହା ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିବ । ସ୍ଥାୟୀତ୍ୱ ଏଜେଣ୍ଡାକୁ ଆଗେଇ ନେବା, ପିଲାମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ମାନସିକତା ଏବଂ ବ୍ୟବହାର ବଢାଇବା ଦିଗରେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଶ୍ରୀ ପ୍ରଧାନ ଉଭୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି । ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗାମିଫିକେସନ୍ ଏବଂ ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ପରିବେଶଗତ ଶିକ୍ଷା ଏବଂ ତାଲିମକୁ ପ୍ରୋତ୍ସାହିତ କରିବା, ମିଶନ୍ ଲାଇଫ୍ ?ର ଉପାଦାନଗୁଡ଼ିକ ଉପରେ ଶିକ୍ଷକ ହ୍ୟାଣ୍ଡବୁକକୁ ବିକଶିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଷ୍ଟେକହୋଲଡରଙ୍କ ଦ୍ୱାରା ପରିବେଶ-ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ଲାଇଫର ସକରାତ୍ମକ ଦିଗକୁ କ୍ରେଡିଟ୍ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରିବା ପାଇଁ ଡାଏଟଗୁଡ଼ିକୁ ସାମିଲ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଜଳବାୟୁ-ସଚେତନ ନାଗରିକଙ୍କୁ ଯୋଡ଼ିବା ସହ ଆମ ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବ ।

## ସୌମ୍ୟଶ୍ରୀଙ୍କ ମୃତ୍ୟୁ ମାମଲା: ଏନ୍ଏଚ୍ଆର୍ସିରେ ମାମଲା

ବୋଲଗଡ (ଭାସ୍କର ନ୍ୟୁଜ): ଫକୀର ମୋହନ ୟୁନିଭରସିଟି ବାଲେଶ୍ୱର ର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ନିବେଦନ ପରେ ପ୍ରଶାସନ କିମ୍ବା ରାଜ୍ୟସରକାର ତାଙ୍କୁ ନ୍ୟାୟ ପ୍ରଦାନରେ ବିଫଳତା ଫଳରେ ସେ ଅସହାୟ ହୋଇ ନିଜଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ଫଳରେ ତାର ଶରୀରର ୯୦ପ୍ରତିଶତ ଜଳିଯାଇଥିବା ବେଳେ ଗତ କାଲି ବିଳମ୍ବିତ ରାତ୍ରରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଉକ୍ତ ସମ୍ବେଦନଶୀଳ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ତାଙ୍କର ଆତ୍ମାର ସଦଗତି କାମନା କରିବା ସହ ଉଚିତ ନ୍ୟାୟ ନିମନ୍ତେ ସମଗ୍ର ରାଜ୍ୟରେ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭା ହେଉଥିବା ବେଳେ ଆଜି ଉତ୍କଳୀୟମ ଫାଉଣ୍ଡେସନ ତରଫରୁ ଜାତୀୟ ମାନବିକ ଅଧିକାର କମିଶନ, ନୂଆଦିଲ୍ଲୀଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି । ଏହାସହିତ ନିଜେ ଉତ୍କଳୀୟମ୍ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଯୁବ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ହିଁ ଉକ୍ତ ଘଟଣାର ଜାତୀୟ ମାନବିକ ଅଧିକାର କମିଶନଙ୍କ କୋର୍ଟରେ ଅଭିଯୋଗକାରୀ । ସେ କହିଛନ୍ତି ଉକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ସହ ମୃତକ ପରିବାରକୁ ପଚାଶ ଲକ୍ଷଟଙ୍କାର କ୍ଷତିପୂରଣ ପାଇଁ ଉତ୍କଳୀୟମ୍ ଫାଉଣ୍ଡେସନ ତରଫରୁ ପ୍ରାର୍ଥନା କରାଯାଇଛି ।

## ମାଓ ହିଂସା ଯୋଜନା ପଣ୍ଡ

# ୬୦୦ ଡିଟୋନେଟର ଜବତ

କନ୍ଧମାଳ (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦ ବିଲୋପ ପାଇଁ ଘୋଷଣା କରିଥିବାବେଳେ ମାଓବାଦୀମାନେ ସେମାନଙ୍କ ତରିକାରେ ହିଂସାକାଣ୍ଡ ଭିଆଇବା ପାଇଁ ଯୋଜନା କରି ଚାଲିଛନ୍ତି । କମ୍ବିଂ ଅପରେସନବେଳେ ଏକ ମାଓ ଡମ୍ପ ଠାବ କରାଯିବା ସହ ୬୦୦ ଡିଟୋନେଟର ଓ ଗୋଟିଏ ରିମୋଟ୍ ଜବତ କରାଯାଇଛି । ଯବାନମାନଙ୍କୁ ଟାର୍ଗେଟ କରିବା ପାଇଁ ନକ୍ସଲମାନେ ଏକ ବଡ଼ ଯୋଜନା କରୁଥିବାବେଳେ ସୁରକ୍ଷାକର୍ମୀ ଏହାକୁ ପଣ୍ଡ କରି ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କୋଟଗଡ଼ ଥାନା ଗୁମ୍ମା ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ କନ୍ଧମାଳ ଏସ୍ପିଙ୍କ ନେତୃତ୍ୱରେ ଡିଭିଏଫ ଏହି ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ । ଏହି ସମୟରେ ମାଓ ଡମ୍ପ ଠାବ ହେବା ସହ ବୋମା ନିଷ୍କ୍ରିୟକାରୀ ଦଳ ମାଟିତଳୁ ୬୦୦ ଡିଟୋନେଟର ଓ ରିମୋଟ୍ ଉଦ୍ଧାର କରିଥିଲେ । ଏବେ ବି କମ୍ବିଂ ଅପରେସନ ଜାରି ରହିଛି । ଛତିଶଗଡ଼ରେ ନକ୍ସଲବିରୋଧୀ ଅପରେସନ ଜୋର ଧରିଥିବାବେଳେ ମାଓବାଦୀମାନେ ପ୍ରାଣ ବିକଳରେ ଓଡ଼ିଶାମୁହାଁ ହୋଇ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅନୁପ୍ରବେଶ କରୁଛନ୍ତି । ଅନ୍ୟପକ୍ଷରେ ମାଓ ସଂଗଠନ ଧିରେ ଧିରେ ଦୁର୍ବଳ ହେଉଥିବାରୁ ସେମାନେ କୌଣସି ବଡ଼ ଆକ୍ରମଣ ପାଇଁ ସାହସ ଜୁଟାଇ ପାରୁନାହାନ୍ତି । ତେବେ ସୀମାନ୍ତରେ ବାରମ୍ବାର ମାଓ କ୍ୟାମ୍ପଗୁଡ଼ିକରୁ ବିସ୍ଫୋରକ ଜବତ ହେବା ଘଟଣା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ମଧ୍ୟ ମାଓବାଦ ବିଲୋପ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କୁ ମାଓବିରୋଧୀ ଅପରେସନ ଏଡିଜି ଭାବେ ନିଯୁକ୍ତି ଦିଆଯାଇଛି । ସେ ଖୁବ୍ଶୀଘ୍ର ଏ ନେଇ ପଦକ୍ଷେପ ନେବେ ବୋଲି କୁହାଯାଉଛି ।

## ଲୋକସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସଂକୀର୍ତ୍ତନ ପ୍ରତିଯୋଗିତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରଗଡ଼ ବ୍ରିଟ କଲୋନୀସ୍ଥିତ ସାଇଶକ୍ତି ମହିଳା ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁପୂର୍ଣ୍ଣିମାରେ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଉତ୍ସବ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ । ଏଥିରେ ଶ୍ରେଷ୍ଠ ଗାୟକମାନଙ୍କୁ ସଂକୀର୍ତ୍ତନ ଗାୟକ ରତ୍ନ, ଗାୟକ ଶିରୋମଣି ଓ ଗାୟକ ଶ୍ରୀଉପାଧି ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ସାଧାରଣ ସଭାରେ ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଅରୂପ ପଟ୍ଟନାୟକ, ରାଜ୍ୟ ବିଜେପି ଆବାହକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସମାଜସେବୀ ରଶ୍ମୀ ମହାପାତ୍ର, ରାଧାନାଥ ପ୍ରହରାଜ, ଦେବବ୍ରତ ନାୟକ, ରୁଦ୍ର ସାମନ୍ତରାୟ, ସଂଗ୍ରାମ କେଶରୀ ପାଇକରାୟ, ଅଶୋକ ପାଲଟାସିଂ, ସନ୍ତୋଷ କୁମାର ସିଂ, ପ୍ରଭାତ କୁମାର ଦଳବେହେରା, ଅଜିତତ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୀବନଯାତ୍ରା...

ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ଭଙ୍ଗାରୁଜା ହୋଇଥିବା ସୂଚନା ମିଳିଛି । ବନ୍ଦପାଳନ ସମୟରେ ଲୋୟର ପିଏମ୍ଜିରେ ପୋଲିସ କଂଗ୍ରେସ ସଭାପତି ଭକ୍ତ ଦାସ ଏବଂ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁଙ୍କୁ ଉଠାଇ ନେଇଥିବା ଦେଖିବାକୁ ମିଳିଥିଲା । ଲୋୟର ପିଏମ୍ଜିରେ ଯୁବକଂଗ୍ରେସ ପକ୍ଷରୁ ବ୍ୟାରିକେଡ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି ।

### ସବୁ ସ୍କୁଲରେ...

ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ଭାବେ ଅନୁସରଣ କରାଯିବା ଉଚିତ ବୋଲି କୁହାଯାଇଛି । ଏହାବ୍ୟତୀତ ଜାରି ହେଲ୍ପଲାଇନ ନମ୍ବରଗୁଡ଼ିକୁ ସମସ୍ତ କର୍ମସ୍ଥଳୀ, ବିଦ୍ୟାଳୟ ଏବଂ ଆବାସିକ କ୍ଷେତ୍ରର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ ହେବା ଉଚିତ ବୋଲି ମଧ୍ୟ ନିର୍ଦ୍ଦେଶନାମାରେ କୁହାଯାଇଛି ।

### ସଂଘ ପରିବାର...

ରକ୍ଷା କରିପାରିବେ । ବିଜେପି ରାଷ୍ଟ୍ରୀୟ ସଭାପତି ଚୟନରେ ବିଳମ୍ବ ଏହାପୂର୍ବରୁ କେବେ ହୋଇନଥିଲା । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଦଳର ସମ୍ବିଧାନ ଅନୁସାରେ ଅତି କମ୍ରେ ୧୯ଟି ରାଜ୍ୟରେ ସାଙ୍ଗଠନିକ ନିର୍ବାଚନ କରାଯିବା ଆବଶ୍ୟକ । ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସଂପର୍କରେ ନିଷ୍ପତ୍ତି ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ବିଜେପିର ୩୭ଟି ସାଙ୍ଗଠନିକ ମୁଖ୍ୟଙ୍କ ମଧ୍ୟରୁ ପ୍ରାୟ ୨୭ଟିରେ ସଭାପତି ନିଯୁକ୍ତି ଶେଷ ହୋଇଛି । ଏଥିରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ମଧ୍ୟ ଅନ୍ତର୍ଭୁକ୍ତ । ବିଜେପିର ଜାତୀୟ ସଭାପତି ଚୟନ କେବଳ ବିଜେପିର ଆଭ୍ୟନ୍ତରୀଣ ବ୍ୟାପାର ନୁହେଁ, ବରଂ ଏଥିପାଇଁ ଆରଏସଏସ୍ର ସହମତି ଆବଶ୍ୟକ ବୋଲି କୁହାଯାଉଛି ।

### ବନ୍ଧାହେଲେ...

ଗୋପୀକାନ୍ତ ସୁନାଙ୍କୁ ଗିରଫ କରିଛି । ଏହାପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ଛାତ୍ରୀଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ ସହକାରୀ ଅଧ୍ୟାପକ ଶ୍ରୀ ସୁନା ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସେ ବିବାହ ପାଇଁ ମନା କରି ଦେଇଥିଲେ । ଏ ନେଇ ଛାତ୍ରୀଜଣକ ୪ମାସ ତଳେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ତେବେ ଏଫଏମ୍ କଲେଜ ଘଟଣା ପରେ ପୋଲିସ ତତ୍ପର ହୋଇ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଏହି ଘଟଣା ପୁଣିଥରେ ରାଜନୀତିକୁ ସରଗରମ କରିଛି ।

### କ୍ରାଇମବ୍ରାଞ୍ଚର...

ତଦନ୍ତକୁ ଆଗକୁ ନିଆଯିବ ବୋଲି ଶ୍ରୀ ସାଇନି କହିଛନ୍ତି । ଅନ୍ୟପକ୍ଷରେ ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜ୍ୟୋତି ପ୍ରକାଶଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଭେଟି ଘଟଣା ସଂପର୍କରେ ପଚରାଉଚୁରା କରିଥିବା ଜଣାପଡ଼ିଛି । ତେବେ ଜ୍ୟୋତି ପ୍ରକାଶଙ୍କର ୪୦ ପ୍ରତିଶତ ଶରୀର ପୋଡ଼ି ଯାଇଥିବାରୁ ସେ ଏବେ ଏସ୍ସିବିରେ ଚିକିତ୍ସିତ ହେଉଛନ୍ତି । ସୂଚନାଯୋଗ୍ୟ ଯେ ଗତ ଶନିବାର ସୌମ୍ୟାଶ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରି ଗୁରୁତର ହେବାପରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଶରୀରର ୯୫ ପ୍ରତିଶତରୁ ଅଧିକ ପୋଡ଼ି ଯାଇଥିଲା । ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟାସତ୍ତ୍ୱେ ମଙ୍ଗଳବାର ରାତିରେ ସେ ମୃତ୍ୟୁବରଣ କରିଥିଲେ ।

**NOTICE**

By virtue of an affidavit sworn before the Executive Magistrate, Cuttack, dated: 16.07.2025, I Priya Palei, Address: At- Kalarahanga, Po- Kalarahanga, Ps- Infocity, Bhubaneswar, Dist- Khordha, PIN-751024, Odisha declare that I have changed my name from Priya Pujari to Priya Palei. Henceforth, I shall be known as Priya Palei for all purposes.

**Sd/- Priya Palei**

**AFFIDAVIT**

By virtue of an affidavit sworn before the Executive Magistrate, Baliapal, dated: 06.06.2025, I Sabitarani Mohanty, Address: village- Narayanpur, Po- Narayanpur, Via- Pratappur, Ps- Baliapal, Dist- Balasore, Odisha, PIN-756083, declare that I have changed my name from Sabita Nayak to Sabitarani Mohanty. Henceforth, I shall be known as sabitarani Mohanty for all purposes.

**Sd/- Sabitarani Mohanty**

**AFFIDAVIT**

I Kulsum Bibi aged 42 W/O Shaikh Furkan, Adress, Vill - Fakirsahi Po - Suhagpur, Ps - Kakatpur, Dist - Puri, Odisha, declared by an affidavit bearing No - 2086, Dt - 09, july, 2025, before executive magistrate khordha, That I have changed of my minor son's name from Sk Ahetsam, to SHAIKH AHTESHAM, That now onwards my son will be known as SHAIKH AHTESHAM for all future purposes.

**Sd/-Kulsum Bibi**

**OFFICE OF THE PANCHAYAT SAMITI CHILIKA**

At/Po: Gangadharpur, Dist: Khordha, Odisha, Pin: 752034,
Phone: 06756-255026
E-Mail: ori-chilika@gramsat.nic.in

i-223

Letter No. 2013 / Date-15.07.2025

DETAIL TENDER CALLNOTICE NO. 03/CPS/2025-26

1. Number of Civil works : 2 (Two)
2. Estimated Cost Period of :As per DTCN
3. Period of completion :06(Six) Calendar Months
4. Availability of Tender online for biding: **17.07.2025 at 11.00 AM** to **28.07.2025 up to 5.00 P.M.**
5. Last Date /Time of seeking Tender Clarification: **28.07.2025** up to **5.00 P.M.**
6. Date & time of opening of Tender: **29.07.2025 at 11.00 A.M.**
7. Further the details can be seen from the website (http://www.tenderodisha.gov.in).

Sd/-
Block Development Officer
Chilika

OIPR 19387/11/0006/2526

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

CAD-1160

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 10 ରେ ପ୍ଲଟ୍ ନଂ- 10-1B/03 ଟିକୁ ୰ଶ୍ରୀ ନରୋତ୍ତମ ବେହେରା,ପିତା-୰ପଦ୍ମନାଭ ବେହେରା,ସା-ଦାସୀପୁର,ପୋ-ବଲନା ଭାୟା-ମାର୍ଶାଘାଇ,ଥା-ପାଟକୁରା,ଜିଲ୍ଲା-କେନ୍ଦ୍ରାପଡା ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ୰ଶ୍ରୀ ନରୋତ୍ତମ ବେହେରା ଙ୍କ ମୃତ୍ୟୁ ପରେ ତାଙ୍କ ନ୍ୟାୟିକ ଉତ୍ତରାଧିକାରୀ ପତ୍ନୀ ବିମଳା ବେହେରା,ସ୍ୱାମୀ-୰ନରୋତ୍ତମ ବେହେରା,ସା-ପ୍ଲଟ ନଂ-4B/1482, ସେକ୍ଟର - 11,ସିଡିଏ ,ଥା-ମର୍କତ ନଗର,ଜିଲ୍ଲା-କଟକ ଙ୍କୁ ଉକ୍ତ ପ୍ଲଟ ସହ ଗୃହ ଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-ଭାରପ୍ରାପ୍ତ ଅଧିକାରୀ(ଇଷ୍ଟେଟ)

OIPR 13037/11/0320/2526

GOVERNMENT OF ODISHA, "e"-PROCUREMENT NOTICE

OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
No. 3569 Date 14.07.2025

B-312

**Invitation For Bids**

**Bid Identification No. SER&BKHR - 08 /2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only. | |
| 2 | Nature of work | Development of Tourism Infrastructure at Patora, Godhas & Budhikomna. |
| 3 | No. of work | 03 Nos. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 24.07.2025 to 17.00 Hours of 07.08.2025 |
| 7 | Date of opening of Technical Bid | Dt. 08.08.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/- Superintending Engineer
Khariar (R&B) Division, Khariar

OIPR 34062/11/0030/2526

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email – dfo.jharsuguda@odisha.gov.in/Ph – 06645 - 450249
Address- BTM (Ekatali), Jharsuguda Unit No.1, Dist.-Jharsuguda

MM-125

Office order No. 157 /Dated.15.07.2025

SHORT TENDER CALL NOTICE FOR HIRING OF VEHICLE

Sealed Tenders are invited from interested reputed Travel agencies/ Tour operators or Private individuals for providing 5 Nos. of A.C, Diesel driven BS-VI compliant Bolero, Bolero (Neo) vehicles having sitting capacity not more than 7 including driver, which shall confirm to the terms & conditions (Annexure-III) for official use at different Range Offices under the establishment of Jharsuguda Forest Division on monthly rent basis, Tender document cost for Rs 1,000/-(Rupees One Thousand Only) in shape of Non-refundable Demand draft drawn if favour of the Divisional Forest Officer, so as to reach in the office of the Divisional Forest Officer, Jharsuguda Forest Division on or before Dtd.29.07.2025 up to 5.00 P.M through Registered/ Speed Post/ Courier Services in the office of the Divisional Forest Officer, Jharsuguda Forest Division. The tender will be opened in the same office on Dtd.30.07.2025 at 11.00 A.M. The standard bidding documents & terms & conditions can be obtained from the office of the Divisional Forest Officer, Jharsuguda Forest Division from Dtd.16.07.2025 to Dtd.29.07.2025 during office hours.

| Sl. No. | Name of the Office | Number and Model / Type of Vehicle to be hired (Bolero/ Mahindra (Diesel AC) |
|---|---|---|
| 1 | Forest Range Office, Jharsuguda | 02 |
| 2 | Forest Range Office, Brajrajnagar | 01 |
| 3 | Forest Range Office, Belpahar | 01 |
| 4 | Division Office | 01 |
| | Total | 05 |

Sd/-Divisional Forest Officer,
Jharsuguda Forest Division

OIPR 08054/11/0021/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)-MLK-07/2025-26

B-308

No. 3963 Date. 14.07.2025

| | |
|---|---|
| 1. Name of the work: | Building Work |
| 2. Total No. of Works: | 02 Nos. |
| 3. Estimated cost: | From Rs. 80.84 Lakhs to 85.88 lakhs |
| 4. Period of completion: | 04(Four) months |
| 5. Date & time of availability of bid document in the portal: | From 11.00 hrs. Of 21.07.2025 To 16.00 hrs. Of 01.08.2025 |
| 6. Last date / Time for receipt of bids in the Portal; | 16.00 hours of 01.08.2025 |
| 7. Date of opening of Tender; | 11.00 hours of 02.08.2025 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Sd/-Superintending Engineer
Malkangiri(R&B) Division

OIPR 34063/11/0015/2526

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Deo Head Works Division, Karanjia, At/Po-Karanjia,
Dist.-Mayurbhanj-757037, e-mail:eedhwd@gmail.com

A-

"e" Procurement Notice

Bid Identification No.: 02/SEDHWD of 2025-26

| | |
|---|---|
| Name of Work | : As per Detailed Tender Call Notice |
| Total No. of Packages | : 02 (Two) Nos. of Individual Work |
| Estimated cost of Package | : From 39.76Lakhs to25.65 Lakhs |
| Period of Completion | : 04 (Four) Calendar Months |
| Class of Contractor | : "C", "B", Class Contractor |
| Other Details | : Mentioned in DTCN |

| Procurement Officer | Bid-Identification No. | Availability of tender on-line for biding | |
|---|---|---|---|
| | | From | To |
| Superintending Engineer, Deo Head Works Division, Kranjia | 02/SEDHWD of 2025-26 | 18.07.2025 at 10.00 AM | 01.08.2025 up to 05.30 PM |

Further details can be seen from the Govt. web site www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

Sd/-Superintending Engineer,
Deo Head Works Division, Karanjia

OIPR 32248/11/0010/2526

INVITATION FOR BIDS (IFB)

i-220

Bid Identification No. BDO-AID-01/2025-26

The Block Development Officer, Banarpal on behalf of Government of Odisha invites offline sealed Tender for the works detailed in the table below.

| Sl. No | Name of works | Approx. Value of work. (Rs. In lakhs) | Tendered Amount (Excl. GST) | Class of bidder | Bid Security (Rs.). | Cost of documents (Non-refundable) | Period of Completion | Name of Bidder |
|---|---|---|---|---|---|---|---|---|
| 1 | 2 | 3 | 3 | 4 | 5 | 6 | 7 | 8 |
| 1 | Construction Of Adll. Class Room Of Kumanda Jarasingha Nodal High school, Jarasingha GP | 20.27 | 1516785 | 'C' & 'B' | 15200.00 | 6000.00 | 06 Months | Panchayat Samiti Office Banarpal |
| 2 | Construction Of Adll. Class Room Of Alekhapatana PUP School, Kumanda GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 3 | Construction Of Adll. Class Room Of Amantpur UP School, Santarapur-A GP | 18.33 | 1521204 | 'C' & 'B' | 15200.00 | 6000.00 | 06 Months | -do- |
| 4 | Construction Of Adll. Class Room Of Jamunda UP School, Badakerjang GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 5 | Construction Of Adll. Class Room Of Santarapur Nuasahi project UP School, Santarapur KHA GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 6 | Construction of Boundary wall for Protection of Govt. Land at Kumanda G.P. | 70.00 | 5854595 | 'B' | 58550.00 | 10000.00 | 06 Months | -do- |

- Date of availability of tender paper through offline mode i.e. for o/o panchayat Samiti, Banarpal & at district website www.angul.odisha.gov.in and will be accompanied by the paper cost of the Tender paper in shape of Demand Draft in favour of BDO, banarpal and DTCN with all required documents of bidders as mentioned in Tender call notice to be send to the office of The BDO ,Banarpal through Registered Post/Speed Post from date-16.07.2025 to 28.07.2025 (Up to 5 PM)
- Date & time of opening of tender bid- Dt-31.07.2025 11.00AM
- Further details regarding tender papers can be seen from the website www.angul.odisha.gov.in.

Sd/- Block Development Officer
Banarpal

OIPR 19039/11/0005/2526

ଓଡିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ

A-

ଇମେଲ – akp.irrigationdivision@gmail.com.


**'e' -Procurement Notice No. 07/ 2025-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୦୭ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୯.୫୩ଲକ୍ଷ ରୁ ୬୧.୪୨ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ । |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II.ଅନଲାଇନ Bidding ର ସମୟସୀମା | : ତା ୧୯.୦୭.୨୦୨୫ ଦିବା ୧୦ ଘଟିକା ରୁ ତା ୦୨.୦୮.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ । | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୦୪.୦୮.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୧୩.୦୮.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ । |

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି ।www.tendersorissa.gov.in.

ସ୍ୱା/-ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR 32548/11/0008/2526



ଢାକା : ବାଂଲାଦେଶ ମୈମନସିଂହସ୍ଥିତ ଫିଲ୍ମ ନିର୍ମାତା ସତ୍ୟଜିତ ରାୟଙ୍କ ପୈତୃକ ଘରକୁ ଭାଙ୍ଗିଦେବା ପାଇଁ ନିଷ୍ପତ୍ତିକୁ ସମାଲୋଚନା ପରେ ସରକାର ସ୍ଥଗିତ କରିଛନ୍ତି। ଏହି ବିଲ୍ଡିଂକୁ ବ୍ୟବହାର କରୁଥିବା ଶିଶୁ ଏକାଡେମୀ ବର୍ତ୍ତମାନ ଲାଗି ବିଲ୍ଡିଂ ନ ଭାଙ୍ଗିବା ଲାଗି ନିଷ୍ପତ୍ତି ନେଇଛି। ବାଂଲାଦେଶୀ ସମ୍ବାଦପତ୍ର ଦି ଡେଲି ଷ୍ଟାର ୱେବସାଇଟରେ ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ସତ୍ୟଜିତ ରାୟଙ୍କ ଜେଜେଙ୍କ ଦ୍ୱାରା ନିର୍ମିତ ଏହି ବିଲ୍ଡିଂକୁ ମୈମନସିଂହ ଶିଶୁ ଏକାଡେମୀ ରୂପେ ବ୍ୟବହାର କରାଯାଉଥିଲା। ଏବେ ସେଠାରେ ଏକ ନୂଆ ବିଲ୍ଡିଂ ନିର୍ମାଣ ନିମନ୍ତେ ଯୋଜନା ହେଉଛି। ରାୟ ପରିବାରଙ୍କ ପାଖାପାଖି ଶତାବ୍ଦୀ ପୁରୁଣା ଘର ମୈମନସିଂହର ହରିକିଶୋର ରାୟ ଚୌଧୁରୀ ରୋଡରେ ରହିଛି। ବଙ୍ଗଳା ସାହିତ୍ୟ ଓ କଳା କ୍ଷେତ୍ରରେ ଏହି ପରିବାରର ବିଶେଷ ଯୋଗଦାନ ରହିଛି। ଏହି ଭବନକୁ ସତ୍ୟଜିତ ରାୟଙ୍କ ଜେଜେ ଉପେନ୍ଦ୍ର କିଶୋର ରାୟଚୌଧୁରୀ ନିର୍ମାଣ କରିଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

## ୩୪ଟି ସହରକୁ ମିଳିଲା ସ୍ୱଚ୍ଛ ସହର ପୁରସ୍କାର



ନୂଆଦିଲ୍ଲୀ: ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ୨୩ଟି ସୁପର ସ୍ୱଚ୍ଛ ଲିଗ୍ ସହରକୁ ପୁରସ୍କାର ଦିଆଯାଇଛି। ଅହମ୍ମଦାବାଦ, ଭୋପାଳ ଏବଂ ଲକ୍ଷ୍ନୌ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବରେ ଉଭା ହେବା ସହିତ ଭାରତର ନୂତନ ପିଢ଼ିର ସ୍ୱଚ୍ଛ ସହର ରୂପେ ମାନ୍ୟତା ଲାଭ କରିଛନ୍ତି। ମହାକୁମ୍ଭ ପାଇଁ ଏକ ବିଶେଷ ସ୍ୱୀକୃତି ସହିତ ୪୩ଟି ଜାତୀୟ ପୁରସ୍କାର ଘୋଷଣା କରାଯାଇଛି। ପ୍ରମୁଖ ସୁପର ସ୍ୱଚ୍ଛ ଲିଗରେ ଇନ୍ଦୋର, ସୁରଟ, ନଭି ମୁମ୍ବାଇ ସ୍ଥାନ ପାଇଛନ୍ତି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି। ଏହାଛଡ଼ା ୨୦ ହଜାରରୁ ୫୦ ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲ୍ଲାର ଆସିକା ଏବଂ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନଜନକ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ସମାରୋହରେ, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ପ୍ରୟାଗରାଜକୁ ଶ୍ରେଷ୍ଠ ଗଙ୍ଗା ନଗର ପୁରସ୍କାର ପ୍ରଦାନ କରିଥିଲେ। ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟକୁ ଏହାର ଅନୁକରଣୀୟ ପରିମଳ ପ୍ରୟାସ ପାଇଁ ଶ୍ରେଷ୍ଠ କ୍ୟାଣ୍ଟନମେଣ୍ଟ ବୋର୍ଡ ଭାବରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷର ସ୍ୱଚ୍ଛ ସର୍ବେକ୍ଷଣ କେବଳ ବଡ଼ ସହରଗୁଡ଼ିକ ପାଇଁ ଢାଞ୍ଚାକୁ ବ୍ୟବସ୍ଥିତ ଏବଂ ସୁଗମ କରିନାହିଁ, ବରଂ ଛୋଟ ସହରଗୁଡ଼ିକ ପାଇଁ ଏହାକୁ ସରଳ କରିଛି। 'ଗୋଟିଏ ସହର, ଗୋଟିଏ ପୁରସ୍କାର' ନୀତି ଅନୁସରଣ କରି ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରଗୁଡ଼ିକୁ ପ୍ରତିଶ୍ରୁତିବଦ୍ଧ ସ୍ୱଚ୍ଛ ସହର ଭାବରେ ସ୍ୱୀକୃତି ଦିଆଯାଇଥିଲା। ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୩୪ ସହର ପୁରସ୍କାର ହାସଲ କରିଛନ୍ତି। ଏହା ସହରାଞ୍ଚଳ ସ୍ୱଚ୍ଛତା ଏବଂ ପରିମଳ ଉତ୍କୃଷ୍ଟତାରେ ସେମାନଙ୍କର ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶନ କରିଛି। ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ 'ରିଡ୍ୟୁସ୍ (ହ୍ରାସ), ରିୟୁଜ୍ (ପୁନଃବ୍ୟବହାର), ରିସାଇକ୍ଲିଂ (ପୁନଃଚକ୍ରଣ) (ଥ୍ରୀ ଆର୍)' ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟକୁ ପ୍ରଶଂସା କରିଛନ୍ତି। ସେ କହିଥିଲେ, ୱେଷ୍ଟ ଇଜ୍ ବେଷ୍ଟ (ବର୍ଜ୍ୟ ହିଁ ସମ୍ପଦ) ମନ୍ତ୍ର ଚକ୍ରାକାର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ସେ ଯୁବପିଢ଼ିଙ୍କୁ ସଶକ୍ତ କରିବା, ସବୁଜ ନିଯୁକ୍ତି ସୃଷ୍ଟି କରିବା ଏବଂ ଉଦ୍ୟୋଗ ସୁଯୋଗ ସୃଷ୍ଟି କରିବା, ଏସଏଚଜି ଗୁଡ଼ିକୁ ସାମିଲ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍ୱଚ୍ଛ ସହର ସହଭାଗୀତା ପ୍ରୟାସର ଶୁଭାରମ୍ଭ କରି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ସମକକ୍ଷ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ କରି ମନ୍ତ୍ରଣାଳୟର ସଚିବ ଶ୍ରୀନିବାସ କଟିକିତାଲା ଗତ ଏକ ଦଶନ୍ଧି ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନର ରୂପାନ୍ତରଣକାରୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ଫଳାଫଳ ଡ୍ୟାସବୋର୍ଡ ଡିଜିଟାଲ ଭାବରେ ଶୁଭାରମ୍ଭ କରାଯାଇଥିଲା। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ର ପ୍ରମୁଖ ଆକର୍ଷଣ ଏବଂ ସୁପର ସ୍ୱଚ୍ଛ ଲିଗ୍ ସିଟିଗୁଡ଼ିକର ସଫଳତାଗୁଡ଼ିକୁ ଆକର୍ଷଣୀୟ ଅଡିଓ-ଭିଜୁଆଲ୍ ଉପସ୍ଥାପନା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା।

# ସହକାର ଏବଂ ରୋଜଗାର ଉତ୍ସବକୁ ସମ୍ବୋଧିତ କଲେ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଗୁରୁବାର ରାଜସ୍ଥାନର ଜୟପୁରଠାରେ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଅବସରରେ 'ସହକାର ଏବଂ ରୋଜଗାର ଉତ୍ସବ' କୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଏବଂ ସମବାୟ ମନ୍ତ୍ରଣାଳୟର ସଚିବ ଡକ୍ଟର ଆଶିଷ କୁମାର ଭୁଟାନୀ ଉପସ୍ଥିତ ଥିଲେ। 'ସହକାର ଏବଂ ରୋଜଗାର ଉତ୍ସବ' କୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳନ ଭାରତରୁ ଆରମ୍ଭ ହୋଇଥିଲା। ସେ କହିଥିଲେ ଯେ ଯେତେବେଳେ ମିଳିତ ଜାତିସଂଘର ସାଧାରଣ ସଭା (ୟୁଏନଜିଏ) ୨୦୨୫ କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ପ୍ରଥମ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କେନ୍ଦ୍ର ସମବାୟ ମନ୍ତ୍ରୀ କହିଥିଲେ ଯେ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା ହେବାର ଚାରି ବର୍ଷ ମଧ୍ୟରେ ଆମେ ୬୧ଟି ପଦକ୍ଷେପ ଜରିଆରେ ସମବାୟ ସମିତିକୁ ସୁଦୃଢ଼ କରିବା ଲାଗି କାର୍ଯ୍ୟ କରିଛୁ। ସେ କହିଥିଲେ, ଆମେ ଦୁଇ ଲକ୍ଷ ନୂଆ ପାକସ୍ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଥିରୁ ୪୦ ହଜାର ପାକସ୍ ସୃଷ୍ଟି କରାଯାଇଛି। ସମସ୍ତ ପାକସ୍ର କମ୍ପ୍ୟୁଟରୀକରଣ କାର୍ଯ୍ୟ ଶେଷ ହୋଇଛି ଏବଂ ସମସ୍ତ ରାଜ୍ୟ ପାକସ୍ର ମଡେଲ ଉପନିୟମକୁ ସ୍ୱୀକାର କରିଛନ୍ତି, ପଣ୍ୟାଗାର ମଧ୍ୟ ନିର୍ମାଣ କରାଯାଉଛି। ଜୈବିକ ଉତ୍ପାଦ, ରପ୍ତାନୀ ଏବଂ ବିହନ ପ୍ରୋତ୍ସାହନ ପାଇଁ ନୂତନ ସମବାୟ ଅନୁଷ୍ଠାନମାନ ସୃଷ୍ଟି କରାଯାଇଛି। ଶ୍ରୀ ଶାହ କହିଥିଲେ ଯେ ନାଫେଡ୍ ଏବଂ ଏନସିସିଏଫ୍ ଆପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସପି) ରେ ପଞ୍ଜିକରଣ କରିଥିବା କୃଷକମାନଙ୍କ ପାଇଁ ଡାଲି, ତୈଳବୀଜ ଏବଂ ମକା କିଣିବାର ଗ୍ୟାରେଣ୍ଟି ପ୍ରଧାନମନ୍ତ୍ରୀ ମୋଦୀ ଦେଇଛନ୍ତି ଏବଂ ଯଦି ବଜାରରେ ମିଳୁଥିବା ମୂଲ୍ୟ ଏମ୍ଏସପି ଠାରୁ ଅଧିକ ହୋଇଥାଏ, ତେବେ କୃଷକମାନେ ବଜାରରେ ସେମାନଙ୍କ ଉତ୍ପାଦ ବିକ୍ରି କରିବା ପାଇଁ ସ୍ୱାଧୀନ ଅଟନ୍ତି। ଅମିତ ଶାହ କହିଥିଲେ ଯେ ରାଜସ୍ଥାନର ଭୂମି ବୀର ରାଣା ସାଙ୍ଗା, ମହାରାଣା ପ୍ରତାପ, ଦୁର୍ଗାଦାସ ରାଠୋର, ପୃଥ୍ୱୀରାଜ ଚୌହାନ, ମହାରାଣୀ ପଦ୍ମିନୀ, ପାନ୍ନା ଧାଇ ଏବଂ ଭାମାଶାହଙ୍କ ଭଳି ସାହସୀ ଯୋଦ୍ଧାମାନଙ୍କୁ ଜନ୍ମ ଦେଇଛି। ସେ କହିଥିଲେ ଯେ ଦେଶର ସୁରକ୍ଷାରେ ରାଜସ୍ଥାନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଏବଂ ଏଠାରୁ ବହୁ ସଂଖ୍ୟକ ଲୋକ ସେନାରେ ଯୋଗ ଦେଉଛନ୍ତି। ପରମବୀର ଚକ୍ର ପୁରସ୍କାର ପ୍ରାପ୍ତ ନିର୍ମଳ ସିଂ ସେଖୋନଙ୍କୁ ତାଙ୍କ ଜନ୍ମ ବାର୍ଷିକୀରେ ସ୍ମରଣ କରି ଶ୍ରୀ ଶାହ କହିଛନ୍ତି ଯେ ନିର୍ମଳ ସିଂ ସେଖୋନ୍ ନିଜ ମାତୃଭୂମିର ସୁରକ୍ଷା ପାଇଁ ଅତୁଳନୀୟ ବୀରତ୍ୱ ଏବଂ ବଳିଦାନ ପ୍ରଦର୍ଶନ କରିଥିଲେ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ପଦକ୍ଷେପ

# ୧୫୧ ନୂଆ ଗାଡ଼ିର ଶୁଭାରମ୍ଭ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ରାଜ୍ୟର ଲୋକମାନଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇବାକୁ ବ୍ୟବସ୍ଥାକରୁଛନ୍ତି। ଏହି କ୍ରମରେ ଗୁରୁବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କ୍ଷେତ୍ରୀୟ ସ୍ୱାସ୍ଥ୍ୟ ସେବା ପାଇଁ ୧୫୧ଟି ନୂଆ ଗାଡିର ଶୁଭାରମ୍ଭ କରିଛନ୍ତି। ଶ୍ରୀ ସାଏ ସବୁଜ ପତାକା ଦେଖାଇ ଏହି ଗାଡି ଗୁଡିକର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସାଏ କହିଥିଲେ ରାଜ୍ୟବାସୀଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କ୍ଷେତ୍ରୀୟ ସ୍ତରରେ ବ୍ୟବସ୍ଥା କରାଯାଇଛି। ଏହି ଗାଡିଗୁଡିକ ସହ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀମାନେ ଘରେଘରେ ବୁଲି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ। ବିଶେଷ କରି ବସ୍ତର ଏବଂ ଶରଗୁଜାରେ ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିବାର ସେ କହିଥିଲେ। ସେ କହିଥିଲେ ମୋ ସରକାର ତାଙ୍କ ଯାତ୍ରାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗୁଡିକ ସୁଚାରୁରୂପେ ପରିଚାଳନା ପାଇଁ କାର୍ଯ୍ୟାନ୍ୱୟନ, ତଦାରଖ ଏବଂ ମନିଟରିଂ କରାଯିବ ବୋଲି ସେ କହିଥିଲେ। ଏହି ଗାଡିଗୁଡିକ ଜିଲ୍ଲା ଏବଂ ବ୍ଲକ୍ସ୍ତରର ସ୍ୱାସ୍ଥ୍ୟ କ୍ଷେତ୍ର କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ। ଏପରିକି ଯେଉଁ ସବୁ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚିପାରୁନାହିଁ ସେ ସବୁ ସ୍ଥାନରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ସାଏ ଆହୁରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଛତିଶଗଡର ଜନଜାତି ସଂପ୍ରଦାୟର ଲୋକମାନଙ୍କ ଉତ୍ଥାନ ପାଇଁ ପିଏମ୍ ଜନମନ ଯୋଜନାରେ ୩୦ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ସିଜିଏମ୍ ଏସ୍ସିର ଅଧ୍ୟକ୍ଷ ଦୀପକ ମହାସକେ, ୱାକଅପ୍ ବୋର୍ଡ ଅଧ୍ୟକ୍ଷ ସଲିମ ରାୟ, ସ୍ୱାସ୍ଥ୍ୟ ସଚିବ ଅମିତ କଟୋରିଆ, ସ୍ୱାସ୍ଥ୍ୟ କମିଶନର ପ୍ରିୟଙ୍କା ଶୁକ୍ଳା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାଟୋ ମୁଖ୍ୟଙ୍କୁ ଭାରତର କଡ଼ା ଜବାବ



ନୂଆଦିଲ୍ଲୀ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଭାରତକୁ କଡ଼ା ଚେତାବନୀ ଦେଇଥିବା ନାଟୋ ମୁଖ୍ୟ ମାର୍କ ରୁଟ୍ଙ୍କୁ ଦୃଢ଼ ଜବାବ ଦେଇଛି ଭାରତ। ରୁଷ ସହିତ ବାଣିଜ୍ୟିକ ସମ୍ପର୍କ ରଖୁଥିବା ଭାରତ, ବ୍ରାଜିଲ, ଚୀନ ଉପରେ ସାଙ୍କସନ ଲାଗୁ କରାଯିବ ବୋଲି ରୁଟ୍ ଚେତାବନୀ ଦେଇଥିଲେ। ଗୁରୁବାର ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ରୁଟ୍ଙ୍କ ଚେତାବନୀର କଡ଼ା ଜବାବ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଆମେ ନାଟୋ ମୁଖ୍ୟଙ୍କ ମନ୍ତବ୍ୟ ସମ୍ପର୍କିତ ରିପୋର୍ଟ ଦେଖିଛୁ। ଏହା ଉପରେ କହିବାକୁ ଚାହୁଁଛୁ ଯେ, ଆମ ଦେଶବାସୀଙ୍କ ଆବଶ୍ୟକତା ପୂରଣ କରିବା ଆମ ପାଇଁ ଶ୍ରେଷ୍ଠ ପ୍ରାଥମିକତା। ପ୍ରଚଳିତ ବୈଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବଜାରରେ ଯାହା ସୁଯୋଗ ମିଳୁଛି ତାହା ଆଧାରରେ ଆମେ ପଦକ୍ଷେପ ନେଉଛୁ। ଏହି ପ୍ରସଙ୍ଗରେ କୌଣସି ପ୍ରକାର ଦୋମୁହାଁ ନୀତି ବିରୋଧରେ ଆମେ ସତର୍କ ରହିଛୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୱାଶିଂଟନରେ ଏକ ସାମ୍ବାଦିକ ସମ୍ମିଳନୀରେ ଆମେରିକୀୟ ସାଂସଦ ଟମ ଟିଲିସ, ଜିଏନି ଶାହିନଙ୍କ ଉପସ୍ଥିତିରେ ନାଟୋ ମୁଖ୍ୟ ରୁଟ୍ କହିଥିଲେ, ଭାରତ, ଚୀନ ଏବଂ ବ୍ରାଜିଲ ରୁଷ ସହିତ ଅର୍ଥନୈତିକ ସମ୍ପର୍କ ଉପରେ ପୁନର୍ବିଚାର କରନ୍ତୁ, ନଚେତ ୧୦୦ ପ୍ରତିଶତ ସାଙ୍କସନର ସମ୍ମୁଖୀନ ହୁଅନ୍ତୁ। ଏହା ସହିତ ସେ ଭାରତ ସମେତ ୩ ଦେଶକୁ ରୁଷ ଉପରେ ଚାପ ପକାଇ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବାକୁ ମଧ୍ୟ ଅନୁରୋଧ କରିଥିଲେ।

# ବାଣିଜ୍ୟ




ନୂଆଦିଲ୍ଲୀ: ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣଏପର୍ଯ୍ୟନ୍ତ ୧.୧୭କୋଟିରୁ ଅଧିକ ୧୨-ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ନିଷ୍କ୍ରିୟ କରିସାରିଛି। ଏହି ପଦକ୍ଷେପ ଏଥିପାଇଁ ନିଆଯାଇଛି ଯାହା ଦ୍ୱାରା ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ନମ୍ବରର ଅପବ୍ୟବହାର ହୋଇପାରିବ ନାହିଁ। ଏହି ପଦକ୍ଷେପ ଅନ୍ତର୍ଗତ, ୟୁଆଇଡିଏଆଇ ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଜିକୃତ ମୃତ୍ୟୁ ପାଇଁ ମାଇଁ ଆଧାର ପୋର୍ଟାଲରେ ଏକ ନୂତନ ସେବା – ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟିଂ – ଆରମ୍ଭ କରିଛି। ଯାହା ଦ୍ୱାରା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ, ବ୍ୟକ୍ତି ପୋର୍ଟାଲକୁ ଆସି ୟୁଆଇଡିଏଆଇକୁ ଏହା ବିଷୟରେ ଜଣାଇପାରିବେ। ବୁଧବାର ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ, ଆଧାର ଡାଟାବେସର ନିରନ୍ତର ସଠିକତା ବଜାୟ ରଖିବା ପାଇଁ, ୟୁଆଇଡିଏଆଇ ବିଭିନ୍ନ ଉତ୍ସରୁ ମୃତ୍ୟୁ ରେକର୍ଡ ପାଇବା ଏବଂ ଉପଯୁକ୍ତ ଯାଞ୍ଚ ପରେ ଆଧାର ନମ୍ବରକୁ ନିଷ୍କ୍ରିୟ କରିବା ପାଇଁ ସକ୍ରିୟ ଭାବରେ ଏହି ପଦକ୍ଷେପଗୁଡ଼ିକୁ ଗ୍ରହଣ କରୁଛି। ୟୁଆଇଡିଏଆଇକହିଛି , ଏହା ଆଧାର ନମ୍ବର ସହିତ ଜଡିତ ମୃତ୍ୟୁ ରେକର୍ଡଗୁଡ଼ିକୁ ଶେୟାର କରିବାକୁ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କୁ ଅନୁରୋଧ କରିଛି।

# ଟିପିସିଓଡିଏଲ୍ ପକ୍ଷରୁ ଡିଜିଟାଲ ପେମେଣ୍ଟ ଅଭିଯାନର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଓ ରେଜରପେ ସହଯୋଗରେ ଏକ ଡିଜିଟାଲ ପେମେଣ୍ଟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଡିଜିଟାଲ ପ୍ଲାଟ୍‌ଫର୍ମ ସହ ଭଲ ଭାବେ ଅଭ୍ୟସ୍ତ ନଥିବା ଉପଭୋକ୍ତା ମାନଙ୍କ ସମେତ ସବୁ ଉପଭୋକ୍ତାମାନେ ଯେଭଳି ଏହାକୁ ସହଜରେ ବ୍ୟବହାର କରିପାରିବେ ତାହାକୁ ଦୃଷ୍ଟିରେ ରଖି ଏହି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟରେ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରଭିନ୍ଦ୍ ସିଂହ ଓ ଏସ୍‌ବିଆଇର ଉପ ମହାପ୍ରବନ୍ଧକ (ଡିଜିଟାଲ୍ ଆଣ୍ଡ୍ ଟ୍ରାନ୍ସନ ବ୍ୟାଙ୍କିଂ) ସୁଶାନ୍ତ କୁମାର ଦାସ ଏହି ଅଭିଯାନକୁ ଉନ୍ମୋଚନ କରିଛନ୍ତି। ଏହି ଅଭିଯାନ ଜରିଆରେ ୨୦୨୫ ଅଗଷ୍ଟ ସୁଦ୍ଧା ୮୦% ଡିଜିଟାଲ ପେମେଣ୍ଟ କାରବାର ହାସଲ କରିବାକୁ ଟିପିସିଓଡିଏଲ୍ ଲକ୍ଷ୍ୟ ରଖିଛି। ଏହା ସେବା ପ୍ରଦାନ କରୁଥିବା ଅଂଚଳଗୁଡ଼ିକରେ ନଗଦବିହୀନ ସେବାକୁ ଉଲ୍ଲେଖନୀୟ ଭାବେ ଆଗକୁ ବଢ଼ାଇବ। ଏହି ପ୍ଲାଟ୍‌ଫର୍ମ ଡିଜିଟାଲ ପେମେଣ୍ଟ ପ୍ରକ୍ରିୟାର ସରଳୀକରଣ କରି ପାରମ୍ପରିକ ଭାବେ ନଗଦ ରାଶିରେ ଦେୟ ପ୍ରଦାନ କରୁଥିବା ଗ୍ରାହକମାନଙ୍କୁ ବିଶ୍ୱାସ ଓ ସୁରକ୍ଷା ସହ ଡିଜିଟାଲ କାରବାର କରିବାରେ ସକ୍ଷମ କରୁଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ସମେତ ସମସ୍ତଙ୍କ ପାଖରେ ଡିଜିଟାଲ ପେମେଣ୍ଟ ସୁବିଧାକୁ ପହଞ୍ଚାଇବା। ଏସ୍‌ବିଆଇ ଓ ରେଜରପେ ଭଳି ବିଶ୍ୱସନୀୟ ପ୍ଲାଟ୍‌ଫର୍ମକୁ ବ୍ୟବହାର କରି ଆମେ ଗ୍ରାହକମାନଙ୍କୁ ଡିଜିଟାଲ ମାଧ୍ୟମରେ ବିଲ ପ୍ରଦାନ କରିବା ଲାଗି ଏକ ସୁରକ୍ଷିତ, ସରଳ ଓ ନିରାପଦ ବିକଳ୍ପ ସୁନିଶ୍ଚିତ କରୁଛୁ।

# ହାଇଦ୍ରାବାଦରେ କୃଷି-ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ସହଭାଗିତା




ହାଇଦ୍ରାବାଦ: ବିଶ୍ୱର ସର୍ବବୃହତ ଟ୍ରାକ୍ଟର ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଭାରତରେ ଦ୍ୱିତୀୟ ବୃହତ୍ତମ ଟ୍ରାକ୍ଟର ଏବଂ ଫାର୍ମ ଇକ୍ୱିପମେଣ୍ଟ ଲିମିଟେଡ୍ (ଟାଫେ), ୧୧ ଜୁଲାଇ ୨୦୨୫ ରେ ହାଇଦ୍ରାବାଦର ପାଟନଚେରୁରେ ଆଇସିଆରଆଇଏସଏଟି କ୍ୟାମ୍ପସରେ 'ଜେଫାର୍ମ ଅନୁକୂଳନ କୃଷି ଗବେଷଣା ଏବଂ ସମ୍ପ୍ରସାରଣ କେନ୍ଦ୍ର' ପ୍ରତିଷ୍ଠା କରିବା ପାଇଁ ଦି ଇଣ୍ଟରନାସ୍ନାଲ୍ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର୍ ଦି ସେମି-ଆରିଡ୍ ଟ୍ରପିକ୍ସ (ଆଇସିଆରଆଇଏସଏଟି) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଟାଫେ ୧୯୬୪ ମସିହାରେ ଗବେଷଣା-ଚାଳିତ ସମାଧାନ ଏବଂ ତାଲିମ ମାଧ୍ୟମରେ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଏକ ସିଏସଆର ପଦକ୍ଷେପ ଭାବରେ ଜେଫାର୍ମ ଉଦ୍‌ଘାଟନ କରିଥିଲା। ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରି, ଗ୍ରୁପ୍ ପ୍ରେସିଡେଣ୍ଟ ଏବଂ ଟାଫେ ବୋର୍ଡର ସଦସ୍ୟ ଡକ୍ଟର ଟି ଆର କେଶବନ କହିଛନ୍ତି, 'ଆମର ଲକ୍ଷ୍ୟ ହେଉଛି ଜମି ଏବଂ ଜଳସମ୍ପଦକୁ ସୁରକ୍ଷିତ ରଖି ସଠିକ୍ କୃଷି କାର୍ଯ୍ୟକାରୀ କରିବା। ଚାଷୀମାନଙ୍କର ବିବିଧ ଆବଶ୍ୟକତା ବିଷୟରେ ଆମର ଗଭୀର ଜ୍ଞାନ ରହିଛି; ଆମେ ଜାଣିଛୁ ଏବଂ ବିଶ୍ୱାସ କରୁ ଯେ ଯାନ୍ତ୍ରିକୀକରଣର ବ୍ୟାପକ ଗ୍ରହଣ ପାଇଁ ଜ୍ଞାନ-ଆଦାନପ୍ରଦାନ ହେଉଛି ପ୍ରମୁଖ। ଆଇସିଆରଆଇଏସଏଟି ର ମହାନିର୍ଦ୍ଦେଶକ ଡକ୍ଟର ହିମାଂଶୁ ପାଠକ ଆହୁରି ମଧ୍ୟ କହିଛନ୍ତି, ଆଧୁନିକ କୃଷିରେ ଯାନ୍ତ୍ରିକୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ଏହି କ୍ଷେତ୍ରରେ ପ୍ରଗତି ବିନା, ଆମେ ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିପାରିବୁ ନାହିଁ। ଏହି ସହଯୋଗ କେବଳ ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବାଠାରୁ ଅଧିକ, ଏହା ରାସାୟନିକ ଇନପୁଟ୍, ଶ୍ରମ ନିର୍ଭରଶୀଳତା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ ଗବେଷଣାକୁ ପ୍ରୋତ୍ସାହିତ କରିବା ବିଷୟରେ ଅଟେ।

# 'ଗ୍ୟାରେଟେଣ୍ଡ ବଚତ୍ ପ୍ଲାନ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଘରୋଇ ଜୀବନ ବୀମା କମ୍ପାନି ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନୂଆ 'ଭାରତୀ ଆକ୍ସା ଲାଇଫ୍ ଗ୍ୟାରେଟେଂଡ୍ ବଚତ୍ ପ୍ଲାନ୍'ର ଶୁଭାରମ୍ଭ କରାଯାଇଛି। ନିଜ ପରିବାରର ସୁରକ୍ଷା ସହିତ ସଂଚୟ ଗଠନ କରିବା ପାଇଁ ସରଳ ତଥା ଭରସାଯୋଗ୍ୟ ସମାଧାନ ଚାହୁଁଥିବା ମଧ୍ୟମ ଆୟ ବର୍ଗର ଭାରତୀୟମାନଙ୍କୁ ଦୃଷ୍ଟିରେ ରଖି ଏହି ପ୍ଲାନ୍‌କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି।ଭାରତୀ ଆକ୍ସା ଗ୍ୟାରେଂଟି ବଚତ୍ ପ୍ଲାନ୍‌ରେ ବାର୍ଷିକ ପ୍ରିମିୟମ୍‌ର ୩୦ ଗୁଣା ପର୍ଯ୍ୟନ୍ତ ଜୀବନ ବୀମା ସୁରକ୍ଷା, ଗ୍ୟାରେଟିଂ ରିଟର୍ଣ୍ଣ, ଦେୟ ପ୍ରଦାନ ସୁବିଧା, ବିକଳ୍ପ ରାଇଡର୍ ଓ ଟିକସ ସୁବିଧା ଆଦି ରହିଛି। ବିକଳ୍ପ ରାଇଡର୍‌ରେ ଗ୍ରାହକମାନେ ଦୁର୍ଘଟଣାଜନିତ ମୃତ୍ୟୁ, ଜଟିଳ ଅସୁସ୍ଥତା, ହସ୍ପିଟାଲ୍ କ୍ୟାସ୍ ଏବଂ ପ୍ରିମିୟମ୍ ଛାଡ଼ ଭଳି ରାଇଡର୍ ବିକଳ୍ପ ଚୟନ କରିପାରିବେ। ଏହାର ଶୁଭାରମ୍ଭ ଅବସରରେ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ଚିଫ୍ ଗ୍ରୋଥ୍ ଅଫିସର ପ୍ରେରକ ପରମାର କହିଛନ୍ତି ଯେ, 'ବୀମା ସରଳ, ଭରସାଯୋଗ୍ୟ ଏବଂ ପ୍ରତି ଭାରତୀୟଙ୍କ ପାଇଁ ପ୍ରସ୍ତୁତ ହେଉ ବୋଲି ଭାରତୀ ଆକ୍ସା ଲାଇଫ୍‌ରେ ଆମର ଲକ୍ଷ୍ୟ ରହିଛି। ଭାରତୀ ଆକ୍ସା ଲାଇଫ୍ ଗ୍ୟାରେଟେଂଡ୍ ବଚତ୍ ପ୍ଲାନ୍‌କୁ ସେହି ଲୋକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁମାନେ ବିନା କୌଣସି ଦ୍ୱନ୍ଦରେ ଉଭୟ ସୁରକ୍ଷା ଓ ସଂଚୟ କରିବାକୁ ଚାହୁଁଛନ୍ତି। ଗ୍ୟାରେଟିଂ ରିଟର୍ଣ୍ଣ, ଲାଭ ଓ ଜୀବନ ବୀମା ସୁରକ୍ଷା ସହିତ ଏହି ଯୋଜନା ପ୍ରତିଟି ଭାରତୀୟଙ୍କୁ ନିଜ ସ୍ୱପ୍ନକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱାସର ସହ ନିଜ ଭବିଷ୍ୟତ ପାଇଁ ଯୋଜନା କରିବାରେ ସଶକ୍ତ କରୁଛି।' ଭାରତୀ ଆକ୍ସା ଲାଇଫ ଗ୍ୟାରେଣ୍ଟି ବଚତ ପ୍ଲାନ୍ ହେଉଛି ଏକ ଅସଂଯୁକ୍ତ ଓ ଅପ୍ରତିଭାଗୀ ବ୍ୟକ୍ତିଗତ ସଞ୍ଚୟ ଜୀବନ ବୀମା ଯୋଜନା ଯାହାକୁ ଗ୍ରାହକଙ୍କୁ ସେମାନଙ୍କ ସଂଚୟର ପୂର୍ଣ୍ଣ ନିୟନ୍ତ୍ରଣ ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ଅନୁସାରେ ପଲିସି ଅବଧି, ପ୍ରିମିୟମ୍ ପ୍ରଦାନ ଅବଧି, ଲାଭ ପ୍ରଦାନ ବିକଳ୍ପ ଏବଂ ରାଇଡର୍ ସୁରକ୍ଷା ପ୍ରସ୍ତୁତ କରିପାରିବେ।ଭାରତର ଏକ ବଡ଼ ଭାଗକୁ ସେବା ପ୍ରଦାନ କରିବା ଦିଗରେ ଭାରତୀ ଆକ୍ସା ଲାଇଫ୍‌ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଏଭଳି ଏକ ଉତ୍ପାଦ ଯାହାକୁ ବୁଝିବା ସହଜ, କିଣିବା ସହଜ ଏବଂ ବାସ୍ତବ ଆର୍ଥିକ ଆବଶ୍ୟକତା ପାଇଁ ପ୍ରସ୍ତୁତ କରାଯାଇଛି।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଅତ୍ୟାଧୁନିକ ନିରନ୍ତର ଗାଲଭାନାଇଜିଂ ଲାଇନ କାର୍ଯ୍ୟକ୍ଷମ



ମୁମ୍ବାଇ: ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଆଜି ଗୁଜରାଟର ହାଜିରାଠାରେ ସ୍ଥିତ ଏହାର ପ୍ରମୁଖ କାରାଖାନାରେ ଏକ ନୂତନ, ଅତ୍ୟାଧୁନିକ ନିରନ୍ତର ଗାଲଭାନାଇଜିଂ ଲାଇନ (ସିଜିଏଲ) କାର୍ଯ୍ୟକ୍ଷମ ହେବାର ଘୋଷଣା କରିଛି। ଏହି ଘୋଷଣା ସହ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ନିଜକୁ ଏକ ଆଧୁନିକ ସିଜିଏଲ ଲାଇନ୍ ଥିବା ଭାରତର ଏକମାତ୍ର କମ୍ପାନୀ ଭାବରେ ପ୍ରତିଷ୍ଠା କରିଛି। ଏହା ୧୧୮୦ ମେଗାପାସ୍କାଲ୍ (ଏମପିଏ) ସ୍ତରର ଦୃଢ଼ତା ସହିତ ଉନ୍ନତ ଉଚ୍ଚ-ଶକ୍ତି ଇସ୍ପାତ (ଏଏଚଏସଏସ) ଉତ୍ପାଦନ କରିବାରେ ସକ୍ଷମ, ଯାହା ବିକଶିତ ଅଟୋମୋଟିଭ୍ ପ୍ରୟୋଗରେ ଅସାଧାରଣ ସୁରକ୍ଷା, ସ୍ଥାୟୀତ୍ୱ ଏବଂ ସ୍ଥିରତା ଆଣିବା ପାଇଁ ନିହାତି ଆବଶ୍ୟକ। ଏହି ନୂତନ ପଦକ୍ଷେପ କମ୍ପାନୀ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ, ଯାହା ଅପଷ୍ଟ୍ରିମ୍, ଡାଉନଷ୍ଟ୍ରିମ୍ ଏବଂ ଅନ୍ୟାନ୍ୟ ସହାୟକ ୟୁନିଟରେ ବିକାଶ ପାଇଁ ୬୦,୦୦୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ପ୍ରକଳ୍ପ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରୁଛି। ୨୦୨୨ ମସିହାରେପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ଏହି ସମନ୍ୱିତ ଇସ୍ପାତ କାରାଖାନା ସମ୍ପ୍ରସାରଣ ପ୍ରକଳ୍ପର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରକାରର ଗ୍ରେଡ୍ର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ଯାହା ଦ୍ୱାରା ବର୍ଦ୍ଧିତ ଚାହିଦା ପୂରଣ ହୋଇପାରିବ। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ଉମେନ୍ କହିଛନ୍ତି ଯେ, 'ଏଭଳି ପ୍ରଥମ ପ୍ରକାରର ନିରନ୍ତର ଗାଲଭାନାଇଜିଂ ଲାଇନ କାର୍ଯ୍ୟକ୍ଷମ ହେବା ଆମର ସମ୍ପ୍ରସାରଣ ପ୍ରକଳ୍ପରେ ଆଉ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଉଦଘାଟନ କରିଥିଲେ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରୟାସ ଏବେ ସଫଳ ହେବାକୁ ଯାଉଛି ଏବଂ ଆମେ ଗର୍ବର ସହିତ କହିପାରିବା ଯେ ଏହି ନୂତନ ଲାଇନ ଏବଂ ଆଗାମୀ ୟୁନିଟଗୁଡ଼ିକ ଏପରି ଇସ୍ପାତ ଉତ୍ପାଦନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ବର୍ତ୍ତମାନ ବିକଶିତ ଦେଶଗୁଡ଼ିକରେ ଉପଲବ୍ଧ ଇସ୍ପାତର ଗୁଣବତ୍ତା ସହିତ ସମାନ। 'ବିକଶିତ ଭାରତ ଅ୨୦୪୭' ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ସହିତ ଆମ ଦେଶ ଆବଶ୍ୟକ କରୁଥିବା ସର୍ବୋତ୍ତମ ଶ୍ରେଣୀର ଉତ୍ପାଦ ଯୋଗାଣ କରିବାକୁ ଆମେ ପ୍ରତିବଦ୍ଧ। ଶ୍ରୀ ଉମେନ୍ ଆହୁରି ମଧ୍ୟ କହିଛନ୍ତି ଯେ, 'ଆମର ମୂଳ କମ୍ପାନୀଗୁଡ଼ିକଠାରୁ ନିରନ୍ତର ସମର୍ଥନ ପାଇ ଆମେ ନୂତନ ମାନଦଣ୍ଡ ସ୍ଥାପନ କରିଛୁ ଏବଂ ଅଟୋମୋଟିଭ୍ କ୍ଷେତ୍ରର ନୂତନତର ଆବଶ୍ୟକତା ପୂରଣ କରିବା ପାଇଁ ଭାରତରେ ଉତ୍ପାଦିତ ଉଚ୍ଚ କ୍ଷମତା ସମ୍ପନ୍ନ ଇସ୍ପାତ ସମେତ ବିଶ୍ୱସ୍ତରୀୟ ଉତ୍ପାଦ ଯୋଗାଣ କରିବାର ଆମର କ୍ଷମତାକୁ ଆହୁରି ସୁଦୃଢ଼ କରିଛୁ। ଏହି ସ୍ୱତନ୍ତ୍ର ଲାଇନରୁ ସ୍ୱଦେଶୀ ଉତ୍ପାଦନ ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ଦିଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିବ।'

# ଓଏଲ୍‌ଇଡିଇଭୋ ଓ କ୍ୟୁଏନ୍‌ଇଡିଇଭୋ ଟିଭି ଉନ୍ମୋଚିତ




ମୁମ୍ବାଇ: ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଗୁରୁବାର ଭାରତରେ ଏହାର ୨୦୨୫ ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଟିଭି ଶୃଙ୍ଖଳାର ଲଞ୍ଚ ଘୋଷଣା କରାଯାଇଛି। ଏହି ନୂତନ ଟେଲିଭିଜନଗୁଡିକ ଏଲଜିର ନୂଆ ଆଲ୍‌ଫା ଏଆଇ ପ୍ରୋସେସର ଜେନ୨ ଦ୍ୱାରା ପରିଚାଳିତ ଅଟେ ଯାହା ବ୍ୟକ୍ତିଗତ ଅନୁଭୂତି, ଉନ୍ନତ ପିକ୍‌ଚର, ସାଉଣ୍ଡ ଓ ସଂଯୋଗ ପ୍ରଦାନ କରୁଛି। ୨୦୨୫ ଏଲଜି ଟିଭି ଶୃଙ୍ଖଳା ଏକ ବିସ୍ତୃତ ରେଞ୍ଜର ସ୍କ୍ରିନ ସାଇଜ ସମେତ ଅଲ୍‌ଟ୍ରା-ଲାର୍ଜ ମଡେଲରେ ଉପଲବ୍ଧ ହେବା ସହିତ ଏହି ଶୃଙ୍ଖଳାର ପ୍ରାରମ୍ଭିକ ମୂଲ୍ୟ ୭୪,୯୯୦ ଟଙ୍କା ଓ ସର୍ବାଧିକ ମୂଲ୍ୟ ୨୪,୯୯,୯୯୦ ଟଙ୍କା ରହିଛି। ଏହି ଶୁଭାରମ୍ଭ ସମ୍ପର୍କରେ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ମିଡିଆ ଏଣ୍ଟରଟେନମେଣ୍ଟ ସଲ୍ୟୁଶନ (ଏମଏସ)ର ନିର୍ଦ୍ଦେଶକ ବ୍ରିଆନ ଜୁଙ୍ଗ କହିଛନ୍ତି, ଏଲ୍‌ଜିରେ ଆମେ ଟେଲିଭିଜନର ଭବିଷ୍ୟତ ବୁଦ୍ଧିମତା ଦ୍ୱାରା ପରିଚାଳିତ ବ୍ୟକ୍ତିଗତକରଣରେ ଅନ୍ତର୍ନିହିତ ରହିଛି ବୋଲି ବିଶ୍ୱାସ କରିଥାଉ। ଆମର ଅପ୍‌ଗ୍ରେଡେଡ ଆଲ୍‌ଫା ଏଆଇ ପ୍ରୋସେସର ଦ୍ୱାରା ସମର୍ଥିତ ଏହି ନୂଆ ରେ ଉଦ୍ଭାବନ ଓ ଗ୍ରାହକ-କୈନ୍ଦ୍ରିକ ଡିଜାଇନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।

ଶୁଭେଚ୍ଛା ଓ ଅଭିନନ୍ଦନ



କୃଷ୍ଣଚନ୍ଦ୍ର ନାୟକ
ବିଧାୟକ, ଛତ୍ରପୁର





ନୂଆଦିଲ୍ଲୀ: ଅନେକ ସମୟରେ ହସିନ ଜାହାଁଙ୍କ ବିଷୟରେ ଖବର ଆସିଥାଏ। ହେଲେ ଏବେ ଭିନ୍ନ କାରଣକୁ ନେଇ ଟିମ ଇଣ୍ଡିଆର ଫାଷ୍ଟ ବୋଲର ମହମ୍ମଦ ଶାମିଙ୍କ ସାବତ ଝିଅ ଅର୍ଶୀ ଜାହାଁ ଚର୍ଚ୍ଚାରେ। କାରଣ ଏବେ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ହତ୍ୟା ଉଦ୍ୟମ ମାମଲା ପାଇଁ ଖବରରେ ଅଛନ୍ତି। ଅର୍ଶୀ ଖାନଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ମହମ୍ମଦ ଶାମି ହେଉଛନ୍ତି ହସିନ ଜାହାଁଙ୍କ ଦ୍ୱିତୀୟ ସ୍ୱାମୀ। ତାଙ୍କ ପ୍ରଥମ ସ୍ୱାମୀଙ୍କ ନାମ ଶେଖ ସୈଫୁଦ୍ଦିନ, ଯାହାଙ୍କୁ ସେ ୨୦୦୨ ମସିହାରେ ବିବାହ କରିଥିଲେ। ହସିନ ଜାହାଁଙ୍କ ପ୍ରଥମ ବିବାହରୁ ଦୁଇଟି ଝିଅ ଥିଲେ, ଯାହା ମଧ୍ୟରୁ ଜଣେ ହେଉଛନ୍ତି ଅର୍ଶୀ। ଅର୍ଶୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ହସିନ-ଅର୍ଶୀ ଏବଂ ଜଣେ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସହିତ ଜଡିତ। ଏହି ସମ୍ବନ୍ଧୀୟ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେଉଛି, ଯେଉଁଥିରେ ହସିନ ଜାହାଁଙ୍କୁ ଜଣେ ମହିଳାଙ୍କ ସହିତ ଝଗଡ଼ା କରୁଥିବାର ଦେଖିବାକୁ ମିଳୁଛି। ଏହି ମାମଲାରେ ପୋଲିସ ହସିନ ଏବଂ ଅର୍ଶୀଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମାମଲା ହାତାହାତି ପର୍ଯ୍ୟନ୍ତ ଯିବା ପଛରେ କାରଣ ହେଉଛି ଜମିର ଅବୈଧ ଦଖଲ। ଯେତେବେଳେ ତାଙ୍କ ପଡ଼ୋଶୀମାନେ ଏହାକୁ ବିରୋଧ କରିଥିଲେ ଦୁହେଁ ସେମାନଙ୍କ ସହିତ ଝଗଡ଼ା କରିଥିଲେ। ଏହି ମାମଲା କୋର୍ଟରେ ପହଞ୍ଚିଥିଲା। ଅର୍ଶୀ ହେଉଛନ୍ତି ମହମ୍ମଦ ଶାମିଙ୍କ ସାବତ ଝିଅ। କିନ୍ତୁ ୧୦ ବର୍ଷ ବୟସ୍କା ଆୟରା ହେଉଛନ୍ତି ତାଙ୍କ ନିଜ ଝିଅ। ଶାମି ଏବଂ ହସିନ ଜାହାଁ ଅଲଗା ହେବା ପରଠାରୁ, ଆୟରା ପ୍ରାୟତଃ ତାଙ୍କ ମାଆ ହସିନଙ୍କ ସହିତ ରୁହନ୍ତି। କୋଲକାତା ହାଇକୋର୍ଟ ଏବେ ଶାମିଙ୍କୁ ହସିନ ଜାହାଁ ଏବଂ ଝିଅ ଆୟରା ଉଭୟଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବେଙ୍ଗାଲୁରୁ ଦଳାଚକଟା ପାଇଁ କୋହଲି ଦାୟୀ: କର୍ଣ୍ଣାଟକ ସରକାର



ନୂଆଦିଲ୍ଲୀ : ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନର ସମସ୍ୟା ବୃଦ୍ଧି ପାଇଛି। ଆରସିବିର ବିଜୟ ପରେ ୪ ଜୁନ୍‌ରେ ବେଙ୍ଗାଲୁରୁରେ ହୋଇଥିବା ଦଳାଚକଟାକୁ ନେଇ କର୍ଣ୍ଣାଟକ ସରକାର ଆରସିବି ସହ ବିରାଟ କୋହଲିଙ୍କୁ ଦାୟୀ କରିବା ସହ ଏନେଇ ଏକ ରିପୋର୍ଟ ହାଇକୋର୍ଟଙ୍କୁ ପ୍ରଦାନ କରିଛନ୍ତି। ଆଇପିଏଲ୍ ୨୦୨୫ର ବିଜୟର ମୁକୁଟ ଚଳିତ ବର୍ଷ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲରେ ପଞ୍ଜାବ କିଙ୍ଗସ୍‌କୁ ହରାଇ ନିଜ ନାମରେ କରିଛି। ଏହି ବିଜୟ ହାସଲ କରିବା ପରେ ଏଥର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରି ପ୍ରଥମ ଥର ପାଇଁ ଆରସିବି ୨୦୨୫ର ଟାଇଟଲ ଜିତିଛି। ଏହାପରେ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟକୁ ପାଳନ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ। ସେହି ସମୟରେ ଷ୍ଟାଡିୟମ ବାହାରେ ପ୍ରଶଂସକମାନେ ଏତେ ସଂଖ୍ୟାରେ ଏକାଠି ହୋଇଥିଲେ ଯେ ଦଳାଚକଟା ହୋଇଥିଲା ଏବଂ ୧୧ ଜଣଙ୍କର ଜୀବନ ଯାଇଥିଲା। ଏହା ବ୍ୟତୀତ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ସେହି ସମୟରେ, ଏହି ସମ୍ପୂର୍ଣ୍ଣ ମାମଲାର ଏକ ରିପୋର୍ଟ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ହାଇକୋର୍ଟରେ ଦାଖଲ କରାଯାଇଛି, ଯେଉଁଥିରେ ସରକାର ଆରସିବି ସହ ବିରାଟ କୋହଲିଙ୍କୁ ମଧ୍ୟ ଏହି ଦଳାଚକଟା ପାଇଁ ଦାୟୀ କରିଛନ୍ତି। କର୍ଣ୍ଣାଟକ ସରକାର ହାଇକୋର୍ଟଙ୍କୁ ଦେଇଥିବା ରିପୋର୍ଟରେ କହିଛନ୍ତି ଯେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହର ପୁଲିସ ସହିତ କଥା ନହୋଇ ଏବଂ ଅନୁମତି ନନେଇ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ପରେଡ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲା। ପୁଲିସ ସହିତ କଥା ନହୋଇ, ଆରସିବି ପରଦିନ ସକାଳ ୭.୦୧ ରେ ତାର ଅଫିସିଆଲ୍ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଫଟୋ ପୋଷ୍ଟ କରିଥିଲା, ଯେଉଁଥିରେ ଲୋକଙ୍କ ପାଇଁ ମାଗଣା ପ୍ରବେଶ ଘୋଷଣା କରାଯାଇଥିଲା ଏବଂ ଜନସାଧାରଣଙ୍କୁ ବିଜୟ ପରେଡରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ଏହି ସୂଚନାକୁ ପୁନରାବୃତ୍ତି କରି ସକାଳ ୮ ଟାରେ ଆଉ ଏକ ପୋଷ୍ଟ କରାଯାଇଥିଲା।

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ରସେଲଙ୍କ ଅଲ୍‌ବିଦା



କିଙ୍ଗଷ୍ଟନ : ୱେଷ୍ଟ ଇଣ୍ଡିଜର ଦୁର୍ଦ୍ଧର୍ଷ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି । ସେ ଆସନ୍ତା ସପ୍ତାହରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବେ। ନିଜ ଘରୋଇ ଗ୍ରାଉଣ୍ଡ ସାବିନା ପାର୍କରେ ପ୍ରଥମ ୨ଟି ଟି-ଟ୍ୱେଣ୍ଟି ଖେଳି ସେ ବିଦାୟ ନେବେ। ଟି-ଟ୍ୱେଣ୍ଟି ସିରିଜ ପାଇଁ ୱେଷ୍ଟ ଇଣ୍ଡିଜ ଦଳ ଘୋଷଣା ସହ ରସେଲ ମଧ୍ୟ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ। ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍‌କୁ ୭ମାସ ରହିଥିବାବେଳେ ଏହା ପୂର୍ବରୁ ରସେଲଙ୍କ ଅବସର କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି। ରସେଲ ୱେଷ୍ଟ ଇଣ୍ଡିଜ ପକ୍ଷରୁ ଗୋଟିଏ ଟେଷ୍ଟ, ୫୬ଟି ଦିନକିଆ ଓ ୮୪ଟି ଟି-ଟ୍ୱେଣ୍ଟି ଖେଳିଛନ୍ତି। ୨୦୧୯ରୁ ସେ କେବଳ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ସକ୍ରୀୟ ରହିଛନ୍ତି। ରସେଲ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଥିବା ଦଳର ଅଂଶ ଥିଲେ। ରସେଲ ୨୦୧୯ ମସିହାରୁ ଟି-୨୦ ଖେଳାଳି ଏବଂ ୱେଷ୍ଟଇଣ୍ଡିଜ୍ ପାଇଁ ୮୪ଟି ମ୍ୟାଚ୍ ଖେଳିଛନ୍ତି। ଯଦି ରସେଲ ଅବସର ନିଅନ୍ତି, ତେବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ। ଭାରତ ଏବଂ ଶ୍ରୀଲଙ୍କା ଆୟୋଜକ ଭାବରେ ୨୦୨୬ ଫେବୃଆରୀରେ ଟି-୨୦ ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ଦୁଇ ମାସର ବ୍ୟବଧାନରେ ନିକୋଲାସ୍ ପୁରନ୍ ପରେ ରସେଲ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାରେ ଦ୍ୱିତୀୟ ବଡ଼ ୱେଷ୍ଟଇଣ୍ଡିଜ୍ ଖେଳାଳି ହେବେ। ରସେଲ ୨୦୧୨ ଏବଂ ୨୦୧୬ରେ ଟି-୨୦ ବିଶ୍ୱକପ୍ ଜିତିଥିବା ୱେଷ୍ଟଇଣ୍ଡିଜ୍ ଦଳର ଅଂଶ ଥିଲେ। ସେ କୋଲକାତାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ତାଙ୍କର ଦ୍ୱିତୀୟ ଓଭରରେ ଆଲେକ୍ସ ହେଲ୍ସଙ୍କୁ ଆଉଟ୍ କରିଥିଲେ।

## ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ସୁବର୍ଣ୍ଣପୁର ୬-୦ରେ ବିଜୟୀ, ଢେଙ୍କାନାଳ-ସୁନ୍ଦରଗଡ଼ ମ୍ୟାଚ ଡ୍ର



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଗୁରୁବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳରେ ସୁବର୍ଣ୍ଣପୁର ବାଲେଶ୍ୱର ବିପକ୍ଷରେ ଗୋଲର ବର୍ଷା କରି ଏକ ତରଫା ଭାବେ ୬-୦ ଗୋଲରେ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୪ତମ ମିନିଟରେ ସୁବର୍ଣ୍ଣପୁରର ମିଡ଼ ଫିଲଡର ପପୁ ମାଝୀ ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ବାଲେଶ୍ୱର ଦଳ ଗୋଲ ଦେବାର କେତୋଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷ ସ୍ପର୍ଶ ଦେବାରେ ବିଫଳ ହୋଇଥଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ସୁବର୍ଣ୍ଣପୁର ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୬ତମ ମିନିଟରେ ସୁବର୍ଣ୍ଣପୁରର ୧୯ ନମ୍ବର ଖେଳାଳି ସଞ୍ଜୟ ଜୋଜ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ୬୩ତମ ମିନିଟରେ ସେମାନଙ୍କର ରକ୍ଷଣଭାଗ ଖେଳାଳି ସୁଶାନ୍ତ ଜଗତ କର୍ଣ୍ଣର କିକରୁ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିବା ବେଳେ ୬୮ତମ ମିନିଟରେ ସୁମିତ ପୁରନ ଚତୁର୍ଥ ଗୋଲ, ୭୬ତମ ମିନିଟରେ ପପୁ ମାଝୀ ପଞ୍ଚମ ଗୋଲ ଏବଂ ଖେଳ ଶେଷ ହୁଇସିଲ ବାଜିବାର ୩ ମିନିଟ ପୂର୍ବରୁ ଭବାନୀ ବେମାଲ ଦଳ ପକ୍ଷରୁ ଅନ୍ତିମ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୬-୦ କୁ ବୃଦ୍ଧି କରିଥିଲେ। ଆଜି ଅନୁଷ୍ଠିତ ସାହାଣୀ କପର ଏକ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଖେଳରେ ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଉଭୟ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧ ଖେଳର ୧୨ ତମ ମିନିଟରେ ଢେଙ୍କାନାଳର ରାଇଟ ଉଇଙ୍ଗର କରଣ କୁଜୁର ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଖେଳଟି ଢେଙ୍କାନାଳ ସପକ୍ଷରେ ଯିବ ବୋଲି ଦର୍ଶକ ମାନେ ଆଶା କରୁଥିବା ବେଳେ ୯୦+୩ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ ଷ୍ଟ୍ରାଇକର ସରୋଜ ବରାଳ ଗୋଲଟିକୁ ପରିଶୋଧ କରିବା ସହ ଖେଳକୁ ସମାନ ସ୍ତରକୁ ଆଣିଥିଲେ ଏବଂ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲେ। ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଅତିରିକ୍ତ ଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ଏବଂ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ କୁମାର ନାଗଭୂଷଣଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ କୁମାର ରାମ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ପ୍ରଥମ ଖେଳରେ ଚକ୍ରଧର ଚାଟକ୍ଷର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ସନ୍ତୋଷ ମହାକୁଡ଼ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଜଗନ୍ନାଥ କହ୍ନର। ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ।

## ଚତୁର୍ଥ ଟେଷ୍ଟରେ ବୁମ୍‌ରା ଖେଳିବା ନେଇ ଚିନ୍ତାରେ ଭାରତ



ନୂଆଦିଲ୍ଲୀ : ଓଲ୍‌ଡ ଟ୍ରାଫୋର୍ଡରେ ଆଦୌ ଟେଷ୍ଟମ୍ୟାଚ୍ ଖେଳିନାହାନ୍ତି ଯଶପ୍ରୀତ ବୁମ୍‌ରା। ହେଲେ ଏଥର ଭାରତୀୟ ଦଳ ତାଙ୍କୁ ସବୁଠାରୁ ଅଧିକ ଆବଶ୍ୟକ କରୁଛି। ୧-୨ରେ ପଛୁଆ ରହି ଭାରତୀୟ ଦଳ ୪ର୍ଥ ଟେଷ୍ଟ ଖେଳିବା ପାଇଁ ଲଣ୍ଡନ୍‌ରୁ ମାଞ୍ଚେଷ୍ଟର ବାହାରିଛି। ତେବେ ଭାରତୀୟ ଦଳ ଅଦ୍ୟାବଧି ନିଷ୍ପତ୍ତି ନେଇନାହିଁ ଯେ ଓଲ୍‌ଡ ଟ୍ରାଫୋର୍ଡ ଟେଷ୍ଟରେ ବୁମ୍‌ରା ଖେଳିବେ କି ନାହିଁ। ତାଙ୍କୁ ନେଇ ଭାରତୀୟ ଦଳ ଦ୍ୱିଧାରେ। ୪ର୍ଥ ଟେଷ୍ଟମ୍ୟାଚ୍ ଶୁଭମନ ଗିଲ୍‌ଙ୍କ ଦଳ ପାଇଁ 'କର ବା ମର' ପରିସ୍ଥିତି ସୃଷ୍ଟିକରିଛି। ଏହାକୁ ଧ୍ୟାନରେ ରଖି ଭାରତକୁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବୁମ୍‌ରାଙ୍କୁ ଖେଳାଇବା ନା ବିଶ୍ରାମ ଦେଇ ତାଙ୍କୁ ଅନ୍ତିମ ଟେଷ୍ଟମ୍ୟାଚ୍ ଲାଗି ସତେଜ ରଖିବ। ଅଦ୍ୟାବଧି ଯଶପ୍ରୀତ ବୁମ୍‌ରା ୨ଟି ଟେଷ୍ଟ ଖେଳିଛନ୍ତି। ଏଜ୍‌ବାଷ୍ଟନରେ ସେ ମୋଟ ୪୩.୪ ଓଭର ବୋଲିଂକରି ପ୍ରଥମ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ହାରିଥିଲା। ବର୍ମିଂହାମ୍ ଟେଷ୍ଟରୁ ତାଙ୍କୁ ବିଶ୍ରାମ ମିଳିଥିବା ବେଳେ ଭାରତ ଜିତିଥିଲା। ଲର୍ଡସ ଟେଷ୍ଟରେ ବୁମ୍‌ରା ୪୩ ଓଭର ବୋଲିଂକରି ପ୍ରଥମ ଇନିଂସରେ ପୁଣି ୫ଟି ୱିକେଟ୍ ନେଇଥିଲେ। ଉଭୟ ଟେଷ୍ଟରେ ବୁମ୍‌ରା ଲମ୍ବା ସ୍ପେଲ୍ ମଧ୍ୟ ପକାଇ ନାହାନ୍ତି। ୩ୟ ଟେଷ୍ଟ ପରେ ବୁମ୍‌ରାଙ୍କୁ ଓଲ୍‌ଡ ଟ୍ରାଫୋର୍ଡରେ ଖେଳାଇବା ନେଇ ପ୍ରଶ୍ନରେ ଅଧିନାୟକ ଶୁଭମନ ଗିଲ୍ କହିଥିଲେ- ଜଲ୍‌ଦି ଜାଣିବାକୁ ପାଇବେ। ୪ର୍ଥ ଟେଷ୍ଟରେ ଶୃଙ୍ଖଳା ବାଜି ଲାଗିଥିବା ବେଳେ ବୁମ୍‌ରାଙ୍କୁ ଏହି ମ୍ୟାଚ୍ ନିଶ୍ଚୟ ଖେଳିବାକୁ ପଡ଼ିବ ବୋଲି ପୂର୍ବତନ ଭାରତୀୟ ପେସ୍ ବୋଲର ଇର୍ଫାନ୍ ପଠାନ୍ କହିଛନ୍ତି। ଏହାସହ ପଠାନ୍ ଆହୁରି କହିଛନ୍ତି, ଦଳର ଜଣେ ଖେଳାଳି କେଉଁ ମ୍ୟାଚ୍ ଖେଳିବେ; ତାହା ବାଛିବା ଆଦୌ ଦଳ ପାଇଁ ଶୁଭ ସୂଚନା ନୁହେଁ। ଭାରତୀୟ ଦଳ ପାଖରେ ଅଧିକ ବିକଳ୍ପ ମଧ୍ୟ ନାହିଁ। ବର୍ମିଂହାମ୍ ଟେଷ୍ଟରେ ଆକାଶ ଦୀପ ଓ ମହମ୍ମଦ ସିରାଜ୍ ଭଲ ବୋଲିଂକରି ଦଳକୁ ଜିତାଇଥିଲେ। ହେଲେ ପ୍ରସିଦ୍ଧ କ୍ରିଷ୍ଣା ଅଧିକ ରନ୍ ଦେଇଥିଲେ। ପ୍ରଥମ ଟେଷ୍ଟରେ ସାର୍ଦ୍ଦୁଳ ଠାକୁର ଦଳକୁ ନିରାଶ କରିଥିଲେ। ତେଣୁ କର ବା ମର ମ୍ୟାଚ୍‌ରେ ବୁମ୍‌ରାଙ୍କୁ ଛାଡ଼ି ଅନ୍ୟ ବିକଳ୍ପ ନାହିଁ। ପୁଣି ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍‌ରେ ଭାରତ ପାଇଁ ଏହା ସବୁଠାରୁ ବଡ଼ ଟେଷ୍ଟ ଶୃଙ୍ଖଳା। ଇଂଲଣ୍ଡର ବାତାବରଣରେ ବୁମ୍‌ରାଙ୍କ ଉପସ୍ଥିତି ଦଳକୁ ମଜ୍‌ଭୁତ କରିବ।

## କୋହଲି-ରୋହିତଙ୍କ ସନ୍ୟାସ ନେଇ ମୁହଁ ଖୋଲିଲା ବିସିସିଆଇ



ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ଦୁଇ ଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ୍ କ୍ରିକେଟ୍‌ରୁ ଅଚାନକ ସନ୍ନ୍ୟାସ ନେବା ଘଟଣାରେ ପ୍ରଥମ ଥର ମୁହଁ ଖୋଲିଛି ବିସିସିଆଇ। ଏଥିନେଇ ସୃଷ୍ଟି ହୋଇଥିବା କଳ୍ପନାଜଳ୍ପନା, ଅଙ୍କକଷା ଓ ବିତର୍କ ଉପରେ ବିରାମ ଲଗାଇବାକୁ ଯାଇ ବୋର୍ଡର ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ ଅବସର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ସେମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା। କୋହଲି ଓ ରୋହିତଙ୍କୁ ଅବସର ନେବାକୁ ବିସିସିଆଇ ବାଧ କରିଥିବା ଖବରକୁ ଦୃଢ଼ ହସ୍ତରେ ଖଣ୍ଡନ କରିଛନ୍ତି ସେ। ସମସ୍ତ ନକାରାତ୍ମକ ଚର୍ଚ୍ଚାକୁ ଦୂର କରିବାକୁ ଯାଇ ସେ ଆହୁରି କହିଛନ୍ତି, ମୁଁ ଏଠାରେ ପ୍ରଥମ ଓ ଶେଷ ଥର ପାଇଁ ସ୍ପଷ୍ଟ କରିଦେବାକୁ ଚାହେ ଯେ ଆମେ ରୋହିତ ଓ କୋହଲିଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛୁ। ହେଲେ ସେମାନଙ୍କ ନିଷ୍ପତ୍ତି ସେମାନେ ନିଜେ ନେଇଥିଲେ। ବିସିସିଆଇ ନୀତିଗତ ଭାବେ କୌଣସି ଖେଳାଳିଙ୍କୁ କେବେ ଓ କେଉଁ ଫର୍ମାଟ୍‌ରୁ ଅବସର ନେବା କଥା କେବେ କହେ ନାହିଁ। ଏହି ନିଷ୍ପତ୍ତି ଖେଳାଳିମାନଙ୍କର ନିଜସ୍ୱ ହୋଇଥାଏ। ଉଭୟ ଜଣେ ଜଣେ ମହାନ ଖେଳାଳି। ଭଲ କଥା ହେଲା ସେମାନେ ଦିନିକିଆ କ୍ରିକେଟ୍‌ରେ ଦେଖିବାକୁ ମିଳିବେ। ଭାରତୀୟ ଟେଷ୍ଟ୍ ଦଳ ଏବେ ପରିବର୍ତ୍ତନ ବେଳାରେ ରହିଛି। ଆଗାମୀ ସମୟରେ ଦଳ ନିଶ୍ଚିତ ଭାବେ ତା'ର ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବ।


### जिला परिषद, धनबाद

**अति अल्पकालीन ई–निविदा आमंत्रण सूचना सं0–11/2025-26/DE/ZPDH/DHANBAD**

| क्र | प्रखण्ड | कार्य का नाम | प्राक्कलित राशि | B.O.Q. मूल्य | अग्रधन राशि | समय अवधि |
|---|---|---|---|---|---|---|
| 1 | झरिया | भागा में प्राथमिक स्वास्थ्य केन्द्र का निर्माण। | 1,43,00,000 | 10,000 | B.O.Q. का 2% | 12 माह |
| 2 | तोपचाँची | चलकरी में प्राथमिक स्वास्थ्य केन्द्र का निर्माण। | 1,43,00,000 | 10,000 | B.O.Q. का 2% | 12 माह |
| 3 | टुण्डी | बालकुश (अलकुशिया) में प्राथमिक स्वास्थ्य केन्द्र का निर्माण। | 1,43,00,000 | 10,000 | B.O.Q. का 2% | 12 माह |
| 4 | निरसा | बेनागड़िया–1 में प्राथमिक स्वास्थ्य केन्द्र का निर्माण। | 1,43,00,000 | 10,000 | B.O.Q. का 2% | 12 माह |
| 5 | निरसा | तेतुलिया में प्राथमिक स्वास्थ्य केन्द्र का निर्माण। | 1,43,00,000 | 10,000 | B.O.Q. का 2% | 12 माह |
| 6 | गोविन्दपुर | तिलैया में प्राथमिक स्वास्थ्य केन्द्र का निर्माण | 1,43,00,000 | 10,000 | B.O.Q. का 2% | 12 माह |

1. वेबसाईट पर निविदा प्रकाशन की तिथि : दिनांक **21-07-2025**
2. ई0–निविदा प्राप्ति की अंतिम तिथि एवं समय : दिनांक **29-07-2025** को **5 P.M.** बजे तक
3. निविदा खोलने कि तिथि एवं समय : दिनांक **31-07-2025** को **3:00 P.M.** बजे।
4. केवल ई–निविदा **(E-Tender)** ही स्वीकार की जाएगी।
5. निविदा आमंत्रित करने वाले पदाधिकारी : जिला अभियंता, जिला परिशद, धनबाद
6. ई–निविदा प्रकोश्ट का दूरभाश संख्या– **9431396945**
7. जिला परिशद, धनबाद के अन्तर्गत समुचित श्रेणी से निबंधित संवेदक ही निविदा में भाग लेगें।
8. परिमाण विपत्र विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में **अग्रधन की राशि** वापस होगी। यदि खाता बन्द कर दिया जाता है तो सारी जवाबदेही संवेदक की होगी।
11. योजनाओं की विवरणी एवं अन्य विस्तृत जानकारी वेबसाईट https://jharkhandtenders.gov.in में देखा जा सकता है।

ह0/–
जिला अभियंता
जिला परिषद, धनबाद

PR 357604 (Rural Development)25-26*D

### कार्यपालक अभियंता का कार्यालय
### पुनासी स्पीलवे प्रमंडल, पुनासी शिविर–देवघर।
(E-Mail ID– eespillway2015@gmail.com)

**ई0–निविदा आमंत्रण सूचना (4th Call)**

ई–निविदा सूचना संख्या – **WRD/PSD DEOGHAR /SBD-IFB-01/25-26 (4th Call) Dt 17.07.2025**

1. कार्य की विस्तृत विवरणी :

| क्र०सं० | कार्य का नाम | प्राक्कलित राशि | अग्रधन/बीड सिक्यूरीटी की राशि (1%) | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Construction of 200M Long High Level RCC Bridge with approach road across Punasi Spill Channel | Rs. 12,29,04,053.69 (Rupees Twelve Crores Twenty Nine Lakhs Four Thousands Fifty Three and Sixty Nine Paise) only | रू0 **12,30,000.00** | रू0 **10,000.00** | 18 माह (547 दिन) |

2. वेबसाइट में निविदा प्रकाशन की तिथि– **22.07.2025**
3. ई–निविदा प्राप्ति की तिथि एवं समय दिनांक **22.07.2025 अपराहन् 2:00 बजे से दिनांक 14.08-.2025** अपराहन् 5:00 बजे तक।
4. ई–निविदा खोलने का स्थान–**ई0 प्रोक्योरमेंट सेल, मुख्य अभियंता कार्यालय, जल संसाधन विभाग, देवघर।**
5. ई–निविदा खोलने की तिथि एवं समय – **18.08.2025 अपराह्न 3:00 बजे**
6. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, पुनासी स्पीलवे प्रमंडल, पुनासी शिविर–देवघर।
7. ई–निविदा प्रकोष्ठ का दूरभाष सं०–**7903571041** (संबंधित कार्यपालक अभियंता का दूरभाष नम्बर)
8. प्राक्कलन की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।अगर खाता को बंद कर दिया जाता है तो उसकी सारी जवाबदेही Bidder की होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचनापट्ट पर देखा जा सकता है।

कार्यपालक अभियंता,
पुनासी स्पीलवे प्रमंडल पुनासी,
शिविर–देवघर।

PR 357557 (Water Resource) 25-26 (D)

### Government of Jharkhand
### Home, Prison and Disaster Management Department
(Disaster Management Division)
T.A. Division Building, Near Golchakkar, Dhurwa, Ranchi, Jharkhand – 834004
Email Id-disasteroffice-jhr@jharkhandmail.gov.in

**Expression of Interest** (Request for Proposal)

In accordance to the para-1 published in Advertisement PR No.-356198 Dated-02.07.2025 regarding submission of Expression of Interest (EoI) for offering competitive rates of Interest on fixed Deposits (FDs) from Nationalized banks, a format reflecting common amount and tenure wise interest slab is as follows :-

| Period | | Applicable Rate of Interest | | | | | |
|---|---|---|---|---|---|---|---|
| Period | Amount upto Rs. 50 Crs | Amount Above Rs. 50 Crs Upto Rs. 100crs | Amount Above Rs. 100 Crs Upto Rs. 200crs | Amount Above Rs. 200 Crs Upto Rs. 400crs | Amount Above Rs. 400 Crs Upto Rs. 600crs | Amount Above Rs. 600 Crs Upto Rs. 800crs | Amount Above Rs. 800 Crs Upto Rs. 1000crs |
| 30 days to 45 days | | | | | | | |
| 46 days to 90 days | | | | | | | |
| 91 days to 120 days | | | | | | | |
| 121 days to 180 days | | | | | | | |
| 181 days to less than 9 months | | | | | | | |
| 9 months to less than 1 year | | | | | | | |
| 1 year | | | | | | | |
| Above 1 years to less than 2 years | | | | | | | |
| 2 years to less than 3 years | | | | | | | |
| 3 years to less than 5 years | | | | | | | |
| 5 years | | | | | | | |
| Above 5 years | | | | | | | |

In addition to this now the revised date of submission of proposal is 30.07.2025 upto 4.00 P.M. and date of opening of bid is 31.07.2025 - 4:00 P.M.

**Joint Secretary**
**Home, Prison and Disaster Management Department**
**(Disaster Management Division)**
**Jharkhand, Ranchi**

PR 357510 Disaster Management (25-26)_D

### वरीय पुलिस अधीक्षक का कार्यालय, राँची

**सर्वसाधारण के लिए सूचना।**



**नाम–मो0 तबरेज शेख, उम्र–44 वर्ष, रंग–साँवला, ऊँचाई–06 फीट पहनावा–शर्ट एवं जींस पैंट हुए है।**

उपरोक्त लापता व्यक्ति मो0 तबरेज शेख, पिता–अहमद हुसैन, ग्राम –कुटे थाना–सिकिदिरी, जिला–राँची, जो दिनांक–28.06.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में सिकिदिरी थाना सनहा संख्या–09/2025, दिनांक–28.06.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID**(rnc-dcb@jhpolice.gov.in)
पुलिस उपाधीक्षक, सिल्ली, राँची। – 9431770066
थाना प्रभारी सिकिदिरी, राँची। – 9431706184

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.357608 Police(25-26):D

### Govt. of Jharkhand
### OFFICE OF THE EXECUTIVE ENGINEER
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail— eercdapfsdran-jhr@nic.in

**e-Procurement Notice**
Dated 16.07.2025

| | | |
|---|---|---|
| 1- | Name of Work | **Invitation for Empanelment of Consultants under Road Construction Department in the state** |
| 2- | Cost of Tender Document (Application Fee) | **Cost of Tender Document**: - Rs 35,000/- (Rupees Thirty five Thousand) for each category (Non-Refundable) through online mode only. As per the Departmental Letter no.-4652(S) dated 06.10.2023, cost of tender document (Application fee) will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, |
| 3- | Date and Time of Publishing of Notice (RFP) on official website | 21.07.2025, 05.00 PM |
| 4- | Last date and Time of submission of Bid (With Application Fee) | 12.08.2025, 12.30 PM |
| 5- | Date and Timing of Bid opening | 13.08.2025, 12.30 PM |
| 6- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- |
| 7- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

PR 357573 Road(25-26)D

**Executive Engineer Field Survey Division,A.P Road Construction Department,Ranchi**

### DIRECTORATE OF ANIMAL HUSBANDRY
**DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE**
**(GOVERNMENT OF JHARKHAND)**
**NOTICE FOR INVITING e- TENDER No.- 01/2025-26**
**FOR**

**Selection of Insurance Intermediaries to provide Technical & Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhyamantri Pashudhan Vikash Yojna (MMPVY)**

Directorate of Animal Husbandry, Govt. of Jharkhand, Ranchi invites Proposals from eligible IRDAI approved Insurance Intermediaries for implementation of Livestock (Goat, Sheep, Pig) and Poultry Insurance scheme through Scheduled Bank Insurance Company in all districts of Jharkhand. Insurance Intermediary shall do the intermediation & coordination between the department of animal husbandry at the district level, Insurance Co. and beneficiaries for successfully implementation of the scheme.

1. After publication of the N.I.T., the desirous bidders may download tender documents along with terms & conditions from the Website. https://www.jharkhandtenders.gov.in and https:// www.jharkhand.gov.in but submit only through **NIC e-tender portal https://www.jharkhandtenders.gov.in**.
2. Disclosure of rate other than financial bid will disqualify the bidder.
3. Estimated Contract Value- Approx Rs. 6.5 Crore.
4. Each bidder, will have to deposit Earnest Money **Rs. 13 Lakh (Rupees Thirteen Lakh) online board of any Scheduled Bank** in favor of Director Animal Husbandry, Jharkhand payable at Ranchi.
5. **All uploaded documents should be legible/ readable if not tender may be rejected. Unsigned uploaded with documents will be rejected.**
6. The under mentioned schedule is fixed; however, the undersigned reserves the right to change the date of activities in case of any exigencies through a notice in the government website viz & Notice Board at official address Director, Animal Husbandry, Pashupalan Bhawan, Hesag, Hatia, Ranchi, Pin- 834003

| Sl. no. | Particulars | Details |
|---|---|---|
| 1. | Scheme will cover Insurance of | A) Small Animal (Goat, Sheep and Pig). B) Poultry. |
| 2. | Eligibility Criteria | Working in Livestock & Poultry insurance field for minimum 03 (Three) years (Under the Govt. Sponsored Scheme). |
| 3. | Date of Floating of Tender | 18-07-2025 |
| 4. | Pre Bid Meeting | 25-07-2025 |
| 5. | Download of Tender document will start from | 26-07-2025 |
| 6. | Online submission of bid will start from | 26-07-2025 |
| 7. | Last date of online bid submission | 14-08-2025 |
| 8. | Date,Time & Place of opening of Technical Bid | 18-08-2025, Animal Husbandry Directorate, Hesag, Ranchi |
| 9. | Date and Time of opening of Financial Bids | To be intimated later on (After Finalization of technical bid) |
| 10. | About EMD | EMD/Bid Security Money by any Scheduled Bank should be submitted Online mode. Its Refundable. |

***For any Query mail ID:** https://www.ahdjharkhand@gmail.com

**Director,**
Directorate of Animal Husbandry,
Jharkhand, Ranchi-834003.

PR 357505 Animal Husbandry(25-26)D


# ଓଡ଼ିଶା ବନ୍ଦ୍‌ର ପ୍ରଭାବ











ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଓ ମୃତ୍ୟୁ ପରେ ଏବେ ରାଜ୍ୟ ରାଜନୀତି ସରଗରମ ହୋଇପଡିଛି। ମୃତକଙ୍କୁ ନ୍ୟାୟ ଓ ଓଡ଼ିଶାର ନାରୀ ସମାଜକୁ ସୁରକ୍ଷା ଦେବା ଦାବିରେ ଆଜି ଓଡ଼ିଶା ଉଠୁଛି ପଡୁଛି। ଏହାକୁ ମୁଦା କରି ଗୁରୁବାର ରାଜ ରାସ୍ତାକୁ ଓହ୍ଲାଇଛନ୍ତି ଜାତୀୟ କଂଗ୍ରେସ ସହ ଅନ୍ୟ ୮ଟି ବାମପନ୍ଥୀ ଦଳ ଏହି ବନ୍ଦ ଡାକରାରେ ସାମିଲ ହୋଇ ଏହାକୁ ସଫଳ କରିଥିଲେ। ରାଜଧାନୀରେ ଏହାର ବେଶ୍ ପ୍ରଭାବ ପରିଲକ୍ଷିତ ହୋଇଥିଲା। ସୂର୍ଯ୍ୟ ଉଦୟ ହେବା ମାତ୍ରେ କଂଗ୍ରେସ କର୍ମୀମାନେ ରାଜଧାନୀର ଗଳିକନ୍ଦିରେ ଡେରା ପକାଇ ଆନ୍ଦୋଳନ କରିଥିଲେ। ସେହିପରି କଟକ ସହରରେ ମଧ୍ୟ ଅନୁରୂପ ପରିସ୍ଥିତି ଉପୁଜିଥିଲା। ଯେଉଁଥିପାଇଁ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରେଳ ଚଳାଚଳ ଠାରୁ ଆରମ୍ଭ କରି ଗାଡି ମୋଟର ବନ୍ଦ ରହିଥିଲା। ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ ରହିଥିଲା। କେବଳ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ରୋଗୀ ସେବା ସ୍ୱାଭାବିକ ରହିଥିଲା। ଆଇନ ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣାଧିନ କରିବା ନିମନ୍ତେ ଟ୍ୱିନି ସିଟିରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

















Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ମୁଖ୍ୟ ବଜାର ଗଣେଶ ବଜାରରେ ପୂଜାସାମଗ୍ରୀ ଦୋକାନ କରିଥିବା ନୟାହାଟ ବେରେଣ୍ଡା ଗ୍ରାମର କୁନଚନ୍ଦ୍ର ସ୍ୱାଇଁ (କୁନିଆ) ୫୧ ଙ୍କ ବୟସରେ ବୁଧବାର ରାତ୍ରରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଶାନ୍ତ ସରଳ ଓ ବନ୍ଧୁବତ୍ସଳ ଆମାୟିକ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ମର ଶରୀର କାକଟପୁର ବଜାରରେ ପହଞ୍ଚିବା ପରେ ଗଣେଶ ବଜାର ପକ୍ଷରୁ ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ, ବସନ୍ତ ସ୍ୱାଇଁ, ନିରଞ୍ଜନ ଦୀକ୍ଷିତ, ବାଣୀ ପ୍ରସାଦ, କାବା ଭାଇନା ପ୍ରମୁଖ ବ୍ୟବସାୟୀ ମାନେ ତାଙ୍କ ମର ଶରୀରକୁ ଶେଷ ଦର୍ଶନ କରିବା ଶହ ତାଙ୍କର ଶୋକ ସନ୍ତପ୍ତ ପରିବାର କୁ ଗଭୀର ସମବେଦନା ଜଣାଇଥିଲେ। ତାଙ୍କର ପାର୍ଥିବ ଶରୀରକୁ ବଜାର ପରିକ୍ରମା କରିବା ପରେ ତାଙ୍କର ନିଜ ପୈତୃକ ଗ୍ରାମ ବେରେଣ୍ଡା ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଶୁଭମ ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ, ତାଙ୍କର ଏକମାତ୍ର କନ୍ୟା, ପରିବାର,ବନ୍ଧୁପରିଜନ ଏବଂ ଶୁଭେଚ୍ଛୁ ମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୁନିଆଙ୍କ ଅକାଳ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଗୋଟିଏ ଦିନ ପାଇଁ ଗଣେଶ ବଜାର ବନ୍ଦ ରହିଥିଲା।

# କଣାସରେ ଝାଡାବାନ୍ତି ପିଛା ଛାଡୁନି



କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଦୀର୍ଘ ୨୦ଦିନରୁ ଊର୍ଦ୍ଧ୍ୱ ହେବ ଝାଡାବାନ୍ତି ଲାଗି ରହିଥିବା ବେଳେ ପ୍ରତ୍ୟେକ ଦିନ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୫ରୁ ଊର୍ଦ୍ଧ୍ୱ ଝାଡାବାନ୍ତି ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଗୁରୁବାର ମଧ୍ୟ ମୂଲବସନ୍ତ ଗ୍ରାମର କୃତିବାସ ପ୍ରଧାନ ୫୦ବର୍ଷ, ଗଙ୍ଗାଧରପୁର ଗ୍ରାମର ବାଳି ବେହେରା ୪୫ବର୍ଷ ଓ ଆନନ୍ଦ ବେହେରା ୩୩ବର୍ଷ, ଜାଗୁଳେଇପଦର ଗ୍ରାମର ଅପର୍ଣ୍ଣା ବେହେରା ୧୫ବର୍ଷ, କଣାସ ଗ୍ରାମର ସୌଦାମିନୀ ରାଉତ ୭୦ବର୍ଷ, ହଳଦିପଦର ଗ୍ରାମର ସୁଲଟ୍ ମଲ୍ଲିକ ୧୪ବର୍ଷ, ବୁଦ୍ଧିଗାଁ ଗ୍ରାମର କବିତା ପ୍ରଧାନ ୪୨ବର୍ଷ, ସୁମା ନାୟକ ୫୫ବର୍ଷ, କଳାପଦର ଗ୍ରାମର ପଞ୍ଚାନନ ଜେନା ୬୩ବର୍ଷ ଓ ଅନ୍ୟାନ୍ୟ ଗ୍ରାମରୁ ୨୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉକି ଝାଡାବାନ୍ତି ଲାଗିରହିଥିବାରୁ ପୁରୀ ଜିଲ୍ଲାପାଳ ଚଳଣା ଏବଂ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ ଶତପଥୀ କଣାସ ବ୍ଲକର ଝାଡାବାନ୍ତି ଲାଗିଥିବା ଗ୍ରାମକୁ ଯାଇ ଝାଡାବାନ୍ତି ଲାଗିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଥିଲେ ମଧ୍ୟ ଝାଡାବାନ୍ତି ଥମୁନାହିଁ। ପୂର୍ବରୁ ୩ମାସ ତଳେ କଣାସ ବ୍ଲକର ନୂଆଗାଁ, ନଈକୂଳ ପାଟଣା, ଗଡିଶାଗୋଦା, ଜାଗୁଳେଇପଦର, କଳାପଦର, ଗୋପିନାଥ ପୁର ଗ୍ରାମରେ ଝାଡାବାନ୍ତି ଲାଗିରହି ୬ଜଣ ମୃତ୍ୟୁବରଣ କରିଥିଲେ। ସେ ସମୟରେ ବ୍ଲକ, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡିଥିଲା। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁଁ ଝାଡାବାନ୍ତି ଲାଗୁଥିବାରୁ ନଦୀଜଳ ବ୍ୟବହାର ନ କରିବାପାଇଁ ଅଧିକାରୀମାନେ ପରାମର୍ଶ ଦେବା ପରେ ଝାଡାବାନ୍ତି ଥମିଥିଲା।

## ଚୋରି ଘଟଣାରେ ତିନି ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅଧିନସ୍ତ ଏରଞ୍ଚ ଗ୍ରାମରେ ମୋବାଇଲ ଚୋରି ଘଟଣା ରେ ତିନି ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାଇ ନିଆଳି ଥାନା ଏରଞ୍ଚ ବଜାରରେ ଏକ ମୋବାଇଲ ଦୋକାନ ରୁ ମୋବାଇଲ ଚୋରି ହୋଇଥିବା ନେଇ ସୌମ୍ୟ ରଂଜନ ଗୁରୁ ନିଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୩୧୮/୨୫ ରେ ମାମଲା ରୁଜୁ କରି କସର୍ଦା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଙ୍କୁ ଦାୟିତ୍ୱ ଦେଇଥିଲେ। ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ସିସିଟିଭି ଫୁଟେଜକୁ ଯାଞ୍ଚ କରି ଖରିବିଲ ଗ୍ରାମର ସ୍ମୃତି ରଂଜନ ମହାପାତ୍ର (୨୪) ନିରାକାର ନାଏକ (୩୩)ବ୍ରଜ କିଶୋର ନାଏକ (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ନିଆଳି ଥାନା ଆଇଆଇସି ବଜୟ କୁମାର ମଲିକ ସୂଚନା ଦେଇଛନ୍ତି।

# ମୋଷ୍ଟ ୱାଣ୍ଟେଡ୍ ମାଓଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ପଡୋଶୀ ତେଲେଙ୍ଗାନାର ରାମାଗୁଣ୍ଡମରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି ଏବଂ ତେଲେଙ୍ଗାନା ରାଜ୍ୟ କମିଟିର ସଦସ୍ୟ ଆତ୍ରମ୍ ଲଛମ୍ମା ଓରଫ ଗୋପାନ୍ନା ଏବଂ ତାଙ୍କ ପତ୍ନୀ ଚୌଧୁରୀ ଅଙ୍କୁବାଇ ଓରଫ ଅନିତାକ୍କାଙ୍କ ସହିତ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଉଭୟ ଦୀର୍ଘ ବର୍ଷ ଧରି ନକ୍ସଲ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଓ ମାଓନେତା ଲଛନ୍ନା ୨୦୨୩ ମସିହାରେ ଡିକେଏସଜେଡସିଏମ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ୨୦୦୭ ମସିହାରେ ତାଙ୍କୁ ଉତ୍ତର ବସ୍ତର ଡିଭିସିର ବୈଷୟିକ ବିଭାଗର ପ୍ରଭାରୀ ଭାବରେ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇ ଥିଲା। ତାଙ୍କ ପତ୍ନୀ ଅନିତାକ୍କା ମଧ୍ୟ ବର୍ଷବର୍ଷ ଧରି ନକ୍ସଲ ସଂଗଠନରେ ସକ୍ରିୟ ଥିଲେ ସେ ୧୯୯୫ ପର୍ଯ୍ୟନ୍ତ ତେଲେଙ୍ଗାନାର ସିରପୁର ଦଳମରେ କାର୍ଯ୍ୟ କରିଥିଲେ ଏବଂ ୨୦୦୨ ମସିହାରେ ଏସିଏମ ଭାବରେ ପଦୋନ୍ନତି ପାଇଥିଲେ। ୨୦୦୭ମସିହାରେ ତାଙ୍କୁ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ବୈଷୟିକ ବିଭାଗକୁ ସ୍ଥାନାନ୍ତର କରାଯାଇ ଥିଲା। ଆତ୍ମସମର୍ପଣ କରିବା ପୂର୍ବରୁ ସେ ଉତ୍ତର ବସ୍ତର ଡିଭିସିରେ ଡିସିଏମ (ଟେକ୍ନିକାଲ୍ ବିଭାଗ) ଭାବରେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ଆତ୍ମସମର୍ପଣ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ଦୀର୍ଘଦିନ ପରେ ଏହି ବରିଷ୍ଠ ମାଓବାଦୀଙ୍କ ଆତ୍ମସମର୍ପଣ ବସ୍ତର ଏବଂ ତେଲେଙ୍ଗାନାରେ ନକ୍ସଲ ନେଟୱାର୍କ ଉପରେ ଏକ ବଡ଼ ପ୍ରଭାବ ପକାଇପାରେ ବୋଲି ପୋଲିସ କହିଛି।

## ସିଏସସିର ୧୬ତମ ବାର୍ଷିକ ଉତ୍ସବ ପାଳିତ




ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ୩୪ ଗ୍ରାମପଞ୍ଚାୟତର ସିଏସସି ଭିଏଲଇମାନଙ୍କ ଦ୍ୱାରା ଗୁରୁବାର ଆଳି ମିନି ଷ୍ଟାଡିଅମ ଠାରେ ସିଏସସିର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସିଏସସି ଯାହା ଭାରତ ସରକାର ଓ ଓଡିଶା ସରକାରଙ୍କ ଦ୍ୱାରା ଏକ ସ୍ୱୀକୃତି ପ୍ରାପ୍ତ ସଂସ୍ଥା, ଯାହା ମାଧ୍ୟମରେ ସାଧାରଣ ଲୋକଙ୍କ ଘର ପାଖରେ ସରକାରୀ ସୁବିଧାକୁ ଡିଜିଟାଲ ମାଧ୍ୟମରେ ସହଜରେ ଯୋଗାଇ ଦିଆଯାଇଥାଏ। ସିଏସସି ଚଳିତବର୍ଷ ତାର ସଫଳତମ ୧୬ତମ ବାର୍ଷିକ ଉତ୍ସବ ସମଗ୍ର ଭାରତ ବର୍ଷରେ ପାଳିତ କରୁଅଛି। ଏହି ପରିପ୍ରେକ୍ଷୀରେ ଆଳି ସିଏସସି(ଜନ ସେବା କେନ୍ଦ୍ର)ର ଅଧିକାରୀମାନେ ପୂର୍ବାହ୍ନ ୧୦ ଘଟିକା ସମୟରେ ପ୍ରଥମେ ଆଳି ମିନି ଷ୍ଟାଡିଅମ ଠାରେ ବୃକ୍ଷରୋପଣ କରିବା ସହିତ ଏକ ବାଇକ ରାଲି ଅନୁଷ୍ଠିତ କରିଥିଲେ। ପରେପରେ ଆଳି ଉଚ୍ଚ ବିଦ୍ୟାଳୟ ନିକଟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସିଏସସିର ଜିଲ୍ଲା ପରିଚାଳକ ଚିରଞ୍ଜୀବ ନାୟକଙ୍କ ଉପସ୍ଥିତିରେ ତାରିଣୀ ସିଏସସି ଭିଏଲଇ ରତିକାନ୍ତ ପଢ଼ିଆରୀ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆଳି ବ୍ଲକ ଭିଏଲଇଙ୍କ ପକ୍ଷରୁ ଜିଲ୍ଲା ପରିଚାଳକ ନାୟକଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯିବା ସହ ନୂତନ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ କେକ୍ କଟାଯିବା ସହ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏଥିସହ କିପରି ଜନସାଧାରଣମାନଙ୍କୁ ଆହୁରି ସୁବିଧାରେ ଘର ପାଖରେ ସରକାରୀ ସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଉପସ୍ଥିତ ସମସ୍ତ ଭିଏଲଇମାନେ ସଂକଳ୍ପବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ହେମନ୍ତ ବିଶ୍ୱାଳ, ବିଭୁତି ରାଉତ, ସୁରେଶ ରାଉତ, ନବକିଶୋର, ଦୀପକ ନାୟକ, ପ୍ରତାପ ନାୟକ, ରାଜେଶ ମଲିକ ଓ ମୁନ୍ନା ମୁସ୍ତାଫିଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାପଡ଼ାହାଣ୍ଡିରେ ଓଡ଼ିଶା ବନ୍ଦ ସଫଳ

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ସୌମ୍ୟାଶ୍ରୀ ବିସିଙ୍କ ଆତ୍ମହୁତି ଘଟଣାକୁ ବିରୋଧ କରି ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଓଡିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ପାପଡାହାଣ୍ଡି ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଏବଂ କଂଗ୍ରେସ କର୍ମୀ ସକାଳୁ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାପଡାହାଣ୍ଡି ଚାରିଛକ ଠାରେ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବରେ ପ୍ରଦେଶ କଂଗ୍ରେସ ତରଫରୁ ଅହୁତ ଓଡିଶା ବନ୍ଦକୁ ସଫଳ କରିଛନ୍ତି। ଗୁରୁବାର ସକାଳୁ ପାପଡାହାଣ୍ଡି ଅଞ୍ଚଳର ସମସ୍ତ ଦୋକାନ, ବଜାର,ଗାଡି, ମୋଟର, ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସରକାରୀ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ସହିତ ସମସ୍ତ ବ୍ୟବସାୟକ ପ୍ରତିଷ୍ଠାନ ବନ୍ଦ ରହିଥିଲା, ପାପଡାହାଣ୍ଡି ଅଞ୍ଚଳରେ ବନ୍ଦକୁ ଲୋକଙ୍କ ପୂର୍ଣ୍ଣ ସମର୍ଥନ ରହିଥିବା ଜଣାପଡୁଥିଲା। ଓଡିଶା ବନ୍ଦରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, ବିକାଶ ରାଓ, ଆକବର ହୁସେନ, ଈଶ୍ୱର ମିର୍ଗାନ, ଫାରୁକ ବାବୁ, ରାଜକିଶୋର ରାଓ, ରବୀନ୍ଦ୍ର ପ୍ରଧାନ, ଭି. ଶ୍ରୀନିବାସ ରାଓ, ସମିମ ଖାନ, କେଶର ଅଲି, ପବିତ୍ର ଗରଡ଼ା, ଉଆସୁ ମାଝୀ, ମନୋବଧ ହରିଜନ, ରାମକୃଷ୍ଣ ଭତରାଙ୍କ ସମେତ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତା ଏବଂ କର୍ମୀ ଯୋଗଦେଇ ଆଜିର ଓଡିଶା ବନ୍ଦକୁ ସଫଳ କରିଛନ୍ତି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାକୁ ଅପହରଣ ଓ ଘରେ ରଖି ଦୁଷ୍କର୍ମ କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଆଜି ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ସଦର ଥାନା ଅଧୀନ ରାମଚନ୍ଦ୍ରପୁର ଗାଁ'ର ଜି. କେଶବ ବୋଲି ପୋଲିସ ସୂଚନା ଦେଇଛି। ଗତ ଆଠ ମାସ ପୂର୍ବେ କେଶବ ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରୁ ଜଣେ ୧୬ ବର୍ଷୀୟା ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖେଇ ଅପହରଣ କରି ନେଇ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ଏ ନେଇ ନାବାଳିକା ପରିବାର ବର୍ଗ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ଥାନା କେଶ ନଂ ୫୫୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବା ବେଳେ ଆଜି କେଶବ ରାମଚନ୍ଦ୍ରପୁର ନିଜ ମାମୁଁ ଘରେ ନାବାଳିକାକୁ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳନ୍ଥରା ଥାନା ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଜଣକୁ ଗିରଫ କରିଛି।

## ଜମାଟଙ୍କା ମିଳିବାକୁ ସାହାରା ଜମାକାରୀଙ୍କ ଦାବି



ମୁରିବାହାଲ/ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ସାହାରା ଜମାକାରୀ ମାନେ ସାମ୍ବାଦିକ ସମ୍ମିଳନୀରେ ଜମା ଟଙ୍କା ଶୀଘ୍ର ପ୍ରଦାନ ଦାବି କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିଲେ। ବଙ୍ଗୋମୁଣ୍ଡା ଅଞ୍ଚଳର ଶହଶହ ଜମାକାରୀଙ୍କ ଜମା ଟଙ୍କା ବର୍ଷବର୍ଷ ପରେ ମଧ୍ୟ ମିଳି ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀଙ୍କ ସହ ଜମାକାରୀମାନେ ଏକତ୍ରିତ ହୋଇ ସାମ୍ବାଦିକ ସମ୍ମିଳନୀରେ ନିଜନିଜ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ନିଜର କଷ୍ଟ ଉପାର୍ଜିତ ଟଙ୍କାକୁ ସାହାରାରେ ଜମା କରିଥିଲେ। ବର୍ଷବର୍ଷ ପରେ ମଧ୍ୟ ଟଙ୍କା ପାଇ ନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ସରକାରୀ କାର୍ଯ୍ୟାଳୟ ଅଚଳ କରିଦେବା ପାଇଁ ଚେତାବନୀ ଦେଇଥିଲେ।

## କାଳିଆପାଣିରେ ବନ୍ଦ ପ୍ରଭାବ ଶୁନ୍ୟ

କାଳିଆପାଣି, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଓଡ଼ିଶା ବନ୍ଦ ଆହ୍ୱାନ କ୍ରମେ କାଳିଆପାଣି ଖଣି ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିନଥିଲା। କେବଳ ଖଣିରୁ ପରିବହନ ଓ ଯାତ୍ରୀବାହି ବସ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଖଣିରେ ପ୍ରତିଦିନ ଭଳି ଶ୍ରମିକମାନେ କାର୍ଯ୍ୟ କରିଥିଲେ ଏବଂ ଖଣିରୁ କ୍ରୋମ ଉତ୍ତୋଳନ ସ୍ୱାଭାବିକ ଥିଲା। କାଳିଆପାଣି ଖଣି ଅଞ୍ଚଳରେ ଥିବା ବଜାର ଟାଉନ, ସ୍କୁଲ, ବ୍ୟାଙ୍କ ସବୁ ଖୋଲା ରହିଥିଲା। କାଳିଆପାଣିରେ କୌଣସି ସ୍ଥାନରେ କଂଗ୍ରେସ କର୍ମିମାନେ ବନ୍ଦ କରି ନଥିବା ଦେଖିବାକୁ ମିଳିଥିଲା।

# ବିପ୍ଳବୀ ଆନନ୍ଦ ଜେନାଙ୍କ ୧୪୧ତମ ଜୟନ୍ତୀ ପାଳିତ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୧ତମ ଜୟନ୍ତୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରାପଡା ସହରର ଆନନ୍ଦମାର୍ଗସ୍ଥିତ ଶ୍ରୀଜେନାଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ପୂର୍ବାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗ୍ରାମୀ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ମହାତ୍ମାଗାନ୍ଧୀଙ୍କ ସାବରମତି ଆଶ୍ରମର ପ୍ରଥମ ଓଡିଆ ଛାତ୍ର, କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ତଥା ଦୁଖିନୀ କନିକାର ରଚୟିତା ସ୍ୱର୍ଗତ ଜେନାଙ୍କ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ରହିଛି ବୋଲି ମୁଖ୍ୟଅତିଥି ବିଧାୟକ ବେହେରା କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଯୋଗଦେଇ ସଂଗ୍ରାମୀ ଜେନାଙ୍କ ଆଦର୍ଶରେ ଯୁବପିଢୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଜଜ ବିଷ୍ଣୁଦେବ ଜେନା, ଅତିରିକ୍ତ ଜିଲ୍ଲାଜଜ ତ୍ରୀବିକ୍ରମ କେଶରୀ ଚିନ୍ନାରା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ସିଡିଏମଓ ଡା. ଅଜୟ କୁମାର ରାଉତ, ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପୌରାଧକ୍ଷା ସରିତା ସାହୁ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅବନ୍ତୀ ବେହେରା, ଗବେଷକ ନିରଞ୍ଜନ ମେକାପ, ସାହିତ୍ୟିକ ଡ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ହାସଲ କରିଥିବା ପ୍ରାଧ୍ୟାପକ ଡ. ଅଜୟ କୁମାର ରାଉତଙ୍କୁ ବିପ୍ଳବୀ ଆନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତିରେ 'କେନ୍ଦ୍ରାପଡା ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ମୃତି କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ ବିବରଣୀ ପାଠ କରିଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟ ଛକରେ ଥିବା ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ କାଉନସିଲର ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ପ୍ରକାଶ ପରିଡା ଓ କଲେଜ ଅଧକ୍ଷ ମଥୁରୀ ସ୍ୱାଇଁ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜୟନ୍ତୀ ଅବସରରେ ଜିଲ୍ଲା ସଦର ମହକୁମାରେ ଥିବା ଦୃଷ୍ଟିବାଧିତ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସଂଯୋଜକ ମୁକ୍ତାର ଖାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜକ ସଞ୍ଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ ଓ ଧିରେନ୍ଦ୍ର କୁମାର ଦାସ, ସହସମ୍ପାଦକ ଆଦିକନ୍ଦ ରାଉଳ ଓ ସତ୍ୟବ୍ରତ ସିଂ, ମୁଖ୍ୟ ଉପଦେଷ୍ଟା କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗୋଲଖ ପରିଡା, ପ୍ରଭାତ ଚନ୍ଦ୍ର ନାୟକ, ଚନ୍ଦନ କୁମାର ପରିଡା, ପ୍ରଦୀପ୍ତ ସିଂ, ପ୍ରମୋଦ କୁମାର ରାଉତ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ସେକ ତଫିରୁଦ୍ଦିନ, ରଣଧୀର ଜେନା, ସତ୍ୟବ୍ରତ ସିଂ, ସେକ ସୌକତ ଖାଁ, ନିରଞ୍ଜନ ବଳ, ସୟଦ ଅକମଲ ଅଲ୍ଲୀ, ହିବଜୁର ରହେମାନ, ସେକ ଚାନ୍ଦ, ଗୋଲଖ ପଢିଆରୀ, ସମ୍ବିତ ଶ୍ରୀଚନ୍ଦନ, ଶେଷଦେବ ପ୍ରସାଦ ଦାସ, ଶୁଭ୍ରାଂଶୁ ଦାସ, ଗୋପିନାଥ ବାରିକ, ଅଜୟ ସାମଲ, ରାମଚନ୍ଦ୍ର ବେହେରା, ମନୋଜ ସାହୁ, ହୃଷିକେଶ ବେହେରା, ବୁଲୁ ବକ୍ସ, ସୟଦ ମୁକ୍ତାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତର ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କୁ ଏକାଦଶାହ ଅବସରରେ ବୁଧବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ବାରୋ ସ୍ଥିତ ତାଙ୍କ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକଙ୍କ ସଂଚାଳନ କରିଥିଲେ। ଏଥିରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବଜୟ କୁମାର ନାୟକ ଓ ରାଜେନ୍ଦ୍ର କୁମାର ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲ୍ଲା କଂଗ୍ରେସ ସଭାପତି ଅସିତ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ଧାମନଗର କଂଗ୍ରେସ ନେତା ରଂଜନ ବେହେରା, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଜେନା, ଅକ୍ଷୟ ମଲ୍ଲିକ, ଅଭିଷେକ ରାଉତ, ଶ୍ୟାମସୁନ୍ଦର ପରିଡ଼ା, ନରହରି ନାୟକ, ଜାନକୀ ମଲିକ, ଭାସ୍କର ନାଥ, ପ୍ରଶାନ୍ତ ମଲିକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପୁଷ୍ପାଞ୍ଜଳି ଲେଙ୍କା, ସୁପ୍ରଭା ପାଣି ଓ ଚକ୍ରଧର ଦାସ, ସମିତିସଭ୍ୟ ଜୟପ୍ରକାଶ ମଲିକ ଓ ଭାଗିରଥି ମଲିକ, ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ଼ ଓ ରମେଶ ଭାରତୀ, ସମବାୟ ସମିତି ସମ୍ପାଦ ଅଚ୍ୟୁତନନ୍ଦ ମହାନ୍ତି, ଅମରେନ୍ଦ୍ର ନାୟକ, ସଂଜୟ ନାୟକ, ସାଳନ୍ଦୀ ବିକାଶ ମଞ୍ଚର ଅମ୍ବିକା ପ୍ରସାଦ ଦାସ, ବିଜେଡି ନେତା କମଳାକାନ୍ତ ଦାସ, କମଳାକାନ୍ତ ଲେଙ୍କା, ଗଣେଶ ପ୍ରସାଦ ନାୟକ, ଶରତ ମଲିକ, ବିଶ୍ୱରଂଜନ ନାୟକ, ଶିଶିର ପଣ୍ଡା, ଭରତ ସାହୁ, ସରୋଜ ଦାସ, ବିଜେପି ନେତା ଅଜୟ ନାୟକ, ଶରତ ଦାସ, ଦେବେନ୍ଦ୍ର ପୁହାଣ, ପ୍ରଶାନ୍ତ ପତି, ଜୟନ୍ତ ନାୟକ, ଉଷାକାନ୍ତ ନାୟକ, ସୂର୍ଯ୍ୟନାରାୟଣ ଭୋଇ, ସମାଜସେବୀ ନାରାୟଣ ମାନ୍ଧାତା, ଦେବ ବେହେରା, ପାର୍ଥସାରଥି ନାୟକ ପ୍ରମୁଖ ଯୋଗ ଦେଇ ସରପଞ୍ଚ ସ୍ୱର୍ଗତ ନାୟକ ଜଣେ ଭଲ ମଣିଷ ଥିଲେ। ସେ ସମସ୍ତ ଜନସାଧାରଣଙ୍କର ଉପକାର କରିଥିବା ବେଳେ ପଞ୍ଚାୟତର ବିକାଶ ସହିତ କୃଷି ଓ କୃଷକମାନଙ୍କର ଉନ୍ନତି କଥା ଚିନ୍ତା କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ। ସମବାୟ ସମିତି ସମ୍ପାଦକ ବିଶ୍ୱନାଥ ଖୁଣ୍ଟିଆ, ପିଇଓ ସୁକାନ୍ତୀ ବାରିକ, ପ୍ରଶାନ୍ତ ମଲିକ, ରଘୁନାଥ ମଲିକ, ପ୍ରଭାତ ନାୟକ, ପ୍ରଦୀପ ନାୟକ, ସମ୍ବିତ ସାହୁ, ଜ୍ଞାନପ୍ରକାଶ ନାୟକ, ଜ୍ୟୋତିପ୍ରକାଶ ନାୟକ, ମୁକ୍ତିକାନ୍ତ ସାମଲ, ଦୟାନିଧି ସାହୁ, ରାଧାକାନ୍ତ ବୋଇତି, ମନ୍ମଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଇଘରରେ ଓଡ଼ିଶା ବନ୍ଦ ସଫଳ

ରାଇଘର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଗୁରୁବାର ଚକ ଅଖ ଦୋକାନ ବଜାର ସବୁ ବନ୍ଦ କଲା କଂଗ୍ରେସ। ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଜାତୀୟ କଂଗ୍ରେସ ଓ ବିଭିନ୍ନ ଦଳର ମିଳିତ ଭାବେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ଡାକରା ରାଇଘରରେ ସଫଳ ହୋଇଛି। କଂଗ୍ରେସ କର୍ମୀ ସନରାଜ ଗଣ୍ଡଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସକାଳ ୬ ଘଣ୍ଟାରୁ ସ୍ଥାନୀୟ ହନୁମାନ ମନ୍ଦିର ଛକ ସମେତ ବଜାରର ଅନେକ ସ୍ଥାନର ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରି ଗାଡିମଟର ଚଳା ଚଳ ବନ୍ଦ କରିଥିଲେ। କଂଗ୍ରେସକୁ ସମର୍ଥନ କରି ରାଇଘର ର ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ସବୁ ବନ୍ଦ ଥିବା ଦେଖାଯାଇଛି। ଗାଡ଼ିମଟରର ଲମ୍ବା ଲାଇନ ଦେଖିବାକୁ ମିଳିଥିଲା, ସନରାଜ ଗଣ୍ଡଙ୍କ ସମେତ କଂଗ୍ରେସ କର୍ମ କର୍ତ୍ତା ମୋହନ ଗଣ୍ଡ, ରତନ ଗଣ୍ଡ, ସୁନ୍ଦର ସିଂ ଗଣ୍ଡ, ଚୈତୁ ରାମ ଗଣ୍ଡ, ଲକ୍ଷ୍ମନ ଗଣ୍ଡ, ମୋହନ ସାନ୍ତା, ମାନତୁ ଗଣ୍ଡ, ସୁକରାମ ହରିଜନ, ଚକ୍ରଧର ଗଣ୍ଡ, ମହେନ୍ଦ୍ର ଗଣ୍ଡ, ଅନୱାର ଆଲାମ, ଚକ୍ର ଖମାରି, ରମାକାନ୍ତ ଦାସ, ଦଶରଥ ସାହା, ପିଣ୍ଟୁ ସିଲ, ମହେଶ ଗଣ୍ଡ, ଶୁକରାମ ଶୁଣାଣି, ଅଶୋକ ଶୁଣାଣିଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# 'ଓଡ଼ିଶାର କଟକରେ ସଡ଼କ ସୁରକ୍ଷା ପ୍ରମୁଖ ସ୍ଥାନ ନେଉଛି'

କଟକ, (ଭାସ୍କର ନ୍ୟୁଜ୍): ଅବଗତ ଏବଂ ଦାୟିତ୍ୱସମ୍ପନ୍ନ ସଡ଼କ ବ୍ୟବହାରକାରୀ ସଂସ୍କୃତି ସୃଷ୍ଟି କରିବା ନିମନ୍ତେ ଏକ ପ୍ରୟାସରେ ହୋଣ୍ଡା ମୋଟର ସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ତାହାର ଦେଶବ୍ୟାପୀ ସଡ଼କ ସୁରକ୍ଷା ପ୍ରୟାସ କଟକ, ଓଡ଼ିଶାର ଡିଏଭି ଏସ.ସି.ବି ମେଡିକାଲ ପବ୍ଲିକ ସ୍କୁଲକୁ ଆଣି ଅଧିକ ସଚେତନ ସଡ଼କ ବ୍ୟବହାରୀ ହେବା ନିମନ୍ତେ ୨୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଦେଇଥିଲା। କଟକରେ ଆୟୋଜିତ ସଚେତନତା ଅଭିଯାନ ଏକ ଦୈନନ୍ଦିନ ଶିକ୍ଷାଗତ ବ୍ୟବସ୍ଥାକୁ ସଡ଼କ ଶୃଙ୍ଖଳାର ମୌଳିକ ବିଷୟଗୁଡିକ ଶିଖିବା ନିମନ୍ତେ ଏକ ମଞ୍ଚରେ ପରିଣତ ହୋଇଥିଲା। ଅଂଶଗ୍ରହଣକାରୀ ମାନେ ସୁସଂଗଠିତ ସଡ଼କ ସୁରକ୍ଷା ବିଷୟ ଏବଂ ଆନ୍ତଃଆଲୋଚନା ଠାରୁ ନେଇ ନିରାପଦ ଗାଡିଚାଳନା ଅଭ୍ୟାସର ପ୍ରଭାବ ପ୍ରଦର୍ଶନ କରୁଥିବା ବିଷୟଗୁଡିକ ପର୍ଯ୍ୟନ୍ତ ବହୁବିଧ ଅବଗତକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ଜଟିଳ ଚିନ୍ତାଧାରା ପ୍ରୟୋଗ କରିବା ଏବଂ ସକ୍ରିୟ ସମ୍ପୃକ୍ତି ପ୍ରଦର୍ଶନ କରିବାକୁ ଉତ୍ସାହିତ କରାଯାଇଥିଲା। ଏଚଏମଏସଆଇର ତାଲିମପ୍ରାପ୍ତ ଇନଷ୍ଟ୍ରକଟରମାନେ ଦାୟିତ୍ୱ ନେବାସହିତ କେବଳ ନିୟମ ଅନୁପାଳନ ନୁହେଁ, ତାହାସହିତ ଏକ ମାନସିକତା ନେଇ ସଡ଼କ ସୁରକ୍ଷା ସହିତ ସଂଯୁକ୍ତ ହେବାକୁ ଛାତ୍ର ଛାତ୍ରୀଙ୍କୁ ସହାୟତା କରିଥିଲେ। ଭାରତର ପରବର୍ତ୍ତୀ ପିଢିର ଯାନବାହନ ଚାଳକିଙ୍କ ମଧ୍ୟରେ ସଡ଼କ ସୁରକ୍ଷାର ଏକ ସଂସ୍କୃତିକୁ ଅନ୍ତର୍ନିବିଷ୍ଟ କରିବାର ବୃହତ୍ତର ଲକ୍ଷ୍ୟର ଅଂଶ ଭାବରେ ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ଏହି ସଚେତନତା ଅଭିଯାନ ଏକ ଅଂଶ ଥିଲା। ୨୦୨୧ରେ ହୋଣ୍ଡା ୨୦୫୦ ବର୍ଷ ନିମନ୍ତେ ତାହାର ବୈଶ୍ୱିକ ଦୃଷ୍ଟିକୋଣ ଘୋଷଣା କରିଥିଲା ଯେଉଁଥିରେ ଏହା ହୋଣ୍ଡା ମୋଟରସାଇକଲ ଏବଂ ଯାନବାହନ ସମ୍ପୃକ୍ତ ଥାଇ ଟ୍ରାଫିକ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରୟାସ କରିବାକୁ ଲକ୍ଷ୍ୟ ରଖିଥିଲା। ଭାରତରେ ଏଚଏମଏସଆଇ ଏହି ଦୂରଦୃଷ୍ଟିକୁ ନେଇ ଏବଂ ୨୦୩୦ ସୁଦ୍ଧା ମୃତ୍ୟୁ ସଂଖ୍ୟା ଅର୍ଦ୍ଧେକକୁ ହ୍ରାସ କରିବା ନିମନ୍ତେ ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରୁଛି। ଏଚଏମଏସଆଇ ଏଭଳି ଏକ କମ୍ପାନୀ ହେବାକୁ ଚାହୁଁଛି ଯାହା ସମାଜ ଯେଉଁଭଳି ଏହାକୁ ତିଷ୍ଠି ରହିବାକୁ ଚାହୁଁଛି ଏବଂ ଏହା ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ଅନନ୍ୟ ଚିନ୍ତାଧାରାର ପ୍ରସାର କରି ସ୍କୁଲ ପିଲାଙ୍କ ଠାରୁ ନେଇ କର୍ପୋରେଟ ଏବଂ ବୃହତ୍ ଆକାରରେ ସମାଜରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାର ପ୍ରସାର ଉପରେ ଦୃଢ ଭାବରେ ଦୃଷ୍ଟିନିବଦ୍ଧ କରୁଛି। ହୋଣ୍ଡାର କୁଶଳୀ ଇନଷ୍ଟ୍ରକଟରମାନେ ସଡ଼କ ସଙ୍କେତ ଏବଂ ଚିହ୍ନଗୁଡିକ ସମ୍ପର୍କରେ ଲିଖିତ କାର୍ଯ୍ୟକ୍ରମ ସହିତ ମୂଳଦୁଆ ପକାଉଛନ୍ତି, ତାହାସହିତ ସେମାନେ ସଡ଼କରେ ଡ୍ରାଇଭରଙ୍କ କର୍ତ୍ତବ୍ୟ, ରାଇଡିଂ ଗିୟର ଏବଂ ଭଙ୍ଗୀଗତ ଅଭିବ୍ୟକ୍ତି ଏବଂ ନିରାପଦ ଗାଡିଚାଳନା ସମ୍ପର୍କିତ ବିଷୟଗୁଡିକ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବାସ୍ତବ ଗାଡିଚାଳନା ପୂର୍ବରୁ ସଡ଼କରେ ୧୦୦ରୁ ଅଧିକ ସମ୍ଭାବ୍ୟ ବିପଦ ସମ୍ପର୍କରେ ଅନୁଭୂତି ହାସଲ କରିବାକୁ ହୋଣ୍ଡାର ଭର୍ଚୁଆଲ ଗାଡିଚାଳନା ସିମୁଲେଟରରେ ଏକ ସ୍ୱତନ୍ତ୍ର ତାଲିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ କିକେନୟୋସୋକୁ ଟ୍ରେନିଂ (କେୱାଇଟି) ନାମରେ ପରିଚିତ ବିପଦ ଅନୁମାନ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା ଯାହା ବିପଦ ପ୍ରତି ଚଳାଳି/ଡ୍ରାଇଭରଙ୍କ ସମ୍ବେଦନଶୀଳତାରେ ବୃଦ୍ଧି ଘଟାଇବାରେ ସହାୟତା କରିଥାଏ ଏବଂ ସଡ଼କରେ ନିରାପଦ ଗାଡିଚାଳନା ଅଭ୍ୟାସକୁ ସୁନିଶ୍ଚିତ କରିଥାଏ। ଯେଉଁ ଛାତ୍ରଛାତ୍ରୀ ଓ ସ୍କୁଲ କର୍ମଚାରୀମାନେ ସମ୍ପ୍ରତି ଗାଡିଚାଳନା କରୁଛନ୍ତି ସେମାନଙ୍କୁ ମନ୍ଥର ଗତିରେ ଗାଡି ଚଳାଇବା ଏବଂ ସଂକୀର୍ଣ୍ଣ ରାସ୍ତାରେ ଗାଡି ଚାଳନା କରିବା ଜରିଆରେ ସେମାନଙ୍କ ଗାଡିଚାଳନା ଅଭ୍ୟାସର ପରୀକ୍ଷା କରାଯିବା ସହିତ ସେଥିରେ ଉନ୍ନତି ଆଣିବାକୁ ତାଲିମ ଦିଆଯାଇଥିଲା। ଏଚଏମଏସଆଇ ମଧ୍ୟ ନିକଟରେ ସଡ଼କ ସୁରକ୍ଷା ସମ୍ପର୍କିତ ତାହାର ନବୋନ୍ମେଷୀ ଶିକ୍ଷଣ ପ୍ଲାଟଫର୍ମ ଇ-ଗୁରୁକୂଳ ପ୍ରଚଳନ କରିଛି, ଏହି ଇ-ଗୁରୁକୂଳ ପ୍ଲାଟଫର୍ମ ୫ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ତିନିଟି ନିର୍ଦ୍ଦିଷ୍ଟ ବୟସ ବର୍ଗ ନିମନ୍ତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ତାଲିମ ପଦ୍ଧତି ଯୋଗାଇ ଦେଉଛି ଯାହା ସଡ଼କ ସୁରକ୍ଷା ଦିଗରେ ଏକ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟକୁ ସୁନିଶ୍ଚିତ କରୁଛି। ପିଲାମାନେ, ପ୍ରଶିକ୍ଷଣକାରୀ ଏବଂ ଡିଲରମାନଙ୍କୁ ସଡ଼କ ସୁରକ୍ଷା ଅଭ୍ୟାସ କ୍ଷେତ୍ରରେ ଚାମ୍ପିଅନ ହେବା ନିମନ୍ତେ ସଶକ୍ତ କରିବାକୁ ଏଚଏମଏସ ଆଇର ପ୍ରଚଳିତ ପ୍ରୟାସ ସମୂହର ଏକ ଅଂଶ ହୋଇଛି ଇ-ଗୁରୁକୂଳର ପ୍ରଚଳନ। ଏହି ପ୍ରୟାସ ପ୍ରତ୍ୟେକ ରାଜ୍ୟରେ ସ୍କୁଲଗୁଡିକୁ ପରିସରଭୁକ୍ତ କରିବାକୁ ପରିବ୍ୟାପ୍ତ କରାଯିବ, ଯାହା ବିଭିନ୍ନ ବୟସ ବର୍ଗ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ସଡ଼କ ସୁରକ୍ଷା ସମ୍ପର୍କିତ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି।

## ସରକାରୀ ସୁବିଧାରୁ ବଞ୍ଚିତ ବଡଗୁଡା ଗ୍ରାମବାସୀ



ରାମନାଗୁଡା, (ଭାସ୍କର ନ୍ୟୁଜ୍): ରାମନାଗୁଡ଼ା ବ୍ଲକର ଗୋଗୁପାଡୁ ପଞ୍ଚାୟତର ସୁଲୁଡି ଗ୍ରାମର ଖ୍ରୀଷ୍ଟୀୟାନ ଚର୍ଚ୍ଚ ଛକ ଠାରୁ ୩କିମି ଏକ ମାଟି ରାସ୍ତା ଦେଇ ଗଲାପରେ ବଡଗୁଡା ଗ୍ରାମ ଅଛି। ଏହି ଗ୍ରାମଟି ଆନ୍ଧ୍ର ସିମାକୁ ଲାଗିଛି। ତେବେ ବର୍ଷାଦିନରେ ମାଟି ରାସ୍ତାଟି ବିଭିନ୍ନ ସ୍ଥାନରେ ବଡ଼ ବଡ ଗାତ ହୋଇ ପାଣି ଯିବା ଦ୍ୱାରା ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବଡଗୁଡା ଗ୍ରାମବାସୀ। ତେବେ ସେହି ଗ୍ରାମର ଜନସଂଖ୍ୟା ୧୧୪ ଜଣ ଏବଂ ଘର ସଂଖ୍ୟା ୨୫ ଥିବାବେଳେ ସ୍ୱାସ୍ଥ୍ୟ, ଜଳ ଓ ରାସ୍ତା ସବୁଥିରୁ ଆଜି ପର୍ଯ୍ୟନ୍ତ ଏହି ସବୁ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ବଡଗୁଡା ଗ୍ରାମବାସୀ। ସେମାନେ ସରପଞ୍ଚ, ସମିତି ସଭ୍ୟ,ବିଡ଼ିଓ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିବାପରେ ମଧ୍ୟ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ତେବେ ବର୍ଷାଦିନରେ ସେମାନଙ୍କୁ କିପରି ଏହି ସବୁ ମୌଳିକ ସୁବିଧା ମିଳିପାରିବ ଏବଂ ସେହି ଗ୍ରାମର ଲୋକମାନେ ସରକାରଙ୍କ ସମସ୍ତ ସୁବିଧା ପାଇପାରିବେ ତାହା ଦେଖିବାକୁ ବାକି ରହିଲା। ତାଙ୍କର ଗ୍ରାମର ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଗ୍ରାମର ସମସ୍ୟା ଯଥା ଶିଘ୍ର ଦୁର କରିବା ପାଇଁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ରାଜନଗର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ ଓ ଜିଲ୍ଲା କଂଗ୍ରେସ କମିଟି ପରାମର୍ଶରେ ଡାକରା ଦିଆଯାଇଥିବା 'ଓଡ଼ିଶା ବନ୍ଦ'ରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନଗର ମୁଖ୍ୟ ରାସ୍ତା ହଂସୁଆ ସେତୁ ନିକଟରେ ଶତାଧିକ କଂଗ୍ରେସ କର୍ମୀ ନିର୍ବାଚନମଣ୍ଡଳୀ ଯୁବ ନେତା ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଅବରୋଧ ସହିତ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ସ୍କୁଲ କଲେଜ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦାମୋଦର ବିଶ୍ୱାଳ ବରିଷ୍ଠ ନେତା ବୈକୁଣ୍ଠ ବିହାରୀ ବିଶ୍ୱାଳ, ମାରୁଣି ପରିଡ଼ା, ରମାକାନ୍ତ ଜେନା, ପ୍ରଭାତ ପ୍ରଧାନ, ଖୀରୋଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସଞ୍ଜୟ ପତି, ନିମାଇଁ ଦାସ, ଯୁବ ନେତା ସୁଶୀଳ ପ୍ରଧାନ, ସୌରଭ ଜେନା, କୈଳାଶ ସାମଲ, ନାଗେଶ୍ୱର ସାହୁ, ବିକା ସେଠୀ ସଞ୍ଜୟ ସାହୁ, ରାଜକିଶୋର ବେହେରା, ଛାତ୍ର ନେତା ପ୍ରିୟ ରଞ୍ଜନ ରାଉତ, ଜୟ ପ୍ରକାଶ ରାଉତ, ଶୈଳେଶ ସ୍ୱାଇଁ, ହରେକୃଷ୍ଣ ଜେନା, ବାପଲ ଜେନା, ବିପିନ ରାଉତ ପ୍ରମୁଖ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ। ନାରୀ ନ୍ୟାୟ ପାଇଁ ଲଢେଇ ସରକାର ସଂସଦ ପର୍ଯ୍ୟନ୍ତ ଜାରି ରହିବ ଓ 'ଓଡ଼ିଶା ବନ୍ଦ' ଡାକରାକୁ ବରିଷ୍ଠ ନାଗରିକ ଛାତ୍ର ଯୁବକ ମହିଳା କୃଷକ ଶ୍ରମିକ ଜନସାଧାରଣଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି।



# କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ସଫଳ

ଭୁବନ, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଓଡ଼ିଶା ବନ୍ଦ ଆହ୍ୱାନ କ୍ରମେ ଭୁବନରେ ବନ୍ଦ ପାଳନ




କରାଯାଇଥିଲା। ବ୍ୟବସାୟ ପ୍ରତିଷ୍ଠାନ ସ୍ୱତଃ ବନ୍ଦ ଥିବା ବେଳେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଟାଉନ୍ କଂଗ୍ରେସ କମିଟି ସଭାପତି ମନୋଜ କୁମାର ସାହୁଙ୍କ ନେତୃତ୍ୱ, ଶ୍ୱେତକେତୁ ମିଶ୍ର, ବିନୋଦ ମହାରଣା, ମୁସ୍ତାଫିଜ୍ ଆଲମ୍‌ଙ୍କ ତତ୍ତ୍ୱାବଧାନରେ କର୍ମୀ ମାନେ ପିକେଟିଂ କରି ବ୍ଲକ, ଏନ୍ଏସି, ତହସିଲ ଅଫିସ ସମେତ ସମସ୍ତ ବିଦ୍ୟାଳୟ, ମହା ବିଦ୍ୟାଳୟ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କଗୁଡ଼ିକୁ ବନ୍ଦ କରାଇଥିଲେ। କାଳୀ ବଜାର ସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କଂଗ୍ରେସ କର୍ମୀ ମାନେ ସରକାର ବିରୋଧୀ ନାରାବାଜି କରିଥିଲେ। କଂଗ୍ରେସ ନେତା ବିପ୍ରବର ସାହୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବନ୍ଦକୁ ଅଭୂତପୂର୍ବ ସମର୍ଥନ ଦେଇ ସଫଳ କରାଇଥିବାରୁ ଭୁବନ ବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଭୁବନ ଥାନା ତରଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ବାରିପଦା, (ଭାସ୍କର ନ୍ୟୁଜ୍): ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିକ ପ୍ରତି ବ୍ୟବସ୍ଥା କୃତ ଶିକ୍ଷାୟତନ ଯୌନ ଉତ୍ପୀଡନ, ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମହିଳା ସୁରକ୍ଷା ଦାବିରେ ମିଳିତ ବିରୋଧୀଦଳ କଂଗ୍ରେସ, ସିପିଆଇ, ସିପିଏମ, ଏସୟୁସିଆଇ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, ଭଞ୍ଜ ସେନା ପ୍ରଭୃତିକ ପକ୍ଷରୁ ଆଜି ୧୭ ଜୁଲାଇ ଓଡ଼ିଶା ବନ୍ଦର ଅଂଶବିଶେଷ ଭାବେ ଜିଲ୍ଲାରେ କୋଣ ଅନୁକୋଣ ରେ ବନ୍ଦ ସଫଳ ହୋଇଛି। ଚକ ଅଖ, ଅଫିସ ଦପ୍ତର, ବ୍ୟାଙ୍କ୍ ବୀମା, ଦୋକାନ ବଜାର, ସ୍କୁଲ କଲେଜ, ଖଣି ଖାଦାନ ବନ୍ଦ ଯୋଗୁଁ ମୟୂରଭଞ୍ଜ ଏକ ପ୍ରକାର ଠପ୍ ହୋଇଯାଇଛି। ଏହି ସ୍ପର୍ଷ କାତର ଘଟଣାରେ ମିଳିତ ବିରୋଧୀଦଳ ପକ୍ଷରୁ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ସମେତ ମୁଖ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହି ବନ୍ଦରେ ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ବୋଷ, ମହେଶ୍ୱର ବେହେରା, ପ୍ରସନ୍ନ ପାତ୍ର,ବୁଦ୍ଧୁ ସିଂ ପ୍ରମୁଖ, ସିପିଏମ ପକ୍ଷରୁ ସାଥୀ ରବି ଗୋସ୍ୱାମୀ, ଫାଗୁ ହାଁସଦା, ସେକ ରିଜୁଆନ, ଅକ୍ଷୟ ଖୁଣ୍ଟିଆ, ରଘୁନାଥ ପଣ୍ଡା, ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ପରିଡା, ଗଙ୍ଗାଧର ସାମଲ, ଦାଶରଥି ରାଉତ୍ ପ୍ରମୁଖ ସାଥୀମାନେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶା ବନ୍ଦକୁ ମୟୁରଭଞ୍ଜ ଜିଲ୍ଲାର ଜନଗଣ ଅକୁଣ୍ଠ ସମର୍ଥନ ଦେଇଥିବାରୁ ଜିଲ୍ଲାର ମିଳିତ ବିରୋଧୀଦଳ ପକ୍ଷରୁ ସିପିଆଇର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଓ କଂଗ୍ରେସର ଶାନ୍ତନୁ କୁମାର ପାଲ ଧନ୍ୟବାଦ ଅର୍ପଣ କରିଛନ୍ତି।

ତିହିଡ଼ି, (ଭାସ୍କର ନ୍ୟୁଜ୍): ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରକୁ ନ୍ୟାୟ ଦାବିରେ ତିହିଡ଼ି ବ୍ଲକ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ଏହି ବନ୍ଦ ଆରମ୍ଭ ହୋଇ ଶାନ୍ତି ଶାନ୍ତି ଶୃଙ୍ଖଳା ସହିତ ଶେଷ ହୋଇଥିଲା। ବ୍ଲକ,



ତହସିଲ, ସବ୍‌ରେଜେଷ୍ଟ୍ରି, ସବ୍‌ଟ୍ରେଜେରୀ କାର୍ଯ୍ୟାଳୟର ସହିତ ସମସ୍ତ ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନକୁ ଯାଇ ନେତା ଓ କର୍ମୀମାନେ ବନ୍ଦ କରିଥିଲେ। ଏଥିସହିତ ବଜାରର ସମସ୍ତ ଦୋକାନ ବନ୍ଦ ରହିବା ସହିତ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଜନଜୀବନ ପ୍ରଭାବିତ ହୋଇଥିଲା। ଏହି ଆନ୍ଦୋଳନରେ ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଗଜେନ୍ଦ୍ର ପରିଡ଼ା, ସୁରେଶ ମହାପାତ୍ର, ବେଣୁଧର ଦାସ, କୈଳାସ ପାତ୍ର, ବଳରାମ କର୍ଣ୍ଣ, ବିକ୍ରମ ଜେନା, ପୀତାମ୍ବର ସେଠୀ, ସୁଧାଂଶୁ ଶେଖର ମାହୁନ୍ତ, ଶିବପ୍ରସାଦ ନାୟକ, ତ୍ରିଲୋଚନ ମହାଳିକ, ସୌମ୍ୟଗୋପାଳ ନାୟକ, ମାନକେତନ ସେନାପତି, ସାମ୍ୟପ୍ରକାଶ ନାୟକ, ଗୋରାବାବୁ ସାହା, ଦୀପକ ଦାସ, କରୁଣାକର ମହାରଣା, ସୌମେନ୍ଦ୍ର ପଣ୍ଡା, ନାରାୟଣ ଜେନା ଏବଂ ସିପିଏମ ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଚରଣ ଦାଶ, ବରିଷ୍ଠ ବାମପନ୍ଥୀ ନେତା ପ୍ରଫୁଲ୍ଲ ପାଢ଼ୀ, ନାରାୟଣ ଚନ୍ଦ୍ର ଦାଶ, ରମେଶ ଜେନା, ସତ୍ୟବ୍ରତ କୁଣ୍ଡ, ଶ୍ରୀଧର ଜେନା, ଜ୍ୟୋତିର୍ମୟ ମଳିକ, ଭାଗବତ ସେନାପତି ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ଓ ବାମପନ୍ଥୀ ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ। ସେହିପରି ଗଦି ବଜାରରେ କଂଗ୍ରେସ ନେତା ବସନ୍ତ ନାୟକ, ସୁଦର୍ଶନ ସ୍ୱାଇଁ, ସିପିଆଇ ଆଞ୍ଚଳିକ କମିଟି ସମ୍ପାଦକ ସନ୍ତୁ ଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ଏଥିସହିତ ପୀରହାଟ, କମାରିଆ, ଗୋଳାପୋଖରୀ, ଦୋଳସାହିରେ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳାର ସହ ସଫଳ ହୋଇଥିବା ଜଣାପଡ଼ିଛି।



ପାରାଦୀପ, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ନ୍ୟାୟ ପାଇବା ପାଇଁ ସୌମ୍ୟାଶ୍ରୀ ବିଭିନ୍ନ ମହଲରେ ନିବେଦନ କରି ବିଫଳ ହେବା ପରେ ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଏହି ଘଟଣାରେ ସୌମ୍ୟାଶ୍ରୀ ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ଆତ୍ମାହୁତି ଘଟଣାରେ ରାଜ୍ୟ ସରକାର ଓ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ଏବଂ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ବିଧାୟକ, ସାଂସଦଙ୍କ ଇସ୍ତଫା ଦାବୀରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦିନ ଓଡିଶା ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦ ଡାକରାକୁ କମ୍ୟୁନିଷ୍ଟ ପାର୍ଟି ସମେତ ୭ ଗୋଟି ଦଳ ସମର୍ଥନ ଦେଇଥିଲେ। ଏହିକ୍ରମରେ ବନ୍ଦର ଓ ଶିଳ୍ପ ସହର ପାରାଦୀପରେ କଂଗ୍ରେସ୍ ପକ୍ଷରୁ ଗୁରୁବାର ଦିନ ପାରାଦୀପ ବନ୍ଦ ଡାକରା ଦିଆଯାଇଥିଲା। ସକାଳୁ ପାରାଦୀପ ମହିଳା,ଛାତ୍ର,ଯୁବ କଂଗ୍ରେସ କର୍ମୀମାନେ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ କରିବାକୁ ଯାଇଥିଲେ। ସୌମ୍ୟାଶ୍ରୀଙ୍କୁ ସମର୍ଥନ ଜଣାଇ ପାରାଦୀପର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ରେଳ ଚଳାଚଳ, ବସ୍ ସେବା, ଶିକ୍ଷାନୁଷ୍ଠାନ ସ୍ୱତପ୍ରବୃତ୍ତ ଭାବେ ବନ୍ଦ ହୋଇଯାଇଥିଲା। ପାରାଦୀପର ସମସ୍ତ ଶିକ୍ଷାନୁଷ୍ଠାନ ଅନୁଷ୍ଠାନିକ ଭାବେ ବନ୍ଦ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋଲାଯାଉଥିବା ବେଳେ ଅଭିଭାବକ ଓ କଂଗ୍ରେସ୍ କର୍ମୀମାନେ ତୀବ୍ର ବିରୋଧ କରିବା ପରେ ଶିକ୍ଷାଦାନ ପ୍ରକ୍ରିୟା ବନ୍ଦ ହୋଇଥିଲା ବୋଲି ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ କହିଛନ୍ତି। ପାରାଦୀପ ବିଭିନ୍ନ ସ୍ଥାନରେ କଂଗ୍ରେସ୍ ନେତାମାନଙ୍କ ସହିତ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଦିଆଯାଇଥିବା ବନ୍ଦ ଡାକରା ପାରାଦୀପ ଅଂଚଳ ସମେତ ଅତରବାଙ୍କୀ, ଦୋଛକି, କୁଜଙ୍ଗ ପ୍ରଭୃତି ଅଂଚଳରେ ବନ୍ଦ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା। ବରିଷ୍ଠ କଂଗ୍ରେସ୍ ନେତା କାଳନ୍ଦି ଚନ୍ଦ୍ର ଦାସ, ଦ୍ୱିନାଥ ମହାନ୍ତି, ଜ୍ୟୋତିରଂଜନ ଦାସ, ପଦ୍ମଲୋଚନ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ସୁନାକର ବାରିକ, ସୁଶାନ୍ତ ବାରିକ, ମହିଳା କଂଗ୍ରେସ୍ ନେତ୍ରୀ ବିନତି ପାଣିଗ୍ରାହୀ, ଖୁଲଣା ଜେନା, କୌଶଲ୍ୟା ମହାନ୍ତି, ପୁଷ୍ପା ଦାସ, ଧରିତ୍ରୀ ସାମଲ, ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ଏହି ବନ୍ଦର ପ୍ରଭାବରେ ଗାଡି ଚଳାଚଳ, ଦୋକାନ ବଜାର, ବହୁ ବିଦ୍ୟାଳୟ, ବ୍ୟାଙ୍କ ଇତ୍ୟାଦି ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବନ୍ଦର ପଣ୍ୟ କାରବାର ସ୍ୱାଭାବିକ ରହିଥିଲା। ସେହିପରି ଦୀର୍ଘ ଦିନ ହେବ ପାରାଦୀପରେ କଂଗ୍ରେସ ର ସଂଗଠନିକ ସ୍ଥିତି ଦୁର୍ବଳ ରହିଥିବା ବେଳେ କଂଗ୍ରେସ ନେତା ନିରଞ୍ଜନ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ପାରାଦୀପରେ କଂଗ୍ରେସ ଦଳ ଏବେ ପୁନର୍ଜୀବିତ ହୋଇ ତା'ର କାୟା ବିସ୍ତାର କରୁଥିବା ଦେଖିବାକୁ ମିଳୁଛି ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପାରାଦୀପରେ ଓଡିଶା ବନ୍ଦର ଅଦଭୂତ ପ୍ରଭାବ।

ରାମନାଗୁଡା, (ଭାସ୍କର ନ୍ୟୁଜ୍): ରାମନାଗୁଡ଼ା ବ୍ଲକରେ ଦେଖିବାକୁ ମିଳିଛି ପ୍ରଦେଶ କଂଗ୍ରେସ ରାଜ୍ୟ ସଭାପତିଙ୍କ ଦ୍ୱାରା ଓଡିଶା ବନ୍ଦ ଡାକରାର ପ୍ରଭାବ। ତେବେ ଆଜି ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଯେଉଁ ବନ୍ଦ ଡାକରା ଦିଆଯାଇଥିଲା ସେଥିରେ ରାମନାଗୁଡା ବ୍ଲକର ମୁଖ୍ୟ କର୍ମୀ ଓ ସମର୍ଥକଙ୍କ ସହାୟତାରେ ଦୋକାନ, ବଜାର, ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ତେବେ ଅତି ଆବଶ୍ୟକ ଯାନବାହାନଗୁଡିକୁ ଛଡାଯାଇ ଥିଲା। ଏହି ରାସ୍ତା ଅବରୋଧରେ ରାମନାଗୁଡା ବ୍ଲକର ବରିଷ୍ଠ କଂଗ୍ରେସ ନେତା ଓ ରାମନାଗୁଡା ବ୍ଲକର କ ଯୋନର ଜିଲ୍ଲା ପରିଷଦ ସଦସ୍ୟ ଟାଙ୍ଗୁଡୁ ଶ୍ରୀଧର, ବାଞ୍ଛାନିଧି ବେହେରା, ରଞ୍ଜିତ ନାୟକ ବେହେରା, ପ୍ରକାଶ କଣ୍ଡାଗରୀ, ଭାସ୍କର ମାଣ୍ଡାଙ୍ଗି, ପଙ୍କୁ, ଡିଉ, ବାୟା ଦାସ ଏବଂ ବହୁ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସହ ଟାଙ୍ଗୁଡୁ ଶ୍ରୀଧରଙ୍କ ନେତୃତ୍ୱରେ ବନ୍ଦ ଡାକରା ସଫଳ ହୋଇଥିଲା।

କଣିହାଁ, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯୌନ ନିର୍ଯ୍ୟାତନା, ମାନସିକ ନିର୍ଯ୍ୟାତନା ଏବଂ ଏକାଡେମିକ ହାରାସମେଣ୍ଟର ଶୀକାର ହୋଇ କଲେଜ କର୍ତ୍ତୃପକ୍ଷ ଓ ବିଭିନ୍ନ ସ୍ତରରୁ ନ୍ୟାୟ ନପାଇ ନିରାଶ ହୋଇ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିବା ଘଟଣାର ପ୍ରତିବାଦରେ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଅବିଳମ୍ବେ ୧କୋଟି ଟଙ୍କାର ସହାୟତା ଯୋଗାଇଦେବା, ଏହିଭଳି ଏକ ଅମାନବୀୟ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା ଦୀର୍ଘମାସ ଧରି ପୀଡିତା ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା, ମାନସିକ ନିର୍ଯ୍ୟାତନା ଏବଂ ଏକାଡେମିକ ହାରାସମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନୈତିକ ଦାୟିତ୍ୱ ବହନ କରି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅବିଳମ୍ବେ ଇସ୍ତଫା ପ୍ରଦାନ କରିବା, ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯ୍ୟାତନା ଓ ଏକାଡେମିକ ହାରାସମେଣ୍ଟର ଭୟଭିତି ସଂସ୍କୃତି ବନ୍ଦ କରିବା ଏବଂ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିରାପତ୍ତା ଯୋଗାଇଦେବା ଦାବିରେ ସାରା ଓଡିଶା ବନ୍ଦ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଦିନ ଏନଟିପିସି ବାଇପାସ ଛକରେ କଂଗ୍ରେସ, ଏସ୍ୟୁସିଆଇ (କମ୍ୟୁନିଷ୍ଟ), ଛାତ୍ର ସଂଗଠନ ଏଆଇଡିଏସ୍ଓ ପକ୍ଷରୁ ସକାଳ ୬ଟାରୁ ରାସ୍ତା ଅବରୋଧ କରାଯାଇ ଶାନ୍ତିପୂର୍ଣ୍ଣ ଭାବେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦକୁ ସଫଳ କରିବା ପାଇଁ ବୁଧବାର ଦିନ ସନ୍ଧ୍ୟାରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ ଏନଟିପିସି ବଜାରରେ ଶୋଭାଯାତ୍ରା କରାଯାଇ ଦୋକାନ ବଜାର ବନ୍ଦ କରି ସମର୍ଥନ କରିବାକୁ ସମସ୍ତ ଦୋକାନୀ ଓ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଶିବରାମ ଦାସ, ଜଗଦାନନ୍ଦ ପ୍ରଧାନ, ମାଣିକ୍ୟ ପ୍ରଭା ନାଏକ, କୁଶଧ୍ୱଜ ସାମଲ, ସତ୍ୟାନନ୍ଦ ସାହୁ, ଶୁଶ୍ରୀ ବେହେରା, ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମିନତୀ ସାମଲ, କିଶୋର ବିଶ୍ୱାଳ, ପରମାନନ୍ଦ ସାହୁ ପ୍ରମୁଖ ଏହି ବନ୍ଦରେ ସାମିଲ ଥିଲେ।

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଓଡିଶା ବନ୍ଦ ଡାକରାର ପ୍ରଭାବ ପଡିଛି। ଜିଲ୍ଲା କଂଗ୍ରେସ ଦଳର ସଭାପତି ଜି ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଜିଲ୍ଲା ସଦର ମହାକୁମା ଠାରେ ଓଡିଶା ବନ୍ଦକୁ ସମର୍ଥନ କରି ବସ୍ ଷ୍ଟାଣ୍ଡ, ଡି ଏନ କେ କଲେଜ, ବାଲିମେଲା ଛକ ସହ ବିଭିନ୍ନ ଛକଠାରେ ଶତାଧିକ କଂଗ୍ରେସ କର୍ମୀ ପିକେଟିଂ କରିବା ସହିତ ଯାନବାହାନ ଅଟକାଇ ଥିଲେ। ଏହା ଦ୍ୱାରା ଜିଲ୍ଲା ସଦର ସହିତ ସାତଟି ବ୍ଲକରେ ଦୋକାନ ବଜାର, ଯାନବାହାନ ଚଳାଚଳ ସକାଳ ୬ଟା ଠାରୁ ବନ୍ଦ ରହିଥିଲା। ଏହାଦ୍ୱାରା ଯାତ୍ରୀ ଓ ସାଧାରଣ ଜନ ଜୀବନ ଅତିଷ୍ଠ ହୋଇପଡ଼ିଥିଲେ। ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନିନ୍ଦା କରି ମୃତକଙ୍କ ପରିବାରକୁ ନ୍ୟାୟ, କ୍ଷତିପୂରଣ ଦାବି କରିଛି କଂଗ୍ରେସ ଦଳ। ସମଗ୍ର ମାଲକାନଗିରି ଜିଲ୍ଲାରେ ଓଡ଼ିଶା ବନ୍ଦ ପ୍ରଭାବ ପଡିଛି। ଗଡୁନି ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଗାଡ଼ି। ବନ୍ଦ ରହିଛି ଦୋକାନ ବଜାର, ପେଟ୍ରୋଲ ପମ୍ପ, ସ୍କୁଲ, କଲେଜ। ବିଭିନ୍ନ ଛକରେ କଂଗ୍ରେସ କର୍ମୀମାନେ ସକାଳୁ ସକାଳୁ ପିକେଟିଂ କରିବା ସହ ପ୍ରତିବାଦ କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଦାବି ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିରେ ମାଲକାନଗିରି ନଗର କଂଗ୍ରେସ ଓ ଜିଲ୍ଲା କଂଗ୍ରେସ ସମେତ ସିପିଆଇ, ସିପିଏମ୍ ଆଦି ଦଳ ସାମିଲ୍ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ବନ୍ଦ ଡାକରାରେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସହର ଓ ବିଭିନ୍ନ ବ୍ଲକ, ଜିଲ୍ଲା ପାଳ ଅଫିସ ସହିତ ଅନ୍ୟାନ ଅଫିସ ସମ୍ମୁଖରେ ପୁଲିସ ଫୋର୍ସ ମୁତୟନ ସହିତ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହା ବ୍ୟତିତ ମୋବାଇଲ୍ ପାଟ୍ରୋଲିଂ ଟିମ୍ ସହ ପିସିଆର୍ ଭ୍ୟାନ କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ରଖାଯାଇଛି। ସ୍ଥାନୀୟ ଓ ଦୂରଗାମୀ ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହିଛି। ଦୂରସ୍ଥାନକୁ ଯାଉଥିବା ଯାତ୍ରୀମାନେ ବସ୍ ଷ୍ଟାଣ୍ଡ ନିକଟରେ ଜଗି ରହିଛନ୍ତି। ଦୋକାନ ବଜାର ବନ୍ଦ ଥିବାରୁ ଜଳଖିଆ କିମ୍ବା ପାଣି ଟୋପାଏ ନପାଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆନ୍ଦୋଳନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓ (ଚିଟି ବାବୁ), ଜିଲ୍ଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କେଶୁରାଓ, ପଦ୍ମପାଙ୍ଗି, ଇଷାକ ଖୋସଲା, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ରହିମନଖାନ, ସରୋଜ ପାତ୍ର, କୃଷ୍ଣ ଚନ୍ଦ୍ର ଅନୁଗୁ, ଇର୍ମା ପଡିଆମୀ, ପୁଷ୍ପା ରାଣୀ କବାସୀ, ଭୀମା ବାର୍ଶେ ପ୍ରମୁଖ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବାଲିମେଳା ଛକଠାରେ ସିପିଆଇଏମ ଜିଲ୍ଲା ସମ୍ପାଦକ ବ୍ରଜ ମାଝୀଙ୍କ ନେତୃତ୍ୱରେ ପିକେଟିଂ ସହ ବନ୍ଦ ପାଳନ ହୋଇଛି। ଏଥିରେ ସିପିଆଇଏମର ଭୂପେଶ କର୍ମକାର, କୃଷ୍ଣ ପାଣ୍ଡୀ, ଧବୁଲୁ ବେହେରା, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଦୁର୍ଗା ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକରେ କଂଗ୍ରେସର ବନ୍ଦ ଡାକରାରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଠୁ ଆରମ୍ଭ କରି ଏକ ପ୍ରକାର ଠପ ହୋଇଯାଇଛି। ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁକୁ ନେଇ ୧୭ ତାରିଖ ଗୁରୁବାର ଦିନ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କଣ୍ଟାପଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବାରାହୀପୁର ଜୟଦେବ ରାସ୍ତାକୁ ବାଉଁଶ ବ୍ୟାରି କେଟ କରାଯାଇ ଫୁଲ ନଖରା ୬୦ ନମ୍ବର ରାଜ୍ୟ ରାଜପଥ କୁ ବନ୍ଦ କରିଥିଲେ। ଜରୁରୀକାଳୀନ ଭାବରେ ରୋଗୀ ଆମ୍ବୁଲାନ୍ସ, କ୍ଷୀର ଗାଡି ଛଡ଼ାଯାଇଥିବା ବେଳେ ଅନ୍ୟ ସବୁକୁ ବନ୍ଦ ରଖା ଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ମାନେ ବଡ଼ ବଡ଼ ଦୋକାନ, ମଲ ଆଦିକୁ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ଏହାର ପ୍ରଭାବରେ ଜାତୀୟ କରଣ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ,ସ୍କୁଲ କଲେଜ ବ୍ଲକ ଓ ଡାକଘର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏମିତିକି ଅଡସପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ କଣ୍ଟାପଡା ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ବନ୍ଦର ପ୍ରଭାବ ପଡିଥିଲା। ପ୍ରତିବାଦ ସ୍ଥଳରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ରାଉତରାୟ, ପଦ୍ମନାଭ ମହାନ୍ତି, ପ୍ରଦ୍ୟୁମ୍ନ ଖଟେଇ, ଭରତ ବେହେରା, ବାହାନ ପରିଡା, ବିଶ୍ୱରଂଜନ କାନୁନଗୋ, ଦୁଃଖିଶ୍ୟାମ ବେହେରା, ପର୍ଶୁରାମ ରାଉତରାୟ, ପାଣ୍ଡବ ସ୍ୱାଇଁ, ଯୁଧିଷ୍ଠିର ପ୍ରଧାନ, ବିମ୍ବାଧର ବେହେରା, ବୁଧନାଥ ମଳିକ, ଗାଲା ସ୍ୱାଇଁ, କୁନୁ ଜେନା, ଆଲୋକ ଭୋଇ, ଅଜୟ ରାଉତରାୟଙ୍କ ସମେତ ୨ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବନ୍ଦରେ ସାମିଲ ହୋଇଥିଲେ। ବିଭିନ୍ନ ଜାଗାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଶାସନାଧୀନ ସରକାରଙ୍କୁ ଦାୟୀ କରି ରାଜ୍ୟ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ରଘୁନାଥପୁର ବ୍ଲକ ଅଞ୍ଚଳରେ ସଫଳ ହୋଇଛି। କାଁଭା ଚାହା ଜଳଖିଆ ଦୋକାନକୁ ଛାଡିଦେଲେ ଦୋକାନ ବଜାର ଆପାତତଃ ବନ୍ଦ ରହିଛି।ସେହିପରି ବସ ଓ ଟ୍ରକ ସହ ଚାରିଚକିଆ ଜାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବ୍ଲକଛକ ନିକଟସ୍ଥ କଟକ ପାରାଦୀପ ରାସ୍ତା ଉପରେ ବସିରହି ପ୍ରତିବାଦ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା,ପ୍ରାକ୍ତନ ବ୍ଲକ ସଭାପତି ପ୍ରଶାନ୍ତ ଦାସ, ବସନ୍ତ ଦାଶ, ମାନସ ଗୋଛାୟତ, ବସନ୍ତ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ,ବିନ୍ଦୁସାର ମହାପାତ୍ର,ବିଷ୍ଣୁ ବିଶ୍ୱାଳ ପ୍ରମୁଖ ଡବଲ ଇଞ୍ଜିନ ସରକାରଙ୍କ ଉପରେ ବିଶୋଦଗାର କରିବା ସହ ଛାତ୍ରୀ ମୃତ୍ୟୁ ଘଟଣା ପାଇଁ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବୀ କରିଥିଲେ। ଏହାଛଡା କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ,ଦାଇତ୍ୱ ସମ୍ପନ୍ନ ମନ୍ତ୍ରୀ ଓ ଏମପି ପର୍ଯ୍ୟନ୍ତ ଯେଉଁମାନେ ମୃତା ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରିଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ଆଇନର କାଠଗଡାକୁ ଅଣାଯାଉ ବୋଲି କଂଗ୍ରେସ କର୍ମକର୍ତ୍ତାମାନେ ଦାବୀ କରିଥିଲେ। ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରାନଗଲେ ଏ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ପଣ୍ଡା ଚେତାବନୀ ଦେଇଥିଲେ। ସକାଳୁ କର୍ମୀମାନେ ବ୍ଲକ, ତହସିଲ ଓ ଅନ୍ୟାନ୍ୟ ଅଫିସକୁ ଜାଇ ବନ୍ଦ କରିଥିଲେ। ସେହିପରି କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦା କଲେଜ, ସରସ୍ୱତୀ ସଂସ୍କୃତ ମହାବିଦ୍ୟାଳୟ ଓ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଆସିନଥିଲେ। ତାରପୁର ବାଇପାସ୍, ଜଇପୁର ଛକ ବଜାର, ରେଢୁଆ ମାର୍କେଟ, ନାଳିବର ବଜାର ଓ ଅଟୋ ଆସୋସିଏସନ ପକ୍ଷରୁ ଅଟୋ ଚଳାଚଳ ସ୍ୱତପ୍ରବୃତ ଭାବେ ବନ୍ଦ ରହିଥିଲା। ମୋଟାମୋଟି କଂଗ୍ରେସର ବନ୍ଦ ଡାକରାକୁ ସାଧାରଣ ଜନତାଙ୍କ ପୂର୍ଣ୍ଣ ସମର୍ଥନ ମିଳିଥିଲା।

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବଲେଶ୍ୱର ଫକୀର ମୋହନ କେଲଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ପିସିସି ସଭାପତିଙ୍କ ଡ଼ାକରାରେ କଂଗ୍ରେସ ଓ ସିପିଆଇ ବରୋଧୀ ଦଳ ପକ୍ଷରୁ ଉଚ୍ଚ ସ୍ତରୀୟ ତଦନ୍ତ ଓ ସଠିକ୍ ନ୍ୟାୟ ପ୍ରଦାନ ପାଇଁ ନିମାପଡ଼ା ଦୋଳେବଦୀ ଛକ ନିକଟେର ଗୁରୁବାର ସକାଳୁ ମୁଖ୍ୟ ରାସ୍ତାକୁ ଅବେରାଧ କରିବା ସହିତ ବକ୍ଷୋଭ ପ୍ରଦଶର୍ନ କରିଥିଲେ। ଏହି ଓଡ଼ିଶା ବନ୍ଦ ଡ଼ାକରାରେ ନିମାପଡ଼ା ବ୍ଲକ୍ କଂଗ୍ରେସ ସଂଯୋଜକ କାଳନ୍ଦୀ ବାରିକ, ଓଡ଼ିଶା କଂଗ୍ରେସ ସେବା ଦଳର ବ୍ଲକ୍ ସଂପାଦକ ସୁବାଷ ମଲ୍ଲିକ, ଅକ୍ଷୟ କୁମାର ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ପପୁନି ବସ୍ତିଆ, ନିଲୁ ସାହୁ, ପର୍ଶୁରାମ ପରିଡ଼ା, ନାରୀନେତ୍ରୀ ପ୍ରଗତି ବରାଳ, ରେଣୁବାଳା ମାଝି, ପୂବର୍ତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ନେରନ୍ଦ୍ର ବେହେରା, ତ୍ରିଲୋଚନ ପଣ୍ଡା, ବାମନ ଚରଣ ନାୟକ, ଦିଲ୍ଲୀପ ପଟ୍ଟନାୟକ, ସତ୍ୟବ୍ରତ ସାହୁ, ସତ୍ଲେଖ ବରାଳ, ସିପିଆଇ ପକ୍ଷରୁ ଦେବେନ୍ଦ୍ର ନାଥ ସାହୁ, ପ୍ରଫୁଲ୍ଲ ସାହୁ, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ରବୀନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପାତ୍ର, ଦେବୀ ପ୍ରସାଦ ଜେନା, ଜିତୁ ଭୋଇ, ଦଣ୍ଡପାଣି ସାହୁ, ମଦନ ଭୋଇ, ବାବୁଲି ସେଠୀ ଓ ଛାତ୍ରେନତା ପପୁ ରାଉତଙ୍କ ସେମତ ଶତାଧିକ କର୍ମୀ ଓ ଯୁବ କର୍ମୀ ମୁଖ୍ୟ ରାସ୍ତା ଅବେରାଧ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ତୁରନ୍ତ ଗାଦି ଛାଡ଼ ନାରା ଦେବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ନିମାପଡ଼ା ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳ ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ ରହିଥିଲା। କେତୋଟି କଲେଜ ଛାଡ଼ି ଦେଲେ ଆଉ ସବୁ ବନ୍ଦ ରହିଥିଲା। ସ୍ୱେଚ୍ଛାକୃତ ଭାବେ ବ୍ୟବସାୟ ପ୍ରତିଷ୍ଠାନ ବ୍ୟବସାୟୀମାନେ ଓ ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ ବନ୍ଦ କରିଥିଲେ। ଗତ ବୁଧବାର ରାତ୍ରରୁ ପୁରୀ-କୋଣାକ-ନିମାପଡ଼ା ଦେଇଯାଉଥିବା ପର୍ଯ୍ୟଟକମାନେ ନିମାପଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ରାତ୍ର ସାରା ବର୍ଷା କାକରରେ ପଡ଼ି ରହିଥିବା ବେଳେ ଶତାଧିକ ପର୍ଯ୍ୟଟକଙ୍କ ବସ୍ ଅଟକି ରହିଥିଲା। ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡରେ ଜଳର ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ପାଣି ପାଇବା ପାଇଁ ବହୁ ହଇରାଣର ସମ୍ମୁଖୀନ ହୋଇଥିଲେ। ନିମାପଡ଼ା ସମେତ ଖେଲାର, ଚାରିଛକ ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ପଡ଼ିଥିଲା।

## ବନ ବିଭାଗ ଦ୍ୱାରା ୧୧ଟି କଇଁଛ ଜବତ



ମାଲକାନାଗିରି/ କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା କାଲିମେଳା ବନାଞ୍ଚଳ ଅନ୍ତର୍ଗତ ଏମପିଭି-୧୧ ଗ୍ରାମରେ ବେଆଇନ ଭାବେ କଇଁଛ ବିକ୍ରି କରିବା ପାଇଁ ଜଣେ ବ୍ୟକ୍ତି ନିଜ ଘରେ ରଖିଥିବା ବେଳେ ବନ ବିଭାଗର ଚଢ଼ାଉ। ଏମପିଭି-୧୧ ଅଞ୍ଚଳ ଜଣେ ବ୍ୟକ୍ତି ନିଜ ଘରେ ବେଆଇନ ଭାବେ କଇଁଛ ରଖିଥିବା ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ କାଲିମେଳା ରେଞ୍ଜର ବନାଞ୍ଚଳ ଅଧିକାରୀଙ୍କ ସହ ବନ ବିଭାଗର ଏକ ଦଳ ଏବଂ ରାଜସ୍ୱ ବିଭାଗ ଏକ ଦଳ ମିଳିତ ଭାବେ ଏମପିଭି-୧୧ ଅଞ୍ଚଳର ବାସିନ୍ଦା ମିଥୁନ ବେପାରୀଙ୍କ ଘରେ ଚଢ଼ାଉ କରିଥିଲେ ଏହି ଚଢ଼ାଉ ବେଳେ ମିଥୁନ ବେପାରୀଙ୍କ ଶୌଚାଳୟ ନିକଟରୁ ୧୧ ଗୋଟି ଜୀବିତ ଇଣ୍ଡିଆନ ଫ୍ଲାପ ସେଲ କଇଁଛ, ଓଜନ ମେସିନ, ମୋବାଇଲ ଫୋନ, ବସ୍ତା ପାଇଥିଲେ। ଏସବୁ ପାଇବା ପରେ ବନ ବିଭାଗ ଦ୍ୱାରା ଜବତ ଜବତ କରା ଯାଇଥିଲା। ସମସ୍ତ ଜିନିଷ ପତ୍ର ଜବତ କରିବା ପରେ ଅଭିଯୁକ୍ତକୁ ଗୁରୁବାର ଦିନ ଜେ.ଏମ.ଏଫ.ସି ଏମଭି-୭୯ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଜବତ କଇଁଛ ଗୁଡିକୁ ଆଣି ମାଲକାନଗିରି ଡି.ଏଫ.ଓ ଏବଂ ଏ.ସି.ଏଫଙ୍କ ଉପସ୍ଥିତିରେ ମାଲକାନଗିରି ସତୀଗୁଡା ଡେମରେ ଛଡା ଯାଇଥିବା ସୂଚନା ରହିଛି।

## କ୍ଷୀର ଟ୍ୟାଙ୍କର ଧକ୍କାରେ ୩ଗାଇ ମୃତ, ୧ଆହାତ

ଗୋପ, (ଭାସ୍କର ନ୍ୟୁଜ୍): ଗୁରୁବାର ସକାଳ ପ୍ରାୟ ୫.୪୦ ସମୟରେ ଗୋପ ପକୋଣାର୍କ ରାସ୍ତାର ବାୟାକୁଦା ଠାରେ ଥିବା ଗେଷ୍ଟ ହାଉସ ନିକଟରେ ଏକ ଘରୋଇ କମ୍ପାନୀ କ୍ଷୀର ଟ୍ୟାଙ୍କର ଧକ୍କାରେ ୩ ଗାଇ ମୃତ୍ୟୁ ବରଣ କରିଥିବା ବେଳେ ୧ଗାଇ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛି। କ୍ଷୀର ଟ୍ୟାଙ୍କର ଟି ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରି ଦ୍ରୁତ ଗତିରେ ଯାଇ କମ୍ପାନୀ ଭିତରେ ପଶିଯାଇଥିଲା। ଖବର ପାଇ କମ୍ପାନୀର ଜେନେରାଲ ମ୍ୟାନେଜର ତାଙ୍କ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ମୃତ ଗାଇ ଗୁଡ଼ିକର ପୋତିବା ବ୍ୟବସ୍ଥା କରିଥିଲେ। ପରେ ଏକ ଟ୍ରକ୍ଟର ସାହାଯ୍ୟରେ ମୃତ ଗାଇ ଗୁଡିକୁ ନିଆଯାଇ ଗୋପ ଠାରୁ ପ୍ରାୟ ୪କିମି ଦୂର ଅରିକ୍ଷଣ୍ଣ ନିକଟସ୍ଥ କୁଶଭଦ୍ରା ନଦୀ ପଠାରେ ପୋତା ଯାଇଥିଲା। ପାଠ ଲେଖାହେବା ପର୍ଯ୍ୟନ୍ତ ଗାଇ ଗୁଡ଼ିକ କାହାର ଜଣାପଡି ନଥିବା



ବେଳେ ଏନେଇ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି। ଗୋପ ଥାନା ଅଧୀନ ସାରଡା ନିକଟରେ ଥିବା ଏହି କ୍ଷୀର କମ୍ପାନୀ ଗାଡି ଡ୍ରାଇଭର ମାନଙ୍କର ବେପରୁଆ ଗାଡି ଚାଳନା ଯୋଗୁଁ ଖାଲି ଆଜି ନୁହେଁ ପୂର୍ବରୁ ବାରବାର ଏପରି ଦୁର୍ଘଟଣାରେ ଗାଇଗୋରୁଙ୍କ ସମେତ ସାଧାରଣ ଲୋକ ମଧ୍ୟ ମୃତାହତ ହେବାର ନଜିର ରହିଛି। ଏଥିପ୍ରତି ପୋଲିସ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି।

## ବାଇକ୍‌ରୁ ପଡି ଜଣେ ଗୁରୁତର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ଥାନା ବନ୍ଦିକାର ଗ୍ରାମ ନିକଟ ରାସ୍ତା କଡରେ ମଟର ସାଇକଲରୁ ପଡି ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ଅକ୍ଷୟ ହିକକା ଓ ତାଙ୍କ



ଘରତୟାପୁଟ ପଞ୍ଚାୟତର ଉସକାଭଟା ଗ୍ରାମ ବୋଲି ଜଣା ପଡିଛି। ସିଏ ଡାମଣଗଣ୍ଡାରୁ ନିଜ ଗ୍ରାମକୁ ଫେରୁ ଥିବା ବେଳେ ବନ୍ଦିକାର ଗ୍ରାମ ନିକଟରେ ଦୁର୍ଘଟଣା ର ଶିକାର ହୋଇ ରାସ୍ତା କଡ଼ରେ ପଡ଼ିଥିଲେ। ସେତିକି ବେଳେ ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଆଶିଷ ଗରଡ଼ା ଦେଖି କୌଣସି ଉପାୟ ନପାଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କୁ ଫୋନ କରିଥିଲେ। ଖବର ପାଇ ପବିତ୍ର ସାଉନ୍ତା ନିଜର କିଛି କର୍ମୀ ଓ ସାମ୍ବାଦିକଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ ଉଧାର କରି ନିଜ ଗାଡ଼ିରେ ଆଣି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ଖବର ପାଇ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, ସବଇନିସ୍ପେକ୍ଟର ମାନସ ପ୍ରଧାନ, ଏଏସଆଇ ପ୍ରତାପ ଚନ୍ଦ୍ର ଦଣ୍ଡସେନା ପହଞ୍ଚି ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ତାଙ୍କୁ କୋରାପୁଟ ଜିଲ୍ଲା ଏସଏଲେନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାର ଶିକାର ହୋଇଥିବା ଯୁବକଙ୍କୁ ଡାକ୍ତର ଖାନରେ ପହଞ୍ଚାଇଥିବା ଲକ୍ଷ୍ମୀପୁର ବିଧାୟକଙ୍କ ମହାନତାକୁ ସବୁ ମହଲରେ ପ୍ରଶଂସା କରାଯାଇଛି।



ଅଧିକାଂଶ ପିତାମାତା ପ୍ଲାଷ୍ଟିକ୍ ଟିଫିନ୍ ପସନ୍ଦ କରନ୍ତି କାରଣ ଏହା ହାଲୁକା, ଶସ୍ତା ଏବଂ ଆକର୍ଷଣୀୟ ଭାବରେ ଡିଜାଇନ୍ ହୋଇଥାଏ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଆପଣ ପ୍ରତିଦିନ ଆପଣଙ୍କ ପିଲାଙ୍କୁ ଦେଉଥିବା ଟିଫିନ୍ ତାଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ। ଡକ୍ଟର କେଶବ ଶର୍ମାଙ୍କ ଅନୁଯାୟୀ, ପ୍ଲାଷ୍ଟିକ୍ ଟିଫିନ୍ ବାକ୍ସରୁ ନିର୍ଗତ ରାସାୟନିକ ପଦାର୍ଥ, ବିଶେଷକରି ଯେତେବେଳେ ଗରମ ଖାଦ୍ୟ ରଖାଯାଏ, ତାହା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ। ଏହା କେବଳ ଏକ ଛୋଟ ଚିନ୍ତା ନୁହେଁ, ବରଂ ହରମୋନ୍ ସନ୍ତୁଳନ, ପାଚନ ପ୍ରଣାଳୀ ଏବଂ ପିଲାମାନଙ୍କର ଭବିଷ୍ୟତର ରୋଗ ସହିତ ଜଡିତ ଏକ ବିଷୟ। କିଛି ପ୍ଲାଷ୍ଟିକ୍ ଟିଫିନ୍‌ରେ (ବିସଫେନୋଲ୍) ଭଳି ରାସାୟନିକ ପଦାର୍ଥ ଥାଏ ଯାହା ଗରମ ହେଲେ ଖାଦ୍ୟକୁ ନଷ୍ଟ କରିଦିଏ। ଏହା ହରମୋନ୍ ଅସନ୍ତୁଳନ, ପିଲାମାନଙ୍କ ବୃଦ୍ଧିରେ ବାଧା ସୃଷ୍ଟି କରିପାରେ ଏବଂ ଆଚରଣରେ ପରିବର୍ତ୍ତନ ଆଣିପାରେ। କିଛି ଅଧ୍ୟୟନରୁ ଜଣାପଡିଛି ଯେ ଇଟଇ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ରହିବା ଦ୍ୱାରା କର୍କଟ ଭଳି ରୋଗ ହେବାର ଆଶଙ୍କା ବଢ଼ିପାରେ, ବିଶେଷକରି ଯଦି ପିଲାଟି ପ୍ରତିଦିନ ପ୍ଲାଷ୍ଟିକ୍ ଟିଫିନ୍‌ରେ ଖାଦ୍ୟ ଖାଉଛି। ଯେତେବେଳେ ଗରମ ଖାଦ୍ୟ ପ୍ଲାଷ୍ଟିକ୍ ଟିଫିନ୍‌ରେ ରଖାଯାଏ, ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଧୀରେ ଧୀରେ ପିଲାର ପାଚନ ତନ୍ତ୍ରକୁ ଦୁର୍ବଳ କରିପାରେ, ଯାହା ଫଳରେ ଗ୍ୟାସ୍, ବଦହଜମୀ ଏବଂ ପେଟ ଯନ୍ତ୍ରଣା ହୋଇପାରେ।

## ଆକ୍ସନ୍ ମୁଡରେ ଏନ୍‌ଟିଆର





ହୃତ୍ୱିକ ରୋଶନ ଓ ଜୁନିୟର ଏନ୍‌ଟିଆର ଷ୍ଟାର୍ ବହୁପ୍ରତୀକ୍ଷିତ ଫିଲ୍ମ 'ୱାର-୨'ର ନୂଆ ପୋଷ୍ଟର ରିଲିଜ୍ ହୋଇଛି । ଏଥିରେ ହୃତ୍ୱିକ, କିଆରା ଆଡ଼ଭାନି ଓ ଜୁନିୟର ଏନ୍‌ଟିଆରଙ୍କୁ ଦମ୍‌ଦାର ଆକ୍ସନ୍ ମୋଡ୍‌ରେ ଦେଖିବାକୁ ମିଳିଛି । ନିର୍ମାତାଙ୍କ ଦାବି, 'ୱାର-୨' ଏ ବର୍ଷର ସବୁଠୁ ବଡ଼ ଆକ୍ସନ୍ ଫିଲ୍ମ ହେବ । ପୋଷ୍ଟର୍‌ରେ ହୃତ୍ୱିକ ଖଣ୍ଡା ସହିତ ଆକ୍ସନ୍ ମୋଡ୍‌ରେ ଅଛନ୍ତି । ଜୁନିୟର୍ ଏନ୍‌ଟିଆରଙ୍କ ଭୟଙ୍କର ଲୁକ୍‌କୁ ଫ୍ୟାନ୍ ଖୁବ୍ ପସନ୍ଦ କରୁଛନ୍ତି । କିଆରା ମଧ୍ୟ ବନ୍ଧୁକ ସହିତ ହଟ୍‌କେ ଅନ୍ଦାଜ୍‌ରେ ଅଛନ୍ତି । ପୋଷ୍ଟର୍ ରିଲିଜ୍ ସହିତ ଫିଲ୍ମକୁ ନେଇ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି । ଏ ସପ୍ତାହ ଶେଷ ସୁଦ୍ଧା ଫିଲ୍ମର ଟ୍ରେଲର ଲଞ୍ଚ ହେବ ବୋଲି ଅନୁମାନ କରାଯାଉଛି । ଜୁନିୟର ଏନ୍‌ଟିଆର୍ 'ୱାର୍-୨' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଆସନ୍ତା ଅଗଷ୍ଟ ୧୪ ତାରିଖରେ ଏହା ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷାରେ ମୁକ୍ତିଲାଭ କରିବ । ଏହା ଯଶରାଜ ଫିଲ୍ମସ୍ ସ୍ପାଇ ୟୁନିଭର୍ସର ପ୍ରୋଜେକ୍ଟ, ଯେଉଁଥିରେ 'ଏକ୍ ଥା ଟାଇଗର', 'ୱାର' ଓ 'ପଠାନ୍' ଭଳି ଫିଲ୍ମ ନିର୍ମିତ ହୋଇଛି । 'ୱାର୍'ର ନିର୍ଦ୍ଦେଶନା ଦେଇଥିଲେ ସିଦ୍ଧାର୍ଥ ଆନନ୍ଦ । ସିକ୍ୱେଲର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଆୟାନ ମୁଖାର୍ଜୀ । ଫିଲ୍ମରେ ହୃତ୍ୱିକ ମେଜର କବୀର ଧାଲୀୱାଲ ଭୂମିକାରେ ପୁଣି ଥରେ ପରଦାକୁ ଫେରିବେ ।



## ଭାରତର ସବୁଠାରୁ ମହଙ୍ଗା ନମ୍ବର ପ୍ଲେଟ



ବିଶ୍ୱରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ମହଙ୍ଗା କାରକୁ ବହୁତ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକ ଅଛନ୍ତି ଯେଉଁମାନେ ନିଜ କାର ପାଇଁ ସବୁଠାରୁ ମହଙ୍ଗା ଏବଂ ଅନନ୍ୟ ନମ୍ବର ପ୍ଲେଟ ପାଇବାକୁ ପସନ୍ଦ କରନ୍ତି। ଅମ୍ବାନୀ ଏବଂ ଆଦାନୀ ଭାରତର ସବୁଠାରୁ ଧନୀ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ଲୋକମାନେ ମହଙ୍ଗା ନମ୍ବର ପ୍ଲେଟ ମାଲିକଙ୍କ ତାଲିକାରେ ସାମିଲ ନୁହଁନ୍ତି। ଆସନ୍ତୁ ଜାଣିବା ଭାରତର ସବୁଠାରୁ ମହଙ୍ଗା ନମ୍ବର ପ୍ଲେଟ ମାଲିକ କିଏ ?

ଭାରତର ସବୁଠାରୁ ମହଙ୍ଗା ନମ୍ବର ପ୍ଲେଟ ଆଶିକ ପଟେଲଙ୍କ ଟୟୋଟା ଫର୍ଚୁନରରେ ଅଛି। ଏହାର ନମ୍ବର '୦୦୭'। ଏହି ନମ୍ବର ପ୍ଲେଟର ମୂଲ୍ୟ ୩୪ ଲକ୍ଷ ଟଙ୍କା। ଏହି ନମ୍ବରଟି ଜେମ୍ସ ବଣ୍ଡ ଫିଲ୍ମ ଦ୍ୱାରା ଅନୁପ୍ରାଣିତ, ଯାହା ଏହାକୁ ଆହୁରି ସ୍ୱତନ୍ତ୍ର କରିଥାଏ।

ଆଶିକ ପଟେଲ ଅହମ୍ମଦାବାଦର ଜଣେ ପରିବହନକାରୀ, ସେ ଦେଶର ସବୁଠାରୁ ମହଙ୍ଗା ନମ୍ବର ପ୍ଲେଟ ପାଇଁ ବିଡ କରିଥିଲେ, ଯାହା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କେବଳ ଏତିକି ନୁହେଁ, ସେ ୦୦୭ ନମ୍ବର ପାଇଁ ଚର୍ଚ୍ଚା ସାଉଁଟି ଥିଲେ।


ଆଶିକ ପଟେଲ ୩୯.୫ ଲକ୍ଷ ଟଙ୍କାରେ ଏକ ନୂତନ ଏସ୍‌ୟୁଭି କିଣିଥିଲେ ଏବଂ ଫ୍ୟାନ୍ସି ପଞ୍ଜୀକରଣ ନମ୍ବର ୦୦୭ ପାଇଁ ୩୪ ଲକ୍ଷ ଟଙ୍କା ବିଡ କରିଥିଲେ।

## ବର୍ଷେ ଜେଲରେ ରହିବେ ରାନ୍ୟା

କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ଏକ ବଡ଼ ଝଟକା ଲାଗିଛି । ସୁନା ଚୋରା ଚାଲାଣ ମାମଲାରେ ତାଙ୍କୁ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ବୈଦେଶିକ ବିନିମୟ ସଂରକ୍ଷଣ ଏବଂ ଚୋରା ଚାଲାଣ କାର୍ଯ୍ୟକଳାପ ନିରାକରଣ ଅଧିନିୟମ ଅଧୀନରେ ପରାମର୍ଶଦାତା ବୋର୍ଡ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଏକ ବର୍ଷର କାରାଦଣ୍ଡ ସମୟରେ ରାନ୍ୟାଙ୍କୁ ଜାମିନ ମିଳିପାରିବ ନାହିଁ । ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଅଧିକାରୀମାନେ ମାର୍ଚ୍ଚ ୩ରେ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ରାନ୍ୟା ରାଓଙ୍କୁ ଗିରଫ କରିଥିଲେ । ରାନ୍ୟାଙ୍କ ନିକଟରୁ ଦୁବାଇରୁ ଅଣାଯାଇଥିବା ପ୍ରାୟ ୧୪.୮ କିଲୋଗ୍ରାମ ସୁନା ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୧୨.୫୬ କୋଟି ଟଙ୍କା ହେବ। ଏହାପରେ ରାନ୍ୟାଙ୍କ ବାସଭବନରେ ଚଢ଼ାଉ କରାଯାଇ ୨.୦୬ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୨.୬୭ କୋଟି ଟଙ୍କା ନଗଦ ଜବତ କରାଯାଇଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ ରାନ୍ୟା ୨୦୨୩ ରୁ ୨୦୨୫ ମଧ୍ୟରେ ୩୪ ଥର ଏକାକୀ ଦୁବାଇ ଯାତ୍ରା କରିଥିଲେ । ଏହି ମାମଲାରେ ତାଙ୍କ ସହଯୋଗୀ ତରୁଣ କୋଣ୍ଡୁରୁ ରାଜୁଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।

## ୩୦ ବର୍ଷ ପରେ ମହିଳାଙ୍କ ସ୍କିନ୍ କେୟାର ରୁଟିନ୍

*ମହିଳାଙ୍କ ସାଧାରଣ ପ୍ରବୃତ୍ତି, ସବୁବେଳେ ସୁନ୍ଦର ଦେଖାଯିବାକୁ ସବୁବେଳେ ସେମାନଙ୍କ ମନରେ ଇଚ୍ଛା ଥାଏ । ଏଥିପାଇଁ ସେମାନେ ବିଭିନ୍ନ ଉପାୟ ଗ୍ରହଣ କରନ୍ତି ଏପରିକି ବହୁ ଅର୍ଥ ବ୍ୟୟ କରିବା ମଧ୍ୟ ଦେଖାଯାଏ । କିନ୍ତୁ ଘରେ ବି ଆପଣ ନିତି ଦିନ ଏପରି କିଛି ସ୍କିନ କେୟାର ରୁଟିନ୍ ଆପଣାଇପାରିବେ ଯାହାଦ୍ୱାରା ଜଣେ ଯୁବତୀ ନିଜ ସ୍କିନକୁ ଖୁବ୍ ସୁନ୍ଦର, ସତେଜ ରଖିପାରିବେ । କିଛି ବର୍ଷ ଧରି ଭାରତରେ ସ୍କିନ କେୟାର ପ୍ରତି ମହିଳାଙ୍କ ମଧ୍ୟରେ ଭିନ୍ନ ଏକ ଆଗ୍ରହ ଅଧିକ ରହିଥିବା ଲକ୍ଷ୍ୟ କରାଯାଉଛି । ମହିଳାମାନେ ଏବେ, ଟୋନିଙ୍ଗ, କ୍ଲିଞ୍ଜିଙ୍ଗ, ମଶ୍ଚରାଇଜିଙ୍ଗ, ସନସ୍କ୍ରିନ୍ ପରି ପ୍ରଣାଳୀ ଆପଣାଉଛନ୍ତି । ହେଲେ ଏପରି କିଛି ଷ୍ଟେପ୍ସକୁ ଆପଣାଇ ମହିଳା ନିଜ ତ୍ୱଚାକୁ ଦୀର୍ଘ ଦିନ ସୁନ୍ଦର ରଖିପାରିବେ ...*





- ୩୦ ବର୍ଷ ପରେ ଝିଅମାନଙ୍କ ଶରୀରରେ ହର୍ମୋନ୍ ଅସନ୍ତୁଳନ ଘଟିଥାଏ । ତେଣୁ ୩୦ ପରେ ମହିଳାଙ୍କ ମଶ୍ଚରାଇଜିଙ୍ଗ ଟେକ୍ନିକ୍ ଉପରେ ଧ୍ୟାନ ଦେବା ଉଚିତ । ଫଳରେ ତ୍ୱଚାରେ ଜଳୀୟ ଅଂଶର ମାତ୍ରା ସନ୍ତୁଳିତ ରହି ତ୍ୱଚାକୁ ସତେଜ ରଖେ ।
- ୩୦ ପରେ ଆପଣଙ୍କ ତ୍ୱଚା ପାଇଁ ଏଭଳି ଏକ ମଶ୍ଚରାଇଜର ଚୟନ କରନ୍ତୁ ଯେଉଁଥିରେ ହାୟଲୁରାନିକ୍ ଏସିଡ୍, ଗ୍ଲିସେରିନ୍ , ଓ ୟୁରିଆ ଉପାଦନ ଥିବ । ଏହା ତ୍ୱଚାକୁ ନମନୀୟ ରଖିବାରେ ବେଶ୍ ସହାୟକ ହୋଇଥାଏ ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ ଭଲ ସନସ୍କିନ ଲୋସନ୍ ବାଛିବା । ୩୦ ଏସପିଏଫ୍ ବାଲା ବ୍ରାଣ୍ଡ ସ୍ପେକ୍ଟ୍ରମ୍ ସନସ୍କ୍ରିନର ବ୍ୟବହାର କରିବା ଉଚିତ ।ଏହା ବ୍ୟତୀତ ପିଏଫ୍ ପ୍ଲସ୍, ୪ ରେଟିଙ୍ଗ ବାଲା ବ୍ରାଣ୍ଡ ସ୍ପେକ୍ଟ୍ରମ୍ ସନସ୍କ୍ରିନ୍ ବ୍ୟବହାର କରିବା ଉଚିତ ଯାହା ତ୍ୱଚାକୁ ସୂର୍ଯ୍ୟର ହାନିକାରକ ଅଲ୍ଟ୍ରାଭାୟୋଲେଟ୍ କିରଣଠାରୁ ତ୍ୱଚାକୁ ରକ୍ଷା କରେ ।
- ଏହାସହ ଏକ ଭଲ ନାଇଟ୍ କ୍ରିମ୍ ଚୟନ କରନ୍ତୁ । ଶୋଇବା ସମୟରେ ଶରରୀର କୋଷିକା ନିଜକୁ ନିଜେଚ ସନ୍ତୁଳିତ କରିବାକୁ ଚେଷ୍ଟା କରେ । ଏଥିପାଇଁ ରାତିରେ ଶୋଇବା ସମୟରେ ବ୍ୟବହାର କରିବାକୁ ଏକ ଭଲ ନାଇଟ୍ କ୍ରିମ ବ୍ୟବହାର କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

## ଆପାର୍ଟମେଣ୍ଟ ବିକ୍ରି କଲେ ସଲମାନ



ବଲିଉଡ ଅଭିନେତା ସଲମାନ ଖାନ ମୁମ୍ବାଇରେ ତାଙ୍କର ଏକ ସମ୍ପତ୍ତି ବିକ୍ରି କରିଛନ୍ତି। ସଲମାନଙ୍କ ଏହି ସମ୍ପତ୍ତି ମୁମ୍ବାଇର ବାନ୍ଦ୍ରା ୱେଷ୍ଟରେ ଥିଲା। ସଲମାନଙ୍କ ଏହି ଆପାର୍ଟମେଣ୍ଟର ବିକ୍ରୟ ଏହି ମାସରେ ପଞ୍ଜୀକୃତ ହୋଇଛି। କହିବାକୁ ଗଲେ ମୁମ୍ବାଇର ବାନ୍ଦ୍ରା ୱେଷ୍ଟ ସହରର ସବୁଠାରୁ ଆକର୍ଷଣୀୟ ଏବଂ ମହଙ୍ଗା ରିଅଲ ଇଷ୍ଟେଟ୍ ବଜାର ମଧ୍ୟରୁ ଗୋଟିଏ, ଯେଉଁଠାରେ ପ୍ରିମିୟମ୍ ହାଉସିଂ ଏବଂ ବାଣିଜ୍ୟିକ ସମ୍ପତ୍ତି ଉପଲବ୍ଧ। ସ୍କୋୟାରୟାର୍ଡ ଅନୁଯାୟୀ, ସଲମାନ ଖାନ ଏହି ଆପାର୍ଟମେଣ୍ଟକୁ ୫.୩୫ କୋଟି ଟଙ୍କାରେ ବିକ୍ରି କରିଛନ୍ତି। ସ୍କୋୟାରୟାର୍ଡ ଦ୍ୱାରା ଦିଆଯାଇଥିବା ସମ୍ପତ୍ତି ପଞ୍ଜିକରଣ ଡକ୍ୟୁମେଣ୍ଟରୁ ଏହି ସୂଚନା ମିଳିଛି। ସ୍କୋୟାର ୟାର୍ଡ ଦ୍ୱାରା ସମୀକ୍ଷା କରାଯାଇଥିବା ସମ୍ପତ୍ତି ପଞ୍ଜୀକରଣ ଡକ୍ୟୁମେଣ୍ଟ ଅନୁଯାୟୀ, ସଲମାନ ଖାନଙ୍କ ଦ୍ୱାରା ବିକ୍ରି କରାଯାଇଥିବା ଆପାର୍ଟମେଣ୍ଟ ଶିବସ୍ଥାନ ହାଇଟ୍ସରେ ରହିଛି । ଏହାର କ୍ଷେତ୍ରଫଳ ପ୍ରାୟ ୧୩୧୮ ବର୍ଗ ଫୁଟ। ଏହି ଚୁକ୍ତିରେ ତିନୋଟି କାର ପାର୍କିଂ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ। ଏହି କାରବାରରେ ୩୨.୦୧ ଲକ୍ଷ ଟଙ୍କାର ଷ୍ଟାମ୍ପ ଫି ଏବଂ ୩୦,୦୦୦ ଟଙ୍କାର ପଞ୍ଜିକରଣ ଫି ଅନ୍ତର୍ଭୁକ୍ତ। ସଲମାନ ଖାନଙ୍କ ଆପାର୍ଟମେଣ୍ଟ ଥିବା ବାନ୍ଦ୍ରାର ଏହି ଅଞ୍ଚଳରେ ଅତ୍ୟାଧୁନିକ ଆପାର୍ଟମେଣ୍ଟ, ଐତିହ୍ୟ ବଙ୍ଗଳା ରହିଛି, ଯାହା ନିବେଶକଙ୍କୁ ଆକର୍ଷିତ କରେ। ଏହି ଅଞ୍ଚଳ ଏକ୍ସପ୍ରେସ ହାଇୱେ, ବାନ୍ଦ୍ରା ରେଳ ଷ୍ଟେସନ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି), ଲୋୟର ପରେଲ ଏବଂ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଭଳି ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ନିକଟରେ ଅବସ୍ଥିତ। ଆପଣଙ୍କୁ ଜଣାଇ ଦେଉଛୁ ଯେ ବାନ୍ଦ୍ରା ପଶ୍ଚିମ ନିକଟରେ ଅବସ୍ଥିତ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ଅନେକ ବାଣିଜ୍ୟିକ କୋଠା ଅଛି, ଯେଉଁଥିରେ ବିଶ୍ୱସ୍ତରୀୟ କାର୍ଯ୍ୟାଳୟ ଏବଂ ଷ୍ଟୋର ଅଛି। ଆପଲ୍ ଭାରତରେ ବିକେସିରେ ଏହାର ଷ୍ଟୋର ଖୋଲିଛି। କେବଳ ଏତିକି ନୁହେଁ, ଆମେରିକୀୟ ଇଲେକ୍ଟ୍ରିକ୍ କାର୍ କମ୍ପାନୀ ଟେସଲା ଜୁଲାଇ ୧୫ ରେ ବିକେସିରେ ଏହାର ପ୍ରଥମ ଭାରତୀୟ ଶୋ'ରୁମ୍ ଖୋଲିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




# ଆମ କଳାହାଣ୍ଡି







ଶୁକ୍ରବାର, ୧୮ ଜୁଲାଇ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ଚାକିରି ଆଶା ଦେଖାଇ ଯୁବତୀଙ୍କୁ ନିର୍ଯାତନା



ରାଜସ୍ଥାନରୁ ଯୁବତୀ ଉଦ୍ଧାର

କୋକସରା, (ଭାସ୍କର ନ୍ୟୁଜ୍) : ସାମାଜିକ ଗଣମାଧ୍ୟମ ଜରିଆରେ ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ଆଶା ଦେଖାଇ ଠକମାନେ ବିଜ୍ଞାପନ ଜାଲ ବିଛାଇ ଆସୁଛନ୍ତି। ତେବେ ଅନେକ ସଚେତନତା ସତ୍ତ୍ୱେ ଚାକିରି ଆଶାୟୀ ଥିବା ଅନେକ ଯୁବପିଢ଼ୀ ଏହି ଠକମାନଙ୍କ ଠାରୁ ବର୍ତ୍ତି ପାରୁନାହାନ୍ତି। ବିଭିନ୍ନ ସମୟରେ ଠକାମୀର ଶିକାର, ଏମିତି କି ଅପହରଣ ଭଳି ଖବର ମଧ୍ୟ ସାମ୍ନାକୁ ଆସୁଛି। ଠିକ୍ ଏପରି ଏକ ଘଟଣା କୋକସରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଘଟିଛି। ସାମାଜିକ ଗଣମାଧ୍ୟମରେ ଯୁବତୀ ଜଣକ ବିଜ୍ଞାପନ ଦେଖି ଯୋଗାଯୋଗ କରିଥିଲେ, ଏବଂ ପରବର୍ତ୍ତୀ ସମୟରେ ଚାକିରି ପାଇଁ ଘର ଛାଡ଼ି ରାଜସ୍ଥାନ ସହରକୁ ଯାଇ ନିର୍ଯାତନାର ଶିକାର ହୋଇଛନ୍ତି। ନିର୍ଯାତିତା ଯୁବତୀ ଜଣକ କୋକସରା ଥାନା ଲଢ଼ୁଗାଁ ଅଞ୍ଚଳର ଜଣେ ୧୮ ବର୍ଷର ଝିଅ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ପିଡ଼ୀତା ଝିଅ ଗତ ୫ଦିନ ତଳେ ନିଖୋଜ ହୋଇଥିବା ଓ ପରବର୍ତ୍ତୀ ସମୟରେ ରାଜସ୍ଥାନରେ ଚାକିରି ପାଇଁ ଆସିଥିବା ଏବଂ ତାଙ୍କୁ ଆଶା ଦେଖାଇ ଆଣିଥିବା ଯୁବକ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ସନ୍ଧାନ ମିଳିଥିବା ପରେ ଝିଅର ମା' ଗତ ୧୫ ତାରିଖରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ଜଣାଇଥିଲେ। ଘଟଣାକୁ ନେଇ ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ଏହାପରେ ଜିଲ୍ଲା ପୋଲିସ ପ୍ରଶାସନର ସହଯୋଗରେ ସୋପୋକାର ଲୋକାଲ ପୋଲିସ ଷ୍ଟେସନ ସହ ଯୋଗାଯୋଗ କରିଥିଲେ। ଏହା ପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଅନ୍ୟ ଜଣେ ସାଥି ଯୁବକ ରବିନାରାୟଣ ଦାସଙ୍କ ସହ ରାଜସ୍ଥାନ ଅଭିମୁଖେ ବାହାରି ଯାଇ ସୋପୋକାର ଉଦୟପୁର ଥାନା ଅନ୍ତର୍ଗତ ପ୍ରତାପ ନଗର ପୋଲିସ ଫାଣ୍ଡିରୁ ଝିଅକୁ ସୁରକ୍ଷିତ ଭାବେ ପାଇଛନ୍ତି। ଏବଂ ଫ୍ଲାଇଟ୍ ଯୋଗେ ନିଜ ଗାଁକୁ ଆଣୁଥିବା ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଯୁବକଙ୍କୁ ମଧ୍ୟ ସୋପୋକାର ପୋଲିସ କାବୁ କରି ଗିରଫ କରିଥିବା ଜଣାପଡ଼ିଛି। ଏଣେ ସୁରକ୍ଷିତ ଭାବେ ଝିଅ ଫେରୁଥିବା ଖବର ପରେ ଝିଅ ପରିବାର ସମେତ ଅଞ୍ଚଳବାସୀ ବ୍ଲକ ଉପାଧ୍ୟକ୍ଷଙ୍କ ମହନୀୟତାକୁ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଦାଦନ ସାଜିଥିବା ମେଧାବୀ ଛାତ୍ରଙ୍କ ଭାଗ୍ୟ ଖୋଲିଲା

- ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ପାଠ ପଢ଼ିବେ
- ଜିଲ୍ଲା ପ୍ରଶାସନ ବଢ଼ାଇଲା ସହାୟତାର ହାତ
- ଦରଦ ଦେଖାଇଲେ ଲୋକସଭା ସାଂସଦ
- ଯୁବ ସାମ୍ବାଦିକ ଓ ସମାଜସେବୀଙ୍କ ଉଦ୍ୟମକୁ ପ୍ରଶଂସା



'ଓଡ଼ିଶା ଭାସ୍କର'ର ପ୍ରଭାବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଖବର ପ୍ରସାରଣ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ଜଣେ ଅସହାୟ, ପୀଡ଼ିତ ନ୍ୟାୟ ପାଏ। ଠିକ୍ ସେମିତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ, ଟିମନବାଡ଼ି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲର ମେଧାବୀ ଛାତ୍ର ସୂରଜ ନାଗ। ଯିଏ ଗତ କିଛି ମାସ ତଳେ ଶେଷ ହୋଇଥିବା ଦଶମ ବୋର୍ଡ ପରୀକ୍ଷାରେ ୪୯୮ ମାର୍କ (ଏ-୨ ଗ୍ରେଡ୍), ଲାଞ୍ଜିଗଡ ବ୍ଲକର ଅନ୍ୟତମ ଟପର) ହୋଇଛନ୍ତି। ଦଶମ ପରୀକ୍ଷା ସରିବା ପରେ ସେ ପରିବାରର ଆର୍ଥିକ ଦୁସ୍ଥିତି ଯୋଗୁଁ କେରଳକୁ ଦାଦନ ଖଟିବାକୁ ବାଧ୍ୟ ହୋଇଥିଲେ। ସେଠାରେ ଏକ ପଥର କ୍ରସରରେ ସେ କାମ କରୁଥିଲେ। ପରୀକ୍ଷା ଫଳାଫଳ ବାହାରିବା ପରେ ପ୍ଲସ୍ ଟୁ ବି କଲେଜ ନାମଲେଖା ପାଇଁ ଟଙ୍କା ଯୋଗାଡ଼ କରିହେବନି ବୋଲି ସେଠାରେ ରହିଯାଇଥିଲେ। ତେବେ ପରୀକ୍ଷା ଫଳାଫଳ ଘୋଷଣା ପରେ ଲାଞ୍ଜିଗଡ ବ୍ଲକ ଶିକ୍ଷା ବିଭାଗ ତରଫରୁ ବ୍ଲକର ତିନିଜଣ ଟପରଙ୍କୁ ସମ୍ବର୍ଦ୍ଧନା ଦିଆଗଲା। ସେତେବେଳେ ସୂରଜ ଅନୁପସ୍ଥିତ ରହିବାରୁ ଘଟଣା ସମ୍ପର୍କରେ ସୂଚନା ମିଳିଥିଲା। ଜଣେ ମେଧାବୀ ଛାତ୍ରଙ୍କ ଏହି ଶୋଚନୀୟ ଆର୍ଥିକ ପରିସ୍ଥିତି ଓ ଦୁର୍ଗତି ସମ୍ପର୍କରେ ଓଡ଼ିଶା ଭାସ୍କର ସର୍ବପ୍ରଥମେ 'ପରିବାରର ଆର୍ଥିକ ଦୁର୍ଗତି ବାଧା ସାଜିଲା - କେରଳରେ ଦାଦନ ଖଟୁଛି ମାଟ୍ରିକ ଟପର' ଶୀର୍ଷକରେ ଖବର ପ୍ରସାରଣ କରିଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ସହିତ ରାଜ୍ୟ ଗଣଶିକ୍ଷା ବିଭାଗ ଓ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ୱିଟ କରି ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସୂରଜଙ୍କ ସହିତ ବାଲ୍ୟବନ୍ଧୁ ଭାବେ ଆଲୋଚନା କରି କେରଳରୁ ଫେରିଆସିବାକୁ ପ୍ରବର୍ତ୍ତାଇଥିଲେ। କେରଳରୁ ସୂରଜ ଫେରିବା ପରେ କଳାହାଣ୍ଡି ଲୋକସଭା ସାଂସଦ ତାଙ୍କୁ ନିଜ ବାସଭବନକୁ ଡକାଇ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସହିତ ତାଙ୍କୁ ସାହାଯ୍ୟ କରିବାକୁ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିଲେ। ଏସବୁକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୂରଜଙ୍କ ପାଠପଢା ଓ ହଷ୍ଟେଲ ଖର୍ଚ୍ଚ ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୬,୭୨୦ ଟଙ୍କା ଯୋଗାଇ ଦିଆଯାଇଛି। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଏହି ଅର୍ଥରାଶି ସହିତ କିଛି ପାଠ୍ୟ ପୁସ୍ତକ ସୂରଜଙ୍କୁ ପ୍ରଦାନ କରିଛନ୍ତି। ଦାଦନ ସାଜିଥିବା ମେଧାବୀ ଛାତ୍ର ସୂରଜ ଏବେ ପାଠପଢ଼ା ସହିତ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଯାଉଥିବାବେଳେ ତାଙ୍କ ଦୁର୍ଦ୍ଦିନ ସମ୍ପର୍କରେ ଲୋକଲୋଚନକୁ ଆଣି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତରେ ରାସ୍ତା ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓଡ଼ିଶା ଭାସ୍କର ଖବରକାଗଜ, ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସହିତ ସହାୟତାର ହାତ ବଢ଼ାଇଥିବା ଲୋକସଭା ସାଂସଦ ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ସୂରଜ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ପ୍ରଭାବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ସମଗ୍ର ରାଜ୍ୟରେ ଅଶାନ୍ତି ଓ କ୍ଷୋଭ ଲାଗି ରହିଥିବା ବେଳେ ଓଡିଶା କଂଗ୍ରେସ ଦଳ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଦଳ ପକ୍ଷରୁ ଆଜି ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ ଜଣାଇଛନ୍ତି ରାଜ୍ୟର ବିଭିନ୍ନ ବାମପନ୍ଥୀ ଦଳ। ଏହି ପରିପ୍ରେକ୍ଷୀରେ ଗୁରୁବାର ବନ୍ଦ ଡାକରାକୁ ସଫଳ କରିବା ପାଇଁ ସମଗ୍ର କଳାହାଣ୍ଡି ଜିଲ୍ଲାରେ କଂଗ୍ରେସ ତଥା ସହଯୋଗୀ ଦଳର କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ ଦଳର କର୍ମୀ ମାନେ ଲାଗିପଡ଼ିଥିଲେ। ଜନସାଧାରଣଙ୍କ ସହଯୋଗ କ୍ରମେ, ବ୍ୟବସାୟ ପ୍ରତିଷ୍ଠାନ, ଅଫିସ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଦି ସଂପୂର୍ଣ୍ଣ ବନ୍ଦ ରହିଛି। କେବଳ ଜରୁରୀ ସେବା ବ୍ୟବସ୍ଥାକୁ ଛାଡିଦେଲେ ଧର୍ମଘଟକାରୀ ମାନେ କେତେକ ସ୍ଥାନରେ ଚାରିଚକିଆ ଗାଡି ତ ଦୂରର କଥା ଦୁଇଚକିଆ ଯାନ ମଧ୍ୟ ଛାଡୁ ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ବନ୍ଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ତାହାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ବିଶେଷ କରି ସହରର ଘୋଡ଼ାପାଟ ଛକ, ରିଜର୍ଭ ପୋଲିସ ଛକ ନିକଟରେ ଥିବା ପିପଲନାଲା ପୋଲ ଉପରେ ରାସ୍ତାକୁ ଆନ୍ଦୋଳନକାରୀ ସମ୍ପୂର୍ଣ୍ଣ ବନ୍ଦ ରଖିଛନ୍ତି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଓ ତାଙ୍କ ପରିବାର ଲୋକେ ଅନ୍ୟମାନେ ନାହିଁ ନଥିବା ଅସୁବିଧାରେ ପଡୁଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପ ଗୁଡିକ ମଧ୍ୟ ଏଇ ଡାକରାରେ ସାମିଲ ହୋଇଥିବାରୁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲ୍ଲାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ ଓ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ ଚାଲିଛି ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି। କଳାହାଣ୍ଡି ଜିଲ୍ଲା କଂଗ୍ରେସ ତଥା ବାମଦଳର ନେତା ଓ କର୍ମୀ ମାନେ ଉପସ୍ଥିତ ରହି ବନ୍ଦ ପାଳନକୁ ସଫଳ କରିବା ପାଇଁ ପିକେଟିଂ କରୁଥିବା ଦେଖିବାକୁ ମିଳିଥିଲା। ଗୁରୁବାର ସକାଳ ୬ ଘଣ୍ଟା ଠାରୁ ସଂଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ପାଇଁ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଥିବା ଓ ହୋଟେଲ, ଜଳଖିଆ ଦୋକାନ ପ୍ରଭୃତି ବନ୍ଦ ଥିବାରୁ ବାହାରୁ ଆସିଥିବା ଲୋକମାନେ ବେଶ୍ ହଇରାଣ ହୋଇଥିଲେ।



ନର୍ଲା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ତରଫରୁ ନର୍ଲା ବନ୍ଦ ଡାକରା ଦିଆଯାଇଛି। ସକାଳ ୬ ଘଣ୍ଟାରୁ ସନ୍ଧ୍ୟା ୬ ଘଣ୍ଟା ଯାଏ ବନ୍ଦ ଡ଼ାକରା ଥିବା ବେଳେ ନର୍ଲାର ସମସ୍ତ ସ୍କୁଲ, କଲେଜ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ ତଥା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ପେଟ୍ରୋଲ ପମ୍ପ, ଦୋକାନ ବଜାର ମଧ୍ୟ ସଂପୂର୍ଣ୍ଣ ବନ୍ଦ ଥିବା ଦେଖାଯାଇଥିଲା। ଏଥିରେ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାକୁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ସହ ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ବିଧାୟକ ଇସ୍ତଫା ଦାବି ସହ ତଦନ୍ତ ପରିସରକୁ ଆଣିବା ପାଇଁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। ଏହି ବନ୍ଦର ପ୍ରଭାବ ନର୍ଲା ବ୍ଲକର ସେରଗଡ, ନର୍ଲା, ଛତିକୁଡା ଓ ରୁପ୍ରାରୋଡ ଠାରେ ମଧ ପଡ଼ିଥିବା ଦେଖାଯାଇଥିଲା। ନର୍ଲା ବ୍ଲକର ମୁଖ୍ୟ ରାସ୍ତା ଅବରୋଧ କରିବା ସହ ଯୁବ କଂଗ୍ରେସର ଦିପୁ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଚୂଳମଣୀ ଗୌଡିଆ, ପୂର୍ବତନ ଯୁବ କଂଗ୍ରେସ ସଭାପତି ନିରୋଜ ଶର୍ମା, ରଚେକର ଦିପ, ମୃତ୍ୟୁଞ୍ଜୟ ନାଗ, ସୁରେଶ ସାହୁ, ସିପିଏମ ଜିଲ୍ଲା ସମ୍ପାଦକ କେଶବ ପ୍ରଧାନ, ଟୁନା ଗଉଡ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ନର୍ଲା ଅଞ୍ଚଳରେ ଓଡ଼ିଶା ବନ୍ଦକୁ ସଫଳ କରିଥିଲେ।

## ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନେଇ ସମୀକ୍ଷା ବୈଠକ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପିଏମ୍ ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନର ୫୦ବର୍ଷ ପୂର୍ତ୍ତି ହୋଇ ସାରିଛି। ୧୯୭୫ମସିହାରେ ସ୍ୱର୍ଗୀୟ ଅନନ୍ତ ପ୍ରସାଦ ଦାସଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀ ତଥା ପଞ୍ଚାୟତବାସୀଙ୍କ ସହଯୋଗରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଅଗଷ୍ଟ ୧ତାରିଖ ଦିନ ବିଦ୍ୟାଳୟ ପ୍ରତିଷ୍ଠାର ୫୦ବର୍ଷକୁ ପାଦ ଦେବ। ଏହି ପରିପ୍ରେକ୍ଷୀରେ ତାର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିବା ନେଇ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ଅତିରିକ୍ତ ପ୍ରଧାନ ଶିକ୍ଷକ ନବ ସୁନାରୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଗ୍ରାମବାସୀ ତଥା ପୂର୍ବତନ ଛାତ୍ର ମାନେ ଯୋଗ ଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ପୁନଃବାର ଆଉ ଏକ ବୈଠକ ଆୟୋଜନ କରିବା ସହ ଅଧିକରୁ ଅଧିକ ଜନସାଧାରଣ ଯୋଗଦାନ କରି-ବିଭିନ୍ନ କମିଟି ଗଠନ କରିବାକୁ ମତ ପ୍ରକାଶ ପାଇଥିଲା। ତେବେ ୨୦୨୫ ଡିସେମ୍ବର ସୁଦ୍ଧା ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରାଯିବା ଓ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ପ୍ରାୟ ସହମତି ପ୍ରକାଶ ପାଇଥିଲା। ବୈଠକରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବିଦ୍ୟାଳୟର ଅବସର କିରାଣୀ ସୁଶାନ୍ତ କୁମାର ଦାସ, ପୂର୍ବତନ ଛାତ୍ର-ଚାନ୍ଦାହାଣ୍ଡି କଲେଜ ଓଡ଼ିଆ ଅଧ୍ୟାପକ ନଳିନୀ କୁମାର ଦାସ, ବରିଷ୍ଠ ସାମ୍ବାଦିକ ଲକ୍ଷ ଜ୍ୟୋତି ଜାଲ, ସୁବାସ ବାଗ, ଗ୍ରାମର ଅବସର ଶିକ୍ଷକ ହୃଷିକେଶ ସାହୁ, ସୁଧୀର ବାଗ, ନବୀନ ପୁରୋହିତ, ପଦ୍ମରାମ ଶବର, ଅବସର ପ୍ରାପ୍ତ ସୈନିକ ସାଧୁରାମ ଶବର, ଅବସର ଖେଳ ଶିକ୍ଷକ ସରୋଜ କୁମାର ଦାସ, ନିଳାଞ୍ଚଳ ସେଠିଆ, ଶିକ୍ଷକ ସାରଦା ପ୍ରସାଦ ଦାସ, ପ୍ରବୀଣ କୁମାର ଦାସ, ସୁଶାନ୍ତ ଦାସ, ଗଣେଶ ସାହୁ, ତରୁଣୀ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତେଜେଶ୍ୱର ସାହୁ ପରିଚାଳନା କରିଥିଲେ।

## ପ୍ରଶାସନର ହସ୍ତକ୍ଷେପ ପରେ ଜବରଦଖଲ ଉଚ୍ଛେଦ

କୋକସରା, (ଭାସ୍କର ନ୍ୟୁଜ୍) : ଦିର୍ଘ ବର୍ଷରୁ କୋକସରା ବ୍ଲକ କାଉଡୋଲା ମା' ଠାକୁରାଣୀ ମନ୍ଦିର ଦେଇ ଯାଇଥିବା ଗ୍ରାମ୍ୟ ରାସ୍ତାର ଶେଷ ମୁଣ୍ଡର କିଛି ଜାଗାକୁ ଗ୍ରାମର ଜଣେ ବ୍ୟକ୍ତି କବ୍ଜା କରି ରହିଥିଲେ। ଏନେଇ ଅଭିଯୋଗ ପରେ ବୁଧବାର କୋକସରା ତହସିଲଦାରଙ୍କ ଉପସ୍ଥିତିରେ ଜାଗା ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ, ଗ୍ରାମର ଜୈନିକ ବ୍ୟକ୍ତି ଉକ୍ତ ରାସ୍ତାର ଶେଷ ମୁଣ୍ଡ କିଛି ଜାଗାକୁ ବର୍ଷ ବର୍ଷ ଧରି ନିଜ ଅକ୍ତିଆରେ ରଖି ଜାଲି (ନେଟ୍) ବାନ୍ଧି ଅବରୋଧ କରିଥିଲେ। ଫଳରେ ଉକ୍ତ ବସ୍ତିର ଲୋକେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ସାହି ବାସୀନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଚକ୍ରଧର ବେଗ୍ରା ଦିର୍ଘ ଦିନ ହେଲା କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରି ଆସୁଥିଲେ। ଏନେଇ ଆଜି କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଉପସ୍ଥିତିରେ ଆମପାଣି ଥାନା ଅଧିକାରୀ ଜେ.ପି ହୋତା, ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ଭୋଇ ପହଞ୍ଚି ପୁଣି ଥରେ ରାସ୍ତାକୁ ସମସ୍ତଙ୍କ ଉପସ୍ଥିତିରେ ମାପି ଜାଗା ଚିହ୍ନଟ କରାଇଥିଲେ। ଏହାପରେ ରାସ୍ତାରେ ଟାଙ୍ଗିଥିବା ନେଟକୁ ହଟାଇ ଦିଆଯାଇଛି। ଏବଂ ସମ୍ପୃକ୍ତ ରାସ୍ତା କବ୍‌ଜାକାରୀ ବ୍ୟକ୍ତିଙ୍କୁ ଆଗାମୀ ଦିନରେ ରାସ୍ତା ଅବରୋଧ କିମ୍ବା ରାସ୍ତାରେ ଚାଲିବା ପାଇଁ କାହାକୁ ମନା ନ କରିବା ପାଇଁ ଚେତାବନୀ ଦିଆଯାଇଛି। ବର୍ତ୍ତମାନ ଉକ୍ତ ସ୍ଥାନରେ ଜଗା ଜବରଦଖଲ ଉଚ୍ଛେଦ ହୋଇଛି। ଅନ୍ୟପଟେ କୋକସରା ତହସିଲଦାରଙ୍କ ଏହି ପ୍ରୟାସକୁ ବସ୍ତିବାସିନ୍ଦା ବେଶ୍ ପ୍ରଶଂସା କରିଛନ୍ତି।

## ଟ୍ରେନରୁ ଗଞ୍ଜେଇ ଜବତ, ୨ ଅଭିଯୁକ୍ତ କୋର୍ଟଚାଲାଣ

କେସିଙ୍ଗା,(ଭାସ୍କର ନ୍ୟୁଜ୍): ଟ୍ରେନରେ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବାର କେସିଙ୍ଗା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ କେସିଙ୍ଗା ରେଳ ଷ୍ଟେଶନର ପ୍ଲାଟ ଫର୍ମ ନମ୍ବର ୧ରୁ ୨୦.୬୭୦ଗ୍ରାମ ଗଞ୍ଜେଇ ଜବତ କରି ଦୁଇ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଏମାନେ ହେଲେ ତାମିଲନାଡୁର ମଲିକ ବସ୍ଥା ଏସ(୨୯), ରିଶୀନାଥ ସି(୨୨) ତାମିଲନାଡୁରୁ ଟ୍ରେନ ଯୋଗେ କେସିଙ୍ଗା ଦେଇ ରାୟପୁର ଅଭିମୁଖେ ଯାଉଥିବା ବେଳେ କେସିଙ୍ଗା ଅବକାରୀ ବିଭାଗର କର୍ମଚାରୀମାନେ ଚଢ଼ାଉ କରି ଗଞ୍ଜେଇକୁ ଜବତ କରିବା ସହ ଦୁଇ ଜଣଙ୍କୁ କୋର୍ଟଚାଲାଣ କାରିଛନ୍ତି। ଏ ନେଇ ଅବକାରୀ ବିଭାଗ ଉପ ନିରୀକ୍ଷକ ବିଶ୍ୱଜିତ ଆରୁଖଙ୍କୁ ପଚାରିବାରୁ ଦୁଇ ଜଣଙ୍କୁ ଗିରଫ କରି ଗଞ୍ଜେଇ ଜବତ ପରେ କୋର୍ଟଚାଲାଣ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ଅଶାଳୀନ କମେଣ୍ଟମରା ଘଟଣା

## କଲମପୁର-ମୁଖିଗୁଡ଼ା ରାସ୍ତା ଅବରୋଧ, ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଧର୍ମଗଡ଼(ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ କଲମପୁର-ମୁଖିଗୁଡା ରାସ୍ତା ଅବରୋଧ କରାଯାଇଥିଲା। କଙ୍ଗାରୁ କୋର୍ଟ କରି ଯୁବକଙ୍କୁ ମାଡ଼ ମାରି ଥିବା ଅଭିଯୋଗରେ ଅଭିଯୁକ୍ତ ଥିବା ୪ ଯୁବତୀଙ୍କୁ ଜାମିନ ମିଳିବା ଜାଣି ଏହାକୁ ପ୍ରତିବାଦ କରି ପରିବାର ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ହୋଇ ଉଠିଥିଲେ। ସୂଚନାଯୋଗ୍ୟ ଯେ, ଗତ ସୋମବାର ଦିନ ପଣ୍ଡିଗାଁ ଠାରେ କଙ୍ଗାରୁ କୋର୍ଟ କରି ତେନ୍ତୁଳୀଖୁଣ୍ଟି ଗ୍ରାମର ନୃସିଂହ ନାଏକ (ବାବୁଲି ) ଯୁବକଙ୍କୁ ପଣ୍ଡିଗାଁର କିଛି ଯୁବକ ଯୁବତୀ ଦଳଗତ ଆକ୍ରମଣ ପରେ ବିଦ୍ୟୁତ୍ ଖୁଣ୍ଟରେ ହାତକୁ ବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ଏହି ଘଟଣା ସୋସିଆଲ ମେଡିଆରେ ଜୋରଦାର ଭାଇରାଲ ହୋଇଥିଲା। ଖବର ପାଇ ପରିବାର ଏବଂ ସମ୍ପର୍କୀୟ ଆସି ମାଡ଼ ଖାଇଥିବା ଯୁବକକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି। ପରେ ଯୁବକର ମା କଲମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କଲମପୁର ପୋଲିସ ୪ ଯୁବତୀ ଓ ୨ ଯୁବକଙ୍କୁ ଗତକାଲି କୋର୍ଟଚାଲାଣ କରିଥିଲା। କିନ୍ତୁ ଅଭିଯୁକ୍ତ ୪ ଯୁବତୀ ଜାମିନରେ ଆସିଥିବା ଜାଣି ପରିବାର ଏବଂ ସମ୍ପର୍କୀୟ ଏହାର ପ୍ରତିବାଦରେ ବୁଧବାର ଗାଁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବର ପାଇ କଲମପୁର ଥାନା ପକ୍ଷରୁ ଆଇଆଇସି ନୀଳାମ୍ବର ଯାନୀ, ଏସ୍ଆଇ ଶିବ ଶଙ୍କର ମହାନ୍ତି ସମେତ ପୋଲିସ ଦଳ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଯେଉଁମାନେ କୋର୍ଟର ଜାମିନରେ ଆସିଛନ୍ତି ସେମାନଙ୍କୁ ଛାଡି ଆଉ ଅନ୍ୟ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଜାଣିଲେ ତାଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିବୁ ବୋଲି ଆଇଆଇସି ଶ୍ରୀ ଯାନୀ ପ୍ରତିଶୃତି ଦେଇଥିଲେ। ପ୍ରତିଶୃତି ପାଇବା ପରେ ଅପରାହ୍ନ ପ୍ରାୟ ୩ ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବେ ପରିବାର ପକ୍ଷରୁ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରି ପୋଲିସ ସୂଚନା ଦେବାକୁ ସ୍ଥିର କରିଛନ୍ତି। ସମାନ ଦୋଷରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତ ଯୁବକଙ୍କ ଜାମିନ ଖାରଜ ଏବଂ ୪ ଜଣ ଅଭିଯୁକ୍ତ ଯୁବତୀଙ୍କୁ ଜାମିନ ମିଳିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭିଡିଓକୁ ଦେଖିଲେ ବିଶ୍ୱାସ ହୁଏନି, ଯେହେତୁ କଲମପୁର ଅଞ୍ଚଳରେ ଏଭଳି ଘଟଣା ଘଟିବା ପ୍ରଥମ।





ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସହରରେ ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱରେ ଆଠଟି ବିରୋଧୀ ଦଳ ଦ୍ୱାରା ଡାକରା ଦିଆଯାଇଥିବା ରାଜ୍ୟ ବ୍ୟାପୀ ବନ୍ଦ ପାଳନ ଯୋଗୁଁ ଧର୍ମଗଡ ସହରରେ ପ୍ରଭାବ ଦେଖିବାକୁ ମିଳିଛି। ଭାରତୀୟ ଜାତୀୟ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରୁଛନ୍ତି। ସହରର ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ,ବ୍ୟାଙ୍କ ସମେତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫକୀର ମୋହନ କଲେଜର ଜଣେ ଛାତ୍ରୀ ସୌମ୍ୟଶ୍ରୀ ବିସିଙ୍କ ଦୁଃଖଦ ମୃତ୍ୟୁର ପ୍ରତିକ୍ରିୟାରେ ଏହି ବନ୍ଦ ଡାକରା ଦିଆଯାଇଛି। ଏହି ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନରେ ଅନ୍ୟ ବାମପନ୍ଥୀ ଦଳର କର୍ମୀମାନଙ୍କ ଦ୍ୱାରା ସମର୍ଥିତ କଂଗ୍ରେସ କର୍ମୀମାନେ ଘଟଣାର ମୁକ୍ତ ଏବଂ ନ୍ୟାୟିକ ତଦନ୍ତ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ଇସ୍ତଫା ଦାବି କରି ପଡ଼ୋଶୀ ଛତିଶଗଡ଼ ସୀମା ନିକଟରେ ଥିବା ଧର୍ମଗଡ଼ ସହରର ମୁଖ୍ୟ ଛକ ମାନଙ୍କରେ ପିକେଟିଂ କରିଥିଲେ। ଡବଲ ଇଞ୍ଜିନ ରାଜ୍ୟ ସରକାର ସମୟରେ ଓଡ଼ିଶାରେ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟର ଉପରେ ପ୍ରତିବାଦକାରୀମାନେ ସ୍ୱର ଉତ୍ତୋଳନ କରୁଥିବା ଦେଖାଦେଇଛି। ଧର୍ମଗଡରେ କଂଗ୍ରେସର କଳାହାଣ୍ଡି ଜିଲ୍ଲା କଂଗ୍ରେସର ବରିଷ୍ଠ ସଦସ୍ୟ ତୁଷାର ରଞ୍ଜନ ପଟ୍ଟଯୋଷୀ,ସୁଲୋଚନା ବିଶି, ଯୁବ କଂଗ୍ରେସର ରାଜ୍ୟ ସମ୍ପାଦକ ବେଣୁପାଣି ଦୁର୍ଗା, ଧର୍ମଗଡ ବ୍ଲକ ସଭାପତି ପ୍ରେମଲାଲ ସାଗର, ସିପିଆଇ ର ଜିଲ୍ଲା ସମ୍ପାଦକ ଜଗଜ୍ଜୀବନ୍ ଦୁର୍ଗା, ଶାଖା ସମ୍ପାଦକ ଶ୍ୟାମ ସୁନ୍ଦର ଜାଲ, ଟ୍ରେଡ ୟୁନିଅନ ର ଜିଲ୍ଲା ସମ୍ପାଦକ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତିରେ ଚାଲୁଥିବା ଉକ୍ତ ଆନ୍ଦୋଳନ ଯୋଗୁଁ ଅଂଚଳରେ ସାଧାରଣ ଜୀବନ ଯାତ୍ରା ଠପ୍ ହୋଇଯାଇଛି।



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ଗୁରୁବାର ରାଜ୍ୟ କଂଗ୍ରେସ ସମେତ ବାମ ପନ୍ଥୀ ଦଳ ମାନେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଦେଇଥିବା ୧୨ ଘଣ୍ଟିଆ ଓଡିଶା ବନ୍ଦଙ୍କୁ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ, ରିଷିଡ଼ା, ଯୋରାଡବରା ଛକ ଠାରେ ମଧ ଶାନ୍ତି ପୂର୍ଣ୍ଣ ସମର୍ଥନ ମିଳିଛି। ସମସ୍ତ, ସ୍କୁଲ କଲେଜ, ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ ଯାନବାହନ ଯାତାୟାତ ଠପ୍ ହୋଇଛି। ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ରାଜ କିଶୋର ମିଶ୍ର, ରାଜ କିଶୋର ଜୈନ, ଦୟା ମାଝୀ, କଂଗ୍ରେସ କର୍ମୀ ଚୈତନ୍ୟ ସାହୁ, ମାର୍କଣ୍ଡ ସାହୁ, ବବୃ ବାହନ ଭୋଇ, ମହେଶ୍ୱର ଗହୀର, ରଶ୍ମୀରଞ୍ଜନ ରଣା, ଲାଭି ରଣା, ରମେଶ ପୁଟେଲ ପ୍ରମୁଖ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦେଇଥିବାରୁ ସମସ୍ତ ପ୍ରତିଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଛି।

# ରାଶିଫଳ


ଶୁକ୍ରବାର, ୧୮ ଜୁଲାଇ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।




**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ। ଆପଣ ସଚେତ ରୁହନ୍ତୁ।




**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।




**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।




**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇପାରେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।




**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯